# ଧରିତ୍ରୀ DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୧୩/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, February 13/2025 | Page 16 | ₹ 7.00

୫୧ଶ ଭାଗ ୮୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 81 | ମୂଲ୍ୟ ₹୭/-




**ଗିଲ୍‌ଙ୍କ ଶତକରେ ଭାରତର କ୍ଲିନ୍ ସୁଇପ୍**

ଶୁବମନ ଗିଲ୍‌ଙ୍କ ଶତକ ସହାୟତାରେ ଭାରତ ତୃତୀୟ ଦିନିକିଆରେ ଇଂଲଣ୍ଡକୁ ହରାଇବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି।

୧୬

୦୨

**ବିବାହ କଲେ ପାର୍ବତୀ ନାୟାର**

ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପାର୍ବତୀ ନାୟାର କୋଟିପତି ବ୍ୟବସାୟୀ ଆଶ୍ରିତ ଅଶୋକଙ୍କୁ ବିବାହ କରିଛନ୍ତି।





ବୁଧବାର ମାଘ ପୂର୍ଣ୍ଣିମାରେ ପ୍ରୟାଗରାଜ ମହାକୁମ୍ଭ ମେଳାର ସଙ୍ଗମସ୍ଥଳରେ ଅମୃତ ସ୍ନାନ ପାଇଁ ଆସିଥିବା ଶ୍ରଦ୍ଧାଳୁଙ୍କ ଉପରକୁ ଆକାଶମାର୍ଗରୁ ପୁଷ୍ପବୃଷ୍ଟି କରାଯାଉଛି।

# କନିଷ୍ଠ ଶିକ୍ଷକଙ୍କ ଦରମା ୧୬ହଜାରକୁ ବୃଦ୍ଧି

- ଉପକୃତ ହେବେ ରାଜ୍ୟର ୧୩, ୭୪୦ ଶିକ୍ଷକ
- ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ଚଳିତ ବଜେଟ ଅଧିବେଶନ ପୂର୍ବରୁ ଓଡ଼ିଶା ସରକାର କନିଷ୍ଠ ଶିକ୍ଷକ (ସ୍କିମାଟିକ)ଙ୍କ ଦରମା ୪,୯୦୦ ଟଙ୍କା ବୃଦ୍ଧି କରିଛନ୍ତି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ବିଜ୍ଞପ୍ତିରେ ବିଭାଗୀୟ ସଚିବ ଶାଳିନୀ ପଣ୍ଡିତ ଦର୍ଶାଇଛନ୍ତି ଯେ, କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ୧୧,୧୦୦ ଟଙ୍କାରୁ ୧୬,୦୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟ ସରକାର ସହୃଦୟତାର ସହିତ ବିଚାର କରିବା ପରେ ସମଗ୍ର ଶିକ୍ଷା ଯୋଜନାରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନିୟୋଜିତ କନିଷ୍ଠ ଶିକ୍ଷକଙ୍କ ମାସିକ ଦରମା ବୃଦ୍ଧି କରିଛନ୍ତି। ଏହାଦ୍ୱାରା ପ୍ରାଥମିକ ଶିକ୍ଷାରେ ଗୁଣାତ୍ମକ ☞ପୃଷ୍ଠା-୪


SIKSHA 'O' ANUSANDHAN (DEEMED TO BE UNIVERSITY)

SAAT-2025

Empowering students for a brighter future

CORE B.TECH PROGRAMMES IN COMPUTING
- Computer Science and Engineering
- Computer Science and Information Technology

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2024
- 14th Best in University Category
- 26th Best in Engineering Category

INTERNATIONAL RANKINGS 2025
- Ranked in QS World Rankings 2025
- Ranked in Times World Rankings 2025

To apply for admission through SAAT, Please visit: www.soa.ac.in


# ଲୋକଙ୍କୁ ପଙ୍ଗୁ କରୁଛି ଫ୍ରିବିଜ୍

## ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

ନିର୍ବାଚନ ତାରିଖ ଘୋଷଣା ହେବା ମାତ୍ରେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ଦିଆଯାଉଥିବା ମାଗଣା ସାମଗ୍ରୀ ଓ ସୁବିଧା ପ୍ରଦାନର ପ୍ରତିଶ୍ରୁତି (ଫ୍ରିବିଜ୍) ଲୋକଙ୍କୁ ଏକପ୍ରକାର ପଙ୍ଗୁ କରିଦେଉଛି। ଭୋଟ ପାଖେଇ ଆସିଲେ ମାଗଣା ରାଶନ ଓ କିଛି ଟଙ୍କା ପାଇଯାଉଥିବାରୁ ଲୋକେ କାମ କରିବାକୁ ମଙ୍ଗୁନାହାନ୍ତି। ଏଥିଯୋଗୁ ଏକ ପରଜୀବୀ ଶ୍ରେଣୀ ସୃଷ୍ଟି ହେଉନାହିଁ କି ବୋଲି ବୁଧବାର ସୁପ୍ରିମକୋର୍ଟ ବାସହୀନମାନଙ୍କୁ ଆଶ୍ରୟ ଅଧିକାର ସମ୍ପର୍କିତ ଏକ ପିଆଇଏଲ୍‌ର ଶୁଣାଣିବେଳେ ପ୍ରଶ୍ନ କରିଛନ୍ତି। ଦଳଗୁଡ଼ିକ ଫ୍ରିବିଜ୍ ସଂସ୍କୃତିକୁ ତ୍ୟାଗକରି ବାସହୀନମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣି ଜାତୀୟ ପ୍ରଗତିରେ ସାମିଲ କରାଇବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ ପରାମର୍ଶ ଦେଇଛନ୍ତି। ହେଲେ ଏକ ଜନମଙ୍ଗଳକାରୀ ରାଷ୍ଟ୍ରରେ ନାଗରିକଙ୍କ କଲ୍ୟାଣ ଏବଂ ସେମାନଙ୍କୁ ମାଗଣାରେ ମୌଳିକ ସୁବିଧା ପ୍ରଦାନ ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ଏହାର ଲାଭ କେତେଜଣ ଅଯୋଗ୍ୟ ବ୍ୟକ୍ତି ହାତେଇଲେ ମଧ୍ୟ ଗରିବ ଲୋକଙ୍କ ବୃହତ୍ତର ସ୍ୱାର୍ଥ ପାଇଁ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ମାଗଣାରେ ବିଜୁଳି, ପାଣି, ଘର, ରାଶନ ଏବଂ ଭତ୍ତା ଆଦି ପ୍ରଦାନ ସ୍ୱାଗତଯୋଗ୍ୟ ବୋଲି ଅନେକେ ମତ ଦେଉଛନ୍ତି।

ନୂଆଦିଲ୍ଲୀ,୧୨।୨(ପିଟି/ଲାଇଭ୍ ଲ)

ଭାରତର ସହରାଞ୍ଚଳରେ ବାସହୀନ ଲୋକଙ୍କୁ ଆଶ୍ରୟ ଅଧିକାର ପ୍ରଦାନ ନେଇ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ ହୋଇଥିଲା। ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ଅଗଷ୍ଟାଇନ୍ ଜର୍ଜ ମସିହ ବୁଧବାର ଏହାର ଶୁଣାଣି କରି କହିଛନ୍ତି, ନିର୍ବାଚନ ଆସିଗଲେ ରାଜନୈତିକ ଦଳଗୁଡ଼ିକ ଲୋକଙ୍କୁ ମାଗଣା ସାମଗ୍ରୀ ଓ ସୁବିଧା ପ୍ରଦାନର ପ୍ରତିଶ୍ରୁତିରେ ପୋତିଦେଉଛନ୍ତି। ମାଗଣାରେ ରାଶନ ଓ ଟଙ୍କା ମିଳିଯାଉଥିବାରୁ ଲୋକେ କାର୍ଯ୍ୟ କରି ଅର୍ଥ ଉପାର୍ଜନ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏହି ଫ୍ରିବିଜ୍ ସଂସ୍କୃତି ସମାଜରେ ଏକ ପରଜୀବୀ ବର୍ଗ ବା ଶ୍ରେଣୀକୁ ସୃଷ୍ଟି କରୁଛି। ଦଳଗୁଡ଼ିକ ଏହା ପରିବର୍ତ୍ତେ ଅଭାବୀ ଲୋକଙ୍କୁ ସମାଜର ମୁଖ୍ୟସ୍ରୋତକୁ ଆଣିବା ଉଚିତ। ଏପରି କରାଗଲେ ସେମାନେ ଦେଶର ବିକାଶଧାରାରେ ଯୋଡ଼ି ହୋଇପାରନ୍ତେ ବୋଲି ଜଷ୍ଟିସ୍ ଗଭାଇ କହିଛନ୍ତି।

ଦୁର୍ଭାଗ୍ୟର ବିଷୟ ଯେ ଠିକ୍ ନିର୍ବାଚନ ତାରିଖ ଘୋଷଣା ସହ 'ଲଡ଼କି ବହିନ୍' ଓ ଅନ୍ୟ ଯୋଜନା ଭଳି ଫ୍ରିବିଜ୍ କାରଣରୁ ଲୋକେ କାମ କରିବାକୁ ଆଗ୍ରହ ଦେଖାଉ ନାହାନ୍ତି। ଆବେଦନକାରୀ ଯେଉଁ ବିଷୟକୁ ନେଇ ଚିନ୍ତାପ୍ରକଟ କରିଛନ୍ତି, ତାକୁ ଆମେ ପ୍ରଶଂସା କରୁଛୁ। ତେବେ ସେମାନଙ୍କୁ ମୁଖ୍ୟସ୍ରୋତକୁ ଅଣାଯାଇପାରିବ। ☞ପୃଷ୍ଠା-୪

# ପ୍ରେମ ବ୍ୟାପାର: କଲେଜରେ ଛାତ୍ରଙ୍କ ଛୁରାମାଡ଼ରେ ୩ ଗୁରୁତର

ଖଲ୍ଲିକୋଟ,୧୨।୨(ପ୍ରଶାନ୍ତ କୁମାର ମିଶ୍ର)

ଗଞ୍ଜାମ ଜିଲା ଖଲ୍ଲିକୋଟସ୍ଥିତ ରାମଚନ୍ଦ୍ର ମର୍ଦ୍ଦରାଜ (ଆର୍‌ସିଏମ୍) ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁକ୍ତ ୩ ଛାତ୍ରଙ୍କ ଛୁରାମାଡ଼ରେ ଜଣେ ଛାତ୍ର ଓ ୨ ଜଣ ଅଣଛାତ୍ର ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ପ୍ରେମ ବ୍ୟାପାରକୁ ନେଇ ଏହି ଘଟଣା ଘଟିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଅଭିଯୁକ୍ତ ଛାତ୍ର ଫେରାର୍ ହୋଇଯାଇଛନ୍ତି। ବୁଧବାର କଲେଜରେ ଯୁକ୍ତ ୩ ଶ୍ରେଣୀର ପ୍ରଥମ ସେମିଷ୍ଟର ପରୀକ୍ଷା ଚାଲିଥିଲା। ଏହି ସମୟରେ କଲେଜକୁ ଲାଗି ରହିଥିବା ଖେଳ ପଡ଼ିଆରେ ଯୁକ୍ତ ୩ ପ୍ରଥମବର୍ଷ ବାଣିଜ୍ୟ ଛାତ୍ର ମେଘନାଦ ପାହାନଙ୍କର ଜଣେ ସହପାଠୀ ଛାତ୍ର ଓ ୨ଜଣ ଅଣଛାତ୍ରଙ୍କ ସହ ଯୁକ୍ତିତର୍କ ଚାଲିଥିଲା। ଝଗଡ଼ା ଭିତରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଦେବଦେବୀଙ୍କ କଳି

# ବେଙ୍ଗାଲୁରୁରେ ଓଡ଼ିଆ ରାପର ଅଭିନବ ସିଂଙ୍କ ସନ୍ଦେହଜନକ ମୃତ୍ୟୁ



ରାପର ଇଂ. ଅଭିନବ ସିଂ

- ବିଷ ପିଇ ଆତ୍ମହତ୍ୟା ସନ୍ଦେହ
- ସ୍ତ୍ରୀଙ୍କ ନିର୍ଯାତନାକୁ ଦାୟୀକଲେ ବାପା

ବେଙ୍ଗାଲୁରୁ(ଏଜେନ୍ସି)/କଟକ(କାର୍ତ୍ତିକ ସାହୁ),୧୨।୨

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଇଞ୍ଜିନିୟର ଅତୁଲ ସୁଭାଷ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ବେଙ୍ଗାଲୁରୁରେ ଆତ୍ମହତ୍ୟା କରିବା ଘଟଣା ମନରୁ ଲିଭି ନ ଥିବାବେଳେ ଓଡ଼ିଆ ରାପର ଇଂ. ଅଭିନବ ସିଂଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ବେଙ୍ଗାଲୁରୁସ୍ଥିତ ଏକ ଭଡ଼ାଘରୁ ସୋମବାର ତାଙ୍କ ମୃତଦେହ ଠାବ ହୋଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ମଙ୍ଗଳବାର ☞ପୃଷ୍ଠା-୪

# ମନ୍ଦିରକୁ ଦାନରେ ମିଳିଲା ରୋବୋଟିକ୍ ହାତୀ





ତ୍ରିଶୂର,୧୨।୨

କେରଳର ତ୍ରିଶୂର ଜିଲାସ୍ଥିତ କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିରକୁ ପ୍ରାଣୀ ସୁରକ୍ଷା ସଙ୍ଗଠନ ପେଟା ଇଣ୍ଡିଆ ଓ ବ୍ରିଟିଶ୍ ଆମେରିକୀୟ ସଙ୍ଗୀତଜ୍ଞ ତଥା ସିତାର ବାଦକ ଅନୁଷ୍କା ଶଙ୍କରଙ୍କ ପକ୍ଷରୁ ଏକ ରୋବୋଟିକ୍ ଯାନ୍ତ୍ରିକ ହାତୀ ଦାନରେ ଦିଆଯାଇଛି। ଏହି କୃତ୍ରିମ ହାତୀ ଦ୍ୱାରା ମନ୍ଦିରରେ ହେଉଥିବା ବିଭିନ୍ନ ପାରମ୍ପରିକ ରୀତିନୀତିକୁ ଅଧିକ ମାନବୀୟ ତଥା ଆଧୁନିକ କରିବା ପାଇଁ ପେଟା ଇଣ୍ଡିଆ ଲକ୍ଷ୍ୟ ରଖିଛି। ପାରମ୍ପରିକ ରୀତିନୀତି ନାମରେ କେରଳର ଅନେକ ମନ୍ଦିରରେ ହାତୀମାନଙ୍କୁ ଉପରେ ଅତ୍ୟାଚାର ହେଉଥିବା ନେଇ ପୂର୍ବରୁ ପେଟା ଇଣ୍ଡିଆ କହିଆସିଛି। କୋମ୍ବରା କନ୍ନନ ନାମକ ଯାନ୍ତ୍ରିକ ହାତୀର ☞ପୃଷ୍ଠା-୪

# ଆଜିଠୁ ବିଧାନସଭା ଅଧିବେଶନ

## ସବୁ ଦଳର ସହଯୋଗ ଲୋଡ଼ିଲେ ବାଚସ୍ପତି

ଭୁବନେଶ୍ୱର, ୧୨।୨(ବନ୍ଦନା ସେଠୀ)

ଗୁରୁବାରଠାରୁ ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବ। ଏହି ଅଧିବେଶନରେ ବିଧାନସଭା ପ୍ରଥମଥର କାଗଜ ଶୂନ୍ୟ ହୋଇ କାମକରିବ। ଏଥିରେ ମୋଟ୍ ୨୮ଟି କାର୍ଯ୍ୟଦିବସ ରହିଥିବାବେଳେ ଏହା ଦୁଇଟି ପର୍ଯ୍ୟାୟରେ ଚାଲିବ। ଫେବୃଆରୀ ୧୩ରୁ ୨୧ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଏବଂ ମାର୍ଚ୍ଚ ୭ରୁ ଏପ୍ରିଲ ୫ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ରହିବ। ☞ପୃଷ୍ଠା-୪





କାମଧେନୁ କ୍ୟାଟଲ୍ ଫିଡ଼ସ ପ୍ରା. ଲିଃ

Toll-Free : 1800 120 4034

Mob. : 7706000875, 7706001402
Website : www.kapilacattlefeed.com
E-mail : info@kapilacattlefeed.com

*As per the report issued by Infovet basis the analytical report of NDDB CALF, conducted on cattle feed sample of Kapila Pashu Aahar, developed by M/s Kamdhenu Cattle Feeds Pvt. Ltd.

## ସଂକ୍ଷେପରେ

### ଅଯୋଧ୍ୟା ରାମମନ୍ଦିର ମୁଖ୍ୟ ପୂଜକଙ୍କ ପରଲୋକ

ଲକ୍ଷ୍ନୌ, ୧୨।୨

ଅଯୋଧ୍ୟାସ୍ଥିତ ରାମ ମନ୍ଦିରର ମୁଖ୍ୟ ପୂଜକ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ବୁଧବାର ପରଲୋକ ହୋଇଯାଇଛି। ୮୫ ବର୍ଷ ବୟସରେ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଗତ ୩ ତାରିଖରେ ମସ୍ତିଷ୍କାଘାତ


ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସ

ରୋଗରେ ପୀଡ଼ିତ ହେବାରୁ ତାଙ୍କୁ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସର ନ୍ୟୁରୋଲୋଜି ୱାର୍ଡରେ ଭର୍ତ୍ତି କରାଯାଇଥିଲା। ଅଯୋଧ୍ୟାରେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ତାଙ୍କ ଶିଷ୍ୟ ପ୍ରଦୀପ ଦାସ କହିଛନ୍ତି। ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ମୃତ୍ୟୁକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକ ପ୍ରକଟ କରିବା ସହ କହିଛନ୍ତି, ଦେଶର ଆଧ୍ୟାତ୍ମିକ ତଥା ସାମାଜିକ ଜୀବନରେ ଆଚାର୍ଯ୍ୟ ସତ୍ୟେନ୍ଦ୍ର ଦାସଙ୍କ ଅତୁଳନୀୟ ଅବଦାନ ସର୍ବଦା ସ୍ମରଣୀୟ ହୋଇରହିବ।

### ବିନା ସହମତିରେ ସ୍ତ୍ରୀଙ୍କ ସହ ଅପ୍ରାକୃତ ଯୌନ ସମ୍ପର୍କ ଅପରାଧ ନୁହେଁ: ହାଇକୋର୍ଟ

ନୂଆଦିଲ୍ଲୀ, ୧୨।୨

ସ୍ତ୍ରୀଙ୍କ ବୟସ ୧୫ ବର୍ଷରୁ ଅଧିକ ହୋଇଥିଲେ, ତାଙ୍କ ସହ ସ୍ୱାମୀଙ୍କ ଯୌନକ୍ରିୟା ବଳାତ୍କାର ନୁହେଁ ବୋଲି ଛତିଶଗଡ଼ ହାଇକୋର୍ଟ ଏକ ମାମଲାର ଶୁଣାଣି ବେଳେ କହିଛନ୍ତି। ଏପରିକି ପ୍ରାପ୍ତବୟସ୍କା ସ୍ତ୍ରୀଙ୍କ ବିନା ସହମତିରେ ତାଙ୍କ ସହ ଅପ୍ରାକୃତ କାର୍ଯ୍ୟ ସମେତ ଯୌନ ସମ୍ପର୍କକୁ ଅପରାଧ ବିବେଚନା କରାଯାଇପାରିବ ନାହିଁ ବୋଲି ଜଷ୍ଟିସ୍ ନରେନ୍ଦ୍ର କୁମାର ବ୍ୟାସ ଟିପ୍ପଣୀ ଦେଇଛନ୍ତି। ସ୍ତ୍ରୀଙ୍କୁ ବଳାତ୍କାର ଓ ଅପ୍ରାକୃତ ଯୌନ ସମ୍ପର୍କ ମାମଲାରେ ତଳକୋର୍ଟ ଦ୍ୱାରା ଦୋଷୀସାବ୍ୟସ୍ତ ଜବଲପୁରର ଜଣେ ବ୍ୟକ୍ତିଙ୍କୁ ହାଇକୋର୍ଟ ଦୋଷମୁକ୍ତ କରିଦେଇଛନ୍ତି। ବ୍ୟକ୍ତି ଜଣକ ୨୦୧୭ରେ ଗିରଫ ହୋଇଥିବାବେଳେ ୨୦୧୯ରେ ବସ୍ତର ଜିଲାର ଟ୍ରାଏଲ୍ କୋର୍ଟ ତାଙ୍କୁ ଦୋଷୀସାବ୍ୟସ୍ତ କରିଥିଲେ।

### ୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲା: ସଜ୍ଜନ କୁମାର ଦୋଷୀ

ନୂଆଦିଲ୍ଲୀ, ୧୨।୨

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ବୁଧବାର ଦିଲ୍ଲୀର ରାଉଜ୍ ଆଭେନ୍ୟୁ କୋର୍ଟ କଂଗ୍ରେସର ପୂର୍ବତନ ଏମ୍‌ପି ସଜ୍ଜନ



କୁମାରଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସ୍ୱତନ୍ତ୍ର ଜଜ୍ କାବେରୀ ବାୱେଜା ସଜ୍ଜନଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆସନ୍ତା ୧୮ ତାରିଖରେ ବିଭିନ୍ନ ପକ୍ଷର ଯୁକ୍ତିକୁ ଗ୍ରହଣ କରାଯିବ ବୋଲି କହିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ତାଙ୍କୁ ଫାଶୀ କିମ୍ବା ଆଜୀବନ କାରାଦଣ୍ଡାଦେଶ ମିଳିପାରେ।

# ଭାରତ-ଫ୍ରାନ୍ସ ପ୍ରତିରକ୍ଷା ସମ୍ପର୍କ ବଢ଼ିବ

## ମୋଦି-ମାକ୍ରଁ ଦ୍ୱିପାକ୍ଷିକ ଆଲୋଚନା

ନୂଆଦିଲ୍ଲୀ, ୧୨।୨

ପ୍ୟାରିସ୍ ଗସ୍ତରେ ଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ଅବସରରେ ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ବେସାମରିକ ଆଣବିକ ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସହଯୋଗ ବଢ଼ାଇବା ପାଇଁ ରାଜି ହୋଇଛନ୍ତି। ଉପରୋକ୍ତ କ୍ଷେତ୍ରରେ ସହଯୋଗର ସମୀକ୍ଷା କରାଯିବା ସହ କେତେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ଉଭୟ ନେତା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଉପରେ ଏକ ଭାରତ-ଫ୍ରାନ୍ସ ରୋଡ୍‌ମ୍ୟାପ୍ ଶୁଭାରମ୍ଭ କରିବା ସହ '୨୦୨୬ ଭାରତ-ଫ୍ରାନ୍ସ ନବପ୍ରବର୍ତ୍ତନର ବର୍ଷ'ର ଲୋଗୋ ଉନ୍ମୋଚନ କରିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୁଇଦିନିଆ ଫ୍ରାନ୍ସ ଗସ୍ତ ପରେ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ଏକ ମିଳିତ ବିବୃତିରେ କୁହାଯାଇଛି, ଉଭୟ ନେତା ବାଣିଜ୍ୟ ଓ ପୁଞ୍ଜିନିବେଶ ସମ୍ପର୍କ ବଢ଼ାଇବାକୁ ଆହ୍ୱାନ ଦେଇଛନ୍ତି। ଏଥିସହିତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଏବଂ ବିଭିନ୍ନ ବୈଶ୍ୱିକ ଫୋରମ୍‌ରେ ଆଲୋଚନା ବଢ଼ାଇବାକୁ ଦୁଇ ନେତା ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି। ଜାତିସଂଘ ସୁରକ୍ଷା


ପ୍ୟାରିସ୍‌ରେ ଭାରତ-ଫ୍ରାନ୍ସ ସିଇଓ ଫୋରମ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରଁ ସ୍ୱାଗତ କରୁଛନ୍ତି।

ପରିଷଦ (ୟୁଏନ୍‌ଏସ୍‌ସି)ରେ ସଂସ୍କାର ଜରୁରୀ ଆବଶ୍ୟକତା ଉପରେ ମୋଦି ଓ ମାକରଁ ଗୁରୁତ୍ୱାରୋପ କରିବା ସହ ବିଭିନ୍ନ ବୈଶ୍ୱିକ ପ୍ରସଙ୍ଗରେ ପରସ୍ପରକୁ ସହଯୋଗ କରିବା ନିମନ୍ତେ ସହମତ ହୋଇଛନ୍ତି। ୟୁଏନ୍‌ଏସ୍‌ସିରେ ଭାରତର ପୂର୍ଣ୍ଣ ସଦସ୍ୟତା ପାଇଁ ଫ୍ରାନ୍ସ ଦୃଢ଼ ସମର୍ଥନ କରିଆସିଥିବା ମାକରଁ ଦୋହରାଇଛନ୍ତି।

ଭାରତ-ଫ୍ରାନ୍ସ ମିଳିତ ବିବୃତି ଅନୁଯାୟୀ, ମୁମ୍ବାଇରେ ଆଉ ୩ଟି ଫ୍ରାନ୍ସ ଡିଜାଇନ୍‌ର ସ୍କର୍ପିନ୍ ଶ୍ରେଣୀର ବୁଡ଼ାଜାହାଜ ନିର୍ମାଣ ପାଇଁ ଚୁକ୍ତିନାମାରେ ଅଗ୍ରଗତି ହୋଇଛି। ଭାରତ ଏଭଳି ୬ଟି ବୁଡ଼ାଜାହାଜ ଚଳାଉଛି। ଗତ ମାସରେ ଆଇଏନ୍‌ଏସ୍ ବାଗ୍‌ଶିର ବୁଡ଼ାଜାହାଜକୁ ପ୍ରଧାନମନ୍ତ୍ରୀ ମୋଦି ନୌସେନାରେ ସାମିଲ କରାଇଥିଲେ। ସେହିପରି ପିନାକା ମଲ୍ଟି ବ୍ୟାରେଲ୍ ରକେଟ ଲଞ୍ଚରକୁ ଅନୁଧ୍ୟାନ କରିବା ପାଇଁ ପ୍ରଧାନମନ୍ତ୍ରୀ ମୋଦି ଫ୍ରାନ୍ସ ସେନାକୁ ଆମନ୍ତ୍ରଣ କରିଛନ୍ତି। ଫ୍ରାନ୍ସ ଏହି ସିଷ୍ଟମ୍‌କୁ ଅଧିଗ୍ରହଣ କଲେ ଭାରତ-ଫ୍ରାନ୍ସ ମଧ୍ୟରେ ରହିଥିବା ଦୀର୍ଘଦିନର ପ୍ରତିରକ୍ଷା ସମ୍ପର୍କରେ ଆଉ ଏକ ମାଇଲଖୁଣ୍ଟ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ବ୍ୟତୀତ ପ୍ରଶିକ୍ଷଣ ଓ ଶିକ୍ଷା ଉଦ୍ଦେଶ୍ୟରେ ଆଧୁନିକ ତଥା କ୍ଷୁଦ୍ର ମଡ୍ୟୁଲାର ଆଣବିକ ରିଆକ୍ଟର ଉପରେ ସହଯୋଗ ବଢ଼ାଇବାକୁ ଉଭୟ ଦେଶ ରାଜି ହୋଇଛନ୍ତି। ଫ୍ରାନ୍ସର ମାର୍ସେଇଲ୍‌ଠାରେ ଭାରତର ନୂଆ ବାଣିଜ୍ୟିକ ଦୂତାବାସକୁ ପ୍ରଧାନମନ୍ତ୍ରୀ ମୋଦି ଏବଂ ଫ୍ରାନ୍ସ ରାଷ୍ଟ୍ରପତି ମାକରଁ ଉଦ୍‌ଘାଟନ କରିଛନ୍ତି। ସେଠାରେ ଉଭୟ ନେତା ପ୍ରବାସୀ ଭାରତୀୟମାନଙ୍କ ସହ କଥା ହୋଇଥିଲେ। ସେମାନେ ଢୋଲ ବଜାଇ ଉଭୟ ନେତାଙ୍କୁ ସ୍ୱାଗତ କରିଥିଲେ।

## ଦିଲ୍ଲୀ ନିର୍ବାଚନ: ବିଜେତାଙ୍କ ହାରାହାରି ଭୋଟ ଭାଗ ୫୧%କୁ ହ୍ରାସ

ନୂଆଦିଲ୍ଲୀ, ୧୨।୨(ପି.ଟି.)

### ଏଡିଆର୍ ରିପୋର୍ଟ

ସଦ୍ୟସମାପ୍ତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେତାମାନଙ୍କ ହାରାହାରି ଭୋଟ ଭାଗ ୨୦୨୦ ନିର୍ବାଚନ ତୁଳନାରେ ହ୍ରାସ ପାଇଛି। ୨୦୨୦ ବିଧାନସଭା ନିର୍ବାଚନରେ ବିଜେତାଙ୍କ ହାରାହାରି ଭୋଟ ଶେୟାର ୫୫ ପ୍ରତିଶତ ରହିଥିବାବେଳେ ଏଥର ତାହା ୫୧ ପ୍ରତିଶତକୁ ଖସିଆସିଛି। ଆସୋସିଏଶନ୍ ଫର୍ ଡେମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ଏବଂ ଦିଲ୍ଲୀ ଇଲେକ୍ସନ ୱାଚ୍ ପକ୍ଷରୁ ପ୍ରକାଶିତ ରିପୋର୍ଟରୁ ଏହା ଜଣାପଡ଼ିଛି। ଉଭୟ ସଂଗଠନ ୨୦୨୫ ଦିଲ୍ଲୀ ନିର୍ବାଚନ ଉପରେ ବିସ୍ତୃତ ବିଶ୍ଳେଷଣ କରିଛନ୍ତି। ମତଦାନ ହାର, ଭୋଟ ଶେୟାର, ବିଜୟୀ ପ୍ରାର୍ଥୀମାନଙ୍କ ବିଜୟ ବ୍ୟବଧାନ ଆଦି ଏଥିରେ ଉଲ୍ଲେଖ ରହିଛି। ୨୦୨୦ ନିର୍ବାଚନରେ ମତଦାନ ହାର ୬୩ ପ୍ରତିଶତ ରହିଥିବାବେଳେ ଏଥର ୬୧ ପ୍ରତିଶତକୁ ଖସିଥିଲା। ବିଜୟ ବ୍ୟବଧାନ ମଧ୍ୟ ସଙ୍କୁଚିତ ହୋଇଥିଲା ଓ ବିଜେତାମାନଙ୍କ ହାରାହାରି ଭୋଟ ଭାଗ କମିଥିଲା। ୭୦ ବିଜେତାଙ୍କ ମଧ୍ୟରୁ ୨୭ ଜଣ (୩୯ ପ୍ରତିଶତ) ସେମାନଙ୍କ ନିର୍ବାଚନ ମଣ୍ଡଳୀରେ ୫୦ ପ୍ରତିଶତରୁ କମ୍ ଭୋଟ ପାଇଛନ୍ତି। ୩୧ ବିଜେତା (୪୪%)ଙ୍କ ନାଁରେ ଆପରାଧିକ ମାମଲା ରହିଥିବାବେଳେ ୨୧ ଜଣ ପ୍ରାର୍ଥୀ ୫୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ଭୋଟ ଶେୟାରରେ ଜିତିଛନ୍ତି। ଆପରାଧିକ ମାମଲା ଥିବା ୧୮ ବିଜେତା ସ୍ୱଚ୍ଛ ଭାବମୂର୍ତ୍ତି ଥିବା ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାଜିତ କରିଛନ୍ତି। ୬୧ ଜଣ (୮୭ ପ୍ରତିଶତ) ବିଜେତା କୋଟିପତି ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୪୧ ଜଣ ୫୦%ରୁ ଅଧିକ ଭୋଟ ପାଇଛନ୍ତି। ଅନ୍ୟପକ୍ଷରେ ୯ ଜଣ ଅଣକୋଟିପତି ବିଜେତାଙ୍କ ମଧ୍ୟରୁ ମାତ୍ର ୨ ଜଣ ୫୦% କିମ୍ବା ତା'ଠୁ ଅଧିକ ଭୋଟ ହାତେଇଛନ୍ତି। ଦିଲ୍ଲୀ ବିଧାନସଭାରେ ମହିଳା ପ୍ରତିନିଧିତ୍ୱ କମ୍ ରହିଛି। ୭୦ ବିଜେତାଙ୍କ ମଧ୍ୟରୁ ମାତ୍ର ୫ ଜଣ ମହିଳା। ସେମାନେ ସମସ୍ତେ ନିଜ ନିର୍ବାଚନ ମଣ୍ଡଳୀରେ ୪୦%ରୁ ଅଧିକ ଭୋଟ ପାଇଛନ୍ତି। ପୁନଃ ନିର୍ବାଚିତ ହୋଇଥିବା ୨୨ ଜଣଙ୍କ ମଧ୍ୟରୁ କେହି ୪୦ ପ୍ରତିଶତରୁ କମ୍ ଭୋଟ ପାଇନାହାନ୍ତି। ୧୧ ଜଣ ୫୦ ପ୍ରତିଶତରୁ ଅଧିକ ଭୋଟ ପାଇଥିବାବେଳେ ୧୨ ଜଣ ବିଜେତା କଡ଼ା ମୁକାବିଲାର ସମ୍ମୁଖୀନ ହୋଇ ୧୦ ପ୍ରତିଶତରୁ କମ୍ ବ୍ୟବଧାନରେ ଜିତିଥିବା ରିପୋର୍ଟରୁ ଜଣାପଡ଼ିଛି। ଏଥର ନିର୍ବାଚନରେ ମୋଟ ୯୪,୮୮,୩୭୬ ଭୋଟ ପଡ଼ିଥିବାବେଳେ ସେଥିରୁ ୦.୫୭ ପ୍ରତିଶତ ବା ୫୩,୭୩୮ ଖଣ୍ଡ ଭୋଟ ନୋଟା (ନନ୍ ଅଫ୍ ଦି ଏବଭ୍)କୁ ଯାଇଥିଲା।


ଗୁରୁ ରବିଦାସ ଜୟନ୍ତୀ ଅବସରରେ ବୁଧବାର ଭୋପାଳରେ ମୁଖ୍ୟମନ୍ତ୍ରୀ କନ୍ୟାଦାନ ଯୋଜନାରେ ଅନୁଷ୍ଠିତ ଗଣବିବାହରେ ଉପସ୍ଥିତ କନ୍ୟା ଓ ବରମାନେ।

## ଆଜି ଲୋକ ସଭାରେ ଆଗତ ହେବ ଆଇଟି ବିଲ୍

ନୂଆଦିଲ୍ଲୀ, ୧୨।୨

ନୂତନ ଇନ୍‌କମ୍ ଟାକ୍ସ(ଆଇଟି) ବିଲ୍ ଲୋକ ସଭାରେ ଗୁରୁବାର ଆଗତ ହେବ। ଏହା ପୂର୍ବରୁ ବୁଧବାର ଏହି ବିଲ୍‌ର ଡ୍ରାଫ୍ଟ ଜାରି କରାଯାଇଛି। ୬୨୨ ପୃଷ୍ଠା ବ୍ୟତୀତ ଏହି ବିଲ୍‌ରେ ୫୩୬ ସେକ୍ସନ ଏବଂ ୧୬ ସେଡ୍ୟୁଲ ଏବଂ ୨୩ ଚାପ୍ଟର ରହିଛି। ପୁରୁଣା ଆଇଟି ଆକ୍ଟ, ୧୯୬୧ ୮୮୦ ପୃଷ୍ଠା ବିଶିଷ୍ଟ ହୋଇଥିବାବେଳେ ସେଥିରେ ୧୪ଟି ସେଡ୍ୟୁଲ ରହିଥିଲା। ସେହିପରି ପୁରୁଣା ଆଇନରେ ୨୯୮ଟି ଧାରା ଥିବାବେଳେ ନୂତନ ଆଇଟି ବିଲ୍‌ରେ ୫୩୬ଟି ଧାରା ରହିଛି। ଗତ ୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜ ବଜେଟ ଭାଷଣରେ ନୂତନ ଆଇଟି ବିଲ୍ ସମ୍ପର୍କରେ ସୂଚନା ଦେଇ କହିଥିଲେ, ଏହା ଅତି ସରଳ ଭାଷାରେ ରହିଛି, ଯାହାକୁ ଲୋକମାନେ ଅତି ସହଜରେ ବୁଝିପାରିବେ। ପୁରୁଣା ଆୟକର ଆଇନ ଅନୁଯାୟୀ ବ୍ୟବହୃତ ହେଉଥିବା ଫାଇନାନ୍ସିଆଲ ଇୟର, ଆସେସ୍‌ମେଣ୍ଟ ଇୟର ଆଦି ଟର୍ମ ବଦଳରେ ନୂତନ ଆଇଟି ବିଲ୍‌ରେ କେବଳ ଗୋଟିଏ, ଟାକ୍ସ ଇୟର ଟର୍ମ ବ୍ୟବହୃତ ହେବ। ନୂତନ ଆଇଟି ବିଲ୍, ୨୦୨୫କୁ ୨୦୨୬ ଏପ୍ରିଲରୁ ଲାଗୁକରିବାକୁ କେନ୍ଦ୍ର ସରକାରଙ୍କର ପ୍ରସ୍ତାବ ରହିଛି।

## ବାଂଲାଦେଶ ଛାତ୍ର ଆନ୍ଦୋଳନ: ୧,୪୦୦ ଜଣଙ୍କ ମୃତ୍ୟୁ ଘଟିଥିଲା

ଜେନେଭା, ୧୨।୨

ଗତବର୍ଷ ଜୁଲାଇ- ଅଗଷ୍ଟରେ ବାଂଲାଦେଶ ଛାତ୍ର ଆନ୍ଦୋଳନକୁ ଦମନ କରିବାକୁ ଯାଇ ସରକାର ବଳ ପ୍ରୟୋଗ କରିବାରୁ ୧,୪୦୦ ଲୋକଙ୍କ ମୃତ୍ୟୁ ଘଟିଥିଲା ଓ ଅନେକ ହଜାର ଆହତ ହୋଇଥିଲେ ବୋଲି ଜାତିସଂଘ ମାନବାଧିକାର କାର୍ଯ୍ୟାଳୟ ଆକଳନ କରିଛି। ସୁରକ୍ଷା ବଳ ଏବଂ ଗୋଇନ୍ଦା ସଂସ୍ଥା ଅଧିକାର ଉଲ୍ଲଂଘନରେ ନିୟୋଜିତ ଥିଲେ। ସୁରକ୍ଷା ଯବାନମାନେ ଆନ୍ଦୋଳନକାରୀଙ୍କ ଉପରକୁ ଗୁଳି ଚଳାଇଥିଲେ ବୋଲି ରିପୋର୍ଟରେ କୁହାଯାଇଛି।

## 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ସବୁ ଭିଡିଓ ଡିଲିଟ୍ କଲେ ସମୟ ରୈନା

ମୁମ୍ବାଇ, ୧୨।୨

### ମା'ବାପାଙ୍କୁ ନେଇ ରଣବୀର ଆହ୍ଲାବାଦିଆଙ୍କ ଅଶ୍ଳୀଳ ମନ୍ତବ୍ୟ ମାମଲା

### ୪ ଜଣଙ୍କ ବୟାନ ରେକର୍ଡ କଲା ମୁମ୍ବାଇ ପୋଲିସ

ଷ୍ଟାଣ୍ଡଅପ୍ କମେଡିଆନ୍ ସମୟ ରୈନାଙ୍କ ୟୁଟ୍ୟୁବ୍ ରିଆଲିଟି ଶୋ' 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ଏକ ଏପିସୋଡ୍‌ରେ ବିଅର ବାଇସେପ୍ସ ଭାବେ ପରିଚିତ ଲୋକପ୍ରିୟ ୟୁଟ୍ୟୁବର୍ ରଣବୀର ଆହ୍ଲାବାଦିଆ ମା'ବାପାଙ୍କୁ ନେଇ ଦେଇଥିବା ଅଶ୍ଳୀଳ ମନ୍ତବ୍ୟ ମାମଲାରେ ବିବାଦ ବଢ଼ିବାରେ ଲାଗିଛି। ବୁଧବାର ସମୟ 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ସମସ୍ତ ଭିଡିଓକୁ ଡିଲିଟ କରିଦେଇଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟୋରି ଦେଇ ଲେଖିଛନ୍ତି, 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ'ର ସମସ୍ତ ଭିଡିଓ ଡିଲିଟ କରିଛି। ତାଙ୍କ ଶୋ'କୁ ନେଇ ଯେଉଁ ବିବାଦ ଜାରି ରହିଛି, ତାକୁ ସମ୍ଭାଳିବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଛି। ତେଣୁ ସେ ଏପରି କରିଛନ୍ତି। କେବଳ ଲୋକଙ୍କୁ ହସାଇବା ଓ ମନୋରଞ୍ଜନ ଯୋଗାଇବା ତାଙ୍କର ଉଦ୍ଦେଶ୍ୟ ଥିଲା। ତଦନ୍ତ ଏଜେନ୍ସିକୁ ସେ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି ସମୟ କହିଛନ୍ତି। ତେବେ ବୁଧବାର ମୁମ୍ବାଇର ଖାରା ଥାନା ପୋଲିସ ଏହି ମାମଲାରେ ରଣବୀରଙ୍କ ମ୍ୟାନେଜରଙ୍କ ସହ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଅପୂର୍ବା ମୁଖିଜା ଓ ୨ ଅନ୍ୟଙ୍କ ବୟାନ ରେକର୍ଡ କରିଛନ୍ତି। ଜେରା ସମୟରେ ଅପୂର୍ବା ପୋଲିସକୁ କହିଛନ୍ତି, 'ଇଣ୍ଡିଆଜ୍ ଗଟ୍ ଲାଟେଣ୍ଟ' ଏକ ସ୍କ୍ରିପ୍ଟେଡ୍ ଶୋ' ନୁହେଁ । ଏହି ଶୋ'ରେ ସମସ୍ତ ଜର୍ଜ, ଅତିଥି ଏବଂ ପ୍ରତିଯୋଗୀମାନେ ସେମାନଙ୍କ ସ୍ୱାଭାବିକ ପ୍ରତିକ୍ରିୟା ଦେଇପାରିଥାନ୍ତି।

## ଶୀଘ୍ର ପୃଥିବୀକୁ ଫେରିବେ ସୁନୀତା, ବୁଚ୍

ୱାଶିଂଟନ, ୧୨।୨

ଦୀର୍ଘ ୮ ମାସ ଧରି ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍‌ଏସ୍)ରେ ଫସିରହିଥିବା ଭାରତୀୟ ବଂଶୋଦ୍ଭବ ନାସା ମହାକାଶଚାରୀ ସୁନୀତା ୱୁଲିୟମ୍ସ ଓ ବୁଚ୍ ୱିଲମୋର ଶୀଘ୍ର ପୃଥିବୀ ଫେରିବାର ସମ୍ଭାବନା ବଢ଼ିଛି। ସେମାନଙ୍କୁ ଫେରାଇ ଆଣିବା ପାଇଁ ସ୍ପେସ୍‌ଏକ୍ସ' ଦ୍ୱାରା 'କ୍ରିଉ ୧୦' ମିଶନର ଲଞ୍ଚ ତାରିଖକୁ ବଦଳାଯାଇଛି। ପୂର୍ବରୁ ଏହି ମିଶନର ଲଞ୍ଚିଂ ପାଇଁ ମାର୍ଚ୍ଚ ୨୫ ନିର୍ଦ୍ଧାରିତ ଥିବାବେଳେ ଏବେ ମାର୍ଚ୍ଚ ୧୨ରେ ଏହାକୁ ଲଞ୍ଚ କରାଯିବ। ନାସାର ବାଣିଜ୍ୟିକ କ୍ରିଉ ପ୍ରୋଗ୍ରାମ ମ୍ୟାନେଜର ଷ୍ଟିଭ୍ ଷ୍ଟିଚ୍ କହିଛନ୍ତି, 'କ୍ରିଉ ୧୦' ମିଶନ ପାଇଁ ନାସା ଏକ ନୂତନ କ୍ୟାପ୍‌ସୁଲ୍ ବ୍ୟବହାର କରିବା ବଦଳରେ ପୂର୍ବରୁ ଅନ୍ୟ ମିଶନରେ ମହାକାଶ ଯାଇଥିବା କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍‌କୁ ବ୍ୟବହାର କରିବାକୁ ନିଷ୍ପତ୍ତି ନେଇଛି।



ମିଶନର ପ୍ରସ୍ତୁତି ଏବଂ କ୍ୟାପ୍‌ସୁଲ୍‌ର ଅନ୍ତିମ ସୁରକ୍ଷା ଯାଞ୍ଚ ଉପରେ ଏହି ଲଞ୍ଚିଂ ତାରିଖ ନିର୍ଭର କରେ ବୋଲି ସେ କହିଛନ୍ତି। ସମ୍ପ୍ରତି ନାସା ଓ ସ୍ପେସ୍‌ଏକ୍ସ'ର ଇଞ୍ଜିନିୟରମାନେ କ୍ରିଉ ଡ୍ରାଗନ କ୍ୟାପ୍‌ସୁଲ୍‌ର ସୁରକ୍ଷାଗତ ଯାଞ୍ଚ କରୁଛନ୍ତି। 'କ୍ରିଉ ୧୦' ମିଶନରେ ନାସା ଆଷ୍ଟ୍ରୋନଟ ଆନ୍ନେ ମାକ୍ଲେନ୍‌ଙ୍କ ନେତୃତ୍ୱରେ ନିକୋଲ ଆୟାର୍ସ, ଜାପାନ ଏରୋସ୍ପେସ୍ ଏକ୍ସପ୍ଲୋରେଶନ ଏଜେନ୍ସି (ଜାକ୍ସା) ଆଷ୍ଟ୍ରୋନଟ ତକୁୟା ଓନିଶି, ରୋସ୍କୋସ୍‌ମୋସ ଆଷ୍ଟ୍ରୋନଟ କିରିଲ ପେସକୋଭ ଆଇଏସ୍‌ଏସ୍‌କୁ ଗସ୍ତ କରିବେ। ସୁନୀତା ଏବଂ ବୁଚ୍‌ଙ୍କ ସମେତ ମହାକାଶଚାରୀ ନିକ୍ ହଗ୍ ଏବଂ

### 'କ୍ରିଉ ୧୦' ମିଶନର ଲଞ୍ଚ୍ ତାରିଖ ବଦଳାଇଲା ନାସା

ଆଲେକଜାଣ୍ଡର ଗୋର୍ବୁନୋଭ୍ 'କ୍ରିଉ ୧୦' ମିଶନ ସହ ପୃଥିବୀକୁ ଫେରିବେ। ସୁନୀତା ଏବଂ ବୁଚ୍ ୮ ମାସ ଧରି ମହାକାଶରେ ଫସି ରହିବା ଘଟଣାକୁ କିଛିଦିନ ତଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦୁର୍ଭାଗ୍ୟଜନକ କହିବା ସହ ତାଙ୍କୁ ପୃଥିବୀ ଫେରାଇ ଆଣିବା ପାଇଁ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିବାକୁ ସ୍ପେସ୍ ଏକ୍ସ' ସିଇଓ ଏଲନ ମସ୍କଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେଣୁ ସୁନୀତା ଏବଂ ବୁଚ୍‌ଙ୍କୁ ପୃଥିବୀ ଫେରାଇଆଣିବା ପାଇଁ ରହିଥିବା ପ୍ରକ୍ରିୟାକୁ ଗତିଶୀଳ କରାଯାଇଛି । ଫଳରେ ସୁନୀତା ଏବଂ ବୁଚ୍ ନାସା ଅନୁମାନ କରୁଥିବା ସମୟଠାରୁ ୨ ସପ୍ତାହ ଆଗରୁ ପୃଥିବୀକୁ ଫେରି ଆସିବାର ସମ୍ଭାବନା ଥିବା ଷ୍ଟିଭ୍ କହିଛନ୍ତି।

## ଫୁରସତ୍

# ପିଲାଙ୍କୁ ସମୟ ଦେବା ପାଇଁ ଦୈନିକ ୭୦୦ କି.ମି. ଯାତ୍ରା

କୁଆଲାଲମ୍ପୁର

ମାଲେସିଆରେ ରହୁଥିବା ଭାରତୀୟ ବଂଶୋଦ୍ଭବ ମହିଳା ରଚେଲ କୌର ପ୍ରାୟ ବର୍ଷେ ଧରି ନିଜ ଘରୁ କର୍ମସ୍ଥଳକୁ ଯିବା ପାଇଁ ଦୈନିକ ୭୦୦ କି.ମି. ବିମାନ ଯାତ୍ରା କରୁଛନ୍ତି। ପରିବାର ଏବଂ ୨ ପିଲାଙ୍କୁ ସମୟ ଦେବା ପାଇଁ ରଚେଲ ପ୍ରତି ସପ୍ତାହରେ ୱିକ୍‌ଏଣ୍ଡ ଛୁଟି ବ୍ୟତୀତ ପ୍ରତି ୫ ଦିନ ବିମାନରେ ନିଜ ଘରୁ ଅଫିସ୍‌କୁ ଏବଂ ଅଫିସ୍‌ରୁ ଘରକୁ ଯିବାଆସିବା କରିଥାନ୍ତି।

ରଚେଲ ଏୟାରଲାଇନ୍ସ କମ୍ପାନୀ 'ଏୟାର ଏସିଆ'ର କୁଆଲାଲମ୍ପୁର ସ୍ଥିତ ମୁଖ୍ୟାଳୟରେ ଫାଇନାନ୍ସିଆଲ ଅପରେଶନ ଡିପାର୍ଟମେଣ୍ଟର ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରନ୍ତି। ତେବେ ତାଙ୍କ ଘର କୁଆଲାଲମ୍ପୁରଠାରୁ ୩୫୦ କି.ମି. ଦୂର ମାଲେସିଆର ପେନାଙ୍ଗ ରାଜ୍ୟରେ ରହିଛି, ଯେଉଁଠାରେ ତାଙ୍କ ସ୍ୱାମୀ ଏବଂ ୧୧ ଓ ୧୨ ବର୍ଷ ବୟସର ୨ ପିଲା ରୁହନ୍ତି। ପୂର୍ବରୁ ସେ ଅଫିସ



ନିକଟସ୍ଥ ଏକ ଭଡ଼ା ଘରେ ରହୁଥିଲେ। ସେତେବେଳେ ସେ ସପ୍ତାହକୁ ମାତ୍ର ଥରେ ନିଜ ପରିବାରକୁ ଭେଟିବା ପାଇଁ ଆସି ପାରୁଥିଲେ। ତେବେ ପିଲାଙ୍କଠାରୁ ଦୂରରେ ରହିବା ତାଙ୍କୁ ଆତ୍ମସନ୍ତୋଷ ଦେଉ ନ ଥିଲା। ସେତେବେଳେ ତାଙ୍କୁ ନିଜ କର୍ମମୟ ଜୀବନ ଏବଂ ପାରିବାରିକ ଜୀବନ ମଧ୍ୟରେ ସମନ୍ୱୟ ଆଣିବା କଷ୍ଟକର ହୋଇ ପଡୁଥିବା ରଚେଲ କହିଛନ୍ତି। ତେଣୁ ସେ ୨୦୨୪ରେ ନିଜ

### ଭରତୀୟ ବଂଶୋଦ୍ଭବ ରଚେଲ କୌର ମାଲେସିଆରେ ସୁପର୍ ମମ୍ ଭାବେ ପରିଚିତ

ଜୀବନର ଏକ ବଡ଼ ନିଷ୍ପତ୍ତି ନେଇଥିଲେ। ପ୍ରତିଦିନ ବିମାନ ଯୋଗେ ପେନାଙ୍ଗରୁ କୁଆଲାଲୁମ୍ପୁର ସ୍ଥିତ ନିଜ ଅଫିସ୍‌କୁ ଯାତ୍ରା କରିବେ ବୋଲି ରଚେଲ ସ୍ଥିର କରିଥିଲେ।

ରଚେଲ ନିଜ ଦୈନିକ କାର୍ଯ୍ୟସୂଚୀ ବିଷୟରେ ସୂଚନା ଦେଇ କହିଛନ୍ତି, ସେ ଭୋର୍ ୪ଟାରେ ଉଠନ୍ତି। ୫ଟା ସୁଦ୍ଧା ସେ ଅଫିସ୍ ଯିବା ପାଇଁ ଘରୁ ବାହାରି ଯାଆନ୍ତି। ଏହାପରେ ସେ କାର୍ ଡ୍ରାଇଭ କରି ପେନାଙ୍ଗ ଏୟାରପୋର୍ଟକୁ ଯାଆନ୍ତି। ପେନାଙ୍ଗରୁ କୁଆଲାଲମ୍ପୁର ଯାଉଥିବା ବିମାନ ସକାଳ ୬.୩୦ରେ ବାହାରିଥାଏ। ସକାଳ ୭ଟା ୪୫ ସୁଦ୍ଧା ସେ ତାଙ୍କ ଅଫିସରେ ପହଞ୍ଚିଯାନ୍ତି। ସେଠାରେ ନିଜ ଶିଫ୍ଟ ଶେଷ କରି ରାତି ୭.୩୦ ସୁଦ୍ଧା ଘରକୁ ଫେରି ଆସନ୍ତି ବୋଲି ସେ କହିଛନ୍ତି। ତେବେ ଏହି ନୂତନ କାର୍ଯ୍ୟସୂଚୀ ଅନୁଯାୟୀ, ତାଙ୍କର ମାସିକ ୧୪ରୁ ୧୫ ହଜାର ଟଙ୍କା ସଞ୍ଚୟ ହେଉଥିବା ରଚେଲ କହିଛନ୍ତି। ପୂର୍ବରୁ ଘର ଭଡ଼ା ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ତାଙ୍କର ମାସିକ ୪୭୪ ଡ଼ଲାର (ପ୍ରାୟ ୪୧ ହଜାର ଟଙ୍କା) ଖର୍ଚ୍ଚ ହେଉଥିବାବେଳେ ଏବେ ବିମାନରେ ଯିବା ଆସିବା ପାଇଁ ତାଙ୍କର ମାସିକ ୩୧୬ ଡଲାର (ପ୍ରାୟ ୨୭ ହଜାର ଟଙ୍କା) ଖର୍ଚ୍ଚ ହେଉଛି। ତେବେ ପ୍ରତିଦିନ ଭୋର୍ ୪ଟାରେ ଉଠୁଥିବାରୁ ଅନେକ ସମୟରେ ତାଙ୍କୁ ଥକ୍କାପଣ ଅନୁଭବ ହୋଇଥାଏ। ହେଲେ ରାତିରେ ଘରକୁ ଫେରି ପିଲାଙ୍କୁ ଦେଖିଦେବା ପରେ ସବୁ ଥକ୍କାପଣ ଦୂର ହୋଇଯାଏ ବୋଲି ରଚେଲ କହିଛନ୍ତି। ପିଲାଙ୍କ ଯତ୍ନ ନେବା ପାଇଁ ରଚେଲ ଦୈନିକ ୭୦୦ କି.ମି. ଯାତ୍ରା କରୁଥିବାରୁ କେତେକ ସ୍ଥାନୀୟ ଗଣମାଧ୍ୟମ ତାଙ୍କୁ ମାଲେସିଆର ସୁପର ମମ୍ ଭାବେ ଅଭିହିତ କରିଛନ୍ତି।

## ବିବାହ କଲେ ପାର୍ବତୀ ନାୟାର

ମୁମ୍ବାଇ

ତାମିଲନାଡୁର ଚେନ୍ନାଇସ୍ଥିତ ଥିରୁଭାନ୍‌ମିୟୁରଠାରେ ମଡେଲ ତଥା ଦକ୍ଷିଣ ଭାରତୀୟ ଅଭିନେତ୍ରୀ ପାର୍ବତୀ ନାୟାର କୋଟିପତି ବ୍ୟବସାୟୀ ଆଶ୍ରିତ ଅଶୋକଙ୍କୁ ବିବାହ କରିଛନ୍ତି। ତାମିଲ ରୀତିନୀତି ଅନୁଯାୟୀ ଏହି ବିବାହ ଅନୁଷ୍ଠିତ ହୋଇଯାଇଛି। ଏହି ବିବାହରେ ଉଭୟ ପାର୍ବତୀ ଏବଂ ଆଶ୍ରିତଙ୍କ ବନ୍ଧୁ, ପରିବାର ବର୍ଗ, ନିକଟ ସମ୍ପର୍କୀୟଙ୍କ ସମେତ ଅଭିନେତା ଅଲ୍ଲୁ ସିରିଶ, ଅଭିନେତ୍ରୀ ଈଶ୍ୱରା ମେନନ୍, ଅଭିନେତ୍ରୀ ପ୍ରଜ୍ଞା ନାଗ୍ରା ପ୍ରମୁଖ ସେଲିବ୍ରିଟି ଯୋଗ ଦେଇଥିଲେ। ବୁଧବାର ପାର୍ବତୀ ତାଙ୍କ ଇନ୍‌ଷ୍ଟାଗ୍ରାମରେ ନିଜ ବିବାହର କିଛି ଫଟୋ ଶେୟାର କରିଛନ୍ତି। ବିବାହରେ ପାର୍ବତୀ ଗୋଲ୍ଡେନ ବର୍ଡର ଥିବା ଏକ ପାରମ୍ପରିକ ଶାଢ଼ି ପିନ୍ଧି ଖୁବ୍ ସୁନ୍ଦର ଦେଖାଯାଉଛନ୍ତି। ବିବାହ ବେଳେ ଉଭୟ ପାର୍ବତୀ ଏବଂ ଆଶ୍ରିତ ବିଭିନ୍ନ ପରମ୍ପରା ଏବଂ ପ୍ରଥାକୁ ସମ୍ପାଦନ କରୁଥିବାର ଦେଖିବାକୁ ମିଳିଛି। ପାର୍ବତୀ ନିଜ ପୋଷ୍ଟର କ୍ୟାପ୍‌ଶନ୍‌ରେ ଲେଖିଛନ୍ତି, ୭ ଜନ୍ମର ଜୀବନସାଥୀ ହେବା ପାଇଁ ଶପଥ ନେଇଛୁ।


ଅଭିନେତ୍ରୀ ପାର୍ବତୀ ନାୟାରଙ୍କ ସହ ଆଶ୍ରିତ ଅଶୋକ।

ସମସ୍ତଙ୍କଠାରୁ ଆଶୀର୍ବାଦ ଭିକ୍ଷା କରୁଛୁ। ଏହି ପୋଷ୍ଟରେ ପାର୍ବତୀଙ୍କ ଅନେକ ପ୍ରଶଂସକଙ୍କ ସମେତ ବହୁ ସେଲିବ୍ରିଟି କମେଣ୍ଟ ମାଧ୍ୟମରେ ନବ ବିବାହିତ ଯୋଡ଼ିଙ୍କୁ ବିବାହର ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ପାର୍ବତୀ ଅନେକ ତାମିଲ, ତେଲୁଗୁ, କନ୍ନଡ଼, ମାଲୟାଲମ ଫିଲ୍ମରେ ଅଭିନୟ କରି ଦର୍ଶକଙ୍କ ଢେର ପ୍ରଶଂସା ସାଉଣ୍ଟିଛନ୍ତି। ୧୯୮୩ କ୍ରିକେଟ ବିଶ୍ୱକପ୍‌ରେ ଭାରତର ବିଶ୍ୱ ବିଜୟ କାହାଣୀକୁ ନେଇ ୨୦୨୧ରେ ନିର୍ମିତ ହୋଇଥିବା '୮୩' ଫିଲ୍ମ ସହ ପାର୍ବତୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।




# ବ୍ୟକ୍ତିଗତ ସଚିବଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଲେ ଜୁଏଲ୍ ଓରାମ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ବ୍ୟକ୍ତିଗତ ସଚିବଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କୁ ବୁଧବାର ଚିଠି ଲେଖିଛନ୍ତି କେନ୍ଦ୍ରମନ୍ତ୍ରୀ ଜୁଏଲ୍ ଓରାମ। ଜୁଏଲ୍‌ଙ୍କ ବ୍ୟକ୍ତିଗତ ସଚିବ ୨୦୧୩ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଡ. ପରାଗ ହର୍ଷଦ ବିନା ଅନୁମତିରେ ଜାନୁଆରୀ ୨୩ରୁ ଅଫିସ ଆସୁନାହାନ୍ତି। ଏହାଦ୍ୱାରା ସେ ସର୍ଭିସ ନିୟମକୁ ଉଲ୍ଲଂଘନ କରିଥିବାବେଳେ ସରକାରୀ କାର୍ଯ୍ୟ ପ୍ରଭାବିତ ହେଉଛି। ତେଣୁ ପରାଗଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ସେହିପରି ଦୀର୍ଘଦିନ ଧରି ଛୁଟିରେ ଥିବାରୁ ଡିଓପିଟି (ଡିପାର୍ଟମେଣ୍ଟ ଅଫ୍ ପର୍ସନାଲ ଟ୍ରେନିଂ)ଙ୍କ ପାଖରେ ପରାଗ ବ୍ୟକ୍ତିଗତ ତଥ୍ୟ ରଖିବାକୁ କେନ୍ଦ୍ରମନ୍ତ୍ରୀ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏ ସମ୍ପର୍କରେ ଡ. ପରାଗଙ୍କୁ ତାଙ୍କ ମୋବାଇଲ ନଂ.୮୨୮୦୦୬୮୮୦ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ରିସିଭ୍ ନ କରିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ସୂଚନାଯୋଗ୍ୟ, ୨୦୨୪ ଜୁଲାଇରୁ ପରାଗ ହର୍ଷଦ କେନ୍ଦ୍ରମନ୍ତ୍ରୀ ଜୁଏଲଙ୍କ ବ୍ୟକ୍ତିଗତ ସଚିବ ଭାବେ ନିଯୁକ୍ତ ଅଛନ୍ତି।

# ବିଧାନସଭାରେ 'ଡିଜିଟାଲ ହାଉସ୍'ର ଶୁଭାରମ୍ଭ

## ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲରେ ଉପଲବ୍ଧ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ବିଧାନସଭା ଗୃହରେ 'ଡିଜିଟାଲ ହାଉସ୍'ର ଶୁଭାରମ୍ଭ କରିଛନ୍ତି। ଇ-ବିଧାନସଭା ଆପ୍ଲିକେଶନ (ନେଭା) ଅଧୀନରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଧାନସଭା ଗୃହ 'ନେଭା ଡିଜିଟାଲ ହାଉସ୍' ଭାବରେ ପରିଗଣିତ ହେଲା। ଏଣିକି ବିଧାନସଭାରେ ଗୃହର ସବୁ କାର୍ଯ୍ୟକ୍ରମ ଡିଜିଟାଲ ମାଧ୍ୟମରେ ଉପଲବ୍ଧ ହେବ। ଏହାଦ୍ୱାରା ବିଧାନସଭାର ସମସ୍ତ ସଦସ୍ୟ ସେମାନଙ୍କ ମୋବାଇଲ କିମ୍ବା ଅନ୍ୟ କୌଣସି ଡିଜିଟାଲ ଡିଭାଇସ୍‌ରେ ରିଅଲ ଟାଇମ୍ ତଥ୍ୟ ପାଇପାରିବେ। ଗୃହ କାର୍ଯ୍ୟକ୍ରମର ଯେକୌଣସି ସମୟର ତଥ୍ୟ ସେହି ସମୟରେ ହିଁ ମିଳିପାରିବ। ଏକ ପେପରଲେସ୍ ହାଉସ ଭାବରେ ଗୃହର ଗୌରବ ବୃଦ୍ଧି ହେବ। ଡିଜିଟାଇଜେଶନ ବିପ୍ଲବ ସହିତ ତାଳ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସରକାର ଏକ ଫ୍ଲାଗସିପ୍ କାର୍ଯ୍ୟକ୍ରମ ଭାବରେ 'ଡିଜିଟାଲ ଇଣ୍ଡିଆ' ଏବଂ 'ଗୋ ଗ୍ରୀନ' ଆରମ୍ଭ କରିଛନ୍ତି। ଏହାଦ୍ୱାରା ଭାରତ ଏକ ଡିଜିଟାଲ ସଶକ୍ତ ସମାଜ ଓ ଜ୍ଞାନଭିତ୍ତିକ ଅର୍ଥନୀତିରେ ପରିଣତ ହେବା ଦିଗରେ ଦ୍ରୁତ ଗତିରେ ଅଗ୍ରସର ହେଉଛି। ତେଣୁ ଓଡ଼ିଶା ବିଧାନସଭା ପାଇଁ ଏହା ଏକ ଐତିହାସିକ ଦିବସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି, ଏହାଦ୍ୱାରା ସମସ୍ତ କାର୍ଯ୍ୟ ପେପରଲେସ୍ ଓ ଶୀଘ୍ର ହୋଇପାରିବ। ସମସ୍ତ କାଗଜପତ୍ରର ଇ-ଲେୟିଙ୍ଗ, ଇଲେକ୍ଟ୍ରୋନିକ୍ ପ୍ୟାଡ୍ ବ୍ୟବହାର ଜରିଆରେ ବାଚସ୍ପତି ଓ ସଚିବଙ୍କ ମଧ୍ୟରେ ଯୋଗାଯୋଗ ରକ୍ଷା, ଗୃହକାର୍ଯ୍ୟ ସମୟରେ ନୋଟ୍ ବିନିମୟ ପାଇଁ ମନ୍ତ୍ରୀ ଏବଂ ପ୍ରଶାସନିକ ସଚିବଙ୍କ ମଧ୍ୟରେ ଯୋଗାଯୋଗ, ଗୃହର ଯେକୌଣସି କାର୍ଯ୍ୟସୂଚୀ ଉପରେ ଇ-ଭୋଟିଂ, ସଦସ୍ୟାସଦସ୍ୟଙ୍କ ଇ-ଉପସ୍ଥିତି, ଗୃହ କାର୍ଯ୍ୟର ସୂଚୀଗୁଡ଼ିକର ଡିଜିଟାଲ୍ ଡିସ୍‌ପ୍ଲେ ସିଷ୍ଟମ୍, ବକ୍ତା ଓ ସଦସ୍ୟାସଦସ୍ୟଙ୍କ ଆଲୋଚନା ସମୟ ପରିଚାଳନା ଆଦି ଅନେକ କାର୍ଯ୍ୟ ସମ୍ଭବ ହୋଇପାରିବ। ନେଭା ହେଉଛି ଭାରତ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ୪୪ଟି ମିଶନ ମୋଡ୍ ପ୍ରକଳ୍ପ ମଧ୍ୟରୁ ଗୋଟିଏ। ବର୍ତ୍ତମାନ ସୁଦ୍ଧା ଲୋକସଭା ଓ ରାଜ୍ୟ ସଭା ବ୍ୟତୀତ ଓଡ଼ିଶା, ଗୁଜରାଟ, ଆସାମ, ହିମାଚଳ ପ୍ରଦେଶ, ରାଜସ୍ଥାନ, ପଞ୍ଜାବ, ବିହାର କାଉନସିଲ, ନାଗାଲାଣ୍ଡ, ଉତ୍ତରପ୍ରଦେଶ (ଉଭୟ ଗୃହ), ହରିୟାଣା, ମିଜୋରାମ, ମଣିପୁର, ମେଘାଳୟ, ତାମିଲନାଡୁ, ତ୍ରିପୁରା ଓ ସିକିମ ଭଳି ୧୬ଟି ବିଧାନସଭା ଗୃହରେ ଏହା କାର୍ଯ୍ୟକାରୀ ହୋଇସାରିଛି। ଏହାର ପ୍ରମୁଖ ମଡ୍ୟୁଲଗୁଡ଼ିକ ମଧ୍ୟରେ ନେଭା ଇ-ବୁକ୍, ରାଜ୍ୟପାଳଙ୍କ ଅଭିଭାଷଣ, ଗୃହ କାର୍ଯ୍ୟସୂଚୀର ତାଲିକା ଏବଂ ପ୍ରଶ୍ନାବଳୀର ଡିଜିଟାଲ ପ୍ରଦର୍ଶନ, ଇ-ଭୋଟିଂ, ଇ-ଉପସ୍ଥିତି, ହାଉସ୍ ପ୍ରଡକ୍ଟିଭିଟି, ରିପୋର୍ଟ, ସ୍ପିଚ୍ ଟାଇମ୍ ମ୍ୟାନେଜମେଣ୍ଟ, ସ୍ପିକର ପ୍ୟାଡ୍, ମିନିଷ୍ଟର୍ ପ୍ୟାଡ୍, ଡାଇନାମିକ୍ ଇଭେଣ୍ଟସ୍, ଟାଇମ୍ ପୁସ୍, ଜନ୍ମଦିନର ଶୁଭେଚ୍ଛା, ନୋଟ୍, ସର୍କୁଲାର ଏବଂ ଅନ୍ୟାନ୍ୟ ସୂଚନା ଆଦି ରହିଥିବା ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, କେନ୍ଦ୍ର ସଂସଦୀୟ ବ୍ୟାପାର ବିଭାଗର ଶାସନ ସଚିବ ଉମଙ୍ଗ ନରୁଲା, ରାଜ୍ୟ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ଆଇଟି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଲ ଦେବ, ନୂଆଦିଲ୍ଲୀସ୍ଥିତ ନେଭାର ମୁଖ୍ୟ ସଞ୍ଜୀବଙ୍କ ସମେତ ମନ୍ତ୍ରୀ, ବିଧାୟକ ଉପସ୍ଥିତ ଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଡିଜିଟାଲ ହାଉସ୍‌ର ଶୁଭାରମ୍ଭ କରୁଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋନି, ଅର୍ଜୁନ କପୁର

## ଓଡ଼ିଆରେ ଚଳଚ୍ଚିତ୍ର ନିର୍ମାଣ କରିବି: ବୋନି

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ବଲିଉଡ୍ ଫିଲ୍ମ ନିର୍ମାତା ବୋନି କପୁର ଏବଂ ଅଭିନେତା ଅର୍ଜୁନ କପୁର ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ବିଧାନସଭା ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ଓଡିଶାରେ ଆୟୋଜିତ ହେବାକୁ ଥିବା ସେଲିବ୍ରିଟି କ୍ରିକେଟ ଲିଗ୍‌ରେ ମୁଖ୍ୟ ଅତିଥି ଭାବେ ଯୋଗଦେବା ପାଇଁ ବୋନି ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଓଡିଶାରେ ଫିଲ୍ମ ଶୁଟିଂ ପାଇଁ ବ୍ୟାପକ ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ପର୍ଯ୍ୟାପ୍ତ ସୁବିଧା ରହିଛି। ତେବେ ଏ ସବୁର ପ୍ରଚାର ପ୍ରସାର ହେଲେ ବହୁ ଫିଲ୍ମ ନିର୍ମାତାଙ୍କ ପାଇଁ ଓଡିଶା ହେବ ପସନ୍ଦ ଯୋଗ୍ୟ ଫିଲ୍ମ ଶୁଟିଂ ସ୍ଥାନ। ଏଥିସହିତ ରାଜ୍ୟ ପର୍ଯ୍ୟଟନର ମଧ୍ୟ ଅଭିବୃଦ୍ଧି ଘଟିବ ବୋଲି ସେ



ବଲିଉଡ୍ ଫିଲ୍ମ ନିର୍ମାତା ବୋନି କପୁର ଏବଂ ଅଭିନେତା ଅର୍ଜୁନ କପୁର ବିଧାନସଭା ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ୍ କରୁଛନ୍ତି।

କହିଛନ୍ତି। ଏହି ସାକ୍ଷାତ ଆଲୋଚନା ସମୟରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମନ୍ତ୍ରିମଣ୍ଡଳର ସଦସ୍ୟ ଓ ବିଧାୟକମାନେ ଉପସ୍ଥିତ ଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପୂର୍ବରୁ ଉଭୟେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟିଥିଲେ। ଏନେଇ ଅର୍ଜୁନ କହିଛନ୍ତି, କ୍ରିକେଟ୍ ଲିଗ୍‌ରେ ଯୋଗଦେବାକୁ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରିଛୁ। ପ୍ରଥମଥର ଓଡ଼ିଶା ଆସିଥିବାବେଳେ ବହୁତ ଖୁସି ଲାଗୁଛି, ଖୁବ୍ ସୁନ୍ଦର ଅନୁଭୂତି ରହିଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ବୋନି ଖୁବ୍‌ଶୀଘ୍ର ଓଡ଼ିଆ ଫିଲ୍ମ କରିବେ ବୋଲି ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ଅଲଗା ଭାଷାରେ ସିନେମା ତିଆରି କରିଛି, ତେଣୁ ଓଡ଼ିଆରେ ବି କରିବି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିଥିବାବେଳେ ଚଳଚ୍ଚିତ୍ର ଶିଳ୍ପକୁ ଆଗକୁ ନେବାକୁ ସେ ହାତ ବଢ଼ାଇବେ ବୋଲି କହିଛନ୍ତି।



ଗୁରୁବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

# ୯୦ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଭିତ୍ତିଭୂମି ବିକାଶ ପାଇଁ ୧୦୪ କୋଟି ମଞ୍ଜୁର

ଭୁବନେଶ୍ୱର, ୧୨।୨ (ସୁଚିସ୍ମିତା ସାହୁ)

ରାଜ୍ୟର ୯୦ ଅନୁଦାନପ୍ରାପ୍ତ ବେସରକାରୀ କଲେଜର ଭିତ୍ତିଭୂମି ବିକାଶ ନିମନ୍ତେ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦୪ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିସହ ସରକାରଙ୍କ ପକ୍ଷରୁ ଏହାକୁ ଅନୁମୋଦନ ମିଳିଛି ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହାବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ କରିବା ଏବଂ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ହେଉଛି ଆମର ପ୍ରାଥମିକ ଲକ୍ଷ୍ୟ। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଭାଗୀୟ ମନ୍ତ୍ରୀ, ଅଧିକାରୀ, ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଭାସି ବୈଠକ ବୁଧବାର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ବିଭିନ୍ନ କାର୍ଯ୍ୟ କରାଯିବ। ଛାତ୍ରୀଛାତ୍ରଙ୍କ ନିମନ୍ତେ ଛାତ୍ରାବାସ, କଲେଜରେ ଅତିରିକ୍ତ ଶ୍ରେଣୀଗୃହ, କମନ ରୁମ୍, ଲାଇବ୍ରେରି, ଲାବରେଟୋରି, କମ୍ପ୍ୟୁଟର ଲାବରେଟୋରି, ମଲ୍ଟି ପର୍ପସ୍ ହଲ୍, ଆଡ୍‌ମିନିଷ୍ଟ୍ରେଟିଭ ବିଲ୍ଡିଂ, ଶୌଚାଳୟ ନିର୍ମାଣ, ମରାମତି ବା ପୁନରୁଦ୍ଧାର କାର୍ଯ୍ୟ ନିମନ୍ତେ ଏହି ଅର୍ଥରାଶିକୁ ବିନିଯୋଗ କରାଯିବ। ସେହିପରି ଅନୁମୋଦିତ ଅର୍ଥରାଶିକୁ ପର୍ଯ୍ୟାୟକ୍ରମେ ମହାବିଦ୍ୟାଳୟଗୁଡ଼ିକୁ ଦିଆଯିବ। ପ୍ରଥମ ପର୍ଯ୍ୟାୟରେ ମୋଟ ଅର୍ଥରାଶିର ୩୩% ଦିଆଯିବ। ମହାବିଦ୍ୟାଳୟ ଅଧ୍ୟକ୍ଷମାନେ ପ୍ରଥମ ପର୍ଯ୍ୟାୟ ଅର୍ଥରାଶି ପାଇବା ପରେ ରାଜ୍ୟ ସରକାରଙ୍କ ବିଭିନ୍ନ କାର୍ଯ୍ୟନିର୍ବାହୀ ସଂସ୍ଥା ବା କେନ୍ଦ୍ର ସରକାରୀ ଉଦ୍ୟୋଗଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯିବ।

# ନବଜାତକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ଶୌଚାଳୟରେ ଫିଙ୍ଗିଦେଲେ ନାବାଳିକା ଛାତ୍ରୀ

## ପ୍ୟାନ୍‌ରୁ ମୃତଦେହ ଜବତ କଲେ ଅଗ୍ନିଶମ କର୍ମଚାରୀ

ଦାରିଙ୍ଗବାଡ଼ି, ୧୨।୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ସକାଳେ ଜଣେ ନାବାଳିକା ଛାତ୍ରୀ ଶିଶୁକନ୍ୟାକୁ ଜନ୍ମଦେଇ ଶୌଚାଳୟରେ ଫିଙ୍ଗିଦେଇଛନ୍ତି। ଅଗ୍ନିଶମ ବିଭାଗ ପକ୍ଷରୁ ଶୌଚାଳୟ ପ୍ୟାନ୍ ଭାଙ୍ଗି ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର କରାଯାଇଛି।

ଯୁକ୍ତ୨ ଦ୍ୱିତୀୟ ବର୍ଷରେ ପଢୁଥିବା ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ବୁଧବାର ସକାଳେ ସେ ପରିବାର ଲୋକଙ୍କ ସହ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସେ ବହିର୍ବିଭାଗର ପୁରୁଷ ଶୌଚାଳୟକୁ ଯାଇଥିବା ବେଳେ ସେଠାରେ ଏକ କନ୍ୟା ସନ୍ତାନ ପ୍ରସବ କରିଥିଲେ। ପରେ ନବଜାତକଙ୍କୁ ଶୌଚାଳୟ ପ୍ୟାନ୍‌ରେ ଫୋପାଡ଼ି ଦେଇ ଛାତ୍ରୀ ଜଣକ ଚାଲିଯିବାକୁ ଉଦ୍ୟମ କରୁଥିଲେ। ନବଜାତ ଶିଶୁର ମୁଣ୍ଡଟି ଶୌଚାଳୟରେ ଫସି ରହିଥିଲା। ଛାତ୍ରୀଙ୍କ ମା' ଏହା ଜାଣିବାରୁ ନବଜାତର ଗୋଡ଼କୁ ଧରି ସେଠି ବସି ରହିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଖବର ପାଇ ଛାତ୍ରୀଙ୍କୁ ପ୍ରସୂତି କକ୍ଷକୁ ନେବା ସହ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ କର୍ମଚାରୀ ପହଞ୍ଚି ପ୍ୟାନ୍ ଭାଙ୍ଗି ଶିଶୁକନ୍ୟାକୁ ବାହାର କରିଥିଲେ ମଧ୍ୟ ତାହାର ମୃତ୍ୟୁ ହୋଇସାରିଥିଲା। ଛାତ୍ରୀ ଜଣକ ଅନ୍ୟ ଥାନା ଅଞ୍ଚଳରେ ପଢୁଥିବା ବେଳେ ମଙ୍ଗଳବାର ସେ ନିଜ ଘରକୁ ଆସିଥିଲେ। ସକାଳୁ ଏ ସବୁ ଘଟଣା ଘଟିଛି। ସେ ଯେଉଁ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ ସେଠାରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟଧାରାଙ୍କୁ ନେଇ ଅନେକ ବିଷୟ ଆଲୋଚନାକୁ ଆସିଛି। ସେପଟେ ସିଡିପିଓ ସନ୍ଧ୍ୟାରାଣୀ ପଣ୍ଡା ଏବଂ ଦାରିଙ୍ଗବାଡ଼ି ପୋଲିସ ଖବର ପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ୩୭ ଡିଗ୍ରୀ ଛୁଇଁଲା ତାତି

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ଚଳିତ ବର୍ଷ ରାଜ୍ୟରେ ପ୍ରଥମଥର ତାପମାତ୍ରା ୩୭ ଡିଗ୍ରୀ ଛୁଇଁଛି। ବୁଧବାର ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ବଲାଙ୍ଗୀରରେ ୩୬ ଡିଗ୍ରୀ ରହିଥିଲା। ଏହାସହ ଅନ୍ୟ ୫ ସ୍ଥାନରେ ମଧ୍ୟ ପାରଦ ୩୫ ଡିଗ୍ରୀ ଉପରେ ଥିଲା। ଭୁବନେଶ୍ୱରରେ ଦିନ ତାପମାତ୍ରା ୩୪.୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଅନ୍ୟପଟେ ସର୍ବନିମ୍ନ ତାପମାତ୍ରା ରାଉରକେଲାରେ ୧୩.୧ ଡିଗ୍ରୀ ସେଲସିୟସ୍ ରହିଥିଲା ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଆସନ୍ତା ୪ଦିନ ମଧ୍ୟରେ ରାତି ତାପମାତ୍ରା ୩ରୁ ୫ଡିଗ୍ରୀ ସେଲସିୟସ୍ ହ୍ରାସ ପାଇପାରେ। ଏହାପରେ ରାତି ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହୋଇ ନ ପାରେ। ଆସନ୍ତା ୨ ଦିନ କିଛି କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ଦେଖିବାକୁ ମିଳିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।

# ୨୪ବର୍ଷ ଧରି ପୋଖରୀ ଅଳିଆ ଥିଲା, ମଇଳା କାଢ଼ିବାକୁ ସମୟ ଲାଗିବ: ସୁରେଶ ପୂଜାରୀ

## ସମସ୍ତ ତହସିଲ ଅଫିସ୍‌ରେ ଲାଗିବ ସିସିଟିଭି

ଢେଙ୍କାନାଳ, ୧୨।୨ (ରତନ ନାୟାର)

ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ବୁଧବାର ମହିମାଗାଦି ଯୋରନ୍ଦାରେ ମାଘମେଳା ବୁଲି ଦେଖିବା ସହ ସାଧୁସନ୍ଥମାନଙ୍କର ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ଢେଙ୍କାନାଳ ସର୍କିଟ ହାଉସଠାରେ ଖବରଦାତାମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ, ରାଜସ୍ୱ ସେବାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ଗୋଟିଏ ଗୋଟିଏ ପୁରୁଣା ଆଇନକୁ ସଂଶୋଧନ କରୁଛୁ। ସେବାରେ ମଧ୍ୟ ସଂସ୍କାର ଆଣୁଛୁ। ତହସିଲ ଅଫିସଗୁଡ଼ିକରେ ବିଭିନ୍ନ ସାର୍ଟିଫିକେଟ୍ ପ୍ରଦାନ ପାଇଁ ସମୟଧାର୍ଯ୍ୟ କରିବା ନିମନ୍ତେ ଗାଇଡ୍‌ଲାଇନ ଦିଆଯାଇଛି। ଗାଇଡଲାଇନ ଉଲ୍ଲଂଘନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାଇ ଦିଆଯାଇଛି। ବର୍ତ୍ତମାନ ସୁଦ୍ଧା ଦୁଇ ଡଜନରୁ ଅଧିକ ରାଜସ୍ୱ ଅଧିକାରୀଙ୍କୁ ସସ୍‌ପେଣ୍ଡ କରାଯାଇଛି। ନୂତନ ସରକାରଙ୍କୁ ମାତ୍ର ୭ ମାସ ସମୟ ହୋଇଛି।



ସର୍କିଟ ହାଉସଠାରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ବିଧାୟିକା ସୀମାରାଣୀ ନାୟକ ଓ ବିଧାୟକ ଶତ୍ରୁଘ୍ନ ଜେନା।

୨୪ବର୍ଷ ହେଲା ପୋଖରୀ ଅଳିଆ ଥିଲା। ମଇଳା କାଢ଼ିବା ପାଇଁ ସମୟ ଲଗିବ। ମଇଳା ବାହାରି ଯେତେବେଳେ ସ୍ୱଚ୍ଛ ପାଣି ଆସିବ, ସେତେବେଳେ ଉତ୍ତମ ସେବା ମିଳିବ। ସବ୍‌ରେଜିଷ୍ଟ୍ରାର ଅଫିସଗୁଡ଼ିକରେ ସିସିଟିଭି ଲଗାଯାଇଛି। ଆଗାମୀ ଦିନରେ ତହସିଲ ଅଫିସଗୁଡ଼ିକରେ ସିସିଟିଭି କ୍ୟାମେରା ଲାଗିବ। ଗତ କିଛିଦିନ ତଳେ ଖଣ୍ଡଗିରି ଡିଏସ୍‌ଆଇଙ୍କୁ ନିଲମ୍ବିତ କରାଯାଇଛି। କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି। କେତେଜଣଙ୍କୁ ଡିସମିସ୍ ମଧ୍ୟ କରାଯାଇଛି। ଆଉ କେତେ ଜଣଙ୍କର ପେନସନ ସ୍ଥଗିତ ରଖାଯାଇଛି ବୋଲି ମନ୍ତ୍ରୀ ପୂଜାରୀ କହିଛନ୍ତି। ମନ୍ତ୍ରୀଙ୍କ ସହିତ ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଭାଜପା ଜିଲା ସଭାପତି ରାସ ବିହାରୀ ବେହେରା, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ ରମେଶଚନ୍ଦ୍ର ସେଠୀ ଓ ପୂର୍ବତନ ନଗରପାଳ ସୁନିଲ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ମାସକ ପାଇଁ ୩ ଟ୍ରେନ୍‌ର ମାର୍ଗ ପରିବର୍ତ୍ତନ

## କଟକ ରେଳ ଷ୍ଟେଶନରେ ଏୟାର କନ୍‌କୋର୍ସ ନିର୍ମାଣ, ୟାର୍ଡ ନବୀକରଣ

### ଯାତ୍ରୀଙ୍କ ସୁବିଧା ଲାଗି କଟକ ଓ ନରାଜ ମାର୍ଥାପୁର ଷ୍ଟେଶନ ମଧ୍ୟରେ ମାଗଣା ବସ୍ ସେବା

ଭୁବନେଶ୍ୱର, ୧୨।୨ (ଅନୁରାଧା ମହାରଣା)

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଅନ୍ତର୍ଗତ କଟକ ରେଳ ଷ୍ଟେଶନରେ ଏୟାର କନ୍‌କୋର୍ସ ନିର୍ମାଣ ଏବଂ ୟାର୍ଡ ନବୀକରଣ ଓ ଅନ୍ୟାନ୍ୟ ନିରାପତ୍ତା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ଜାରି ରହିଛି। ଏହାକୁ ତ୍ୱରାନ୍ୱିତ କରିବା ନିମନ୍ତେ ଗୋଟିଏ ମାସ ପାଇଁ ୩ଟି ଦୂରଗାମୀ ଟ୍ରେନର ମାର୍ଗ ପରିବର୍ତ୍ତନ କରିବାକୁ ଯୋଜନା କରାଯାଇଛି। ଏହି ଅସ୍ଥାୟୀ ମାର୍ଗ ପରିବର୍ତ୍ତିତ ଟ୍ରେନଗୁଡ଼ିକ ବାରଙ୍ଗ-କଟକ-କପିଳାସ ରୋଡ୍ ପରିବର୍ତ୍ତେ ବାରଙ୍ଗ-ନରାଜ-ମାର୍ଥାପୁର-କପିଳାସ ରୋଡ୍ ମାର୍ଗରେ ଚଳାଚଳ କରିବ। କଟକ ଷ୍ଟେଶନରେ ଏହି ଟ୍ରେନଗୁଡ଼ିକର ରହଣିକୁ ବାଦ୍ ଦିଆଯିବ ଏବଂ ଫେବୃଆରୀ ୧୬ରୁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ନରାଜ ମାର୍ଥାପୁର ରେଳ ଷ୍ଟେଶନରେ ଅସ୍ଥାୟୀ ରହଣି କରିବ। ପ୍ରତି ମଙ୍ଗଳବାର (ସୋମବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୧୫ କୋଏମ୍ବାଟୁର-ସିଲଚର ସାପ୍ତାହିକ ସୁପର-ଫାଷ୍ଟ ଏକ୍ସପ୍ରେସ, ବୁଧବାର ଏବଂ ଗୁରୁବାର (ମଙ୍ଗଳବାର ଏବଂ ବୁଧବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୨୨୬୪୩ ଏର୍ନାକୁଲମ-ପାଟନା ଦ୍ୱି-ସାପ୍ତାହିକ ଏକ୍ସପ୍ରେସ ଏବଂ ଶୁକ୍ରବାର, ଶନିବାର ଓ ରବିବାର (ଗୁରୁବାର, ଶୁକ୍ରବାର ଏବଂ ଶନିବାର ବିଳମ୍ବିତ ରାତିରେ) କଟକରେ ପହଞ୍ଚୁଥିବା ୧୨୫୦୯ ବେଙ୍ଗାଲୁରୁ-ଗୁଆହାଟୀ ତ୍ରି-ସାପ୍ତାହିକ ଏକ୍ସପ୍ରେସ କଟକ ରେଳ ଷ୍ଟେଶନ ପରିବର୍ତ୍ତେ ଅସ୍ଥାୟୀ ମାର୍ଗ ପରିବର୍ତ୍ତନରେ ନରାଜ ମାର୍ଥାପୁର ରେଳ ଷ୍ଟେଶନରେ ରହଣି କରିବ। ଏହି ଟ୍ରେନଗୁଡ଼ିକର ଯାତ୍ରୀମାନଙ୍କ ପାଇଁ କଟକ ରେଳ ଷ୍ଟେଶନ ଏବଂ ନରାଜ ମାର୍ଥାପୁର ରେଳ ଷ୍ଟେଶନ ମଧ୍ୟରେ ମାଗଣା ବସ୍ ସେବା ପ୍ରଦାନ କରିବ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ।




**ଆଜିର ମନ୍ତବ୍ୟ**

“ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଗୁରୁବାର ହେବାକୁ ଥିବା ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟାରିଫ୍ ଏବଂ ବେଆଇନ ଭାରତୀୟ ପ୍ରବାସୀଙ୍କୁ ଦୟନୀୟ ଭାବେ ବିତାଡ଼ିତ କରିବା ପ୍ରସଙ୍ଗ ଉଠାନ୍ତୁ। – **ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗ୍ରାମୀଣ ସମ୍ବଳ କର୍ମୀଙ୍କ ପକ୍ଷରୁ ରାଲି, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୧ଟା।
- ୧୧ତମ ଅନ୍ତର୍ଜାତୀୟ ରେଡିଓ ମେଳା ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଯଶୁଆପୁର ବିକାଶ ପରିଷଦ ପକ୍ଷରୁ ଯଶୁଆପୁର ମହୋତ୍ସବ, ସ୍ଥାନ: ଯଶୁଆପୁର ଖେଳ ପଡ଼ିଆ, ବାଲିଅନ୍ତା, ସମୟ: ସନ୍ଧ୍ୟା ୬ଟା।
- ରୁଦ୍ରାକ୍ଷ ଫାଉଣ୍ଡେଶନ ପକ୍ଷରୁ ‘୭ମ ବର୍ଣ୍ଣାଳୀ’, ସ୍ଥାନ: ଓଡ଼ିଶୀ ଗବେଷଣା କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା ୩୦।
- ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟକ ‘ଦେବଦାସୀ’, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଆଇଇସି ଭ୍ୟାନର ଉଦ୍‌ଘାଟନ, ସ୍ଥାନ: ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସେବାୟତ ପ୍ରିମିୟର ଲିଗ୍ ବୈଠକ, ସ୍ଥାନ: ସର୍କିଟ ହାଉସ ସମ୍ମିଳନୀ କକ୍ଷ, ପୁରୀ, ସମୟ: ଅପରାହ୍ନ ୪ଟା।
- ବଡ଼ଦାଣ୍ଡ ସେବା ଅନୁଷ୍ଠାନର ବାର୍ଷିକୋତ୍ସବ ଓ ବେତାର ଦିବସ ପାଳନ, ପୁରୀ, ସ୍ଥାନ: ମରିଚିକୋଟ ଛକ, ସମୟ: ଅପରାହ୍ନ ୪ଟା ୪୫।

## ବାଲେଶ୍ୱର

- ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଜାତୀୟ ସମ୍ମିଳନୀ, ସ୍ଥାନ: ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ରାଜ୍ୟସ୍ତରୀୟ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାଖରାବାଦ ଖେଳ ପଡ଼ିଆ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ‘ଜଗତ ଦର୍ଶନେ ଜଗନ୍ନାଥ’ ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଖଇରା ମହାବିଦ୍ୟାଳୟ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ୧୪ତମ ବାର୍ଷିକ ରୂପସା ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ପୋଡ଼ାଡିହା ମହୋତ୍ସବ ପଡ଼ିଆ, ରୂପସା, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ଶ୍ରୀ ବିରଞ୍ଚିନାରାୟଣଙ୍କ ପୀଠରେ ଗୁଣ୍ଡୁଣୀ ମେଳା, ସ୍ଥାନ: ପାଳିଆ, ତିହିଡ଼ି, ସମୟ: ସକାଳ ୭ଟା।

- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ,ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ,ସମୟ: ପୂର୍ବାହ୍ନ ୧୧ଟା।
- ଶୀତ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା ଜଗନ୍ନାଥ ରାଉତ ମଞ୍ଚ ନାମରେ ନାମିତ,ସ୍ଥାନ: ଜୟନଗର ପଡ଼ିଆ,ଧାମନଗର,ସମୟ: ସନ୍ଧ୍ୟା ୬ଟା।
- ତିଲୋ କପର ୭ ମ ଦିନର ୨ୟ ମ୍ୟାଚ୍ ଇଣ୍ଡିଆନ ଅଏଲ ଓ ଏସପିଜେ କାର୍ଗୋ ମଧ୍ୟରେ ଅନୁଷ୍ଠିତ ହେବ, ସ୍ଥାନ: ହନୁମାନ ଜୀଉ ମିନି ଷ୍ଟାଡିୟମ, ତିଲୋ, ବନ୍ତ, ସମୟ: ଦିନ୧ ଟା।

## କେନ୍ଦୁଝର

- ଶ୍ରୀ ନାରାୟଣଙ୍କ ମନ୍ଦିରରେ ବାର୍ଷିକ ଯଜ୍ଞ ଉତ୍ସବ, ସ୍ଥାନ: ପଦାଡ଼ୋ, ହାଟଡ଼ିହୀ, ସମୟ: ସକାଳ ୬ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ପୂର୍ଣ୍ଣାହୁତୀ, ନାମସଙ୍କୀର୍ତ୍ତନ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ଅପରାହ୍ନ ୨ଟା।
- ଅଷ୍ଟମପ୍ରହର ନାମଯଜ୍ଞ ଏବଂ ନଗର ପରିକ୍ରମା, ସ୍ଥାନ : ବଡ଼ରମ୍ପାସ, ଜଳକଳଙ୍ଗ, ବୃନ୍ଦାବନପୁର, ହାଟଡ଼ିହୀ, ସମୟ : ଅପରାହ୍ନ ୩ ଟା।
- ବିଶ୍ୱଶାନ୍ତି ଗୀତାଯଜ୍ଞ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ସୋସୋ, ହାଟଡ଼ିହୀ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀ ଶ୍ରୀ ରାଧାରମଣ ଦେବଙ୍କ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ, ଘଟୋଉତ୍ତୋଳନ, ସ୍ଥାନ: ଖଇରିମରା, ଛେନାପଦି, ସମୟ: ସନ୍ଧ୍ୟା ୭ ଟା।

## ମୟୂରଭଞ୍ଜ

- ମା'ହିଙ୍ଗୁଳାଙ୍କ ବାର୍ଷିକ ପୂଜା ଉପଲକ୍ଷେ ସୂର୍ଯ୍ୟପୂଜା, ସ୍ଥାନ:କଉଡ଼ିଖଣି, ସୁହାଗପୁର, ବଡ଼ସାହି,ସମୟ:ସକାଳ ୭ଟା।
- ମୟୂରଭଞ୍ଜ ଗ୍ରୀନ ସହିତ ରାଇରଙ୍ଗପୁର କ୍ରିକେଟ ମ୍ୟାଚ,ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା, ସମୟ: ସକାଳ ୯ଟା।
- ୧୩୭ତମ ହରିହାଟ ମହୋତ୍ସବ.ସ୍ଥାନ:ମାଧପୁର ଶାସନ, ବଡ଼ସାହି,ସମୟ: ପୂର୍ବାହ୍ନ ୧୦ଟା।
- ରାତ୍ରିକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ:ଜାଲଘେରା, ହାଟପଡ଼ିଆ, ବଡ଼ସାହି, ସମୟ: ସନ୍ଧ୍ୟା ୭ଟା।
- ଭଜନ ସନ୍ଧ୍ୟା,ସ୍ଥାନ: ମାଧପୁର ଶାସନ, ବଡ଼ସାହି,ସମୟ: ସନ୍ଧ୍ୟା ୭ଟା।

## ବ୍ରହ୍ମପୁର

- ବହୁମୁଖୀ ସମାଜ ମଙ୍ଗଳ ପକ୍ଷରୁ ରେଡିଓ ଦିବସ ପାଳନ, ସ୍ଥାନ: ସ୍ଥାନ–ବ୍ରହ୍ମପୁର ଆକାଶବାଣୀ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା ।

## ଢେଙ୍କାନାଳ

- ସିନଫେଷ୍ଟ ଉପଲକ୍ଷେ ଗ୍ରାଜୁଏସନ ଡେ’, ସ୍ଥାନ: ସିନର୍ଜି ଇଞ୍ଜିନିୟରିଂ କଲେଜ ପରିସର, ସମୟ: ଅପରାହ୍ନ ୪ଟା।
- ରେଡିଓ ଢେଙ୍କାନାଳର ବର୍ଷ ପୂର୍ତ୍ତି ଉତ୍ସବ, ସ୍ଥାନ: ରଣପଶି ସଭା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା

- ଅନ୍ଧବର ଲୋକମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ବଙ୍ଗାରୀ, ଗରଦପୁର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ କର୍ମନିଯୁକ୍ତି ମେଳା, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

ବ୍ୟାସ ସରୋବର ମହୋତ୍ସବର ୬ଷ୍ଠ ଦିବସ, ସ୍ଥାନ : ବ୍ୟାସ ସରୋବର ମେଳା ପଡ଼ିଆ, ସମୟ : ସନ୍ଧ୍ୟା ୫ଟା।

## ନୟାଗଡ଼

- ପଠାଣୀ ସାମନ୍ତ ଫୁଟବଲ ଟୁର୍ଣ୍ଣାମେଣ୍ଟ ୫ମ ଦିବସର ପ୍ରଥମ ସେମି ଫାଇନାଲରେ ଖଣ୍ଡପଡ଼ା ବନାମ ନୟାଗଡ଼, ସ୍ଥାନ: ଖଣ୍ଡପଡ଼ା ମଧୁବନ ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ସାଢ଼େ ୩ଟା।
- ମହିଳା ଆତ୍ମ ସୁରକ୍ଷା ଦକ୍ଷତା କର୍ମଶାଳାର ୪ର୍ଥ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ରାୟଗଡ଼ା

- ଶିକ୍ଷକଙ୍କୁ ଆତ୍ମସୁରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ମହର୍ଷି ବିଦ୍ୟା ମନ୍ଦିର, ରାୟଗଡା, ସମୟ: ସକାଳ ୯ ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ: ରାୟଗଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।

## ନବରଙ୍ଗପୁର

- ଜିଲାପାଳଙ୍କୁ ଜିଲା ଓୟୁଜେ ସଂଘର ଦାବିପତ୍ର, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ମା ସାରଳାଙ୍କ ମେଳା, ଦଶମ ଶ୍ରେଣୀ ପିଲାଙ୍କୁ ବିଦାୟ କାଳିନ ସମ୍ବର୍ଦ୍ଧନା, ସ୍ଥାନ: ମା ପେଣ୍ଡରାଣୀ ଉଚ୍ଚ ବିଦ୍ୟାଳୟ,ବୁର୍ଜା, ଉମରକୋଟ, ସମୟ: ପୂର୍ବାହ୍ନ ୧୦ଟା।

- ବ୍ଲକସ୍ତରୀୟ ଆଇନ ସଚେତନତା ଶିବିର, ସ୍ଥାନ: ଉମରକୋଟ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## କୋରାପୁଟ

- ରାଧା ଶ୍ୟାମ ସୁନ୍ଦର ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: କୋଟପାଡ଼ ବ୍ଲକ କେନ୍ଦୁଗୁଡ଼ା, ସମୟ: ସକାଳ ୯ଟା।
- ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ଗୁଡ଼ା ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୧ଟା।

## ମାଲକାନଗିରି

ବାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ପତଞ୍ଜଳି ଯୋଗ ସମିତି ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର ପରସର, ସମୟ : ସକାଳ ୬ଟା।
- .ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଗୋବିନ୍ଦତୋଲା ନିକଟସ୍ଥ ୟୁନିୟନ ସ୍ପୋର୍ଟିଂ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଅଟଳ ଗ୍ରାମ ପ୍ରସ୍ତୁତି ବୈଠକ, ସ୍ଥାନ : କବରାପାଲି, ସମୟ : ପୂର୍ବାହ୍ନ ୧୦ଟା ୩୦।

## ରାଉରକେଲା

- ମ୍ୟୁନସିପାଲ କଲେଜରେ ସ୍ୱତନ୍ତ୍ର ଶିକ୍ଷାଭିତ୍ତିକ ଅଧିବେଶନ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ସକାଳ ୯ଟା।
- ଆର୍‌ଏସ୍‌ପି ପକ୍ଷରୁ କାର୍ଯ୍ୟକ୍ରମ ନାଟକ ସନ୍ଧ୍ୟା,ସ୍ଥାନ:ସିଭିକ ସେଣ୍ଟର,ସମୟ: ସନ୍ଧ୍ୟା୬ଟା।
- ରୋଟାରୀ କ୍ଲବ ପକ୍ଷରୁ ଚାରିଟି ନାଇଟ୍ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଶ୍ରୀ ଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ଭବ୍ଯ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ତୋରା, ବରଗଡ଼,ସମୟ: ସକାଳ ୮ଟା।
- ବରଗଡ଼ ଟାଉନ ପ୍ରିମିୟର ଲିଗ୍, ସ୍ଥାନ: ଜର୍ଜ ହାଇସ୍କୁଲ ପଡ଼ିଆ, ବରଗଡ଼, ସମୟ: ସକାଳ ୯ଟା।

## କଳାହାଣ୍ଡି

- ନିପୁଣ ଓଡ଼ିଶା ମେଳା ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ କାର୍ଯ୍ୟକ୍ରମ, ସ୍ଥାନ: ହରେକୃଷ୍ଣପୁର ଅପର ପ୍ରାଇମେରୀ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜୁନାଗଡ ମହୋତ୍ସବ ଉପଲକ୍ଷେ ପୁରୁଷ ଓ ମହିଳା ମାରାଥନ୍, ସ୍ଥାନ: ବନମାଳୀପୁର ପେଟ୍ରୋଲ ପମ୍ପଠାରୁ ଉତ୍ସବ ପଡିଆ, ସମୟ: ସକାଳ ୮ଟା।

## ବୌଦ୍ଧ

- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: ପୁରୁଣାକଟକ ଦୁର୍ଗା ପୂଜା ମଣ୍ଡପ, ପୁରୁଣାକଟକ, ହରଭଙ୍ଗା, ସମୟ: ସକାଳ ୬ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଯୁଗଲାଲ ବିଶ୍ୱାଳ ସ୍ମାରକୀ ସର୍ବଭାରତୀୟ ଭଲିଭଲ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ଡୁଙ୍ଗୁରିପାଲି ସ୍ଥିତ ରାଧାକୃଷ୍ଣ ପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ମାଘମେଳା ସାରସ୍ୱତ ସମାରୋହର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ଖଲିଆପାଲି ସ୍ଥିତ ଭୀମ ଭୋଇଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଶ୍ରୀମଦ୍ ଭାଗବତ କଥା ଉପଲକ୍ଷେ ଶ୍ରୀ ପରୀକ୍ଷିତ ଜନ୍ମ ଓ ଶ୍ରାପ କଥା, ସ୍ଥାନ: ନୂଆପଡ଼ା ସଦର ବ୍ଲକ ଭାଇସାତାଲ ଗାଁ, ସମୟ: ଅପରାହ୍ନ ୧ଟା।
- ୧୯ତମ ଜୟ ବାଜରଙ୍ଗବଳି କପ୍ କ୍ରିକେଟ ଟୁର୍ନାମେଣ୍ଟ ପୁଲ ବି ଲିଗ୍ ମ୍ୟାଚ, ସ୍ଥାନ: କୋମନା ବ୍ଲକ ବଣ୍ଡିବାହାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଶ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ପୂଝାରୀପାଲି କମ୍ୟୁନିଟି ହଲ, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବଇମୁଣ୍ଡା ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମଗ୍ରିକ କ୍ଷେତ୍ରରେ ଶୁଭଫଳ ଲାଭକରି ଆନନ୍ଦ ଅନୁଭବ କରିବେ। ବନ୍ଧୁଙ୍କ ପରାମର୍ଶରେ କୌଣସି ନୂତନ କର୍ମାରମ୍ଭ କରିପାରନ୍ତି। ଅବଶ୍ୟ ଅସମର୍ଥିତ ସୂତ୍ରରୁ କୌଣସି ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସମସ୍ୟାକୁ ସୁଧାରି ନେବାରେ ପଡ଼ୋଶୀ ସାହାଯ୍ୟ କରିବେ।

**ବୃଷ** ନିଜ ଲୋକମାନଙ୍କର ଭୁଲ୍ ଧାରଣା ବୃଦ୍ଧିପାଇ କଳହର ରୂପ ନେଇପାରେ। ଆଜି ଆପଣ ଘର କାମ ଛାଡି ବାହାର କାମରେ ବେଶି ସମୟ କଟାଇବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ମଧ୍ୟାହ୍ନପରେ ପାଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ପ୍ରତିବନ୍ଧକ ସହ ନୂତନ ସମସ୍ୟା ସୃଷ୍ଟି ହେବ।

**ମିଥୁନ** ସତର୍କତା କିମ୍ବା ଅନ୍ୟମନସ୍କଜନିତ ଧନହାନି ଘଟିବାର ସୂଚନା ରହିଛି। କର୍ମକ୍ଷେତ୍ରରେ ବାଦବିବାଦ କ୍ରମେ ଜଟିଳ ହେବ ମାତ୍ର ପରିଶେଷରେ ସଫଳତା ହାସଲ କରିବେ। ତଥାପି ପ୍ରତ୍ୟେକ କାମରେ ଆଗପଛ ବିଚାର କରି ହାତ ଦେବା ଭଲ ହେବ। ପୂର୍ବ ବିବାଦକୁ କେନ୍ଦ୍ରକରି ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**କର୍କଟ** କର୍ମକ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଆପଣଙ୍କ ଲୋକପ୍ରିୟତାରୁ ମିତ୍ରମାନେ ଈର୍ଷାପରାୟଣ ହୋଇପାରନ୍ତି। ମାତ୍ରାଧିକ ଭ୍ରମଣ ଯୋଗୁ ସନ୍ଧ୍ୟା ସମୟରେ କ୍ଳାନ୍ତି ଅନୁଭବ କରିବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ସିଂହ** ନିଜ ଚିନ୍ତାଧାରାର ବିପରୀତ କାର୍ଯ୍ୟକଳାପକୁ ଦେଖିଲେ ମଧ୍ୟ ନ ଦେଖିଲା ପରି ରହିବାକୁ ବାଧ ହେବେ। ନୂତନ କାର୍ଯ୍ୟରେ ହାତ ଦେଇ କୃତକାର୍ଯ୍ୟ ହେବାରୁ ମନ ଖୁସି ରହିବ। ସ୍ଥଗିତ କାମ ପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ଅନ୍ୟଦ୍ୱାରା ଅନୁପ୍ରେରିତ ହୋଇ ଭୁଲ୍ ବୁଝାମଣା ଯୋଗୁ ପାରିବାରିକ କ୍ଷେତ୍ର ବିବାଦୀୟ ରହିବ।

**କନ୍ୟା** ସମସ୍ୟା ପିଛା ନ ଛାଡିଲେ ମଧ୍ୟ ଆପଣ ନୀରବ ନ ରହି ପ୍ରତିକାରମୂଳକ ପଦକ୍ଷେପ ନେଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ସାମାନ୍ୟ ବିଳମ୍ବରେ ପାଇବେ। ଦୀର୍ଘଦିନରୁ ଶଯ୍ୟାଶାୟୀ ରୋଗିଣା ପିତାଙ୍କ ସ୍ୱାସ୍ଥ୍ୟ ଚିନ୍ତାର କାରଣ ହୋଇପାରେ।

**ତୁଳା** ପାରିବାରିକ ସ୍ଥିତି ଓ କର୍ମକ୍ଷେତ୍ର ପ୍ରାୟତଃ ଭଲ ରହିବା ଯୋଗୁ ଆଶ୍ୱସ୍ତିଲାଭ କରିବେ। ଗତକାଲିଠାରୁ ସମ୍ପୂର୍ଣ୍ଣ କରିବାକୁ ଭାବୁଥିବା କାମଟିକୁ ଆଜି ସନ୍ଧ୍ୟାସୁଦ୍ଧା ଶେଷ କରିପାରିବେନି। ସଂଗଠନ, ସଭାସମିତି ଓ ରାଜନୀତି କ୍ଷେତ୍ରରେ ଲୋକ ସମ୍ପର୍କ ବଢ଼ିବ। ନିଜ ପରିଜନଙ୍କ ସହିତ ସତ୍‌ସଙ୍ଗ, ପୁରାଣ ପଠନ ସାଙ୍ଗକୁ ଧର୍ମକାର୍ଯ୍ୟ ପ୍ରତି ରୁଚି ବଳିବ।

**ବିଛା** ମନକଥା ମନରେ ରଖି କାମ କରିଚାଲିବେ କିନ୍ତୁ ସୁଫଳ ଆଶା ଦୁରୂହ ହୋଇପାରେ। କିଛି ପାଇବା ଆଶାରେ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ଶତ୍ରୁମାନେ ଆଗରେ ନ ହେଲେ ମଧ୍ୟ ପଛରେ ଟିକାଟିପ୍ପଣୀ ଦେଇପାରନ୍ତି। ପାରସ୍ପରିକ ସୌହାର୍ଦ୍ଦ୍ୟ ଜନିତ ପରିବାରରେ ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** ବନ୍ଧୁଙ୍କ ମାଧମରେ ସକାଳୁ ସକାଳୁ ଶୁଭଖବର ପାଇ ମନ ହାଲୁକା ହୋଇଯିବ। ପରିସ୍ଥିତିରେ ପଡି ବାଧବାଧକତାରେ ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିପାରନ୍ତି। ଶିଳ୍ପ, ବ୍ୟବସାୟରେ ପ୍ରତିବନ୍ଧକ ଦୂର ହେବା ସାଙ୍ଗକୁ ଲାଭବାନ ହେବେ। ମନ ଭିତରେ ଯାହା ଥାଉନା କାହିଁକି ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ।

**ମକର** ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବା ସାଙ୍ଗକୁ ପଡ଼ୋଶୀଙ୍କଠାରୁ ଆର୍ଥିକ ସାହାଯ୍ୟ ପାଇ ଖୁସି ହେବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବା ଯୋଗୁ ସାମୟିକ ଆଶ୍ୱସ୍ତି ଲାଭ କରିପାରନ୍ତି। ଧୈର୍ଯ୍ୟର ସହ ସମସ୍ୟାଗୁଡିକର ମୁକାବିଲା କରିବାରେ ସମର୍ଥ ହେବେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**କୁମ୍ଭ** ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା କାରଣରୁ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବେ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। ବ୍ୟବସାୟ, ପରିବହନ, ଆନୁଷ୍ଠାନିକ କାମ ପାଇଁ ଅସୁବିଧା ରହିବ ନାହିଁ।

**ମୀନ** ବିବାଦୀୟ ସ୍ଥିତିଜନିତ କର୍ମକ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇପାରେ। ଆର୍ଥିକ ସ୍ଥିତି ଭଲ ରହିବା ସହ ବନ୍ଧୁମିଳନରୁ ଖୁସି ରହିବେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ପହଞ୍ଚିବାରେ ବିଳମ୍ବ ଘଟିବାର ସୂଚନା ରହିଛି। ଶିକ୍ଷାରେ ଉନ୍ନତି, ସନ୍ତାନଙ୍କ ସମସ୍ୟାର ସମାଧାନ, ବ୍ୟବସାୟରୁ ଲାଭଜନିତ ମାନସିକ ସ୍ଥିତି ଭଲ ରହିବ।

ଆଜି ଫେବୃଆରୀ ୧୩ ତାରିଖ, ବିଶ୍ୱ ରେଡିଓ ଦିବସ, ସୋ–ବେ–ବରାତ୍, ଅହମଦୀୟା ସମ୍ପ୍ରଦାୟର ମିର୍ଜା ଗୁଲାମ ଅହମଦଙ୍କ ଜନ୍ମ ଦିବସ, ଫାଲଗୁନ କୃଷ୍ଣ ପ୍ରତିପଦା ଗୁରୁବାର, ରାଶିନକ୍ଷତ୍ର–ମଘା/ସିଂହ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୦ ଗତେ ଘ.୦୭.୫୧ ମଧ୍ୟେ, ଘ.୧୦.୫୨ ଗତେ ଘ.୦୧.୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧.୨୬ ଗତେ ଘ.୦୨.୫୧ ମଧ୍ୟେ ରାହୁ କାଳ ।

**ପ୍ରଥମ ପୃଷ୍ଠାରୁ...**

## ଲୋକଙ୍କୁ ପଙ୍ଗୁ ....

ଏଭଳି ଲୋକେ ବି ବିକାଶ ଧାରାରେ ସାମିଲ ହୋଇପାରିବେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଲେ, ଦେଶରେ ପ୍ରାୟ ଏଭଳି କେହି ନ ଥିବେ, ଯିଏ କାମ ପାଇ କାମ କରିବାକୁ ଚାହୁଁ ନ ଥିବେ। ତାଙ୍କ ଯୁକ୍ତି ଶୁଣିବା ପରେ ବିଚାରପତି ଗଭାଇ କହିଲେ, ଆପଣଙ୍କର ଏକତରଫା ଜ୍ଞାନ ରହିଛି। ମୁଁ ନିଜେ ଚାଷୀ ପରିବାରରୁ ଆସିଛି। ନିକଟ ଅତୀତରେ ମହାରାଷ୍ଟ୍ରରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଫ୍ରିବିଜ୍ ଯୋଗୁ ମହାରାଷ୍ଟ୍ରର ଶ୍ରମିକ କାର୍ଯ୍ୟ କରିବାକୁ ଆଗ୍ରହ ନ ଦେଖାଇବାରୁ କୃଷକମାନେ କାମ କରାଇବା ପାଇଁ ଲୋକ ପାଇ ନ ଥିଲେ। ତେବେ ଏହି ବିତର୍କ ଭିତରକୁ ଅଧିକ ଯିବାନାହିଁ ବୋଲି ଜଷ୍ଟିସ୍ ଗଭାଇ କହିଲେ। ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣିଙ୍କ ସମେତ ସମସ୍ତେ ବାସହୀନଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ନିମନ୍ତେ ଘର ଯୋଗାଇବା ପ୍ରସଙ୍ଗରେ ସହମତ। କିନ୍ତୁ ଏହା ସନ୍ତୁଳିତ ହେବା ଉଚିତ ନୁହେଁ କି ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଭେଙ୍କଟରମଣି କହିଲେ, ସରକାର ସହରାଞ୍ଚଳରୁ ଦାରିଦ୍ର୍ୟ ହଟାଇବା ମିଳନ ଉପରେ ପ୍ରକ୍ରିୟା ଚୂଡ଼ାନ୍ତ କରୁଛନ୍ତି। ଏହାଦ୍ୱାରା ସହରାଞ୍ଚଳରେ ବସବାସ କରୁଥିବା ବାସହୀନଙ୍କ ଅସୁବିଧା ସମେତ ଅନେକ ପ୍ରସଙ୍ଗର ସମାଧାନ ହୋଇପାରିବ। ଖଣ୍ଡପୀଠ ଏହା ଶୁଣି ପୁଣି ପ୍ରଶ୍ନ କଲେ, କେନ୍ଦ୍ରର କେଉଁ ଯୋଜନାରେ କେତେ ଦିନ ଭିତରେ ଏହାର ସମାଧାନ ହୋଇପାରିବ? ସରକାରୀ ଯୋଜନାକୁ ଯାଞ୍ଚ କରି ରେକର୍ଡ ଦାଖଲ କରନ୍ତୁ। ଇତିମଧ୍ୟରେ ନ୍ୟାଶନାଲ ପ୍ରସ୍ତାବିତ ଯୋଜନା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ନ୍ୟାଶନାଲ ଲିଭ୍ଲିହୁଡ୍ ମିଶନକୁ ସରକାର ଜାରି ରଖିବେ କି ନାହିଁ ତାହା ମଧ୍ୟ ଅଟର୍ନି ଜେନେରାଲ ଅନୁଧ୍ୟାନ କରନ୍ତୁ ବୋଲି ଖଣ୍ଡପୀଠ ପରାମର୍ଶ ଦେଇଛନ୍ତି। ଉକ୍ତ ଯୋଜନାକୁ ସର୍ବଭାରତୀୟ ସ୍ତରରେ ଲାଗୁ କରିବା ପାଇଁ ରାଜ୍ୟଗୁଡ଼ିକଠାରୁ ତଥ୍ୟ ସଂଗ୍ରହ ଲାଗି ମଧ୍ୟ କେନ୍ଦ୍ରକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଶୁଣାଣି ବେଳେ ଜଣେ ଆବେଦନକାରୀ କହିଲେ, ବାସହୀନଙ୍କ ସମସ୍ୟାକୁ ସରକାର ବିଶେଷ ପ୍ରାଧାନ୍ୟ ଦେଉ ନ ଥିବାରୁ ଏହାର ସମାଧାନ ହୋଇ ନ ପାରିବା ଦୁର୍ଭାଗ୍ୟଜନକ। ଅଧିକାରୀମାନେ କେବଳ ଧନୀଙ୍କ ପାଇଁ କାମ କରୁଛନ୍ତି ଓ ଗରିବଙ୍କ ପ୍ରତି ଉଦାସୀନ ରହିଛନ୍ତି ବୋଲି ଆବେଦନକାରୀ କହିବା ପରେ ଖଣ୍ଡପୀଠ ବିରକ୍ତି ପ୍ରକାଶ କରିଛନ୍ତି। କହିଛନ୍ତି, ସୁପ୍ରିମକୋର୍ଟରେ ରାମଲୀଳା ମଇଦାନ ଭଳି ଭାଷଣ ଦିଅନାହିଁ। ଅନାବଶ୍ୟକ ଅଭିଯୋଗ ଆଣନାହିଁ। ଏଠାରେ ରାଜନୈତିକ ଭାଷଣ ଦେବା ଅନୁଚିତ। କୋର୍ଟରୁମ୍‌କୁ ଆମେ ରାଜନୈତିକ ଯୁଦ୍ଧଭୂମିରେ ପରିଣତ ହେବାକୁ ଦେବୁନାହିଁ।

ଆଇନଜୀବୀ ପ୍ରଶାନ୍ତ ଭୂଷଣ କହିଲେ, ଖଣ୍ଡପୀଠଙ୍କ ନିକଟରେ ଦାଖଲ ଏକ ରେକର୍ଡ ଅନୁସାରେ ୨୦୨୪ ଡିସେମ୍ବର ୪ ସୁଦ୍ଧା ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦ୍ୱାରା ମୋଟ ୨,୫୫୫୭ ବାସଗୃହ ମଞ୍ଜୁର ହୋଇଥିଲା। ସେଥିରୁ ୧,୯୯୫ ଆଶ୍ରୟ ଗୃହ ଏବେ ବାସଯୋଗ୍ୟ ହୋଇଛି, ଯହିଁରେ ୧.୧୬ ଶଯ୍ୟା ରହିଛି। କେବଳ ଦିଲ୍ଲୀରେ ୩ ଲକ୍ଷ ସହରୀ ବାସହୀନ ରହିଥିବା ବିଷୟ ଏକ ସର୍ଭେରେ ଉଲ୍ଲେଖ କରାଯାଇଥିବା ସେ କହିଛନ୍ତି। ଦିଲ୍ଲୀ ଅର୍ବାନ ଶେଲ୍ଟର ଇମ୍ପ୍ରୁଭମେଣ୍ଟ ବୋର୍ଡର ତଥ୍ୟାନୁସାରେ ଏହି ଆଶ୍ରୟ ଗୃହଗୁଡ଼ିକର ମୋଟ ଧାରଣ କ୍ଷମତା ୧୭,୦୦୦ ବ୍ୟକ୍ତି ହୋଇଥିବାବେଳେ ସେଥିରୁ ମାତ୍ର ୫,୯୦୦ଟିରେ ବେଡ୍ ରହିଛି। ବୋର୍ଡ ଓକିଲ କହିଲେ, ବର୍ତ୍ତମାନ ୧୯୭ ଶେଲ୍ଟର ହୋମ୍ କାର୍ଯ୍ୟକ୍ଷମ ରହିଛି, ଯେଉଁଠି ୧୭,୦୦୦ ଲୋକ ରହିପାରିବେ।

ସମସ୍ତ ବିଷୟ ଶୁଣିବା ପରେ ଖଣ୍ଡପୀଠ ଭେଙ୍କଟରମଣିଙ୍କୁ ତଥ୍ୟର ସତ୍ୟାସତ୍ୟ ମନ୍ତ୍ରଣାଳୟଠାରୁ ଯାଞ୍ଚ କରିବାକୁ କହିଛନ୍ତି। ଏଥିସହ ୬ ସପ୍ତାହ ପରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ଖଣ୍ଡପୀଠ ଧାର୍ଯ୍ୟ କରିଛନ୍ତି।

ଭୁବନେଶ୍ୱର ୟୁନିଟ୍–୧ ହାଟର ଜଣେ ବ୍ୟବସାୟୀ ଏ. ଦିନେଶ ପାତ୍ର ଏକ ଉଦାହରଣ ମାଧ୍ୟମରେ ସରକାରଗୁଡ଼ିକ ଦ୍ୱାରା ମାଗଣାରେ ଦିଆଯାଉଥିବା ସୁବିଧାସୁଯୋଗକୁ ସମର୍ଥନ ଜଣାଇଛନ୍ତି। ସେ କହିଛନ୍ତି, ୧୦୦ ଦୋଷୀ ଖସିଗଲେ ମଧ୍ୟ ଜଣେ ନିର୍ଦ୍ଦୋଷ ଦଣ୍ଡ ନ ପାଉ ବୋଲି ଆମ ନ୍ୟାୟ ବ୍ୟବସ୍ଥା ଗୁରୁତ୍ୱ ଦିଏ। ସେହି ନ୍ୟାୟରେ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସରକାରଙ୍କ ମାଗଣା ସୁବିଧାର ଦୁରୁପଯୋଗ କଲେ ମଧ୍ୟ ଅସହାୟ, ଗରିବ ଶ୍ରେଣୀର ଲୋକଙ୍କ ଉନ୍ନତି ନିମନ୍ତେ ସରକାରଙ୍କ ମାଗଣା ସହାୟତାର ଆବଶ୍ୟକତା ରହିଥିବା ସେ ଯୁକ୍ତି ବାଢ଼ିଛନ୍ତି।

ସୁବର୍ଣ୍ଣପୁର ଜିଲା ବିନିକାର ୱାଇଲ୍ଡଲାଇଫ୍ ଫଟୋଗ୍ରାଫର ଦେବାଶିଷ ସୁବୁଦ୍ଧିଙ୍କ ମତରେ ନିର୍ବାଚନ ପୂର୍ବରୁ ଦଳଗୁଡ଼ିକ ରାଜନୈତିକ ଲାଭ ଆଶାରେ ଲୋକଙ୍କୁ ଫ୍ରିବିଜ୍‌ରେ ପୋତି ଦେଉଛନ୍ତି। ଲୋକେ ସେଥିରେ ପ୍ରଲୋଭିତ ହୋଇ ଭୋଟ ଦେଉଛନ୍ତି। ଏହାର ଦୁଇଟି ଦିଗ ରହିଛି। ଗୋଟିଏ ପଟୁ ଦେଖିଲେ ଦଳଗୁଡ଼ିକ କମ୍ ଦେଇ ଅଧିକ ଟାଣିନେବା ପାଇଁ ଏଭଳି କରୁଛନ୍ତି। ଅନ୍ୟପକ୍ଷରେ ଗରିବଗୁରୁବା ସରକାରୀ ଯୋଜନାଗୁଡ଼ିକର ସୁବିଧା ପାଉଛନ୍ତି, ଯାହାକି ଫ୍ରିବିଜ୍ ବ୍ୟବସ୍ଥା ନ ଥିଲେ ମିଳନ୍ତା ନାହିଁ। ମୋଟାମୋଟି ଭାବେ ମାଗଣା ସାମଗ୍ରୀ ଏବଂ ସୁବିଧା ପ୍ରଦାନ ପ୍ରତିଶ୍ରୁତି ଅନୁନ୍ନତ ଲୋକଙ୍କ ଆର୍ଥିକ ସକ୍ଷମ କରାଇବାରେ ସହାୟକ ହେଉଛି। ତେଣୁ ଏହାକୁ ବିରୋଧ ଅନୁଚିତ।

ଭୁବନେଶ୍ୱରର ସାମାଜିକ କର୍ମୀ ଅନୁରାଧା ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଭିନ୍ନ ରାଜନୈତିକ ଦଳ କିଛି ନା କିଛି ଯୋଜନା, ଫ୍ରି ସ୍କିମ୍ ଘୋଷଣା କରିଥାନ୍ତି, ଯାହାକି ଅନେକ କ୍ଷେତ୍ରରେ ସମାଜର ତଳସ୍ତରରେ ରହିଥିବା ଲୋକଙ୍କ ପାଇଁ ନିହାତି ଆବଶ୍ୟକ। ଯେଉଁମାନଙ୍କର କିଛି ସମ୍ବଳ ନାହିଁ, ଦିବ୍ୟାଙ୍ଗ, ବୃଦ୍ଧ ସୋମନଙ୍କ ପାଇଁ ଏଭଳି ସାମାଜିକ ନିରାପତ୍ତା ଯୋଜନା ଦରକାର। ଯେଉଁମାନେ ସୁସ୍ଥ ସବଳ ଏବଂ କାମ କରିବାର କ୍ଷମତା ରହିଛି, ସେମାନେ ଯୋଜନାର ଲାଭାର୍ଥୀ ହେବା ଠିକ୍ ନୁହେଁ। ଅନେକ କ୍ଷେତ୍ରରେ ଅଯୋଗ୍ୟ ବ୍ୟକ୍ତି ଗଳିପଶି ବିଭିନ୍ନ ଯୋଜନା ବା ଫ୍ରି ସ୍କିମ୍‌ର ଲାଭ ଉଠାଉଛନ୍ତି। ସେମାନଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଆଯିବାର ବ୍ୟବସ୍ଥା ହେବା ଉଚିତ। କିନ୍ତୁ ଏହିମାନଙ୍କ ପାଇଁ ଅସହାୟ, ଗରିବ ଲୋକଙ୍କ ପାଇଁ ମାଗଣାରେ ମିଳୁଥିବା ସୁବିଧାଗୁଡ଼ିକୁ ବନ୍ଦ କରାଯିବା ଉଚିତ ନୁହେଁ ବୋଲି ମହାନ୍ତି କହିଛନ୍ତି।

## କନିଷ୍ଠ ଶିକ୍ଷକଙ୍କ ...

ଉନ୍ନତି ଆସିବା ସହିତ ରାଜ୍ୟରେ ଏହି ବର୍ଗର ୧୩, ୭୪୦ ଶିକ୍ଷକ ଉପକୃତ ହେବେ। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ସୂଚନା ଦେବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ନିଷ୍ପତ୍ତି ଶିକ୍ଷାଦାତାଙ୍କ ସଶକ୍ତ କରିବା ସହ ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ବୋଲି ମନ୍ତ୍ରୀ କହିଛନ୍ତି। ସମଗ୍ର ଶିକ୍ଷା କାର୍ଯ୍ୟକ୍ରମରେ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକସ୍ତରରେ ନିୟୋଜିତ ସ୍କିମାଟିକ କନିଷ୍ଠ ଶିକ୍ଷକଙ୍କୁ ମାସିକ ୧୧,୦୦୦ ଟଙ୍କା ପାରିଶ୍ରମିକ ଦିଆଯାଉଥିଲା। ଗତ ଜାନୁଆରୀ ୧୬ରେ ମୁଖ୍ୟମନ୍ତ୍ରୀ ଏହି ବର୍ଗର ଶିକ୍ଷକଙ୍କ ମାସିକ ପାରିଶ୍ରମିକକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇ ଏ ସମ୍ପର୍କିତ ପ୍ରସ୍ତାବକୁ ଅନୁମୋଦନ ଦେଇଥିଲେ।

## ପ୍ରେମ ବ୍ୟାପାର: କଲେଜରେ ...

ମେଘନାଦ ହଠାତ୍ ଛୁରିରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିରେ ଛାତ୍ର ବିଜୟ ନାୟକ ଓ ଅଣଛାତ୍ର ରାଜା ଗୌଡ଼ ଏବଂ ରାଜା ସେଠୀ ଆହତ ହୋଇଥିଲେ। କଲେଜ କର୍ମଚାରୀ ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ତୁରନ୍ତ ଆହତମାନଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ରାଜାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖଲ୍ଲିକୋଟ ଥାନାଧିକାରୀ ରମେଶ କୁମାର ପ୍ରଧାନ ପୋଲିସ ଟିମ ସହିତ ମେଡିକାଲ ଯାଇ ଆହତମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଘଟଣା ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଥାନା ଅଧିକାରୀ କଲେଜକୁ ଯାଇ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିଥିଲେ। ବୁଧବାର ଅନୁଷ୍ଠିତ ପରୀକ୍ଷାରେ ଅଭିଯୁକ୍ତ ଛାତ୍ର ମେଘନାଦ ଅନୁପସ୍ଥିତ ଥିବା କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ନାଥ ସ୍ୱାଇଁ ସୂଚନା ଦେଇଛନ୍ତି।

## ବେଙ୍ଗାଲୁରୁରେ ଓଡ଼ିଆ ...

କଟକ ଅଣାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ପ୍ରାୟ ୧୦ ଦିନ ତଳେ ବେଙ୍ଗାଲୁରୁର ଏକ ନୂଆ କମ୍ପାନୀରେ ଇଞ୍ଜିନିୟର ଭାବେ ଯୋଗଦେଇଥିବା ଅଭିନବଙ୍କ ମୃତଦେହ କାଡୁ ହୋସ୍‌ନାହାଲି ଅଞ୍ଚଳର ଆପାର୍ଟମେଣ୍ଟରୁ ମିଳିବା ପରେ ବେଙ୍ଗାଲୁରୁ ପୋଲିସ ଏନେଇ ତଦନ୍ତ ଚଳାଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇ ନ ଥିଲେ ବି ସେ ବିଷ ପିଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି। ତେବେ ଅଭିନବଙ୍କୁ ତାଙ୍କ ସ୍ତ୍ରୀ ଉତ୍କଳ ଦୀପିକା ରାଉତ ମାନସିକ ନିର୍ଯାତନା ଦେଇଆସୁଥିଲେ। ଏଥିଯୋଗୁ କିଛିଦିନ ହେଲା ସେ ଚାପରେ ଥିଲେ। ନିର୍ଯାତନା ସହି ନ ପାରି ତାଙ୍କ ମୃତ୍ୟୁ ଘଟିଥାଇପାରେ, ଯାହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ ବୋଲି ଅଭିନବଙ୍କ ବାପା ଡ. ବିଜୟାନନ୍ଦ ସିଂ ଅଭିଯୋଗ ଆଣିଛନ୍ତି। ମଙ୍ଗଳବାର ରାତିରେ ସେ ଅଭିନବଙ୍କ ସ୍ତ୍ରୀ, ଶାଶୁ ଓ ଶ୍ୱଶୁରଙ୍କ ସମେତ ୫ ଜଣଙ୍କ ବିରୋଧରେ କଟକ ଲାଲବାଗ ଥାନରେ ଏତଲା ଦେଇଛନ୍ତି। ଲାଲବାଗ ପୋଲିସ ମାମଲା (ନଂ. ୫୬/୨୦୨୫) ରୁଜୁକରି ଏହି ଦୁର୍ଭାଗ୍ୟଜନକ ଘଟଣା ପଛର କାରଣ ସ୍ପଷ୍ଟ କରିବା ପାଇଁ ପ୍ରମାଣ ଖୋଜିବା ଆରମ୍ଭ କରିଛି। ସୂଚନା ଅନୁସାରେ, ଇଂ. ଅଭିନବ ସିଂ ଓ ଉତ୍କଳ ଦୀପିକାଙ୍କ ବିବାହ ୨୦୨୨ରେ ହୋଇଥିଲା। ଅଭିନବ ବାଙ୍ଗାଲୋରରେ ରହୁଥିଲେ। ଅଭିନବ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଅନେକ ସମୟରେ ପାରିବାରିକ କଳହ ସୃଷ୍ଟି ହେଉଥିଲା। ୨୦୨୪ ଅଗଷ୍ଟରେ ଉତ୍କଳ ଦୀପିକା ଭୁବନେଶ୍ୱରର ଇନ୍‌ଫୋସିଟି ଥାନାରେ ଅଭିନବଙ୍କ ବିରୋଧରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ଏତଲା ଦେଇଥିଲେ। ଉଭୟ ପରସ୍ପରଠାରୁ ଅଲଗା ରହୁଥିଲେ। ଏଥିଲାଗି ଅଭିନବଙ୍କୁ ଜେଲ ଯିବାକୁ ମଧ୍ୟ ପଡ଼ିଥିଲା। ପୁଣି ୨୦୨୫ ଜାନୁଆରୀରେ ଯୌତୁକ ସାମଗ୍ରୀ ଫେରସ୍ତ କରାଯାଉ ନ ଥିବାରୁ କଟକର ଲାଲବାଗ ଥାନାରେ ସେ ଅଭିନବଙ୍କ ନାମରେ ଏତଲା ଦେଇଥିଲେ। ତେବେ ଅଭିନବଙ୍କ ମୃତ୍ୟୁକୁ ନେଇ ତାଙ୍କ ବାପା ନିଜ ଏତଲାରେ ଦର୍ଶାଇଛନ୍ତି, ବୋହୂ ଉତ୍କଳ ଦୀପିକା ନିର୍ଯାତନା ଦେଉଥିବାରୁ ପୁଅ ସହିପାରି ନ ଥିଲା। ବୋହୂକୁ ତାଙ୍କ ଘରଲୋକେ ବିଭିନ୍ନ ସମୟରେ ମାମଲା କରିବାରେ ସହଯୋଗ କରୁଥିଲେ। ଅନ୍ୟ ୪ ଜଣ ମଧ୍ୟ ତାଙ୍କ ପୁଅର ମୃତ୍ୟୁ ପାଇଁ ଦାୟୀ ବୋଲି ସେ ଦର୍ଶାଇଛନ୍ତି। ଲାଲବାଗ ଥାନା ଆଇଆଇସି ସୁଧାଂଶୁ ଜେନାଙ୍କ କହିବାନୁସାରେ, ଏତଲା ଆଧାରରେ ମାମଲା ରୁଜୁ ହୋଇଛି। ତଦନ୍ତ କରାଯିବା ପରେ ଯାହା କିଛି ସ୍ପଷ୍ଟ ହେବ।

ପ୍ରକାଶ ଯେ, ଓଡ଼ିଆ ରାପ୍ ସିଙ୍ଗର ଜଣେ ଉଦୀୟମାନ ତାରକା ଅଭିନବ ସିଂ ‘ଜଗରନଟ୍’ ନାମରେ ପରିଚିତ ଥିଲେ। ‘କଟକ ଆନ୍ଥେମ୍’ରେ ନିଜ କଳାର ଯାଦୁକରୀ ଦେଖାଇ ଚର୍ଚ୍ଚାକୁ ଆସିଥିଲେ। ସମସାମୟିକ ରାପ୍ ଶୈଳୀରେ ସ୍ଥାନୀୟ ସଂସ୍କୃତି ଓ ସାମାଜିକ ପ୍ରସଙ୍ଗକୁ ସେ ଅଧିକ ପ୍ରାଧାନ୍ୟ ଦେଉଥିଲେ। ୟୁଟ୍ୟୁବ୍ ଓ ସ୍ପୋଟିଫାଏ ସମେତ ବିଭିନ୍ନ ପ୍ଲାଟଫର୍ମରେ ସେଗୁଡ଼ିକ ବିଶେଷ ଆଦୃତି ଲାଭ କରିଥିଲା। ତେବେ ୨୦୨୪ ଅଗଷ୍ଟରେ ଓଲିଉଡ୍ ଅଭିନେତ୍ରୀ ସୁପ୍ରିୟା ତାଙ୍କ ବିରୋଧରେ ଏକ ମ୍ୟୁଜିକ୍ ଭିଡିଓ ଲଞ୍ଚ କରାଇ ନ ଦେବା ଏବଂ ଆକ୍ରମଣ ଅଭିଯୋଗ ଆଣିବା ପରେ ଅଭିନବଙ୍କ କ୍ୟାରିୟର ବିବାଦ ଘେରରେ ଛନ୍ଦି ହୋଇଯାଇଥିଲା। ଏହା ପରେ ଅଭିନବଙ୍କୁ ଖୋଦ୍ ତାଙ୍କ ସ୍ତ୍ରୀ ଅଡୁଆରେ ପକାଇଥିଲେ। ଭୁବନେଶ୍ୱରର ଏକ ଓୟୋ ହୋଟେଲରେ ଏକ ସେକ୍ସ ରାକେଟ ଚାଲିଥିବା ଏବଂ ସେଥିରେ ଅଭିନବଙ୍କ ସମ୍ପୃକ୍ତି ଥିବା ତାଙ୍କ ସ୍ତ୍ରୀ ଅଭିଯୋଗ କରିଥିଲେ। ପୋଲିସ ଓୟୋ ହୋଟେଲରେ ଚଢ଼ାଉକରି ଅଭିନବ ରହୁଥିବା ରୁମ୍‌କୁ ସିଲ୍ କରିଥିଲା। ରାପର୍ ଅଭିଯୋଗକୁ ଖଣ୍ଡନକରି କହିଥିଲେ, ସେ ଶୁଟିଂ ପାଇଁ ହୋଟେଲରେ ଅବସ୍ଥାନ କରୁଥିଲେ। ତାଙ୍କ ବିରୋଧରେ ସୁପ୍ରିୟା ଓ ଆଦର୍ଶ ନାମକ ଜଣେ ବ୍ୟକ୍ତି ଏଭଳି ଭିତ୍ତିହୀନ ଅଭିଯୋଗ ଆଣିଛନ୍ତି।

## ମନ୍ଦିରକୁ ଦାନରେ ମିଳିଲା ...

ଉଚ୍ଚତା ୩ ମିଟର ହୋଇଥିବାବେଳେ ଏହାର ଓଜନ ୮୦୦ କିଲୋଗ୍ରାମ୍ ରହିଛି। ମନ୍ଦିରରେ ଜୀବନ୍ତ ହାତୀଙ୍କ ବିକଳ୍ପ ଭାବରେ କୋମ୍ବରା କନ୍ନନକୁ ବ୍ୟବହାର କରାଯିବ ବୋଲି ପେଟା ଇଣ୍ଡିଆ କହିଛି। ପେଟା ଇଣ୍ଡିଆ ଅନୁଯାୟୀ, କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିର ସମେତ କେରଳର ଅନେକ ମନ୍ଦିରରେ ବିଭିନ୍ନ ପାରମ୍ପରିକ ରୀତିନୀତି ପାଇଁ ହାତୀମାନଙ୍କୁ ବଳପୂର୍ବକ ଅମାନବୀୟ ବ୍ୟବହାର କରାଯାଇଥାଏ। ଫଳରେ ହାତୀମାନେ ମନ୍ଦିରରେ ବିଭିନ୍ନ ଯନ୍ତ୍ରଣାର ସହ ରହିଥାନ୍ତି। ତେଣୁ ହାତୀ ସୁରକ୍ଷା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ ବୋଲି ପେଟା ଇଣ୍ଡିଆ କହିଛି। ରୋବୋଟିକ ହାତୀ କୋମ୍ବରା କନ୍ନନ ରବର, ଫାଇବର, ଧାତୁ, ଷ୍ଟିଲ ଆଦିରେ ନିର୍ମିତ। ଏହା ଦେଖିବାକୁ ଅବିକଳ ଏକ ଜୀବନ୍ତ ହାତୀ ପରି। ଏହି ଯାନ୍ତ୍ରିକ ହାତୀ ନିଜର ମୁଣ୍ଡ, କାନ, ଆଖି ଏବଂ ଲାଞ୍ଜ ହଲାଇବାକୁ ସକ୍ଷମ। ଜୀବନ୍ତ ହାତୀମାନଙ୍କ ପରି ଏହା ନିଜ ଶୁଣ୍ଢ ମଧ୍ୟ ଉଠାଇ ପାରିଥାଏ। ମନ୍ଦିରର ବିଭିନ୍ନ ରୀତିନୀତି ଅନୁଯାୟୀ, କୋମ୍ବରା କନ୍ନନ ନିଜ ଶୁଣ୍ଢ ସାହାଯ୍ୟରେ ଜଳ ଛିଞ୍ଚି ପାରିଥାଏ ବୋଲି ପେଟା ଇଣ୍ଡିଆ କହିଛି। ସେହିପରି ଚକ ସାହାଯ୍ୟରେ ଏହି ରୋବୋଟିକ ହାତୀ ଚାଲି ମଧ୍ୟ ପାରେ, ଯାହା ସାହାଯ୍ୟରେ ସେ ମନ୍ଦିରର ବିଭିନ୍ନ ସମାରୋହ ଏବଂ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବାକୁ ସକ୍ଷମ ହୋଇପାରିଥାଏ। କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିରର ଅଧ୍ୟକ୍ଷ ରବି ନମ୍ବୁଥିରୀ କହିଛନ୍ତି, ‘କୋମ୍ବରା କନ୍ନନକୁ ସ୍ୱାଗତ କରି ଆମେ ଅତ୍ୟନ୍ତ ଆନନ୍ଦିତ। ପର୍ବପର୍ବାଣି ସମୟରେ ପ୍ରକୃତରେ ଜୀବନ୍ତ ହାତୀମାନଙ୍କୁ ଅଧିକ ପରିଶ୍ରମ କରିବାକୁ ପଡ଼ିଥାଏ, ଯାହା ସେମାନଙ୍କ ପାଇଁ ନିର୍ଦ୍ଦୟତା ସଦୃଶ ହୋଇଥାଏ। ପେଟା ଇଣ୍ଡିଆ ଦେଇଥିବା ଏହି ଯାନ୍ତ୍ରିକ ହାତୀ ମନ୍ଦିରର ପରମ୍ପରାକୁ ବଜାୟ ରଖିବା ସହ ପ୍ରାଣୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରୁଛି ବୋଲି ସେ କହିଛନ୍ତି। ପ୍ରକାଶ ଯେ, କେରଳର ପଞ୍ଚମ ମନ୍ଦିର ଏବଂ ତ୍ରିଶୂର ଜିଲାର ଦ୍ୱିତୀୟ ମନ୍ଦିର ଭାବେ କୋମ୍ବରା ଶ୍ରୀକୃଷ୍ଣ ସ୍ୱାମୀ ମନ୍ଦିର ନିଜର ରୀତିନୀତି ପାଇଁ ପେଟା ଇଣ୍ଡିଆର ଯାନ୍ତ୍ରିକ ହାତୀ ପଦକ୍ଷେପକୁ ଗ୍ରହଣ କରିଛି।

## ଆଜିଠୁ ବିଧାନସଭା ...

ଫେବୃଆରୀ ୧୭ରେ ୨୦୨୫–୨୬ ଆର୍ଥିକବର୍ଷ ପାଇଁ ବଜେଟ ଉପସ୍ଥାପନ ହେବ। ଏଥିରେ ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦ୍ୱିତୀୟ ଥର ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରିବେ। ଗୁରୁବାର ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ସହ ଅଧିବେଶନ ଆରମ୍ଭ ହେବ। ୧୪ ଓ ୧୫ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ମାର୍ଚ୍ଚ ୭ରେ ବିଭିନ୍ନ ବିଭାଗୀୟ ଷ୍ଟାଣ୍ଡିଂ କମିଟିରେ ରିପୋର୍ଟ ଉପସ୍ଥାପନ ହେବ। ମାର୍ଚ୍ଚ ୧୦ରୁ ୨୮ ପର୍ଯ୍ୟନ୍ତ ବଜେଟ ଉପରେ ଆଲୋଚନା କରାଯିବ। ସେହିପରି ମାର୍ଚ୍ଚ ୩୦ ରବିବାର ଓ ୩୧ ତାରିଖ ଇଦ୍–ଉଲ୍–ଫିତର ପଡୁଥିବାରୁ ୨୯ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ ବୋଲି ସୂଚନା ରହିଛି। ତେବେ ଚଳିତ ବଜେଟ ଅଧିବେଶନକୁ ସୁରୁଖୁରୁରେ ସାରିବା ପାଇଁ ବୁଧବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିଶୃଙ୍ଖଳାର ସହିତ ବଜେଟ ଅଧିବେଶନ ଅନୁଷ୍ଠିତ କରିବା ପାଇଁ ବାଚସ୍ପତି ଉଭୟ ବିରୋଧୀ ଏବଂ ଶାସକ ଦଳର ସହମତି ଲୋଡ଼ିଥିଲେ। ଏନେଇ ବିରୋଧୀ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି, ଚିରାଚରିତ ପ୍ରକ୍ରିୟାରେ ବିଧାନସଭା ଚାଲିବ। କଂଗ୍ରେସ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ପୂର୍ବ ବିଧିବ୍ୟବସ୍ଥାରେ ଅଧିବେଶନ ଚାଲିବ। ତେବେ ନିୟମ ଅନୁଯାୟୀ, ଶୂନ୍ୟକାଳରେ ଗୃହର ନେତା, ପରେ ବିରୋଧୀ ଦଳ ନେତା ଏବଂ ପରେ କଂଗ୍ରେସ ନେତାଙ୍କୁ କହିବାକୁ ସୁଯୋଗ ଦେବା ପାଇଁ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସେହିପରି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି, ବିରୋଧୀଙ୍କୁ କାଉଣ୍ଟର କରିବାକୁ ଭାଜପା ସମ୍ପୂର୍ଣ୍ଣ ପ୍ରସ୍ତୁତ। ବିଧାୟକ ଦଳ ବୈଠକରେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟ ସଭାପତିଙ୍କ ଉପସ୍ଥିତିରେ ଆଲୋଚନା ହୋଇଛି। ଗୃହରେ ବିରୋଧୀ ଯେଉଁ ପ୍ରଶ୍ନ ଉଠାଇବେ ତା'ର ମୁକାବିଲା ଏବଂ ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ଶାସକ ଦଳ ସମ୍ପୂର୍ଣ୍ଣ ପ୍ରସ୍ତୁତ। ଏହାସହ ଗୃହରେ ଅନ୍ୟ ଯେଉଁ କାର୍ଯ୍ୟ ଦିବସରେ ଯାହା ବିଲ୍ ଆସିବ ସମସ୍ତ ବିଷୟରେ ଆଲୋଚନା ହେବ। ସରକାରକୁ ୮ମାସ ପୂରିଲା। ତେଣୁ ମୋହନ ସରକାର ଯେଉଁସବୁ ପ୍ରତିଶ୍ରୁତି କାର୍ଯ୍ୟକାରୀ କରିଛନ୍ତି, ଯେଉଁସବୁ ଯୋଜନା କରିଛନ୍ତି, ତାକୁ ଗୃହରେ ରଖାଯିବ ବୋଲି ସେ କହିଛନ୍ତି।

# ଜୁନିୟର ଛାତ୍ରଙ୍କୁ ନଗ୍ନ କରି ନିର୍ଯାତନା, ୫ ଗିରଫ

କୋଟ୍ଟାୟାମ୍,୧୨।୨



ରାଗିଂ କରି ଗିରଫ ହୋଇଥିବା ୫ ସିନିୟର ଛାତ୍ର।

ଉଚ୍ଚ ଶିକ୍ଷାନୁଷ୍ଠାନରେ ରାଗିଂ କଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ରହିଛି। ହେଲେ ଏହାକୁ କେତେକ ସ୍ଥାନରେ ସିନିୟର ଛାତ୍ରମାନେ ମାନୁନାହାନ୍ତି। ଫଳରେ ଜୁନିୟର ଛାତ୍ରମାନଙ୍କୁ ରାଗିଂ ଘଟଣା ଗୋଟେ ପରେ ଗୋଟେ ଘଟି ଚାଲିଛି। ଏବେ କେରଳ କୋଟ୍ଟାୟାମର ଏକ ନର୍ସିଂ କଲେଜରେ ଏଭଳି ଏକ ଘଟଣା ଲୋକଲୋଚନକୁ ଆସିଛି। ପ୍ରଥମ ବର୍ଷର କେତେଜଣ ଛାତ୍ରଙ୍କୁ ସିନିୟର ଛାତ୍ରମାନେ ନଗ୍ନ କରି ଗୁପ୍ତାଙ୍ଗରେ ଡମ୍ବଲ୍ସ ଝୁଲାଇବା ସହ ସେମାନଙ୍କଠାରୁ ଟଙ୍କା ନେଇ ଛୁଟିଦିନରେ ମଦ୍ୟପାନ କରିବା ଭଳି ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ପ୍ରୋହିବିଶନ ଅଫ ରାଗିଂ ଆକ୍ଟରେ ଏକ ମାମଲା ରୁଜୁ କରି ୫ଜଣ ସିନିୟର ଛାତ୍ରଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ନର୍ସିଂ କଲେଜର ଦ୍ୱିତୀୟବର୍ଷ ଛାତ୍ର ସାମୁଏଲ୍ ଜନ୍‌ସନ୍(୨୦), ଜିଭା ଏନ୍‌ଏସ୍(୧୯) ଏବଂ ତୃତୀୟ ବର୍ଷର ଛାତ୍ର ରାହୁଲ ରାଜ କେପି(୨୨), ରିଜିଲ୍ ଜିଥ୍ ସି(୨୧) ଓ ବିବେକ ଏନ୍‌ଭି(୨୧)। ଗିରଫ ୫ ଛାତ୍ରଙ୍କୁ କଲେଜ ଅଧ୍ୟକ୍ଷ ବୁଧବାର ନିଲମ୍ବିତ ମଧ୍ୟ କରିଛନ୍ତି।

କୋଟ୍ଟାୟାମସ୍ଥିତ ନର୍ସିଂ କଲେଜର ପ୍ରଥମ ବର୍ଷର ୩ଜଣ ଛାତ୍ରଙ୍କ ଅଭିଯୋଗ ଅନୁସାରେ ସେମାନଙ୍କୁ ଗତ ନଭେମ୍ବର ମାସରୁ ସିନିୟର ଛାତ୍ରମାନେ ରାଗିଂ କରିଆସୁଛନ୍ତି। ସେମାନଙ୍କୁ ନଗ୍ନ କରି ସେମାନଙ୍କ ଗୁପ୍ତାଙ୍ଗରେ ଡମ୍ବଲ୍ସ ବାନ୍ଧି ଝୁଲାଉଥିଲେ। ଏଥିସହିତ ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନକୁ ଜ୍ୟାମିତି ବାକ୍ସରେ ଥିବା କମ୍ପାସରେ କ୍ଷତ କରିଛନ୍ତି। ଏପରି କି ଉକ୍ତ କ୍ଷତରେ ଲୋସନ ବୋଳି ଥାନ୍ତି। ଏଥିସହିତ ମୁହଁ, ମୁଣ୍ଡ ଏବଂ ପାଟିରେ ବିଭିନ୍ନ ପ୍ରକାର କ୍ରିମ୍ ବୋଳି ଅକଥନୀୟ ନିର୍ଯାତନା ଦିଅନ୍ତି। ଆହୁରି ମଧ୍ୟ ଛୁଟି ଦିନଗୁଡ଼ିକରେ ସେମାନଙ୍କଠାରୁ ଜୋରଜବରଦସ୍ତ ଟଙ୍କା ନେଇ ମଦ୍ୟପାନ କରିଥାନ୍ତି। ନିୟମିତ ଭାବେ ଜୁନିୟର ଛାତ୍ରମାନଙ୍କୁ ଉଭୟ ଶାରୀରିକ ଏବଂ ମାନସିକ ନିର୍ଯାତନା ଦେଇଆସୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଏନେଇ ଜୁନିୟର ଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କୁ ଜଣାଇବା ପରେ ସେମାନଙ୍କ ନିର୍ଦ୍ଦେଶ ଅନୁସାରେ ଥାନାରେ ଅଭିଯୋଗ କରିଥିଲେ।

# ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

ମହାକାଳପଡ଼ା,୧୨।୨
(ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଲିପିକାଙ୍କ ଫାଇଲ୍ ଫଟୋ।

■ ମୃତାଙ୍କ ୩ ମାସ ଗର୍ଭ ନଷ୍ଟ କରାଯାଇଥିଲା

■ ମାଆଙ୍କ ଅଭିଯୋଗ ପରେ ପୋଲିସର ତଦନ୍ତ

କେନ୍ଦ୍ରାପଡ଼ା ଜିଲା ଦକ୍ଷିଣ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଜମ୍ବୁ ଗ୍ରାମରେ ଜଣେ ମହିଳାଙ୍କୁ ଶାଶୁଘର ଲୋକେ ହତ୍ୟା କରିଛନ୍ତି। ମୃତକ ହେଲେ ଲିପିକା ଦେବନାଥ(୨୦)। ଏ ନେଇ ଲିପିକାଙ୍କ ମା'ବକୁଲି ଦେବନାଥ ବୁଧବାର ଜମ୍ବୁ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା(ନଂ.୨୪/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ୧ ବର୍ଷ ପୂର୍ବେ ଏହି ଥାନା ଅଧୀନ ପେଟଛେଲା ପଞ୍ଚାୟତ ବିବି କଲୋନୀ ଗ୍ରାମର ରାମେଶ୍ୱର ଦେବନାଥଙ୍କ ଝିଅ ଲିପିକାଙ୍କୁ ଜମ୍ବୁ ଗ୍ରାମର ଅଜୟ ଜର୍ଦ୍ଦାର(୨୫) ପ୍ରେମ ବିବାହ କରିଥିଲେ। ବିବାହର କିଛି ମାସ ଭଲରେ କଟିଥିଲା। ପରେ ଶାଶୁଘର ଲୋକେ ଲିପିକାଙ୍କୁ ଯୌତୁକ ପାଇଁ ନିର୍ଯାତନା ଦେବା ଆରମ୍ଭ କରିଥିଲେ। ଏକ ବାଇକ୍ ଓ ୫୦ ହଜାର ଟଙ୍କା ବାପଘରୁ ଆଣିବା ପାଇଁ ଲିପିକାଙ୍କୁ ବାରମ୍ବାର କହୁଥିଲେ। ଏଥିରେ ଲିପିକା ଅକ୍ଷମତା ପ୍ରକାଶ କରିବା ପରେ ଶାଶୁ କବିତା, ନଣନ୍ଦ କାବେରୀ ଓ ସ୍ୱାମୀ ଅଜୟ ମିଳିତ ଭାବେ ତାଙ୍କୁ ନିର୍ଯାତନା ଦେଉଥିଲେ ବୋଲି ଅଭିଯୋଗ କରାଯାଇଛି। ଏପରିକି ଲିପିକାଙ୍କୁ ମୋବାଇଲ ଫୋନ ବ୍ୟବହାର କରିବାକୁ ଦିଆଯାଉ ନ ଥିଲା ବୋଲି ତାଙ୍କ ପରିବାର ଲୋକେ କହିଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଶାଶୁଘର ଲୋକେ ତାଙ୍କୁ ମାଡ଼ ମାରି ହତ୍ୟା କରିଥିଲେ। ଏହାପରେ ଏକ ଭଡ଼ା ଗାଡ଼ିରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ଚିକିତ୍ସାଳୟକୁ ଅଣାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ବୁଧବାର ସକାଳ ୮ଟାରେ ଫୋନ କରି ଲିପିକାଙ୍କ ପରିବାର ଲୋକଙ୍କୁ ମିଛ କଥା କୁହାଯାଇଥିଲା। ତୁମ ଝିଅର ଜ୍ୱର ହୋଇଛି। କେନ୍ଦ୍ରାପଡ଼ା ମେଡ଼ିକାଲରେ ଅଛି। ବାପ ଘର ଲୋକେ ବୁଧବାର ସକାଳୁ କେନ୍ଦ୍ରାପଡ଼ା ମେଡ଼ିକାଲ ପହଞ୍ଚି ଦେଖିଲେ ଲିପିକାଙ୍କ ମୃତ୍ୟୁ ହୋଇ ସାରିଛି। ଏହାପରେ ଥାନାରେ ଅଭିଯୋଗ ହୋଇଥିଲା।

ଅନ୍ୟପକ୍ଷେ ମା'ବକୁଲି, ସାନ ଭଉଣୀ ସୁପ୍ରିୟା କହିଛନ୍ତି, ବିବାହ ପରେ ଲିପିକା ୩ ମାସର ଗର୍ଭବତୀ ଥିଲେ। ହେଲେ ଶାଶୁଘର ଲୋକମାନେ ମିଳିତ ଭାବେ ତାଙ୍କ ଗର୍ଭ ନଷ୍ଟ କରିଥିଲେ। ଏ ନେଇ ଗାଁର ଲୋକମାନେ ଥାନାରେ ପହଞ୍ଚି ଦୋଷୀମାନଙ୍କୁ ଉପଯୁକ୍ତ ଦଣ୍ଡ ଦେବାକୁ ଦାବି କରିଛନ୍ତି। ଲିପିକାଙ୍କ ସ୍ୱାମୀ ଅଜୟ ଗୁଜୁରାଟ ଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଶେଷ ସାକ୍ଷୀଙ୍କ ବୟାନ ରେକର୍ଡ

ପାଟଣାଗଡ,୧୨।୨(ସଚ୍ଚିଦାନନ୍ଦ ମହାକୁର)



ସରକାରୀ ଓକିଲଙ୍କ ସହିତ ତତ୍କାଳୀନ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀ ଆଡିସିନାଲ ଏସ୍‌ପି ଅନିଲ କୁମାର ଦାଶ କୋର୍ଟରୁ ଫେରୁଛନ୍ତି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

### କୋର୍ଟରେ ହାଜର ହେଲେ ତତ୍କାଳୀନ ତଦନ୍ତ ଅଧିକାରୀ

ବଲାଙ୍ଗୀର ଜିଲାର ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ ସାକ୍ଷୀମାନଙ୍କ ବୟାନ ରେକର୍ଡ କରାଯାଉଛି। ୨୦୨୨ ଜୁଲାଇ ୨୭ ତାରିଖରେ ଅତିରିକ୍ତ ଜିଲା ଦୌରାଜଜ୍ ପାଟଣାଗଡଙ୍କଠାରେ ଏହି ମାମଲାର ପ୍ରଥମ ସାକ୍ଷୀ ଭାବେ ଏତଲାକାରୀ ବସନ୍ତ କୁମାର ସାହୁ ଏବଂ ତାଙ୍କ ସ୍ତ୍ରୀ ଭୂମିସୂତା ସାହୁଙ୍କ ସାକ୍ଷ୍ୟ ଗ୍ରହଣ କରିଥିଲେ। ବୁଧବାର ଉକ୍ତ କୋର୍ଟରେ ଶେଷ ସାକ୍ଷୀ ଭାବରେ ତତ୍କାଳୀନ କ୍ରାଇମବ୍ରାଞ୍ଚ ତଦନ୍ତ ଅଧିକାରୀ ଆଡିସନାଲ ଏସ୍‌ପି ଅନିଲ କୁମାର ଦାଶଙ୍କ ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ଆସନ୍ତା ଦୁଇରୁ ତିନି ଦିନ ଧରି ଚାଲିବାକୁ ଥିବା ବେଳେ ଦାଶ ଏ ସମ୍ପର୍କିତ କାଗଜପତ୍ର ଓ ସମସ୍ତ ତଥ୍ୟ ପର୍ଯ୍ୟାୟକ୍ରମେ କୋର୍ଟରେ ଦାଖଲ କରିବେ ବୋଲି ସୂଚନା ଦେଇଛନ୍ତି। ଅପରପକ୍ଷରେ ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କୋର୍ଟରେ ହାଜର ହେବା ସହ ପ୍ରତିକ୍ରିୟାରେ କହିଛନ୍ତି, ଏହି ମାମଲା ପ୍ରାୟତଃ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି। ୬୨ନଂ ସାକ୍ଷୀ ହିସାବରେ ତତ୍କାଳୀନ ତଦନ୍ତ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ଆଡିସନାଲ ଏସ୍‌ପି କୋର୍ଟରେ ହାଜର ହୋଇ ତାଙ୍କ ସାକ୍ଷ୍ୟ ଦେଇଛନ୍ତି। ଏହାଛଡା ପର୍ଯ୍ୟାୟକ୍ରମେ ତାଙ୍କ ତଦନ୍ତ ପରିସରକୁ ଆସିଥିବା ସମସ୍ତ ପ୍ରମାଣପତ୍ର କୋର୍ଟରେ ତତ୍କାଳୀନ ତଦନ୍ତ ଅଧିକାରୀ ଦାଶ ଦାଖଲ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ହାଜର ହୋଇଥିବା ବେଳେ ତାଙ୍କ ଓକିଲ ପ୍ରମୋଦ ମିଶ୍ର କୋର୍ଟରେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୨୦୧୮ ଫେବୃଆରୀ ୨୩ ତାରିଖରେ ପାଟଣାଗଡ଼ ବ୍ଲକ ଛକ ବାସିନ୍ଦା ଉଦ୍ଭିଦ ବିଜ୍ଞାନ ଅଧ୍ୟାପକ ରବୀନ୍ଦ୍ର ସାହୁଙ୍କ ଘରେ ଏକ ପାର୍ସଲ ପହଞ୍ଚିଥିଲା। ବାହାଘର ଉପହାର ସ୍ୱରୂପ ଉକ୍ତ ପାର୍ସଲକୁ ରବୀନ୍ଦ୍ରଙ୍କ ନବ ବିବାହିତ ପୁଅ ସୌମ୍ୟଶେଖର ଖୋଲିବା ସମୟରେ ତାହା ବିସ୍ଫୋରଣ ଘଟିଥିଲା। ଏହି ବିସ୍ଫୋରଣରେ ସୌମ୍ୟଶେଖର ଓ ତାଙ୍କ ଜେଜେମା ଜେମାମଣି ପ୍ରାଣ ହରାଇଥିଲେ। ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ସାହୁ ଅଳ୍ପକେ ବର୍ତ୍ତି ଯାଇଥିଲେ ସୁଦ୍ଧା ଗୁରୁତର ହୋଇ ଦୀର୍ଘଦିନ ପର୍ଯ୍ୟନ୍ତ ଡାକ୍ତରଖାନାରେ ଚିକିତ୍ସିତ ହୋଇଥିଲେ। ଏ ନେଇ ପ୍ରଥମେ ପାଟଣାଗଡ ଥାନାରେ ଉକ୍ତ ମାମଲା ରୁଜୁ କରାଯାଇ ପୋଲିସ ତଦନ୍ତ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ଏହି ମାମଲା କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମବ୍ରାଞ୍ଚ ଏହାର ତଦନ୍ତ କରି ଉକ୍ତ ଘଟଣାର ମୁଖ୍ୟ ଅଭିଯୁକ୍ତ ଭାବରେ ପୁଞ୍ଜିଲାଲଙ୍କୁ ଗିରଫ କରିଥିଲା।

# ଦ୍ୱିତୀୟ ବିବାହ ପାଇଁ ସ୍ତ୍ରୀଙ୍କୁ ହତ୍ୟା

■ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କ ସମେତ ୧୦ଜଣଙ୍କ ନାଁରେ ଅଭିଯୋଗ

■ ସ୍ତ୍ରୀ ରଙ୍ଗ କଳା ଥିବାରୁ ସ୍ୱାମୀଙ୍କ ପସନ୍ଦ ନ ଥିଲା

ନୟାଗଡ଼/ଶରଣକୁଳ,୧୨।୨
(ଲୋକନାଥ ମିଶ୍ର/ଦୀପକ କର)

ନୟାଗଡ଼ ପୋଲିସ ଜିଲା ଶରଣକୁଳ ଥାନା ବଡ଼ଗୋରଡ଼ା ଗାଁରେ ରଞ୍ଜିତା ପରିଡ଼ା ନାମ୍ନୀ ଜଣେ ମହିଳାଙ୍କୁ ବୁଧବାର ହତ୍ୟା କରାଯାଇଛି। ଏହି ଘଟଣାରେ ସ୍ୱାମୀ, ଶ୍ୱଶୁର, ଶାଶୁ ସମେତ ୧୦ ଜଣ ସାମିଲ ଥିବା ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୨୦/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରଞ୍ଜିତା କଳା ଥିବାରୁ ସ୍ୱାମୀ ଗଦାଧର ତାଙ୍କୁ ପସନ୍ଦ କରୁ ନ ଥିଲେ। ସେ ଦ୍ୱିତୀୟ ବିବାହ ପାଇଁ ରଞ୍ଜିତାଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏପରି କି ଶାଶୁଘର ଲୋକମାନେ ଏଥିରେ ସାମିଲ ହୋଇଥିଲେ। ଶେଷରେ ସମସ୍ତେ ମିଶି ତାଙ୍କୁ ହତ୍ୟା କରିଥିବା ମୃତାଙ୍କ ଭାଇ ଇଟାମାଟି ଥାନା ଆଙ୍କୁଲିପାଟଣା ଗାଁର ରଞ୍ଜନ ପ୍ରଧାନ ଅଭିଯୋଗ କରିଛନ୍ତି।

ରଞ୍ଜନଙ୍କ ଅଭିଯୋଗ ଅନୁଯାୟୀ, ଗତ ୧୪ ବର୍ଷ ତଳେ ରଞ୍ଜିତା ଶରଣକୁଳ ଥାନା ବଡଗୋରଡ଼ା ଗାଁର ତ୍ରିନାଥ ପରିଡ଼ାଙ୍କ ପୁଅ ଗଦାଧରଙ୍କୁ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଯୌତୁକ କନ୍ୟାଘର ପକ୍ଷରୁ ଦିଆଯାଇଥିଲା। ରଞ୍ଜିତା କଳା ହୋଇଥିବାରୁ ଗଦାଧରଙ୍କ ପସନ୍ଦ ନ ଥିଲା। ବିବାହର କିଛି ମାସ ପରେ ରଞ୍ଜିତାଙ୍କୁ ଶାଶୁଘର ଲୋକେ ନିର୍ଯାତନା ଦେଇ ଆସୁଥିଲେ। ତେବେ ଏହି ଦମ୍ପତିଙ୍କ ୧୧ ବର୍ଷର ଝିଅ ଓ ୮ ବର୍ଷର ପୁଅ ଅଛନ୍ତି। ପୁଅ ଝିଅ ପରେ ବି ନିର୍ଯାତନା କମି ନ ଥିଲା। ଦେଢ଼ମାସ ତଳେ ସ୍ୱାମୀ ଗଦାଧର ରଞ୍ଜିତାଙ୍କୁ ଛୁରି ମାରିଥିଲେ। ଏପରି କି ଜିଭକୁ କାମୁଡି ଛିଣ୍ଡାଇ ଦେବାକୁ ଉଦ୍ୟମ କରିଥିଲେ। ଏହି ଘଟଣା ପରେ ରଞ୍ଜିତା ବାପାଘରକୁ ଚାଲିଯାଇଥିଲେ। କିଛି ଦିନ ତଳେ ଆଉ ମାରପିଟ୍ କରିବି ନାହିଁ ପ୍ରତିଶ୍ରୁତି ଦେଇ ଗଦାଧର ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ବୁଧବାର ସକାଳ ୮ଟାରେ ପୁଣି ପାଟିତୁଣ୍ଡ ହୋଇଥିଲା। ରଞ୍ଜିତାଙ୍କୁ ସ୍ୱାମୀ ଗଦାଧର, ଶ୍ୱଶୁର ତ୍ରିନାଥ, ଶାଶୁ ନୟନା, ମାମୁ ଶ୍ୱଶୁର ପଦାରି ଦଳେଇ ପ୍ରମୁଖ ହତ୍ୟା କରିଥିବା ରଞ୍ଜନ ଅଭିଯୋଗରେ ଦର୍ଶାଇଛନ୍ତି।

# ପିଲାଙ୍କ ବେକରେ ଛୁରି ଲଗାଇ ଡକାୟତି

■ ବଅଁରପାଳରେ ଘରେ ପଶି ଆତଙ୍କ

■ ମହିଳାଙ୍କ ମୁହଁ, ହାତ ବାନ୍ଧି ମାଡ଼

ବଅଁରପାଳ,୧୨।୨(ସୁବାସ ସାହୁ)



ଘରେ ଥିବା ଆଲମିରା ତାଡ଼ି ଟଙ୍କା ଓ ଗହଣା ଲୁଟି ନିଆଯାଇଛି।

ପରିବାରର ୨ ସଦସ୍ୟ ମାଘମେଳା ଦେଖିବାକୁ ଯୋରନ୍ଦା ଯାଇଥିବା ବେଳେ ଘରେ ଥିବା ୩ ଛୋଟ ପିଲାଙ୍କୁ ହତ୍ୟା ଧମକ ଦେଇ ଓ ଜଣେ ମହିଳାଙ୍କ ହାତ, ମୁହଁ ବାନ୍ଧି ଡକାୟତି କରାଯାଇଛି। ଅନୁଗୋଳ ଜିଲା ବଅଁରପାଳ ଥାନା ଗଡ଼ସନ୍ତ୍ରୀ ପଞ୍ଚାୟତ ଭାଗବତପୁର ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ହୋଇଛି ଏହି ବଡ଼ଧରଣର ଡକାୟତି। ଘରେ ପଶିଥିବା ୫ରୁ ଅଧିକ ଡକାୟତ ୪ ଲକ୍ଷ ଟଙ୍କା ଓ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇ ଚମ୍ପଟ ମାରିଛନ୍ତି। ଅଭିଯୋଗ ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ପୋଲିସ ସୂଚନାନୁସାରେ, ବଅଁରପାଳ ଥାନା ଭାଗବତପୁର ଗ୍ରାମର ବିଜୟ ଭୂତିଆଙ୍କ ପରିବାର ଏହି ଡକାୟତିର ଶିକାର ହୋଇଛନ୍ତି। ବିଜୟ ଓ ତାଙ୍କ ସ୍ତ୍ରୀ ମଙ୍ଗଳବାର ରାତିରେ ଯୋରନ୍ଦା ମେଳା ଦେଖିବାକୁ ଯାଇଥିଲେ। ଘରେ କେବଳ ତାଙ୍କ ଭାଇବୋହୂ ଓ ୩ ଜଣ ପିଲା ଥିଲେ। ବିଳମ୍ବିତ ରାତିରେ ୫ରୁ ଅଧିକ ଦୁର୍ବୃତ୍ତ ଉକ୍ତ ଘରେ ପ୍ରବେଶ କରି ଭିତରପଟୁ କବାଟ ବନ୍ଦ କରିଦେଇଥିଲେ। ଏହାପରେ ସେମାନେ ବିଜୟଙ୍କ ଭାଇବୋହୂଙ୍କ ମୁହଁ ଓ ହାତକୁ ଟେପ୍‌ରେ ବାନ୍ଧି ଦେଇ ମାଡ଼ ମାରିଥିଲେ। ଏଥିସହ ବିଜୟଙ୍କ ଝିଅ ବେକରେ ଛୁରି ଲଗାଇ ଓ ଦୁଇ ଛୋଟ ପୁଅଙ୍କୁ ହତ୍ୟା କରିବାକୁ ଧମକ ଦେଇ ଘରେ ଥିବା ନଗଦ ୪ ଲକ୍ଷ ଟଙ୍କା ଏବଂ ପ୍ରାୟ ୭ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ଫେରାର ହୋଇଯାଇଥିଲେ। ଖବରପାଇ ଗ୍ରାମବାସୀ ଏ ନେଇ ଥାନାକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ଯୁବତୀଙ୍କୁ ମାରି ଜାଳିଦେଲେ

## ବ୍ରିଜ୍ ତଳୁ ଅର୍ଦ୍ଧଦଗ୍ଧ ମୃତଦେହ ଠାବ

ବଣାଇଁ,୧୨।୨(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ କୁମାକେଲା ବ୍ରିଜ୍ ତଳୁ ବୁଧବାର ଜଣେ ଯୁବତୀଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଠାବ ହୋଇଛି। ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ଓ ଚାନ୍ଦିପୋଷ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। ଏ ନେଇ ଥାନାରେ ଏକ ହତ୍ୟା ମାମଲା(ନଂ. ୧୭/୨୫)ରୁଜୁ ହୋଇଛି। ହତ୍ୟା ଓ ପ୍ରମାଣ ନଷ୍ଟ କରାଯାଇଥିବା ଦଫା ଲଗାଇ ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟକୁ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ୭୨ ଘଣ୍ଟା ଭିତରେ ମୃତାଙ୍କ ଦାବିଦାର ନ ଆସିଲେ ମୃତଦେହ ସତ୍କାର କରାଯିବ ବୋଲି ଚାନ୍ଦିପୋଷ ଥାନା ଅଧିକାରୀ ହୃଷୀକେଶ ପ୍ରଧାନ କହିଛନ୍ତି। ଖବର ଲେଖା ହେବା ସୁଦ୍ଧା ଯୁବତୀଙ୍କ ପରିଚୟ ମିଳିପାରି ନାହିଁ। ଯୁବତୀଙ୍କ ତଣ୍ଟି କାଟି କେହି ହତ୍ୟା କରିବା ପରେ ପେଟ୍ରୋଲ ଢାଳି ପୋଡିଦେଇଥିବା ନେଇ ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି।

ସୂଚନା ଅନୁସାରେ ବୁଧବାର ସକାଳେ ରାସ୍ତାରେ ଯାଉଥିବା ସ୍ଥାନୀୟ ଲୋକେ ବ୍ରିଜ ତଳେ ଏକ ଅଧାପୋଡା ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ।

# ଗୋରୁ ବୋଝେଇ କଣ୍ଟେନର ଜବତ: ୩ ଗିରଫ

ଖୋର୍ଦ୍ଧା,୧୨।୨(ପ୍ରଭାତ ପାଣିଗ୍ରାହୀ)

୧୬ ନମ୍ବର ଜାତୀୟ ରାଜପଥର ବାଟମଙ୍ଗଳା ଛକ ନିକଟରୁ ବୁଧବାର ଆଦର୍ଶ ଥାନା ପୋଲିସ ଏକ ଗୋରୁ ବୋଝେଇ କଣ୍ଟେନରକୁ ଜବତ କରିଛି। ଗାଡ଼ିରୁ ୩୮ ଗୋରୁ ଉଦ୍ଧାର କରାଯାଇଥିବାବେଳେ ତନ୍ମଧ୍ୟରେ ୯ଟି ମୃତାବସ୍ଥାରେ ମିଳିଥିଲେ। ୨୯ ଜୀବନ୍ତ ଗୋରୁଙ୍କୁ ପୋଲିସ ଏକ ଗୋଶାଳାରେ ଛାଡ଼ିଛି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ପଶ୍ଚିମବଙ୍ଗ ହାଓଡ଼ା ଜିଲା ଫତେପୁରର ସେକ୍ କାଲୁ (୩୫), ଉତ୍ତରପ୍ରଦେଶ ମୁଜାଫରନଗର ଜିଲା ରଥାଡ଼ି ଗ୍ରାମର ମହମ୍ମଦ ନାବିଦ (୩୦) ଏବଂ ମିରଟ ସିଟି ଜିଲା ଶାହାଜାହାନ କଲୋନୀର ସିରାଜୁଦ୍ଦିନ (୪୫)।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠକଙ୍କ ଗୁରୁ,**
**ଉପରେ ଚିକ୍କଣ, ଭିତରେ ମାରୁ।**

ଦୁନିଆରେ ଏପରି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ନିଜକୁ ସାଧୁ ବା ସଚ୍ଚୋଟ ବ୍ୟକ୍ତି ଭାବେ ଚିତ୍ରଣ କରୁଥିବାବେଳେ ନିଜ ଭିତରେ ଠକିବାର ସମସ୍ତ ବୁଦ୍ଧି ଠୁଳ କରି ରଖୁଥିବାର ଦେଖିବାକୁ ମିଳିଥାଏ। ଏପରି ଠକ ବ୍ୟକ୍ତିଙ୍କୁ ଆମ ସମାଜରେ ନିନ୍ଦା ଅପବାଦ ମିଳୁଥିବାବେଳେ ଏମାନଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଠକମ ଠକା;**
**କାମ କରୁଛି ବଙ୍କା ଢଙ୍କା।**

ସାଧାରଣତଃ ଠକ ପ୍ରକୃତିର ବ୍ୟକ୍ତି କାମ କରିବାକୁ ପଛଘୁଞ୍ଚା ଦେଉଥିବା ବେଳେ କାମ ନ କରିବା ନେଇ ବିଭିନ୍ନ ପ୍ରକାର ବାହାନା ଦେଖାଇଥାନ୍ତି। ଏପରି ବ୍ୟକ୍ତିଙ୍କ ଦ୍ୱାରା କୌଣସି କାମ ଠିକ୍ ଢଙ୍ଗରେ ହୋଇପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ତାରିଣୀ ମନ୍ଦିର ପରିସରରୁ ଚୋରି, ୨ ନାବାଳକ ଅଟକ

ଘଟଗାଁ/ଢେଙ୍କିକୋଟ:୧୨।୨
(ନୀଳମଣି ମଣ୍ଡଳ/ରାଜେନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁ ମା' ତାରିଣୀ ମନ୍ଦିର ପରିସରରୁ ଭକ୍ତଙ୍କଠାରୁ ଚୋରି ଅଭିଯୋଗରେ ପୋଲିସ ୨ ନାବାଳକଙ୍କୁ ବୁଧବାର ଅଟକ ରଖିଛି। ନାବାଳକ ଦ୍ୱୟ ପଶ୍ଚିମବଙ୍ଗ ପୁରୁଲିଆ ଜିଲା କାଲିତୁଲା ଥାନା ଅନ୍ତର୍ଗତ ଚୁଟିକିଡ଼ିହି ଗ୍ରାମ ଏବଂ ପାନିକିଡ଼ିହି ଗ୍ରାମର ବୋଲି ଜଣାପଡ଼ିଛି। ଉଭୟେ ମଙ୍ଗଳବାର ମା' ତାରିଣୀଙ୍କ ଦର୍ଶନ ପାଇଁ ଆସିଥିବା ୱେଷ୍ଟ ସିଂହଭୂମି ଝାଡ଼ଖଣ୍ଡ ନୂଆମୁଣ୍ଡି ଥାନା ଅନ୍ତର୍ଗତ ରୁଗୁଡ଼ିଗିୟା ଗ୍ରାମର ଶ୍ରଦ୍ଧାଳୁ ରାଧାକାନ୍ତ ଖିଲାରଙ୍କ ମୋବାଇଲ ଏବଂ ଯାଜପୁର ଜିଲା ବିଂଝାରପୁର ଥାନା ଅନ୍ତର୍ଗତ ଅଳଇଚନ୍ଦନପୁର ଗ୍ରାମର କବିତା ବେହେରାଙ୍କ ମନିପର୍ସ ଭିଡ଼ର ସୁଯୋଗ ନେଇ ଚୋରି କରିଥିଲେ। ଉଭୟ ଶ୍ରଦ୍ଧାଳୁ ମା' ତାରିଣୀ ମନ୍ଦିର କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ଅଭିଯୋଗ ପାଇ ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନାଙ୍କୁ ଜଣାଇଥିଲେ। ଆଇଆଇସି ମନ୍ଦିର କାର୍ଯ୍ୟାଳୟରେ ପହଞ୍ଚି ସିସିଟିଭି ଯାଞ୍ଚକରି ଦୁଇ ନାବାଳକଙ୍କୁ ଅଟକ ରଖିଥିଲେ। ଥାନାକୁ ଆଣି ପଚରାଉଚରା ଓ ଯାଞ୍ଚ ପରେ ଲୁଟ ହୋଇଥିବା ମୋବାଇଲ ଏବଂ ମନିପର୍ସ ମିଳିଥିଲା। ପରେ ତାଙ୍କ ପରିବାର ଲୋକଙ୍କୁ ଥାନାକୁ ଡକାଯାଇ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୬୭/୨୫, ୬୮/୨୫) ରୁଜୁ ହୋଇଛି। ବୁଧବାର ପୂର୍ବାହ୍ନ ୧୧ ଟାରେ ଉଭୟଙ୍କୁ କେନ୍ଦୁଝର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିବା ଥାନା ଅଧିକାରୀ ଜେନା ପ୍ରକାଶ କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ, ବିରୋଧ କରିବାରୁ ପୁଅଙ୍କୁ ଗୁଳି

ଛେଣ୍ଡିପଦା,୧୨।୨(ଅଜିତ ଧଳ)



ଗୁଳିମାଡ଼ରେ ଗୁରୁତର ହୋଇଥିବା ନାବାଳକ।

■ ଗୁରୁତର ନାବାଳକ କଟକରେ ଚିକିତ୍ସାଧୀନ

■ ୪ ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସର ତନାଘନା

ପାରିବାରିକ କଳହ ପରେ ଘରୁ ରାଗି ପଳାଇ ଯାଉଥିବା ଜଣେ ମହିଳାଙ୍କୁ ଅସଦାଚରଣ କରାଯାଇଛି। ଏପରିକି ଏହାକୁ ବିରୋଧ କରିବାରୁ ସମ୍ପୃକ୍ତ ମହିଳାଙ୍କ ନାବାଳକ ପୁଅ (୧୫)ଙ୍କ ଉପରକୁ ଗୁଳି ଚଳାଯାଇଛି। ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳରେ ମଙ୍ଗଳବାର ରାତିରେ ଘଟିଥିବା ଏହି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଗୁରୁତର ନାବାଳକଙ୍କୁ ପ୍ରଥମେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଅଭିଯୋଗ ପାଇ ପୋଲିସ ନଂ. ୪୩/୨୫ରେ ଏକ ମାମଲା ରୁଜୁ କରିବା ସହିତ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଧରିବାକୁ ତନାଘନା ଚଳାଇଛି।

ପୋଲିସ କହିଛି, ନିଶା ଶିଳ୍ପାଞ୍ଚଳ ଥାନା ଅଞ୍ଚଳର ଏକ ଦମ୍ପତିଙ୍କ ମଧ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଝଗଡ଼ା ହୋଇଥିଲା। ଝଗଡ଼ା ପରେ ମହିଳା ଜଣକ ଘରୁ ରାଗି ପଳାଇ ଯାଉଥିବାବେଳେ ବାଟରେ ସେହି ଅଞ୍ଚଳର କାଳିଆ ମହାପାତ୍ର, ରିଙ୍କୁ ଦାଶ, କାହ୍ନା ଅମାନ୍ତ ଓ ଶିପୁ ପ୍ରଧାନ ସମ୍ପୃକ୍ତା ମହିଳାଙ୍କୁ ଅସଦାଚରଣ କରିଥିଲେ। ମହିଳା ଜଣକ ବିରୋଧ କରିବା ସହ ତାଙ୍କ ନାବାଳକ ପୁଅଙ୍କୁ ଘଟଣାସ୍ଥଳକୁ ଡାକିଥିଲେ। ନାବାଳକ ସେଠାରେ ପହଞ୍ଚିବା ପରେ ଉଭୟ ପକ୍ଷ ମଧ୍ୟରେ କିଛି ସମୟ ପାଟିତୁଣ୍ଡ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ସେଠାରୁ ପଳାଇ ଯାଇଥିଲେ। ହେଲେ କିଛି ସମୟ ପରେ ସେମାନେ ଏକ କାର୍‌ରେ ଆସି ମହିଳା ଓ ତାଙ୍କ ପୁଅଙ୍କ ସହ ଗଣ୍ଡଗୋଳ କରିଥିଲେ। ଜଣେ ଅଭିଯୁକ୍ତ ବନ୍ଧୁକ ବାହାର କରି ୩ ରାଉଣ୍ଡ ଗୁଳି ଚଳାଇଥିଲେ। ସେଥିରୁ ଗୋଟିଏ ଗୁଳି ନାବାଳକଙ୍କ ଆଣ୍ଠୁ ତଳକୁ ବାଜିଥିଲା। ଏହାପରେ ୪ଜଣ ଅଭିଯୁକ୍ତ କାର୍‌ରେ ଫେରାର ହୋଇଯାଇଥିଲେ। ଗୁରୁତର ନାବାଳକଙ୍କୁ ପରିବାର ଲୋକେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରୁ ତାଙ୍କୁ କଟକ ବଡ଼ ମେଡିକାଲକୁ ରେଫର କରାଯାଇଥିଲା। ଏ ନେଇ ନାବାଳକଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ଓ ଥାନା ଅଧିକାରୀ ବିବେକ ମହାନ୍ତ ଅନ୍ୟ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଘଟଣାସ୍ଥଳରେ ପଡ଼ିଥିବା ଖୋକାକୁ ପୋଲିସ ଜବତ କରିବା ସହ ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିବା ଥାନା ଅଧିକାରୀ ବିବେକ ମହାନ୍ତ ପ୍ରକାଶ କରିଛନ୍ତି।

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡ଼ିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା

# ଦେବଦେବୀଙ୍କ କଳି



ଦେବଦତ୍ତ ପଟ୍ଟନାୟକ

ମନ୍ଦିରରେ ବିରାଜିତ ଦେବଦେବୀଙ୍କ ମଧ୍ୟରେ ଝଗଡ଼ା ହେଉଛି ହିନ୍ଦୁ ମନ୍ଦିର ପରମ୍ପରାର ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ । ଏଗୁଡ଼ିକ ଏକ ଘରୋଇ କଳିଝଗଡ଼ାର ରୂପ ନେଇଛି। ଯଦିଓ କାହାଣୀ ଏବଂ ରୀତିନୀତି ଏହିସବୁ ଝଗଡ଼ାକୁ ବର୍ଣ୍ଣନା କରେ ତଥାପି ଭକ୍ତମାନେ ଦେବତା ଏବଂ ଦିବ୍ୟ ଜୀବନ ପ୍ରତି ଆକର୍ଷିତ ହୁଅନ୍ତି। ପାଖାପାଖି ୮ମ ଶତାବ୍ଦୀରେ ଦିବ୍ୟ କର୍ମ ବା ଲୀଳାରେ ଭାଗ ନେବା ଥିଲା ଏକ ବାସ୍ତବ ପରମ୍ପରା, ଯେଉଁଠାରେ ଐଶ୍ୱରୀୟ କାର୍ଯ୍ୟରେ ଭକ୍ତମାନେ ନିୟୋଜିତ ହେବା ସହ ମନ୍ଦିର ଉତ୍ସବରେ ଭାଗ ନେଇ ତାହାକୁ ଉପଭୋଗ କରୁଥିଲେ। ଏହା ବ୍ୟତୀତ ସେମାନେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରନ୍ତି। ଦ୍ୱାଦଶ ଶତାବ୍ଦୀ ପରେ ଦେବଦେବୀଙ୍କ ପ୍ରତି ସମର୍ପଣ ଭାବନା ଆସିଲା ଏବଂ ଦେବଦେବୀ ଜୀବନର ସୁରକ୍ଷା ଓ ରକ୍ଷା କରନ୍ତି ବୋଲି ଧାରଣା ସାମ୍ନାକୁ ଆସିଲା। ଏହି ବିଚାର ବିଶେଷକରି କେନ୍ଦ୍ର ଏସିଆର ସୁଫିଙ୍କ ପ୍ରଭାବରେ ସୃଷ୍ଟି ହୋଇଥିଲା। ସୁଫିମାନେ ସବୁବେଳେ ଭକ୍ତମାନଙ୍କୁ ସର୍ବଶକ୍ତିମାନ ଈଶ୍ୱରଙ୍କଠାରୁ ନ୍ୟୂନ ବୋଲି ବିଚାର କରୁଥିଲେ। ସେମାନେ ଭକ୍ତଙ୍କୁ ଈଶ୍ୱରଙ୍କ ପରିବାର ସଦସ୍ୟ ମନେକରୁ ନ ଥିଲେ।

ଦେବଦେବୀଙ୍କ ଝଗଡ଼ା କାହାଣୀ ଉଭୟ ଶିବ ଏବଂ ବିଷ୍ଣୁଙ୍କ ଉପାସକଙ୍କ ମଧ୍ୟରେ ଦେଖିବାକୁ ମିଳେ। ଶିବଙ୍କ କ୍ଷେତ୍ରରେ କାହାଣୀ ଦର୍ଶାଏ ଯେ, ପାର୍ବତୀଙ୍କ ପ୍ରତି ଶିବଙ୍କ ଉଦାସୀନତାକୁ ନେଇ ଦେବୀ ରାଗିଯାଇଥିଲେ। କାରଣ ପାର୍ବତୀ ତାଙ୍କ ପିଲାଙ୍କ ଯତ୍ନ ନେଉଥିବାବେଳେ ଶିବ କୈଳାସ ପର୍ବତରେ ଏକାକୀ ଧ୍ୟାନମଗ୍ନ ରହୁଥିଲେ। ଫଳରେ କ୍ଲାନ୍ତ ଓ ବିରକ୍ତ ହୋଇ ସେ ନିଜ ମାତାଙ୍କ ଘରକୁ ଚାଲିଯାଇଛନ୍ତି। ଏହି ପରମ୍ପରା କୋଙ୍କଣ ଉପକୂଳରେ ଗୌରୀ ପୂଜାରେ ଏବଂ ପଶ୍ଚିମବଙ୍ଗରେ ଦୁର୍ଗାଙ୍କ ପୂଜାରେ ପାଳନ କରାଯାଇଥାଏ । ପାର୍ବତୀ ତାଙ୍କ ମାତାଙ୍କ ଘରେ ରହୁଥିଲେ। ସମୟକ୍ରମେ ତାଙ୍କ ରାଗ ଶାନ୍ତ ହେଲା ଓ ଘରକୁ ଫେରିଆସିଲେ। କୋଙ୍କଣ ଉପକୂଳରେ ପ୍ରଚଳିତ କେତେକ କାହାଣୀରେ କୁହାଯାଇଛି ଯେ, ଶିବ ତାଙ୍କ ଅନୁଗାମୀ( ଗଣ)ଙ୍କୁ ପଠାଇ ଫେରାଇ ଆଣିଥିଲେ। ଅନ୍ୟ କାହାଣୀଗୁଡ଼ିକ ବର୍ଣ୍ଣନା କରିଛନ୍ତି ଯେ, ଦେବୀ ଜଣେ ଆଦିବାସୀ ମହିଳାଙ୍କ ରୂପ ନେଇଛନ୍ତି । ଶିବ ଜଣେ ଆଦିବାସୀ ପୁରୁଷ ଭାବେ ଦେବୀଙ୍କ ଅନୁସରଣ କରି ତାଙ୍କୁ ମନାଇବା ପାଇଁ ନାଚିଛନ୍ତି ଓ ଗାଇଛନ୍ତି। ଆହୁରି ମଧ୍ୟ ଉଲ୍ଲେଖ ରହିଛି ଯେ, ପାର୍ବତୀ ଜଣେ ଧୀବର ମହିଳା ରୂପ ନେଇଛନ୍ତି ଏବଂ ଶିବ ସ୍ୱର୍ଗରୁ ମର୍ତ୍ତ୍ୟକୁ ଆସି ନିଜର ମାଛଧରା କୌଶଳ ଦେଖାଇ ପାର୍ବତୀଙ୍କ ପରିବାରକୁ ପ୍ରଭାବିତ କରିବା ସହ ଦେବୀଙ୍କୁ ସନ୍ତୁଷ୍ଟ କରିଛନ୍ତି।



ମହାନଦୀ ଅବବାହିକା ଓ ପୁରୀ ଏବଂ ତାମିଲନାଡୁର କାବେରୀ ନଦୀ ଅବବାହିକାରେ ବିଷ୍ଣୁଙ୍କୁ ନେଇ କୁହାଯାଉଥିବା କାହାଣୀ କିନ୍ତୁ ସାମାନ୍ୟ ଭିନ୍ନ। ପୁରୀରେ ଯେତେବେଳେ ଜଗନ୍ନାଥ ତାଙ୍କ ଭାଇ ଓ ଭଉଣୀଙ୍କ ସହ ରଥଯାତ୍ରାରୁ ଫେରନ୍ତି, ସେତେବେଳେ ଲକ୍ଷ୍ମୀ ତାଙ୍କୁ ମନ୍ଦିରରେ ପ୍ରବେଶ କରାଇ ଦିଅନ୍ତି ନାହିଁ। କେବଳ ଏତିକି ନୁହେଁ ତାଙ୍କ ଭଉଣୀଙ୍କର ଚେପଟା ନାକ ଓ ତାଙ୍କର ଚାଲୁଣି ଭଳି ଚକାଆଖି ଥିବା କହି ଲକ୍ଷ୍ମୀ ଉଭୟଙ୍କୁ ଅପମାନିତ କରିଥାନ୍ତି। ଜଗନ୍ନାଥ ଶେଷରେ ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ଏବଂ ତାଙ୍କ ଭୋଜନ ପ୍ରସ୍ତୁତି କୌଶଳକୁ ପ୍ରଶଂସା କରି ଦେବୀଙ୍କ ରାଗ ଶାନ୍ତ କରିଛନ୍ତି। ଆଉ ଟିକେ ଦକ୍ଷିଣକୁ ଗଲେ, ଶ୍ରୀରଙ୍ଗମ୍‌ରେ ପ୍ରଭୁ ରଙ୍ଗନାଥ ବିଷ୍ଣୁ ସହର ପରିକ୍ରମା ପରେ ମନ୍ଦିରକୁ ଫେରିଥାନ୍ତି। ଦେବୀ ଲକ୍ଷ୍ମୀ ରଙ୍ଗନାୟକୀ ତାଙ୍କ ଉପରେ ରାଗିଯାଆନ୍ତି। ରାଗର କାରଣ ହେଉଛି ପ୍ରଭୁ ତାଙ୍କର ଅନ୍ୟ ସ୍ତ୍ରୀ ନୀଳାଙ୍କ ସହ ସମୟ ଅତିବାହିତ କରିଛନ୍ତି। ଲକ୍ଷ୍ମୀଙ୍କୁ ଶାନ୍ତ ଓ ସନ୍ତୁଷ୍ଟ କରିବା ପାଇଁ ବିଷ୍ଣୁ ମଧ୍ୟ ତାଙ୍କୁ ଉପହାର ଦେବା ସହ ତାଙ୍କ ପ୍ରଶଂସା ଗାନ କରନ୍ତି ଏବଂ ଶେଷରେ ଉଭୟେ ସମାଧାନ ପୂର୍ବକ ମନ୍ଦିରକୁ ଫେରିନ୍ତି। ପୁରୀ ମନ୍ଦିର ପରମ୍ପରାରେ ଲକ୍ଷ୍ମୀ ମନ୍ଦିର ଦ୍ୱାର ବନ୍ଦ କରିଦିଅନ୍ତି ଏବଂ କେବଳ ଉପହାରରେ ସନ୍ତୁଷ୍ଟ ହୋଇ ତାହାକୁ ଖୋଲନ୍ତି। କିନ୍ତୁ ଶ୍ରୀରଙ୍ଗମ୍‌ରେ ବିଷ୍ଣୁ ନୀରବରେ ରାସ୍ତାରେ ଯାତ୍ରା କରି ତାଙ୍କ ଭକ୍ତମାନଙ୍କୁ ଉପହାର ଦେବା ଲାଗି କହିଥାନ୍ତି, ଯେଉଁଥିରେ କି ସେ ତାଙ୍କ କ୍ରୋଧୀ ସ୍ତ୍ରୀଙ୍କୁ ସନ୍ତୁଷ୍ଟ କରିପାରିବେ। ପାରମ୍ପରିକ ରୀତିନୀତି ସାଧାରଣତଃ ଶ୍ରୀରଙ୍ଗମ୍ ମନ୍ଦିର ଓ ପୁରୀ ମନ୍ଦିର ମଧ୍ୟରେ ଏକ ସ୍ପଷ୍ଟ ସମ୍ପର୍କ ଥିବା ଦର୍ଶାଏ। ପଶ୍ଚିମ ଉପକୂଳରେ ଦ୍ୱାଦଶ ଶତାବ୍ଦୀରେ ଚୋଳ ଶାସନ ସମୟରେ ଏହା ଘଟିଥିବା ଅନୁମାନ କରାଯାଏ, ଯେତେବେଳେ ରାମାନୁଜଙ୍କ ବିଚାରଧାରା ଓ ମନ୍ଦିର ରୀତିନୀତିର ପ୍ରସାର ଘଟିଥିଲା। ଏହା ସହ ଶ୍ରୀରଙ୍ଗମ୍‌ରେ ଆମକୁ କୁହାଯାଏ ଯେ, ନୀଳ କିମ୍ବା କଳା ରଙ୍ଗର ଦେବୀ ନୀଳାଙ୍କୁ ଭେଟିବା ପରେ ବିଷ୍ଣୁ ଫେରିଥାନ୍ତି। ଅନ୍ୟପକ୍ଷରେ ପୁରୀରେ ବିଷ୍ଣୁ ନୀଳ କିମ୍ବା କଳାପର୍ବତ ନୀଳାଚଳକୁ ଫେରନ୍ତି।

ସମାନ ପ୍ରକାର ଝଗଡ଼ାର କାହାଣୀ ମଧ୍ୟ ତିରୁପତି ଓ ପଣ୍ଡରପୁର ମନ୍ଦିରରେ ଦେଖିବାକୁ ମିଳେ। ଦୁଇଟିଯାକ ହେଉଛି ବିଷ୍ଣୁଙ୍କ ମନ୍ଦିର। ଉଭୟ ମନ୍ଦିରରେ ବିଷ୍ଣୁ ସ୍ତ୍ରୀଙ୍କ ବିନା ଏକାକୀ ବିରାଜିତ ହୋଇଛନ୍ତି। କାରଣ ଦେବୀଙ୍କ କ୍ରୋଧରୁ ବର୍ତ୍ତିବା ପାଇଁ ତାଙ୍କର ସ୍ୱତନ୍ତ୍ର ମନ୍ଦିର ରହିଛି। କିନ୍ତୁ ଏହା ଶିବ ମନ୍ଦିରଠାରୁ ସମ୍ପୂର୍ଣ୍ଣ ଭିନ୍ନ, ଯେଉଁଠି ଦେବତା ଓ ଦେବୀ ସବୁବେଳେ ଏକାଠି ଗର୍ଭଗୃହରେ ରହିଥାନ୍ତି। ଆଉଏକ କଳହ ଦେଖିବାକୁ ମିଳେ ମଦୁରାଇର ମୀନାକ୍ଷୀଙ୍କ ସହ ସୋମସୁନ୍ଦର ଶିବଙ୍କ ବିବାହ ଉତ୍ସବରେ। ନିକଟସ୍ଥ ଆଲ୍‌ଗାର ମନ୍ଦିରରେ ବିରାଜିତ ମୀନାକ୍ଷୀଙ୍କ ଭାଇ ବିଷ୍ଣୁ ତାଙ୍କ ଭଉଣୀଙ୍କୁ ଉପହାର ଦେବା ଲାଗି ବିବାହକୁ ନିମନ୍ତ୍ରିତ ହୁଅନ୍ତି। କିନ୍ତୁ ଆସିବା ପଥରେ ଡକାୟତଙ୍କ ଆକ୍ରମଣ ଯୋଗୁ ତାଙ୍କର ବିଳମ୍ବ ହୁଏ। ବିବାହ ଶେଷ ହୋଇଯାଇଥିବା ଜାଣି ସେ କ୍ରୋଧରେ ଫେରିଯାଆନ୍ତି। ବିଷ୍ଣୁଙ୍କୁ ଶାନ୍ତ କରିବାକୁ ନବ ବିବାହିତା ମୀନାକ୍ଷୀ ଚାହାନ୍ତି। ତାଙ୍କ ଭାଇଙ୍କୁ ଭେଟିବା ପାଇଁ ଭାଇଗାଇ ନଦୀକୁ ଆସନ୍ତି । ନଦୀ ମଝିରେ ଏକ ଆଡ଼ମ୍ବରପୂର୍ଣ୍ଣ ଉତ୍ସବରେ ବିଷ୍ଣୁ ତାଙ୍କ ଭଉଣୀଙ୍କୁ ଉପହାର ଦେଇ ମଦୁରାଇରେ ପ୍ରବେଶ ନ କରି ଆଲ୍‌ଗାର ପର୍ବତକୁ ଫେରିଯାଆନ୍ତି।

କ୍ରୋଧ ଏବଂ ସମାଧାନ ବା ତୁଷ୍ଟୀକରଣର କାହାଣୀସବୁ ଶିବ, ବିଷ୍ଣୁ ଓ ଶକ୍ତିଙ୍କ ଉପାସକ ଗୋଷ୍ଠୀ ମଧ୍ୟରେ ଥିବା ଭାବାବେଗକୁ ପ୍ରକାଶ କରେ। ବିଷ୍ଣୁ ଥିଲେ ଶକ୍ତି ବା ଦେବୀଙ୍କ ଭାଇ ଏବଂ ଶିବ ଥିଲେ ଶକ୍ତିଙ୍କ ସ୍ୱାମୀ। ଏହିପରି ଭାବେ ସବୁ ଦେବଦେବୀଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ଥିଲା। ଏହା ମଧ୍ୟ ହିନ୍ଦୁମାନେ ଭଲ ଭାବେ ବୁଝିଥିଲେ। ସମର୍ପଣ ଉପରେ ଆଧାରିତ ସୁଫି ବିଚାରଧାରା ଦ୍ୱାରା ସୃଷ୍ଟି ପରବର୍ତ୍ତୀ ଭକ୍ତି ପରମ୍ପରାରେ ଏହି ପାରିବାରିକ ସମ୍ପର୍କ ଦେଖିବାକୁ ମିଳେ ନାହିଁ। ରାମ ଓ କୃଷ୍ଣ ଅବତାର ପୁରୁଷ ହୋଇଛନ୍ତି ଓ ଭକ୍ତମାନେ ପରମାତ୍ମାଙ୍କ ସାକ୍ଷାତ ଚାହୁଁଛନ୍ତି। ଏ କ୍ଷେତ୍ରରେ ଝଗଡ଼ା କାହାଣୀର ଗୁରୁତ୍ୱ କମିଯାଇଛି ଓ ଏହା ୧୫୦୦ ଶତାବ୍ଦୀ ପରେ ଘଟିଛି। ସମୟ ସ୍ରୋତରେ ଭକ୍ତିର ପରିବର୍ତ୍ତନ ଘଟିଛି । ସୁଫି ଭକ୍ତି ଆନ୍ଦୋଳନର ପୂର୍ବ ହିନ୍ଦୁଧର୍ମ ମନ୍ଦିର ରୀତିନୀତି, ପାରିବାରିକ ଡ୍ରାମା, ବିବାହ, ଝଗଡ଼ା ଏବଂ ସମାଧାନ ବା ତୁଷ୍ଟୀକରଣ ଉପରେ ଆଧାରିତ। ଏହା ଦକ୍ଷିଣ ଓ ପୂର୍ବ ଭାରତର ମନ୍ଦିର ପରମ୍ପରାରେ ରହିଛି। ସୁଫିଭକ୍ତି ପର ହିନ୍ଦୁଧର୍ମ ଦିବ୍ୟ ଓ ରାଜକୀୟ ଶକ୍ତି ପ୍ରତି ଅଧିକ ସମର୍ପିତ ଥିଲା । ଏହା ପରେ ଆସିଥିଲେ ମଧ୍ୟ ଉତ୍ତରଭାରତର ଭକ୍ତି ପରମ୍ପରାକୁ ଅବଦମିତ କରିଦେଲା।

-devduttofficial@gmail.com

# ସରକାରୀ ଚାକିରି ମୋହ



ରାନୀ ନାୟକ

ପିଲାଦିନେ ଯଦି କେହି ପଚାରେ ବଡ଼ ହୋଇ କ'ଣ ହେବୁ -କିଏ କୁହେ ଡାକ୍ତର, ପୋଲିସ ନଚେତ୍ ଶିକ୍ଷକ। ଆପଣମାନେ ବି ଛୋଟବେଳେ ଏହି ପ୍ରଶ୍ନର ସମ୍ମୁଖୀନ ହୋଇଥିବେ। ଏହା ମଧ୍ୟ ଭଲ କଥା କି ଗୋଟିଏ ଲକ୍ଷ୍ୟ ନେଇ ଆଗକୁ ବଢ଼ିବା। ଏଥିପ୍ରତି ଏତେ ଭାବ ଆସିବାର କାରଣ ହେଉଛି ଘରୋଇ ସଂସ୍ଥା ଭଳି ସରକାରୀ ଚାକିରିରେ ଛଟେଇହେବାର ଭୟ ନାହିଁ। କାମ ହେଉ କି ନ ହେଉ ଠିକ୍ ସମୟରେ ଆକାଉଣ୍ଟକୁ ଟଙ୍କା ପଳାଇଆସେ। ତେଣୁ ଏହା ପ୍ରତି ସମସ୍ତଙ୍କ ଲୋଭ ରହିବା ସ୍ୱାଭାବିକ। ସେଥିପାଇଁ ତ ଆମ ଦେଶର ଯୁବପିଢ଼ି ପାଠପଢ଼ା ସରିବା ମାତ୍ରେ ସରକାରୀ ଚାକିରିଟିଏ ପାଇଁ ପ୍ରସ୍ତୁତ ହୋଇଯାଆନ୍ତି।

ତେବେ ଏଠି ଏକ ପ୍ରଶ୍ନ ଉଠେ କି ସରକାରୀ ଚାକିରି ପ୍ରତି ଆସକ୍ତି ହେବା କ'ଣ ଭୁଲ୍? ନା, ଆଦୌ ଭୁଲ୍ ନୁହେଁ। କିନ୍ତୁ ଗୋଟିଏ କିଛି ପାଇବା ଆଶାରେ ଅନେକ କିଛି ହରାଇ ବସିଥାଉ। କୁହାଯାଏ ଅପେକ୍ଷାର ଫଳ ମିଠା। ତଥାପି ସେହି ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଯାଇ ସାଧନାକରନ୍ତି। ଯଦି ଭାଗ୍ୟ ଟିକେ ସାଥ୍ ଦେଲା ତେବେ କୁଳରେ ଲାଗନ୍ତି। ନଚେତ୍ ବୟସ ଥିବା ଯାଏ ସେହି ସରକାରୀ ଚାକିରି ମୋହରେ ପଡ଼ି ଅନ୍ୟ ନିଯୁକ୍ତିକୁ ବି ହାତଛଡ଼ା କରନ୍ତି। ଫଳରେ ବେକାରିର ଆଖ୍ୟା ନେଇ ସମାଜରେ ଘୁରିବୁଲନ୍ତି। ଏକ ରିପୋର୍ଟକୁ ଯଦି ନେବା ୨୦୦୦ରୁ ୨୦୨୪ ମସିହା ମଧ୍ୟରେ ୨୦୦୦ରେ ୫୪% ବେରୋଜଗାରୀ ଥିବାବେଳେ ୨୦୨୪ରେ ଏହା ୬୫.୭% ବୃଦ୍ଧି ପାଇଛି। ଏଥିମଧ୍ୟରୁ ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ(ଆଇଏଲ୍‌ଓ) ତଥ୍ୟ ଅନୁଯାୟୀ ୧୫ରୁ ୨୯ ବର୍ଷର ଯୁବବର୍ଗଙ୍କ ସଂଖ୍ୟା ୮୩% କେବଳ। ଗୋଟିଏ ଉକ୍ତି ଅଛି ଆଜିର ଯୁବକ କାଲିର ଭବିଷ୍ୟତ। ଯଦି ଏହି ଭବିଷ୍ୟତ ଏମିତି ବେକାରି ହେବେ ତେବେ ଦେଶର ଅର୍ଥନୀତି ସୁଦୃଢ଼ ହେବ ନା ଅବନତି ଘଟିବ ଏଥିରୁ ଅନୁମେୟ କରିହେବ। ଉଦାହରଣ ସ୍ୱରୂପ ୨୦୨୨ରେ ୟୁପିଏସ୍‌ସି ପରୀକ୍ଷା ପାଇଁ ୧୧ଲକ୍ଷ ୩୫ହଜାର ୬୯୭ ଜଣ ପରୀକ୍ଷାର୍ଥୀ ଆବେଦନ କରିଥିଲେ। ସେଥିରୁ ୯୩୩ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେଲେ। କିନ୍ତୁ ଆଉ ଏତେ ପରିମାଣରେ ଯେଉଁ ବଳିପଡ଼ିଲେ ସେମାନେ କ'ଣ କରିବେ। ପୁଣି ପ୍ରତିବର୍ଷ ୧୦ଲକ୍ଷ ପିଲା ଗ୍ରାଜୁଏଶନ ପାସ୍ କରୁଛନ୍ତି। ତେବେ ଏଠାରେ ସ୍ପଷ୍ଟ ବାରି ହେଉଥିବ କି ଆମ ଦେଶରେ ଯୁବବର୍ଗଙ୍କ ତୁଳନାରେ ସେତିକି ନିଯୁକ୍ତି ସୁଯୋଗ ନାହିଁ କହିଲେ ଚଳେ। ଏହି କଥା ଲେଖିବାବେଳେ ମୋର ଭଲ କଥା ଗୋଟେ ମନେପଡ଼େ। ଜଣେ ସମ୍ପର୍କୀୟ ଭାଇଙ୍କ ସହ କଥା ହେବା ଛଳରେ ଗୋଟିଏ କଥା ପଚାରିଦେଲି, ଆଉ ଭାଇ ଆପଣ ବିବାହ କରୁଛନ୍ତି କେବେ? ସେ ଉତ୍ତର ଦେଲେ ଚାକିରି ନାହିଁ, କିଏ ମୋତେ ଝିଅ ଦେବ। ଯେତେ ଝିଅ ଦେଖିଯାଉଛି ସବୁ ସରକାରୀ ଚାକିରିଆ ଖୋଜୁଛନ୍ତି। ସେହି ଚାକିରି ଖୋଜି ଖୋଜି ତ ବୟସ ଆସି ୩୧ ହେଲାଣି। ଆଉ ଏ ଜନ୍ମରେ ଚାକିରି ନାହିଁ କି ବିବାହ ଯୋଗ ବି ନାହିଁ। ଆଉ କିଛି ନ କହି ତାଙ୍କ ଉତ୍ତର ଶୁଣି ବିଦାୟ ନେଇ ତାଙ୍କ ପାଖରୁ ଚାଲିଆସିଲି। ପରେ ଆସି ଭାବିଲି ଚାକିରି ମୋହ ଲୋକଙ୍କୁ ଏତେ ପାଗଳ କଲାଣି କି ବିବାହ କରିବାକୁ ହେଲେ ବି ସରକାରୀ ଷ୍ଟାମ୍ପ ଲାଗିବା ବି ଅତ୍ୟନ୍ତ ଜରୁରୀ ହୋଇପଡ଼େ ନଚେତ୍ ଝିଅ ମିଳୁନାହିଁ। ଆଶ୍ଚର୍ଯ୍ୟ କଥା ନୁହେଁ କି ? ଛାଡ଼, ଏଥିରେ ଆଶ୍ଚର୍ଯ୍ୟ ହେବାରେ କିଛି ନାହିଁ।

୨୦୧୮ରେ ଉତ୍ତରପ୍ରଦେଶ ପୋଲିସ ବିଭାଗ ପକ୍ଷରୁ ୪ର୍ଥ ଶ୍ରେଣୀ କର୍ମଚାରୀରେ ୬୨ଟି ପୋଷ୍ଟ ବାହାରିଥିଲା। କିନ୍ତୁ ଆବେଦନକାରୀଙ୍କ ସଂଖ୍ୟା ଥିଲା ୫୨ ହଜାର। ତେବେ ଗୋଟିଏ ସାଧାରଣ ୪ର୍ଥ ଶ୍ରେଣୀର କର୍ମଚାରୀ ଚାକିରି ପାଇଁ ମଧ୍ୟ ଆମ ଯୁବପିଢ଼ି ବିକଳ। କେମିତି ବା ନ ହେବେ, କମ୍ ଦରମା ହେଉ ପଛେ କିନ୍ତୁ ନିଯୁକ୍ତିରେ ସ୍ଥାୟିତ୍ୱ ଅଛି। ଏହି ବିଷୟକୁ ଯଦି ତର୍ଜମା କରାଯାଏ ତେବେ ଏହା ଅତି ଗମ୍ଭୀର ଏବଂ ଅତି ଦୁଃଖଦ ବିଷୟ। ଯୁବବର୍ଗ ଯଦି ଚାକିରି ପଛରେ ନ ଗୋଡ଼ାଇ ନିଜେ କିଛି ଉଦ୍ୟୋଗ କରିପାରନ୍ତେ ତେବେ କେମିତି ହୁଅନ୍ତା। ପାଠପଢ଼ାକୁ ପାଠପଢ଼ା ହୁଅନ୍ତା, ତା'ସହ ନିଜେ ଆତ୍ମନିର୍ଭରଶୀଳ ହୋଇପାରନ୍ତେ। କିନ୍ତୁ ଆମ ଶିକ୍ଷା ବ୍ୟବସ୍ଥାରେ ପ୍ରଥମେ ପରିବର୍ତ୍ତନ ଆଣିପାରିଲେ ଯାଇ ଏହା ସମ୍ଭବ ହୋଇପାରିବ। କିନ୍ତୁ ଏଥିପ୍ରତି ସରକାରୀ ସ୍ତରରେ ମଧ୍ୟ ଅଧିକ ମାତ୍ରାରେ ପ୍ରୋତ୍ସାହନ ଦେବାର ଆବଶ୍ୟକତା ରହିଛି।

ଢେଙ୍କାନାଳ
ମୋ: ୭୬୦୬୯୯୬୦୫୩

## ଏଇ ଭାରତରେ

କୌଣସି ପ୍ରଶିକ୍ଷଣ ନ ନେଇ ଅଗଣାରେ ବଗିଚା କରି ସେଥିରେ ୫୦୦ରୁ ଊର୍ଦ୍ଧ୍ୱ ଗଛ ବଢ଼ାଇଛନ୍ତି ମାଧବୀ ଗୁଥିକୋଣ୍ଡା। ତାଙ୍କ ସରଳ ଓ ଦକ୍ଷ ପ୍ରଯୁକ୍ତି ସହରରେ ବଗିଚା କରୁଥିବା ଲୋକଙ୍କୁ ପ୍ରେରଣା ଯୋଗାଉଛି। ମାଧବୀ ବଗିଚାରେ ପରିବା, ଫଳ, ଫୁଲ ଏବଂ ବିଭିନ୍ନ ଔଷଧୀୟ ଗଛ ଲଗାଇଛନ୍ତି। ପରିବା ମଧ୍ୟରେ ଅଛି ବିଭିନ୍ନ ପ୍ରକାର ଶାଗ, ବାଇଗଣ, ଗାଜର, କାକୁଡ଼ି ଇତ୍ୟାଦି। ଏହା ସହ କିଛି ବିଦେଶୀ ପରିବା ମଧ୍ୟ ଉତ୍ପାଦନ କରୁଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର ବିଷୟ ମାଧବୀ ଧଳା ହଳଦୀ ଓ କଳା ଅଦା ମଧ୍ୟ ଅମଳ କରୁଛନ୍ତି। ଏହି କାର୍ଯ୍ୟ ସେ ଦୀର୍ଘ ୧୦ ବର୍ଷ ଧରି କରିଆସୁଛନ୍ତି। ସେ ବଗିଚାରେ ଗଛ ବଢ଼ାଇବା ପାଇଁ କୌଣସି ରାସାୟନିକ ସାର ଓ କୀଟନାଶକ ବ୍ୟବହାର କରନ୍ତି ନାହିଁ। ସେ ପାରମ୍ପରିକ ପଦ୍ଧତି 'ଜୀବାମୃତ' ଏବଂ ଏପରିକି କୋରିଆର ପ୍ରାକୃତିକ କୃଷି ପଦ୍ଧତି ଅବଲମ୍ବନ କରୁଛନ୍ତି। ମାଧବୀ କୌଣସି ପ୍ରଶିକ୍ଷଣ ନେଇନାହାନ୍ତି, ହେଲେ ନିଜ ଅନୁଭବ, ତ୍ରୁଟି ଓ ଟ୍ରାଏଲ୍ ସବୁକିଛିରୁ ଶିକ୍ଷା କରିଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୩ ଫେବୃଆରୀ ୧୯୭୬

- ଆଠଗଡ଼ରେ ୧୧ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଯାଉଥିବା କଣ୍ଟିଆ ସେତୁ ନିର୍ମାଣ କାର୍ଯ୍ୟର ଶୁଭ ପ୍ରଦାନ।
- ଗୁଜରାଟରେ ଲୋକପକ୍ଷ ଦଳର ସମର୍ଥନ ପ୍ରତ୍ୟାହୃତ ହୋଇଯିବା ପରେ ରାଜ୍ୟର ଜନତା ସାମ୍ମୁଖ୍ୟ ସରକାର ଏକ ସଂଖ୍ୟାଲଘୁ ସରକାରରେ ପରିଣତ ହୋଇଛି।
- ଡକ୍ଟର ନେଟୋଙ୍କ ନେତୃତ୍ୱରେ ପରିଚାଳିତ ଏମ୍‌ପିଏଲ୍‌ଏ ସରକାରଙ୍କୁ ଆଫ୍ରିକୀୟ ଐକ୍ୟ ସଙ୍ଗଠନର ପୂର୍ଣ୍ଣାଙ୍ଗ ସଭ୍ୟ ଭାବେ ଗ୍ରହଣ କରାଯାଇଛି।

# ଡାକସେବାର ସ୍ମୃତି



ବୈକୁଣ୍ଠନାଥ ମିଶ୍ର

ଚିଠି ନିଅ ଚିଠି। ଗାଁ ଦାଣ୍ଡରେ ଡାକବାଲାର ଏ ଉଚ୍ଚାଟ ସ୍ୱରକୁ କାନଡେରି ଚାହିଁ ରହିଥା'ନ୍ତି ବୃଦ୍ଧ ମାତାପିତା, ବୋହୂ ଭୁଆସୁଣୀ ଓ ଆବାଳବୃଦ୍ଧବନିତା। ସଭିଙ୍କର ଉତ୍କଣ୍ଠାର ଉତ୍ସ ଥିଲେ ଡାକବାଲା, ଯେ ହେଉଛନ୍ତି ଫକୀର ମୋହନଙ୍କ ଭାଷାରେ 'ଡାକମୁନ୍‌ସୀ'। ଖାକି ହାଫ୍ ପ୍ୟାଣ୍ଟ ଓ ହାଫ୍ ଶାର୍ଟ ପରିହିତ ଡାକବାଲାଙ୍କୁ ଦେଖିଲେ ଅଧସ୍ତନ ପୋଲିସ ବାବୁଙ୍କର ଭ୍ରମ ସୃଷ୍ଟି ହୁଏ। ସମାଜର ସବୁ ଶ୍ରେଣୀର ଲୋକଙ୍କର ଖବର ନେଣଦେଣର ଏକମାତ୍ର ଗୌରବାବହ ଅନୁଷ୍ଠାନ ଥିଲା ଡାକଘର। ଗାଁ ଦାଣ୍ଡରେ, ଗଛଗଣ୍ଡିରେ ଝୁଲୁଥିବା ଡାକବାକ୍ସ ଥିଲା ସୁଖଦୁଃଖ ଓ ଆଶା ନିରାଶାର ଏକ ନିବୁଜ କୋଠରି। ଚିଠି ଖଣ୍ଡେ ଲେଖି ତା' ଭିତରେ ପକାଇଦେଲେ ମନ ହାଲୁକା ହୋଇ ଯାଉଥିଲା। କୌଣସି ଗମ୍ଭୀର ଏବଂ ଗୋପନୀୟ ବାର୍ତ୍ତା ପ୍ରେରଣ ପାଇଁ ବ୍ୟବହୃତ ହେଉଥିଲା ଅନ୍ତର୍ଦେଶୀୟ ପତ୍ର କିମ୍ବା ଲଫାପା। ନବବଧୂ ରଙ୍ଗିନ୍ କାଗଜରେ ସୁନ୍ଦର ସାଙ୍କେତିକ ଭାଷାରେ କାମନା ବାସନାର ଅପୂରଣୀୟ ଖେଦକୁ ଲଫାପା ମାଧ୍ୟମରେ ପ୍ରେରଣ କରୁଥିଲା। ସେହିପରି ବିଦେଶସ୍ଥିତ ନବ ବିବାହିତ ଯୁବକଟି ପତ୍ନୀ ପାଖକୁ ପ୍ରେରଣ କରୁଥିଲା ପ୍ରୀତି ଅର୍ଘ୍ୟ ସ୍ୱରୂପ ହୃଦୟର ଅକୁହା ବେଦନା। ସେ ଅଶିକ୍ଷିତ ଗ୍ରାମ୍ୟ ବଧୂ ହେଉ କିମ୍ବା ସ୍ୱଳ୍ପ ଶିକ୍ଷିତ ତା'ର ଯୁବ ସ୍ୱାମୀ ହେଉ, ପରସ୍ପର ପ୍ରତି ଯେଉଁ ଭାଷାରେ ପତ୍ରଲିଖନ ହେଉଥିଲା ତାହା ଥିଲା କାବ୍ୟିକ ସମ୍ଭାରର ନିଚ୍ଛକ ପ୍ରତିବେଦନ। ସେଥିପାଇଁ ରସିକ ରସରାଜ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଲେଖିଲେ-

ବିଦେଶେ ନାୟକ ଭାଳଇ ବସି,
କି କରୁଥିବ ମୋ ପ୍ରୀତି ଲାଳସୀ।
ଭାଳୁଥିବ ବସି ରଜନୀ ଦିବା,
ଧିକ ଜୀବନ ବିଦେଶେ ରହିବା॥

କିଛି ବର୍ଷ ପୂର୍ବେ ଡାକଘର ମାଧ୍ୟମରେ ଖବରକାଗଜ ଆସୁଥିଲା, ଯାହାର ପାଠକ ଓ ଖବର ଜିଜ୍ଞାସୁଙ୍କର ଭିଡ଼ ଲାଗି ରହୁଥିଲା ଡାକଘର ବାରଣ୍ଡାରେ। ଏପରିକି ପ୍ରାୟ ପଚାଶ ବର୍ଷ ପୂର୍ବେ ମାଟ୍ରିକ୍ ରେଜଲ୍ଟ ଖବରକାଗଜରେ ପ୍ରକାଶ ପାଉଥିଲା, ଯାହା ଜାଣିବା ପାଇଁ ଡାକଘରେ ଆଶାୟୀଙ୍କ ଭିଡ଼ ଜମୁଥିଲା। ବିଦେଶସ୍ଥିତ ପୁଅଟି ମନିଅର୍ଡର ମାଧ୍ୟମରେ ଟଙ୍କା ପ୍ରେରଣ କରୁଥିଲା। ମନିଅର୍ଡର ଆସିବାର ବିଳମ୍ବ ମାତାପିତାଙ୍କ ମନରେ ସୃଷ୍ଟି କରୁଥିବା ନାନା ସନ୍ଦେହର ଉଦ୍‌ବେଳନ। ଘରକୁ ଆସୁଥିଲା ତାରବାର୍ତ୍ତା। ଗ୍ରାମର ମୁରବି ଶ୍ରେଣୀୟ ବୟସ୍କ ବ୍ୟକ୍ତି ଜଣେ ପୋଷ୍ଟମାଷ୍ଟର ହେଉଥିଲେ ଯେ ନିଜ ପ୍ରଜ୍ଞା ବଳରେ ଅଶୁଭସୂଚକ ତାରବାର୍ତ୍ତାକୁ ସୁଚାରୁ ରୂପେ ପ୍ରାପକଙ୍କୁ ପ୍ରାପ୍ତି କରାଉଥିଲେ। ପୋଷ୍ଟମାଷ୍ଟର ଥିଲେ ସର୍ବମାନ୍ୟ ଓ ବିଶ୍ୱାସଯୋଗ୍ୟ ବ୍ୟକ୍ତି।

ଇତିହାସ ପୃଷ୍ଠାରୁ ଜଣାଯାଏ ଯେ, ଭାରତରେ ପ୍ରଥମେ ୧୨୯୬ ଖ୍ରୀଷ୍ଟାବ୍ଦରେ ଆଲ୍ଲାଉଦ୍ଦିନ ଖିଲିଜ୍‌ଙ୍କ ଶାସନ କାଳରେ ଆରମ୍ଭ ହୋଇଥିବା ଡାକଘର ବ୍ୟବସ୍ଥା ଏକବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ପ୍ରାୟ ୭୦୦ ବର୍ଷରୁ ଊର୍ଦ୍ଧ୍ୱକାଳ ହେଲା ଜନସେବାରେ ବ୍ରତୀ ହୋଇଆସିଛି। ତା' ପୂର୍ବରୁ ପାରା, ପକ୍ଷୀକୁ ଚିଠି ପରିବେଷଣର ମାଧ୍ୟମ ରୂପେ ବ୍ୟବହାର କରାଯାଉଥିଲା। ଖିଲିଜ୍‌ଙ୍କ ସମୟରେ ଆରମ୍ଭ ହୋଇଥିବା ଡାକସେବାର ମାଧ୍ୟମ ଥିଲା ଘୋଡ଼ା। ଡାକବାଲା ଘୋଡ଼ା ପିଠିରେ ସବାର ହୋଇ ନଗରର କୋଣ ଅନୁକୋଣରେ ଚିଠି ବଣ୍ଟନ କରିବା ସହ ଚିଠି ସଂଗ୍ରହ ମଧ୍ୟ କରୁଥିଲେ। ସ୍ଥଳ ବିଶେଷରେ ପାଦରେ ଚାଲିଚାଲି ଦୀର୍ଘପଥ ଅତିକ୍ରମ କରି ଡାକବାଲା ଚିଠି ବାଣ୍ଟୁଥିଲେ ଓ ପ୍ରେରଣ ଉଦ୍ଦେଶ୍ୟରେ ଚିଠି ସଂଗ୍ରହ କରୁଥିଲେ। ୧୮୫୭ର ସିପାହି ବିଦ୍ରୋହ ପରେ ୧୮୫୮ରେ ଡାକତାର ପ୍ରଚଳନର ଆବଶ୍ୟକତା ଅନୁଭବ କରି ବଡ଼ଲାଟ୍ (ପରେ ଭାଇସ୍‌ରାୟ) ଲର୍ଡ ଡେଲ୍‌ହାଉସୀ ପୂର୍ବ ପ୍ରଚଳିତ ଡାକତାର ବିଭାଗର ପୁନର୍ବିନ୍ୟାସ କରି ଏକ ନୂତନ ରୂପ ପ୍ରଦାନ କଲେ। ସିପାହି ବିଦ୍ରୋହ ଅବସାନର ଖବର ପ୍ରଥମେ ଦିଲ୍ଲୀସ୍ଥିତ ଟେଲିଗ୍ରାଫ୍ ଅଫିସ୍‌ରୁ ପଞ୍ଜାବ ରେଜିମେଣ୍ଟର ସୈନ୍ୟମାନଙ୍କୁ ଅବଗତ କରାଯାଇଥିଲା। ଡାକ ଓ ତାର ବିଭାଗର ସୁପରିଚାଳନା ପାଇଁ ବ୍ରିଟିଶ୍ ସରକାର କେତେକ ଆଇନ ପ୍ରଣୟନ କଲେ, ଯଦ୍ଦ୍ୱାରା ପ୍ରେରିତ ଚିଠିର ଗୋପନୀୟତା ରକ୍ଷା କରାଯାଇ ପାରିଲା। ୧୮ ଫେବୃଆରୀ ୧୯୧୧ରେ ପ୍ରଥମ କରି ସରକାରୀ ବିମାନ ଯୋଗେ ଡାକ ଉଡାଣର ଶୁଭାରମ୍ଭ ହୋଇଥିଲା। ବ୍ରିଟିଶ୍ ଶାସକମାନେ ସୁଦୂର ଇଂଲଣ୍ଡ ସହ ବାର୍ତ୍ତାଳାପର ସୁବିଧା ଉପଭୋଗ କଲେ। ସେହି ସମୟରେ ରାଜା, ମହାରାଜା ଓ ଜମିଦାରମାନେ ବିଶ୍ୱସ୍ତ ଦୂତମାନଙ୍କ ହାତରେ ପତ୍ର ପ୍ରେରଣ କରୁଥିଲେ। ୧୯୩୩ରେ ଭାରତୀୟ ଟେଲିଗ୍ରାଫି ଆଇନ ପ୍ରଣୟନ କରାଯାଇ ବିପର୍ଯ୍ୟସ୍ତ ଡାକସେବାକୁ ଦେଶବ୍ୟାପୀ ବିସ୍ତୃତ କରାଗଲା। ଦେଶ ସ୍ୱାଧୀନ ବେଳକୁ ସମଗ୍ର ଭାରତରେ ଡାକଘର ସଂଖ୍ୟାଥିଲା ୨୩,୩୪୪; ଯାହା କେବଳ ସହରାଞ୍ଚଳରେ ସୀମାବଦ୍ଧ ଥିଲା। ପରବର୍ତ୍ତୀ ସମୟରେ ଡାକସେବାକୁ ବ୍ୟାପକ କରାଯାଇ ଗ୍ରାମାଞ୍ଚଳକୁ ସମ୍ପ୍ରସାରିତ କରାଗଲା। ୨୦୨୫ ସୁଦ୍ଧା ଦେଶର ପ୍ରାୟ ପ୍ରତି ପଞ୍ଚାୟତରେ ଡାକଘର ପ୍ରତିଷ୍ଠିତ ହୋଇଛି।





ଡାକଘର କେବଳ ଚିଠିପତ୍ର ଆଦାନ ପ୍ରଦାନରେ ସୀମିତ ନ ରହି ବ୍ୟାଙ୍କ ସେବା ପରି ସଞ୍ଚୟ ଜମା କରିବାକୁ ଆପଣେଇ ନେଇଛି। ସବୁପ୍ରକାର ଜମା ଯେପରିକି ସଞ୍ଚୟ ଜମା (ସେଭିଂସ୍ ଆକାଉଣ୍ଟ), ସ୍ଥାୟୀ ଜମା (ଫିକ୍ସଡ୍ ଡିପୋଜିଟ୍), ପୁନଃ ପୌନିକ ଜମା (ରେକରିଂ ଡିପୋଜିଟ୍) ଇତ୍ୟାଦି ସହ ଡାକଘର ଜୀବନବୀମା (ପୋଷ୍ଟାଲ ଲାଇଫ୍ ଇନ୍‌ସ୍ୟୁରାନ୍ସ) ଭଳି ସେବାକୁ ଆପଣେଇ ଜନସାଧାରଣଙ୍କ ପ୍ରଭୂତ ଉପକାର କରୁଛି। ମେଧାବୀ ତଥା ଉପଯୁକ୍ତ ଜ୍ଞାନ କୌଶଳରେ ସମୃଦ୍ଧ ପ୍ରବୀଣ ଝିଅ ପୁଅମାନଙ୍କୁ ନିଯୁକ୍ତି ଦିଆଯାଇ ଡାକସେବାକୁ ଉନ୍ନୀତ କରିବାର ସମସ୍ତ ପ୍ରଚେଷ୍ଟା କରାଯାଉଛି। କମ୍ପ୍ୟୁଟର ଓ ଇଣ୍ଟରନେଟ୍‌ର ଆଧୁନିକ ଜ୍ଞାନ କୌଶଳରେ ଡାକସେବା ଆଜି ସମୃଦ୍ଧ। ବେସରକାରୀ ଚିଠିପତ୍ର ଆଦାନପ୍ରଦାନ ହ୍ରାସ ପାଇଥିଲେ ମଧ୍ୟ ସରକାରୀ ଚିଠି ଏବେ ମଧ୍ୟ ଡାକ ମାଧ୍ୟମରେ ପ୍ରେରଣ କରାଯାଉଛି।

ମୋବାଇଲ ଫୋନର ଆଦୃତି ସତ୍ତ୍ୱେ ଏବେ ମଧ୍ୟ ଡାକଘରର ଗୁରୁତ୍ୱ ହ୍ରାସ ପାଇନାହିଁ। ଡାକସେବାରୁ ତାରସେବାକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଗଲା ପରେ ଡାକସେବା ତା'ର ସେବା ଜାରି ରଖିଛି। ଏବେ ମଧ୍ୟ ପୋଷ୍ଟମାଷ୍ଟର ଓ ପୋଷ୍ଟମ୍ୟାନ ନିଯୁକ୍ତି ପାଉଛନ୍ତି। ଡାକଘର ଦିନେ ଥିଲା ଗ୍ରାମ୍ୟ ଜୀବନର ଆଶାର ଆଲୋକ। ବିବିଧ ସରକାରୀ ଯୋଜନା ଅର୍ଥ ସଞ୍ଚୟର ସର୍ବନିମ୍ନ ଅନୁଷ୍ଠାନ ଓ ଅନନ୍ୟ ସେବା ଯୋଗାଣର ମୂର୍ତ୍ତିମନ୍ତ ପ୍ରତୀକ ସ୍ୱରୂପ ଡାକଘର ଦଣ୍ଡାୟମାନ। ଡାକଘରର ଅନବଦ୍ୟ ସେବା ଏକ ଅଭୁଲା ସ୍ମୃତି ହୋଇ ଜନମାନସରେ ରହିଆସିଛି ଓ କାଳ କାଳକୁ ରହିଥିବ ମଧ୍ୟ। କେନ୍ଦ୍ର ସରକାରଙ୍କ ସର୍ବନିମ୍ନ ଗ୍ରାମୀଣ ଅନୁଷ୍ଠାନ ହିସାବରେ ଡାକସେବାର ପୂର୍ବ ଗୌରବ ଫେରାଇ ଆଣିବାର ଉଦ୍ୟମ କରାଯିବା ବାଞ୍ଛନୀୟ।

ସିଦ୍ଧଳ, ଜଗତ୍‌ସିଂହପୁର
ମୋ: ୯୯୩୭୪୫୦୫୪୦

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | 9 | | | | 4 | | |
| | | | | | 4 | | 3 | |
| | 4 | | 5 | 3 | | 6 | | |
| | | | 2 | 1 | | | 7 | 9 |
| 7 | | | 6 | | | | | |
| | 1 | | 7 | | | | | |
| | | 5 | 3 | | | | | 4 |
| | | | | | 6 | | | 8 |
| | 3 | 1 | | | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 3 | 2 | 6 | 5 | 9 | 1 | 4 | 7 |
| 4 | 5 | 1 | 7 | 3 | 2 | 6 | 8 | 9 |
| 7 | 6 | 9 | 1 | 4 | 8 | 5 | 2 | 3 |
| 2 | 1 | 5 | 9 | 7 | 4 | 8 | 3 | 6 |
| 3 | 7 | 8 | 5 | 6 | 1 | 4 | 9 | 2 |
| 9 | 4 | 6 | 2 | 8 | 3 | 7 | 1 | 5 |
| 6 | 2 | 3 | 4 | 1 | 7 | 9 | 5 | 8 |
| 1 | 8 | 7 | 3 | 9 | 5 | 2 | 6 | 4 |
| 5 | 9 | 4 | 8 | 2 | 6 | 3 | 7 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିବୃଦ୍ଧି ହ୍ରାସ ସମ୍ଭାବନା

ମହାଶୟ,

ଆଗରୁ ପଞ୍ଚବାର୍ଷିକ ଯୋଜନା ସମୟରେ ବଜେଟ ମାଧ୍ୟମରେ ଯୋଜନା କାର୍ଯ୍ୟକାରୀ ହେଉଥିଲା। ଏବେ ଆଉ ଯୋଜନା ନାହିଁ, ମାତ୍ର ଏହା ନିଶ୍ଚିତ ଯେ ସରକାରଙ୍କ କିଛି ମଧ୍ୟବର୍ତ୍ତିକାଳୀନ ଓ କିଛି ଦୀର୍ଘକାଳୀନ ଉଦ୍ଦେଶ୍ୟ ରହିଛି। ବିଶିଷ୍ଟ ଅର୍ଥଶାସ୍ତ୍ରୀ ସାଇମନ କୁଜନେଟ୍ କହିଛନ୍ତି, ଆମେ ଅତୀତ ତଥ୍ୟ ଆଧାରରେ ଭବିଷ୍ୟତର ପୂର୍ବାନୁମାନ କରିପାରିବା। ଯୁକ୍ତରାଷ୍ଟ୍ର ଆମେରିକାରେ କେବେ ପଞ୍ଚବାର୍ଷିକ ଯୋଜନା ନ ଥିଲା, ମାତ୍ର ସେଠାରେ ସ୍ୱଳ୍ପକାଳୀନ ଓ ଦୀର୍ଘକାଳୀନ ପୂର୍ବାନୁମାନ କରାଯାଏ। ଆମେ ମଧ୍ୟ ସେଇ ପଥରେ ପଥିକ। ଆମ ଅର୍ଥ ବ୍ୟବସ୍ଥାର ସଞ୍ଚୟ ହାର ଭଲ ଅଛି, ମାତ୍ର ଏହା ବିନିଯୋଗ ହେଲେ ହିଁ ଅର୍ଥବ୍ୟବସ୍ଥା ଗତିଶୀଳ ହେବ। ସରକାର ଦେଶର ସଞ୍ଚୟ ଉପରେ ବେଶି ନିର୍ଭରଶୀଳ। କାରଣ ବର୍ତ୍ତମାନର ଅର୍ଥନୈତିକ ତତ୍ତ୍ୱ ଅନୁଯାୟୀ ଆମେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ମାଧ୍ୟମରେ ଟଙ୍କା ସୃଷ୍ଟି କରିବା ଉଚିତ ନୁହେଁ। ବିଦେଶୀ ପୁଞ୍ଜି ମଧ୍ୟ ଦେଶୀ ସଞ୍ଚୟ ସହ ମିଶି ସାମଗ୍ରିକ ସଞ୍ଚୟକୁ ବଢ଼ାଇଥାଏ। ସଞ୍ଚୟ ଓ ନିବେଶ ହାର, କୃଷି ,ଶିଳ୍ପ ଓ ସେବାର ବୃଦ୍ଧିହାର ଦେଖିଲେ ଜଣାପଡ଼େ ଆଗାମୀ ବର୍ଷେ ଦୁଇ ବର୍ଷ ପାଇଁ ଭାରତୀୟ ଅର୍ଥବ୍ୟବସ୍ଥାକୁ ବିଶେଷ ବିପଦ ନାହିଁ। ହେଲେ ଏବକାର ସଙ୍କୁଚିତ ବଜେଟ ଚିନ୍ତାର ବିଷୟ। ଏଥିରେ ଅଭିବୃଦ୍ଧି ହାର ହ୍ରାସ ହେବାର ସମ୍ଭାବନା ରହିଛି।

– ପ୍ରଦ୍ୟୋତ ମହାପାତ୍ର, ବମିଖାଲ , ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ମୋ ବିରହେ ପରା ତାରକା ଗହଳେ
ଆକାଶ ନଇଁଛି ଧରିଣୀର ତଳେ
ମୋ ବିରହେ ସତେ ସାଗର ବକ୍ଷେ
ଲାଗିଛି ଚିର ପରାସ
ଆଜି ଚଳିବି ମୁଁ ପରବାସ।
-(ବିଶ୍ୱର ଆହ୍ୱାନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

**ମୋ ବସ୍ କଣ୍ଡକ୍ଟରଙ୍କୁ ମରଣାନ୍ତକ ଆକ୍ରମଣ: ଯୁବକ ଗିରଫ**

ବାରଙ୍ଗ/ତ୍ରିଶୂଳିଆ,(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ଜଣେ କାର୍ଯ୍ୟରତ ମୋ ବସ୍ କଣ୍ଡକ୍ଟରଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେବା ଘଟଣାରେ ନନ୍ଦନକାନନ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଅରୁଣ ବେହେରା ଓରଫ ଛାୟା। ଅନ୍ୟ ୨ ଜଣ ଫେରାର ଅଛନ୍ତି। ଦୁର୍ଘଟଣାରେ ଜଣେ ନାବାଳିକାଙ୍କ ମୃତ୍ୟୁକୁ ନେଇ ରାସ୍ତାରୋକୋ ଯୋଗୁ ମୋ ବସ୍‌ଟି ରଘୁନାଥପୁରଠାରେ ଅଟକି ରହିଥିଲା। ପରେ ବସ୍‌ଟି ଯିବାକୁ ଉଦ୍ୟମ କରୁଥିବାବେଳେ ଅଭିଯୁକ୍ତମାନେ କଣ୍ଡକ୍ଟର ତପନ ନାୟକଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ।

## ସଂକ୍ଷେପରେ

### ପରୀକ୍ଷା ହବ୍‌କୁ ଗଲା +୨ ପ୍ରଶ୍ନପତ୍ର

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ଯୁକ୍ତ ଦୁଇ ଥିଓରି ପରୀକ୍ଷା ଫେବୃଆରୀ ୧୮ରୁ ଆରମ୍ଭ ହୋଇ ମାର୍ଚ୍ଚ ୨୭ରେ ଶେଷ ହେବ। ଏଥିପାଇଁ କଡ଼ା ସୁରକ୍ଷା ମଧ୍ୟରେ ପ୍ରଶ୍ନପତ୍ର ପରୀକ୍ଷା ହବ୍‌କୁ ପଠାଯାଇଛି। ଏଥିସହ ପ୍ରଶ୍ନପତ୍ର ଲିକ୍ ଉପରେ ମଧ୍ୟ କଡା ନଜର ରଖାଯାଇଛି। କପି ରୋକିବା ନେଇ ଜିଲାସ୍ତରୀୟ ସ୍କ୍ୱାଡ୍ ଗଠନ ହୋଇଛି। ବଡ ଜିଲାରେ ୨ଟି ଓ ଛୋଟ ଜିଲାରେ ଗୋଟିଏ ସ୍କ୍ୱାଡ୍ ରହିବେ। ତେବେ ଚଳିତବର୍ଷ ୨୦୫ଟି ପରୀକ୍ଷା ହବ୍ କରାଯାଇଛି। ୫୦୦ ପରୀକ୍ଷା କେନ୍ଦ୍ରର ଲାଇଭ୍ ଫୁଟେଜ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ତଦାରଖ କରାଯିବ ବୋଲି ସୂଚନା ଦିଆଯାଇଛି।

### ଜନଜାତିଙ୍କ ଜନସଂଖ୍ୟା ଅନୁସାରେ ନିର୍ଦ୍ଦିଷ୍ଟ ପାଣ୍ଠି ଆବଣ୍ଟିତ ହେବ

ଭୁବନେଶ୍ୱର,୧୨।୨(ବନ୍ଦନା ସେଠୀ)

ଆଦିବାସୀ ଅଞ୍ଚଳ ଉପଯୋଜନା (ଟିଏସ୍‌ପି) ସମ୍ପର୍କିତ ବଜେଟ୍ ତଦାରଖ ବ୍ୟବସ୍ଥା ଏବଂ ଏହାର ପରିଚାଳନା ସମ୍ପର୍କିତ ବୈଠକ ଲୋକସେବା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉନ୍ନୟନ କମିଶନର ଅନୁ ଗର୍ଗ ଅଧ୍ୟକ୍ଷତା କରି କହିଲେ, ଦେଶରେ ପ୍ରାୟ ୭୦୦ ପ୍ରକାର ଆଦିବାସୀ ରହୁଛନ୍ତି, ଯାହାଙ୍କ ସଂଖ୍ୟା ପ୍ରାୟ ୧୦କୋଟି। ଓଡ଼ିଶାରେ ଏହି ଜନସଂଖ୍ୟାର ପ୍ରାୟ ଏକଚତୁର୍ଥାଂଶ ହେଉଛନ୍ତି ଜନଜାତି। ସେମାନଙ୍କର ଉନ୍ନତି ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଏବଂ ପ୍ରଗତିଶୀଳ ନୀତି ଜରିଆରେ ସମନ୍ୱିତ ପଦକ୍ଷେପ ନେଉଛନ୍ତି। ଜନଜାତି-ଉପଯୋଜନା ରାଜ୍ୟ ବାର୍ଷିକ ଯୋଜନାର ଅଂଶବିଶେଷ। ଜନଜାତିଙ୍କ ଜନସଂଖ୍ୟା ଅନୁସାରେ ନିର୍ଦ୍ଦିଷ୍ଟ ପାଣ୍ଠି ଆବଣ୍ଟିତ ହେବ। ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ତରଫରୁ ଅନୁସୂଚିତ ଜନଜାତି ବର୍ଗଙ୍କ ବିକାଶ ପାଇଁ ବଜେଟରେ ବ୍ୟବସ୍ଥା ପାଇଁ ନିୟମିତ ସମୀକ୍ଷା କରାଯାଉଛି। ଏହି ପାଣ୍ଠିର ଖର୍ଚ୍ଚ ଜନଜାତି ବର୍ଗର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ନିମନ୍ତେ ବିନିଯୋଗ ସୁନିଶ୍ଚିତ କରିବା ପାଇଁ ଏକ ତଥ୍ୟଭିତ୍ତିକ ପରିଚାଳନା ବ୍ୟବସ୍ଥାର ଆବଶ୍ୟକତା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ଏଥିନିମନ୍ତେ ଜୀବନର ଗୁଣବତ୍ତା ସୂଚକାଙ୍କ (କ୍ୱାଲିଟି ଅଫ୍ ଲାଇଫ ଇଣ୍ଡେକ୍ସ) ପରିକଳ୍ପନା କରାଯାଇ ଜନଜାତିଙ୍କ ପାଇଁ ତଥ୍ୟ ଆଧାରିତ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକୁ ଏଥିରେ ଅନ୍ତର୍ଭୁକ୍ତ କରିବାକୁ ଉନ୍ନୟନ କମିଶନର ଗୁରୁତ୍ୱାରୋପ କରିଥିଲେ। ବିଭିନ୍ନ ବିଭାଗ ଦ୍ୱାରା ଜନଜାତି ବର୍ଗର ହିତାଧିକାରୀମାନେ ଏହି ଯୋଜନାରୁ କେତେ ଉପକୃତ ହେଉଛନ୍ତି ସେ ସମ୍ପର୍କରେ ସମୀକ୍ଷା, ତଦାରଖ ଓ ଅଗ୍ରଗତି ସମ୍ପର୍କରେ ନିୟମିତ ଭାବେ ଉନ୍ନୟନ କମିଶନରଙ୍କ କାର୍ଯ୍ୟାଳୟରେ ସମୀକ୍ଷା ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଥିଲା।

### ମଦ, ବାଣ ଜବତ: ୩ ଗିରଫ

ବାଲିଅନ୍ତା,୧୨।୨(ନୀଳମାଧବ ସାହୁ)

ବାଲିଅନ୍ତା ଥାନା ପୋଲିସ ତଳଗଡ ନିକଟର ଏକ ଡୁପ୍ଲେକ୍ସ ସମ୍ମୁଖରେ ଚଢ଼ାଉ କରି ବିପୁଳ ପରିମାଣର ବେଆଇନ ବିଦେଶୀ ଦେଶୀ ମଦ ଓ ବାଣକୁ ବାଲିନ୍ତା ପୋଲିସ ଜବତ କରିଛି। ଏହି ଘଟଣାରେ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଲକ୍ଷ୍ମୀସାଗର ଅଞ୍ଚଳର ମଦନ ସାହୁ(୩୫), ଶହୀଦ ନଗର ଥାନା ଅଞ୍ଚଳର ସନ୍ୟାସୀ ପାତ୍ର (୪୫) ଓ ବାଲିଅନ୍ତା ଥାନା ଅଞ୍ଚଳର ଶାନ୍ତନୁ ଦାସ (୨୯)। ପୋଲିସ ସେମାନଙ୍କ ପାଖରୁ ୧୨୬ ଲିଟର ବିଦେଶୀ ମଦ, ୩୦ ଲିଟର ଦେଶୀ ମଦ ଓ ବିପୁଳ ପରିମାଣର ବାଣ ଓ ୨ଟି ରେଫ୍ରିଜେଟର ଜବତ କରିଛି। ଏନେଇ ବାଲିଅନ୍ତା ଥାନାରେ ଏକ ମାମଲା (ନଂ ୫୨/୨୫) ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ରବୀନ୍ଦ୍ର ନାଥ ମେହେର କହିଛନ୍ତି।

### ହତ୍ୟା ଉଦ୍ୟମରେ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୨।୨
(ସୂର୍ଯ୍ୟକାନ୍ତ ବେହେରା)

ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ ହୋଇଛି। ଲିଙ୍ଗରାଜ ଥାନା ଅନ୍ତର୍ଗତ କପିଳେଶ୍ୱର ଅଞ୍ଚଳରେ ଏଭଳି ଘଟଣା ଘଟିଥିବାବେଳେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଏହି ଥାନା ଅଞ୍ଚଳର ତୋଫାନ ଭୋଇ(୨୪)। ପୀଡ଼ିତ ଦିପୁନା ଭୋଇଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରିଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଜନବସତିରେ ସିଏନ୍‌ଜି, ପିଏନ୍‌ଜି ଷ୍ଟେଶନକୁ ଏନ୍‌ଜିଟି ଛାଟ

## ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ କାନନବିହାର ଫେଜ୍-୧ସ୍ଥିତ ଆବାସିକ ଅଞ୍ଚଳରେ ନିର୍ମାଣ ହେଉଛି ସିଏନ୍‌ଜି (କମ୍ପ୍ରେସ୍‌ଡ ନାଚୁରାଲ୍ ଗ୍ୟାସ୍) ଏବଂ ପିଏନ୍‌ଜି (ପାଇପ୍ଡ ନାଚୁରାଲ୍ ଗ୍ୟାସ୍) ଷ୍ଟେଶନ। ଏନେଇ ଗେଲ୍ ଇଣ୍ଡିଆ ଲିମିଟେଡ୍‌କୁ ବିଧିବଦ୍ଧ ଅନୁମତି ମିଳି ନ ଥିବାବେଳେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଦ୍ୱାରା ଜାରି ଏସ୍‌ଓପି ଅନୁଯାୟୀ, ଆବାସିକ ଅଞ୍ଚଳର ୫୦ ମିଟର ପରିଧି ମଧ୍ୟରେ ସିଏନ୍‌ଜି ଏବଂ ପିଏନ୍‌ଜି ଷ୍ଟେଶନ ନିର୍ମାଣ ହୋଇପାରିବ ନାହିଁ। ମାତ୍ର ଏହି ନିର୍ମାଣ ସମ୍ପୂର୍ଣ୍ଣ ରୂପେ ଏସ୍‌ଓପିକୁ ଉଲ୍ଲଂଘନ କରୁଛି। ତେଣୁ କାହା ଅନୁମତିରେ ଆବାସିକ ଅଞ୍ଚଳରେ ଏହି ଷ୍ଟେଶନ ନିର୍ମାଣ କରାଯାଉଛି ତାହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍(ଏନ୍‌ଜିଟି) ଜିଏ ବିଭାଗ, ବିଏମ୍‌ସି, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପେଟ୍ରୋଲିୟମ୍ ଆଣ୍ଡ ଏକ୍ସପ୍ଲୋଏସିଭ୍ ସେଫ୍ଟି ଅର୍ଗାନାଇଜେଶନ (ପିଇସିଓ), ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରଣାଳୟ ପ୍ରମୁଖଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏଥିସହ ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଚନ୍ଦ୍ରଶେଖରପୁର ମୌଜା ପ୍ଲଟ୍ ନଂ. ୪୫୭, ଖାତା ନଂ. ୬୧୯ (ଗୋଚର)ରେ ସିଏନ୍‌ଜି ଓ ପିଏନ୍‌ଜି ଷ୍ଟେଶନ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ ଏହା ଏକ ଆବାସିକ ଅଞ୍ଚଳ ହୋଇଥିବାରୁ ଭବିଷ୍ୟତରେ କୌଣସି ଅଘଟଣ ହେଲେ ଏଥିରେ ଅନେକ ଧନଜୀବନ ହାନି ହେବାର ଆଶଙ୍କା ରହିଛି। ତେଣୁ ଉକ୍ତ ନିର୍ମାଣର ୫ ମିଟର ଦୂର କାନନବିହାରସ୍ଥିତ ଏଚ୍‌ଆଇଜି-୧୭୯ ଫେଜ୍-୧ରେ ରହୁଥିବା ଶୁକଦେବ ମହାନ୍ତି ଏନେଇ ଏନ୍‌ଜିଟିରେ ମାମଲା ଦାଏର କରିଥିଲେ। ଏହାର ଶୁଣାଣି କରି ମଙ୍ଗଳବାର ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚ କୋଲକାତା ପକ୍ଷରୁ ଏହି ନିର୍ଦ୍ଦେଶ ଦିଆଯାଇଛି। ମାର୍ଚ୍ଚ ୨୬ରେ ଏହାର ପରବର୍ତ୍ତୀ ଶୁଣାଣି ହେବା ନେଇ ସୂଚନା ଦିଆଯାଇଛି। ତେବେ ରାଜଧାନୀର ଜନଗହଳିପୂର୍ଣ୍ଣ ଅଞ୍ଚଳ ମଧ୍ୟରେ ଏଭଳି ବିପଦପୂର୍ଣ୍ଣ ନିର୍ମାଣ ସମ୍ପର୍କରେ ବିଏମ୍‌ସି ଅଧିକାରୀ ଅବା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାହା ପାଖରେ କିପରି ସୂଚନା ନ ଥିଲା ଓ ଏଭଳି ନିର୍ମାଣକୁ କିଭଳି ପ୍ରଶ୍ରୟ ଦିଆଯାଉଛି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।


ସିଏନ୍‌ଜି, ପିଏନ୍‌ଜି ଷ୍ଟେଶନ ନିର୍ମାଣ ଚାଲିଛି।

# ଦଶମ, ଦ୍ୱାଦଶରେ କିସ୍‌ରୁ ରେକର୍ଡ ପରୀକ୍ଷାର୍ଥୀ




ଭୁବନେଶ୍ୱର,୧୨।୨(ଅନୁରାଧା ମହାରଣା)

ମାଧ୍ୟମିକ ଶିକ୍ଷା ବୋର୍ଡ଼ ଦ୍ୱାରା ପରିଚାଳିତ ଦଶମ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ଼ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କିସ୍‌ର ୨୦୦୦ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ଓ ୧୯୦୦ ଛାତ୍ରୀଛାତ୍ର +୨ ପରୀକ୍ଷା ଦେବାକୁ ନାମ ପଞ୍ଜୀକରଣ କରିଛନ୍ତି। ଏହି ଛାତ୍ରୀଛାତ୍ରମାନଙ୍କ ମଧ୍ୟରୁ ୬୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ପରୀକ୍ଷା ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା

## ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଲେ ଅଚ୍ୟୁତ ସାମନ୍ତ

ଅଚ୍ୟୁତ ସାମନ୍ତ ବୁଧବାର ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେଇଥିଲେ। ୨୧ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୮ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ ୫୦ଟି ଲେଖାଏ ବସ୍ ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଛି।



ଇସିଙ୍କ ନିଯୁକ୍ତିରେ ପରିବର୍ତ୍ତନ ପ୍ରତିବାଦ ଓ ସମୟସୀମା ବୃଦ୍ଧି ଦାବିରେ ଓଡ଼ିଶା ଜୀବୀକା ମିଶନ ଇସି ସଂଘ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ସମାବେଶ। (ଫଟୋ- ମନୋରଞ୍ଜନ ମିଶ୍ର)

# ଦାବି ପୂରଣ ନ ହେଲେ ଅସହଯୋଗ କରିବେ ସେବାୟତ

## ଶ୍ରୀଲିଙ୍ଗରାଜଙ୍କ ଜାଗର ଯାତ୍ରା ବୈଠକ

ପୁରୁଣା ଭୁବନେଶ୍ୱର,୧୨।୨(ସୁବାସ ଚନ୍ଦ୍ର ପ୍ରଧାନ)

ଶ୍ରୀ ଲିଙ୍ଗରାଜଙ୍କ ଜାଗର ଯାତ୍ରା ଆସନ୍ତା ୨୬ ତାରିଖରେ ଅନୁଷ୍ଠିତ ହେବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋର ଚାଲିଛି। ବୁଧବାର ସ୍ଥାନୀୟ ସର୍କିଟ ହାଉସ୍‌ରେ ଶ୍ରୀ ଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଅଧ୍ୟକ୍ଷତା କରିଥିଲେ। ବୈଠକରେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ଥିରୀକୃତ ଶିବରାତ୍ରି ନୀତି ନିର୍ଘଣ୍ଟରେ ରାତି ୧୦ଟାରେ ମହାଦୀପ ମନ୍ଦିର ଚୂଡ଼ାକୁ ଉଠିବା ନେଇ ଆଲୋଚନା ହୋଇଥିଲା। ମାତ୍ର ଏଥିରେ ପୂଜାପଣ୍ଡା ସେବାୟତ ସେମାନଙ୍କ ଦାବି ପୂରଣ ନ ହେଲେ ନିର୍ଦ୍ଦିଷ୍ଟ ସମୟରେ ମହାଦୀପ ଉଠିବା ନେଇ ଅସହଯୋଗ କରିବେ ବୋଲି ସମ୍ପାଦକ ସଚ୍ଚିକାନ୍ତ ପୂଜାପଣ୍ଡା କହିଥିଲେ। ବୈଠକରେ ରାଜାରାଜୁଡ଼ା ସମୟରୁ ସେବକଙ୍କୁ ପ୍ରଦାନ କରାଯାଇଥିବା ସମ୍ପତ୍ତିରୁ ନାମ କଟାଯିବା ପ୍ରସଙ୍ଗରେ ପୁନଃ ସେମାନଙ୍କ ନାମ ରଖାଯିବା ନେଇ ଦାବି ହୋଇଥିଲା। ଏହି ପ୍ରସଙ୍ଗକୁ ରାଜସ୍ୱ ବିଭାଗକୁ ପଠାଯିବା ନେଇ କୁହାଯାଇଥିଲା। ସେହିଭଳି ଭିତର ଖୁଣ୍ଟିଆ ସେବାକୁ ନମଦ କରିବାକୁ ବ୍ରାହ୍ମଣ ନିଯୋଗକୁ ନିର୍ଦ୍ଦେଶ ଦିଆଗଲେ, କେବଳ ଶିବରାତ୍ରି ନୁହେଁ, ସବୁଦିନ ଶ୍ରୀଜୀଉଙ୍କ ନୀତି ଶୃଙ୍ଖଳିତ ହେବ ବୋଲି ଆଲୋଚନା ହୋଇଥିଲା। ମକର ସଂକ୍ରାନ୍ତିରେ ଠାକୁରଙ୍କ ନୀତି ବିଭ୍ରାଟ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ଟ୍ରଷ୍ଟି ଏଡିଏମ୍ ରୁଦ୍ରନାରାୟଣ ମହାନ୍ତି ଓ ପ୍ରମୁଖ ନିଯୋଗ ସେବାୟତ ଉପସ୍ଥିତ ଥିଲେ।

# ରାଜ୍ୟରେ ପିଏମ୍‌ଆଇଏସ୍‌ର ସଫଳ କାର୍ଯ୍ୟାନ୍ୱୟନ ନେଇ ବୈଠକ

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ପ୍ରଧାନମନ୍ତ୍ରୀ ଇଣ୍ଟର୍ନଶିପ ଯୋଜନା (ପିଏମ୍‌ଆଇଏସ୍) କିଭଳି ରାଜ୍ୟରେ ସଫଳ ଭାବେ କାର୍ଯ୍ୟାନ୍ୱୟନ ହେବ ସେ ନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱାରୋପ କରିଛନ୍ତି। ବୁଧବାର ଲୋକସେବା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଆହୁଜା ଦେଶରେ ପିଏମ୍‌ଆଇଏସ୍ ରାଉଣ୍ଡ ୧ କିଭଳି ସଫଳତାର ସହିତ କାର୍ଯ୍ୟକାରୀ ହୋଇଛି ତାହା ଦର୍ଶାଇବା ସହିତ ପ୍ରଥମ ଇଣ୍ଟର୍ନ ଓଡ଼ିଶା ବୋଲି କହିଛନ୍ତି। ୨୧ରୁ ୨୪ ବର୍ଷ ଭିତରେ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଭାରତର ଯେକୌଣସି ବି କମ୍ପାନୀ ଜରିଆରେ ୧ ବର୍ଷ ପାଇଁ ଇଣ୍ଟର୍ନଶିପର ସୁଯୋଗ ମିଳିବ। ସେମାନଙ୍କୁ ମାସକୁ ୫୦୦୦ ଟଙ୍କାର ଷ୍ଟାଇପେଣ୍ଡ ଯୋଗାଇ ଦିଆଯିବ। ଏଥିସହ ଇଣ୍ଟର୍ନଶିପ୍‌ରେ ଯୋଗଦେବା ବେଳେ ସେମାନଙ୍କୁ ଏକକାଳୀନ ୬୦୦୦ ଟଙ୍କାର ଅନୁଦାନ ଦିଆଯିବ। ସେହିଭଳି ସେମାନଙ୍କୁ ମଧ୍ୟ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ କେନ୍ଦ୍ର କର୍ପୋରେଟ ବ୍ୟାପର ବିଭାଗ ସଚିବ ଦୀପ୍ତି ଗୌର ମୁଖାର୍ଜୀ ଏବଂ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିଲେ।

# ୧୪ରୁ ଆନ୍ଦୋଳନକୁ ଓହ୍ଲାଇବ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

୩ ଦଫା ଦାବି ନେଇ ଆସନ୍ତା ୧୪ରୁ ଆନ୍ଦୋଳନକୁ ଓହ୍ଲାଇବ ମିଳିତ ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି। ପ୍ରାଥମିକ ଶିକ୍ଷାରୁ ଯୋଜନାଭିତ୍ତିକ (ସ୍କିମାଟିକ) ନିଯୁକ୍ତି ଉଚ୍ଛେଦ କରି ନିୟମିତ କରିବା, ୮ ଓ ୬ ବର୍ଷ କାର୍ଯ୍ୟ କରିଥିବା ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ ଓ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋସନାଲ ଇନ୍‌କ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା ସହ କେନ୍ଦ୍ରୀୟ ହାରରେ ମାସିକ ୩୫,୪୦୦ ଟଙ୍କା ଦରମା ଏବଂ ଶିକ୍ଷା ଅଧିକାର ଅଧିନିୟମ ଅନୁଯାୟୀ ପ୍ରାଥମିକ ଶିକ୍ଷକଙ୍କୁ ସମସ୍ତ ସୁବିଧା ପ୍ରଦାନ କରିବାକୁ ମିଳିତ ସଂଘ ଦାବି କରି ଆସୁଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ଆନ୍ଦୋଳନ ପାଇଁ ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାଇ ଦିଆଯାଇଛି। ସାଧାରଣ ସମ୍ପାଦକ ବିଭୁ ପ୍ରସାଦ ସାହୁ, କନିଷ୍ଠ ଶିକ୍ଷକ ସଂଘର ରାଜ୍ୟ ଆବାହକ ଶେଷଦେବ ଯଜ୍ଞକାମ ଦେଓ, ଅଲୋଷ୍ଟାର ସଭାପତି ବିକ୍ରମ କୁମାର ଦାଶ, ଗୋପାଳ କିଶୋର ସେନ, ଗୁଲୁ ଦେଇ, ଯୁଧର ବିଶାଳ, ଅଲୋଷ୍ଟା ସାଧାରଣ ସମ୍ପାଦକ ସୁକାନ୍ତ ବେହେରା, ଯୁଧିଷ୍ଠିର ପ୍ରଧାନ ପ୍ରମୁଖଙ୍କ ନେତୃତ୍ୱରେ ଆନ୍ଦୋଳନ ହେବ ବୋଲି ସୂଚନା ଦିଆଯାଇଛି।

# 'ନିଯୁକ୍ତି ସୃଷ୍ଟିକାରୀ ପାଠ୍ୟକ୍ରମକୁ ସାମିଲ କରାଯାଉ'

## ଓଡ଼ିଶା ଆଇଟିଆଇ ଷ୍ଟାଫ୍ ଆସୋସିଏଶନ ସାଧାରଣ ପରିଷଦ ବୈଠକ


ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ ସହ ଓଡ଼ିଶା ଆଇଟିଆଇ ଷ୍ଟାଫ୍ ଆସୋସିଏଶନ କର୍ମକର୍ତ୍ତା।

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

'ଇଣ୍ଡଷ୍ଟ୍ରି ୪.୦' ଯୁଗରେ ନିଯୁକ୍ତି ଲାଗି ସ୍ୱତନ୍ତ୍ର ପାଠ୍ୟକ୍ରମଗୁଡିକୁ ସାମିଲ କରାଯିବା ଜରୁରୀ। ଆଇଟିଆଇଗୁଡିକରେ ପ୍ରେସିସନ ଇଞ୍ଜିନିୟରିଂ, ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ମେକାଟ୍ରୋନିକ୍ସ, ରୋବୋଟିକ୍ସ, ଥ୍ରିଡୀ ପ୍ରିଣ୍ଟିଂ, ଡ୍ରୋନ୍ ଟେକ୍ନୋଲୋଜି, ଟେଲି ମେଡିସିନ ଭଳି ପାଠ୍ୟକ୍ରମକୁ ସାମିଲ କରିବାକୁ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି। ବୁଧବାର ରାଜ୍ୟ ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ପରିଷଦ ପରିସରରେ ଅନୁଷ୍ଠିତ ଓଡ଼ିଶା ଆଇଟିଆଇ ଷ୍ଟାଫ୍ ଆସୋସିଏଶନର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଯୋଗଦେଇ ମନ୍ତ୍ରୀ ଏହା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ଯୋଗଦେଇ କହିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନେତୃତ୍ୱରେ ଓଡ଼ିଶାରେ ପ୍ରଯୁଜ୍ୟ ଖଣିଜ ସମ୍ପଦ ଶିଳ୍ପର ବୃଦ୍ଧି ହେବ। ଉତ୍କର୍ଷ ଓଡ଼ିଶା ମାଧ୍ୟମରେ ବିଭିନ୍ନ କଳକାରଖାନାରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସଂଗଠନର ମୁଖ୍ୟ ଉପଦେଷ୍ଟା ପ୍ରଭାତ ମହାନ୍ତି, ଅତିରିକ୍ତ ସଚିବ ସୁକାନ୍ତ ପ୍ରଧାନ, ସଂଗଠନ ସଭାପତି କାନ୍ତି ରଞ୍ଜନ ସାହୁ ଓ ସମ୍ପାଦକ ବିଜୟ ମଲ୍ଲ ଯୋଗଦେଇ ଆଇଟିଆଇର ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ।

# ଗୁରୁ କେଳୁଚରଣ ମହାପାତ୍ରଙ୍କ ୯୯ତମ ଜନ୍ମବାର୍ଷିକୀ

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ସୃଜନ ପକ୍ଷରୁ ବୁଧବାର ଜିକେସିଏମ୍ ଓଡ଼ିଶୀ ଗବେଷଣା କେନ୍ଦ୍ରସ୍ଥିତ ଉତ୍କଳ ରଙ୍ଗମଞ୍ଚଠାରେ ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଏବଂ ଗୁରୁଜୀଙ୍କ ୯୯ତମ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ଅତିଥିଭାବେ ମନୋଜ କୁମାର ପଟ୍ଟନାୟକ, ଧୃବ ମଲ୍ଲିକ, ସଙ୍ଗୀତ ନିର୍ଦ୍ଦେଶକ ଗୁରୁ ଲକ୍ଷ୍ମୀକାନ୍ତ ପାଳିତ, ଓଡିଶୀ ଗୁରୁ ବିଚିତ୍ରନାନ୍ଦ ସ୍ୱାଇଁ, ଗୁରୁ କେଳୁଚରଣ ମହାପାତ୍ର, ଓଡିଶୀ ଗବେଷଣା କେନ୍ଦ୍ରର ପ୍ରଶାସନିକ ଅଧିକାରୀ ଅନୁଜା ତାରିଣୀ ମିଶ୍ର, ସୃଜନ ଭୁବନେଶ୍ୱରର ନିର୍ଦ୍ଦେଶକ ରତିକାନ୍ତ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। 'ଫ୍ରମ୍ ରାଗ ଟୁ ଭାବ- ଏ ମ୍ୟୁଜିକାଲ ଏକ୍ସପେରିଏନ୍ସ ୱିଥ୍ ରୁପକ କୁମାର ପରିଡା' ନାମକ କାର୍ଯ୍ୟକ୍ରମକୁ ଦର୍ଶକମାନେ ବେଶ ଉପଭୋଗ କରିଥିଲେ। ସନ୍ଧ୍ୟାର ୨ୟ ଓ ଶେଷ ଉପସ୍ଥାପନାରେ ଗୁରୁ ପିତାମ୍ବର ବିଶ୍ୱାଳ ଓ ସୁରଭି ଗ୍ରୁପ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ଗୁରୁ ଦୁର୍ଗା ଚରଣ ରଣବୀରଙ୍କ ଶିଷ୍ୟ ତଥା ଗୁରୁ ପିତାମ୍ବର ବିଶ୍ୱାଳଙ୍କୁ ଗୁରୁ ସମ୍ମାନ ଆୱାର୍ଡ ଓ ଗୁରୁ ଦେବ ପ୍ରସାଦ ଦାସ ଆୱାର୍ଡରେ ମଧ୍ୟ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ।


ଉତ୍ସବରେ ସମ୍ମାନିତ ବ୍ୟକ୍ତିତ୍ୱଙ୍କ ସହ ଯୋଗଦେଇଥିବା ଅତିଥିମାନେ।

# ଉନ୍ନତ ପୋଡ଼ାଜଳା ଯତ୍ନ ପରିଚାଳନା କ୍ଷେତ୍ରରେ ଏମ୍‌ସ ଓ ଅଷ୍ଟ୍ରେଲିଆର ଆର୍‌ଏଏଚ୍ ମଧ୍ୟରେ ହେବ ବୁଝାମଣା

## ଡା. ମାର୍କସ ୱାଗଷ୍ଟାଫ୍‌ଙ୍କ ଏମ୍‌ସ ଭୁବନେଶ୍ୱର ପରିଦର୍ଶନ

ଭୁବନେଶ୍ୱର, ୧୨।୨ (ବନ୍ଦନା ସେଠୀ)

ପୋଡ଼ାଜଳା ଯତ୍ନ କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ହେବ। ଅନ୍ତର୍ଜାତୀୟସ୍ତରରେ ଉପଲବ୍ଧ ନୂତନ ଓ ସର୍ବୋତ୍ତମ ଚିକିତ୍ସା ପଦ୍ଧତିର ଉପଯୋଗ ଦ୍ୱାରା ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯିବ। ଏଥିସହିତ ଏହି କ୍ଷେତ୍ରରେ ଅଧିକ ଗବେଷଣା ନିମନ୍ତେ ଅଷ୍ଟ୍ରେଲିଆର ରୟାଲ ଆଡିଲେଡ୍ ହସ୍ପିଟାଲ (ଆରଏଏଚ୍) ଭଳି ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ସହିତ ଏମ୍‌ସ ଭୁବନେଶ୍ୱରର ବୁଝାମଣା ହେବାର ଯଥେଷ୍ଟ ସମ୍ଭାବନା ରହିଛି।

ପୋଡ଼ାଜଳା ଯତ୍ନ ବିଶେଷଜ୍ଞ ତଥା ରୟାଲ ଆଡିଲେଡ ହସ୍ପିଟାଲର ବିଭାଗୀୟ ମୁଖ୍ୟ ଡା. ମାର୍କସ ୱାଗଷ୍ଟାଫ୍ ଏମ୍‌ସ ଭୁବନେଶ୍ୱର ଗସ୍ତ ଅବସରରେ ଏପରି ସମ୍ଭାବନା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ଡା. ମାର୍କସ୍ ଏମ୍‌ସ ଭୁବନେଶ୍ୱରର ବର୍ନସ୍ କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଅତ୍ୟାଧୁନିକ ସୁବିଧାଗୁଡିକର ପ୍ରଶଂସା କରିଥିଲେ। ଏଥିସହ ଏହି ବୁଝାମଣା ଜଳାପୋଡ଼ା ଯତ୍ନ ଦିଗରେ ଯୁଗାନ୍ତକାରୀ ଚିକିତ୍ସା ପାଇଁ ପଥ ପ୍ରଶସ୍ତ କରିବ ବୋଲି ମତ ରଖିଥିଲେ। ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ଉଭୟ ଅନୁଷ୍ଠାନ ମଧ୍ୟରେ ଏକ ପରିବର୍ତ୍ତନକାରୀ ସହଭାଗିତାର ଅପାର ସମ୍ଭାବନା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଡା. ମାର୍କସ ଏମ୍‌ସର ବର୍ଣ୍ଣସ ଏବଂ ପ୍ଲାଷ୍ଟିକ ସର୍ଜରୀ ମୁଖ୍ୟ ଡା. ସଞ୍ଜୟ କୁମାର ଗିରି, ମେଡିକାଲ ଅଧୀକ୍ଷକ ଡା. ଦିଲୀପ କୁମାର ପରିଡା, ଡା. ମନୋଜ କୁମାର ମହାନ୍ତି ଏବଂ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ସହିତ ଆଲୋଚନା କରିଥିଲେ।

# ଭାରତର ଯୁବବର୍ଗ କ୍ୟାରିୟର ସହ ଦେଶ ଗଢୁଛନ୍ତି : ରାଜ୍ୟପାଳ

## ଆଇଆଇଟି ଭୁବନେଶ୍ୱରର ୧୭ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୧୨।୨(ସୁଚିସ୍ମିତା ସାହୁ)

ବର୍ତ୍ତମାନ ସମୟରେ ଭାରତର ଯୁବବର୍ଗ କେବଳ ନିଜର କ୍ୟାରିୟର ଗଢୁନାହାନ୍ତି, ବରଂ ଦେଶ ଗଢୁଛନ୍ତି ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି କହିଛନ୍ତି। ବୁଧବାର ଜଟଣୀ ଅରଗୁଳସ୍ଥିତ ଆଇଆଇଟି ଭୁବନେଶ୍ୱରର ୧୭ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ରାଜ୍ୟପାଳ କହିଲେ, ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱରେ ଭାରତର ଯୁବକମାନେ ପରିବର୍ତ୍ତନର ଅଗ୍ରଭାଗରେ ରହିଛନ୍ତି। ନବସୃଜନ ଓ ଷ୍ଟାର୍ଟଅପ୍ ଇକୋସିଷ୍ଟମ, ୟୁନିକର୍ନ ସୃଷ୍ଟି ଏବଂ ଲକ୍ଷ ଲକ୍ଷ ନୂଆ ସୁଯୋଗ ସୃଷ୍ଟି କ୍ଷେତ୍ରରେ ଭାରତ ବିଶ୍ୱର ୩ଟି ଶ୍ରେଷ୍ଠ ଦେଶ ମଧ୍ୟରେ ପରିଗଣିତ ହେଉଛି। ସମ୍ପ୍ରତି ଭାରତର ଯୁବ ବର୍ଗ ଚାକିରି ନ ଖୋଜି ଚାକିରିଦାତା ହେଉଛନ୍ତି। ଯୁବକଙ୍କ ଉପରେ ଦେଶର ପ୍ରଗାଢ଼ ଆସ୍ଥା ରହିଛି। ଆଇଆଇଟିଆନ୍‌ମାନେ ଦୃଢ଼ ବିଶ୍ୱାସ, ସାହସ ଓ ସମ୍ବେଦନଶୀଳତାର ସହ ଦେଶ ଗଠନରେ ଅଗ୍ରଣୀ ଭୂମିକା ନିଭାନ୍ତୁ। ଏହି ଦିବସରେ ସେମାନେ ବାସ୍ତବବାଦୀ ଆଶା ଆକାଂକ୍ଷା ଓ ଚିନ୍ତାଧାରା ସହିତ ଆଗକୁ ବଢ଼ିବା, ଲୋକଙ୍କ ଆସ୍ଥାକୁ ସମ୍ମାନ ଜଣାଇବା, ନବସୃଜନ ଚିନ୍ତାଧାରା ସଂପନ୍ନ ହେବା ଏବଂ ଜ୍ଞାନ ସୃଷ୍ଟି କରି ତା'ର ସକାରାତ୍ମକ ରୂପାନ୍ତରଣ କରିବାକୁ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି।

ଭୁବନେଶ୍ୱର ଆଇଆଇଟିର ଉଲ୍ଲେଖନୀୟ ଅଗ୍ରଗତିକୁ ସେ ପ୍ରଶଂସା କରିବା ସହ ଏହାକୁ ବିଶ୍ୱସ୍ତରୀୟ ଉତ୍କର୍ଷ କେନ୍ଦ୍ର ଭାବେ ଗଢ଼ି ତୋଳିବାକୁ ରାଜ୍ୟପାଳ ଛାତ୍ରୀଛାତ୍ର, ଫାକଲ୍ଟି ଓ କର୍ମଚାରୀଙ୍କୁ ଆହ୍ୱାନ ଦେଇଛନ୍ତି। ଉତ୍ସବରେ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ଶ୍ରୀପଦ କରମଲ୍‌କର ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କ୍ୟାମ୍ପସ୍‌ର ପ୍ରତିଷ୍ଠା ଓ ଅଗ୍ରଗତି, ଶିକ୍ଷାଦାନ, ଗବେଷଣା, ଶିଳ୍ପ ଶିକ୍ଷା, ଉଦ୍ୟୋଗ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଡିନ୍ ପ୍ରଫେସର ରାଜେଶ୍ ରୋଶନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।


ଉତ୍ସବକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍ପାଟି ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ବିରଞ୍ଚି ନାରାୟଣଙ୍କ ମନ୍ଦିରରେ ମାଘ ପୂର୍ଣ୍ଣିମା

ବାଣପୁର,୧୨।୨(ଦିଲ୍ଲୀପ କୁମାର ସ୍ୱାଇଁ) ବାଣପୁର ଥାନା ଅଧୀନ ଦୀକ୍ଷିତପଡ଼ା ଗ୍ରାମସ୍ଥିତ ଶ୍ରୀ ଶ୍ରୀ ବିରଞ୍ଚି ନାରାୟଣଙ୍କ ପୀଠରେ ବୁଧବାର ପବିତ୍ର ମାଘ ପୂର୍ଣ୍ଣିମା ଅବସରରେ ଭକ୍ତଙ୍କ ଦ୍ୱାରା ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ଭକ୍ତ ନିକଟସ୍ଥ କଂସାରୀ ନଦୀରେ ବାରୁଣୀ ସ୍ନାନ କରି ଠାକୁର ଦର୍ଶନ କରିଥିଲେ। ଚର୍ମ ରୋଗରେ ଆକ୍ରାନ୍ତ ରୋଗୀ ଏହି ଦିନ ବିରଞ୍ଚି ନାରାୟଣଙ୍କ ଶରଣାପନ୍ନ ହୋଇ ପୂଜା ଆରାଧନା କଲେ ସେମାନେ ରୋଗମୁକ୍ତ ହେଉଥିବା ସାଧାରଣରେ ବିଶ୍ୱାସ ରହିଛି। ଫଳରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ଭକ୍ତ ଏଠାରେ ବାରୁଣୀ ସ୍ନାନ କରିଥାନ୍ତି। ମଧ୍ୟାହ୍ନରେ ମନ୍ଦିର ପ୍ରାଙ୍ଗଣରେ ଭକ୍ତମାନେ ୩ ହଜାରରୁ ଊର୍ଦ୍ଧ୍ୱ ଥାଳିରେ ନୈବେଦ୍ୟ ସମର୍ପଣ କରିଥିଲେ। ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲ।

### ପୋଲିସକୁ ମରଣାନ୍ତକ ଆକ୍ରମଣ କରି ଯୁବକ ଗିରଫ

ବାଣପୁର,୧୨।୨(ଦିଲ୍ଲୀପ କୁମାର ସ୍ୱାଇଁ): ବିରଞ୍ଚି ନାରାୟଣ ପୀଠରେ ଭକ୍ତ ଭିଡ଼କୁ ନେଇ ୨୦୦ ମିଟର ଦୂରରେ ପାର୍କିଂ ବ୍ୟବସ୍ଥା କରାଯାଇଥିଲା। ଏଥିରେ ଜଣେ କର୍ତ୍ତବ୍ୟରତ ପୋଲିସକୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ବାଣପୁର ପୋଲିସ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ଘଟଣାରୁ ପ୍ରକାଶ, ବାଣପୁର ଥାନା ଏଏସ୍ଆଇ ସଞ୍ଜୟ କୁମାର ପାତ୍ର ଘଟଣାସ୍ଥଳରେ ଭିଡ଼ ନିୟନ୍ତ୍ରଣ କରୁଥିବାବେଳେ ଗ୍ରାମର ସୁବ୍ରତ ରଣସିଂହ ଓରଫ ମିଥୁନ ଏକ ବାଇକ୍ ଯୋଗେ ଟ୍ରାଫିକ ଅମାନ୍ୟ କରି ଭିଡ଼ ମଧ୍ୟରେ ପଶିଥିଲେ। ଭିଡ଼ ମଧ୍ୟକୁ ଗାଡ଼ି ନେବାକୁ ମନା କରିବାରୁ ସେ ଉତକ୍ଷିପ୍ତ ହୋଇ ଏଏସ୍ଆଇ ସଞ୍ଜୟଙ୍କୁ ଗାଳି ଗୁଲଜ କରିବା ସହ ମାଡ଼ ମାରି ଲହୁଲୁହାଣ କରି ତଣ୍ଟି ଚିପି ମାରିଦେବାକୁ ଉଦ୍ୟମ କରିଥିଲେ। ଏଏସ୍ଆଇଙ୍କ ଅଭିଯୋଗ କ୍ରମେ ତାଙ୍କୁ ଗିରଫ କରାଯାଇଛି।

### ୪୦ ଲିଟର ମଦ, ସ୍କୁଟି ଜବତ: ଅଭିଯୁକ୍ତ ଗିରଫ

ବେଗୁନିଆ,୧୨।୨(ସନ୍ଧ୍ୟାରାଣୀ ମିଶ୍ର) ବାଘମାରୀ–କଣ୍ଟିଲୋ ରାଜ୍ୟ ରାଜପଥର ସିମୋରଠାରେ ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଜଣେ ବ୍ୟକ୍ତିଙ୍କଠାରୁ ୪୦ ଲିଟର ଦେଶୀ ମଦ, ବ୍ୟବହୃତ ସ୍କୁଟି ସହ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ କୋଟପଲ୍ଲା ଗ୍ରାମର ଅରୁଣ କୁମାର ଲେଙ୍କା। ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷିକା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଅବକାରୀ ବିଭାଗ ଅଧିକାରୀ ଆର୍ପା ମାରାଣ୍ଡିଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା।

# ବେଆଇନ ଇଟାଭାଟି: ପରିବେଶ ପ୍ରଦୂଷଣ ସହ ତାପମାତ୍ରା ବୃଦ୍ଧି

ବାଣପୁର,୧୨।୨(ଦିଲ୍ଲୀପ କୁମାର ସ୍ୱାଇଁ)


ବାଣପୁର ଅଞ୍ଚଳରେ ଥିବା ଏକ ଇଟାଭାଟି।

ବାଣପୁର ତହସିଲ ଅଞ୍ଚଳର ବିଭିନ୍ନ ରାଜସ୍ୱ ଗ୍ରାମରେ ମାତିଛନ୍ତି ଇଟା ମାଫିଆ। ଲୁଟୁଛନ୍ତି ଶତାଧିକ ଏକର ଗୋଚର, ଅନାବାଦୀ ଜମି, ନଦୀପଠା ଓ ରାଜସ୍ୱ ଜମି। କୁମାରାଙ୍ଗ, ବିଷ୍ଣୁଗାଲୁଆ, ନରେନ୍ଦ୍ରପୁର, ନନ୍ଦପୁର ପଞ୍ଚାୟତ ସମେତ ଗମ୍ଭାରୀମୁଣ୍ଡା ପଞ୍ଚାୟତର କରଡାପଲ୍ଲୀ, ଗୋଡ଼ିଝର, ହଜ, କାଲୁଣିଆରି, ମତପୋଖରା ରୋଡ୍‌ରେ ମାଳମାଳ ବେଆଇନ ଇଟାଭାଟି ଗଢିଉଠିଛି। ପ୍ରଶାସନର କାର୍ଯ୍ୟାନୁଷ୍ଠାନ ହେଉଥିଲେ ମଧ୍ୟ ପୁନର୍ବାର ମାଲିକମାନେ ଇଟାଭାଟି ନିର୍ମାଣ କରୁଥିବାରୁ କାର୍ଯ୍ୟାନୁଷ୍ଠାନ ନେଇ ସ୍ଥାନୀୟ ଅଞ୍ଚଳରେ ସନ୍ଦେହ ପ୍ରକାଶ ପାଉଛି। ଇଟାଭାଟି ଦ୍ୱାରା ପରିବେଶ ପ୍ରଦୂଷଣ ହେବା ସହ ତାପମାତ୍ରା ବୃଦ୍ଧି ପାଇ ପରିବେଶ ସନ୍ତୁଳନ ବିଗିଡ଼ିବାରେ ଲାଗିଛି। ଇଟାଭାଟିର ଧୂଆଁରେ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇ ପଡୁଥିବାବେଳେ ବିଭିନ୍ନ ଶ୍ୱାସ ଏବଂ ଚର୍ମ ରୋଗରେ ଆକ୍ରାନ୍ତ ହେଉଛନ୍ତି। ସମ୍ପ୍ରତି ମାଘ ମାସ ନ ସରୁଣୁ ସ୍ଥାନୀୟ ଅଞ୍ଚଳରେ ତାପମାତ୍ରା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି। ତେବେ ପ୍ରଶାସନ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ କେବଳ କିଛି ଟଙ୍କାର ଜରିମାନା ଆଦାୟ କରି ଚୁପ ରହି ଯାଉଥିବାରୁ ଏହା ଇଟାଭାଟି ମାଲିକଙ୍କୁ ପରୋକ୍ଷରେ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହେଉଛି। ଗୋଟିଏ ପଟେ ସରକାର ପରିବେଶ ପ୍ରଦୂଷଣ ରୋକିବାକୁ ବିଭିନ୍ନ ଆଇନକୁ କଡ଼ାକଡ଼ି କରୁଥିବାବେଳେ ଅନ୍ୟପଟେ ଇଟାଭାଟିଗୁଡ଼ିକ ପ୍ରଦୂଷଣ ବଢ଼ାଉଛି। ସରକାରୀ ନିୟମ ମୁତାବକ, ଇଟା ପୋଡ଼ିବା ପାଇଁ ରାଜ୍ୟ ପ୍ରଦୂଷଣ ବୋର୍ଡର ଅନୁମତି ସହ ସ୍ଥାନୀୟ ତହସିଲଦାର ଏବଂ ରାଜସ୍ୱ ନିରୀକ୍ଷକଙ୍କ ଅନୁମତି ନିହାତି ଜରୁରୀ। ମାତ୍ର କୌଣସି ଇଟାଭାଟିରେ ଅନୁମତି ନ ଥିବାବେଳେ ଇଟା ଭାଟି ମାଲିକଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଶାସନ କେବଳ କିଛି ଜରିମାନା ଆଦାୟ କରୁଥିବାରୁ ବ୍ୟାପକ ରାଜସ୍ୱ ହରିଲୁଟ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଭାଟିରେ ନିୟୋଜିତ ଶ୍ରମିକଙ୍କ ପାଇଁ ମଧ୍ୟ କୌଣସି ନିର୍ଦ୍ଦେଶନାମା ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ସେମାନେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ବାଣପୁର ଏବଂ ଆଖପାଖ ଅଞ୍ଚଳରେ ତାପମାତ୍ରା ୩୦ ଡିଗ୍ରୀକୁ ବୃଦ୍ଧି ପାଇଥିବାବେଳେ ଚୈତ୍ର ଓ ବୈଶାଖରେ ତାପମାତ୍ରା ଅଧିକ ବୃଦ୍ଧି ପାଇବାର ସମ୍ଭାବନା ରହିଛି। ତେବେ ଇଟାଭାଟି ଯୋଗୁ ତାପମାତ୍ରା ଅହେତୁକ ବୃଦ୍ଧି ପାଇବ ବୋଲି ପରିବେଶବିତ୍‌ମାନେ ସନ୍ଦେହ ପ୍ରକାଶ କରିବା ସହ ସ୍ଥାନୀୟ ପ୍ରଶାସନ ଓ ଇଟାଭାଟି ମାଲିକ ଏଥିପ୍ରତି ସମ୍ପୂର୍ଣ୍ଣ ରୂପେ ଦାୟୀ ରହିବେ ବୋଲି କହିଛନ୍ତି। ଏନେଇ ତହସିଲଦାର ପି. ପଦ୍ମନାଭ ଦୋରାଙ୍କୁ ପଚାରିବାରେ, ତୁରନ୍ତ ଇଟାଭାଟିଗୁଡ଼ିକ ଉପରେ ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ପରୀକ୍ଷା ଦେବା ପୂର୍ବରୁ କଲେଜ ଛାତ୍ରୀଙ୍କ ଅସ୍ୱାଭାବିକ ମୃତ୍ୟୁ

ବାଲୁଗାଁ, ୧୨।୨(ସଂଗ୍ରାମ ପାଇକରାୟ)


ସସ୍ମିତା ସାମନ୍ତରାୟ

ଖୋର୍ଦ୍ଧା ଜିଲା ବାଲୁଗାଁ କଲେଜର ଜଣେ ଛାତ୍ରୀ ବୁଧବାର ପରୀକ୍ଷା ଦେବା ପାଇଁ ଆସିଥିବା ବେଳେ ହଠାତ ଅସୁସ୍ଥତା ଅନୁଭବ କରିବା ପରେ ତାଙ୍କର ଅସ୍ୱାଭାବିକ ଭାବେ ମୃତ୍ୟୁ ଘଟିଛି। ସେ ହେଲେ ସସ୍ମିତା ସାମନ୍ତରାୟ (୧୯) ଓ ତାଙ୍କ ଘର ସ୍ଥାନୀୟ ରାହାଣବେଲି ଗ୍ରାମରେ ବୋଲି ଜଣାପଡିଛି। ଏହି ଦୁଃଖଦ ଘଟଣା ମହାବିଦ୍ୟାଳୟ କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର ଏବଂ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଖେଳାଇଦେଇଛି। ସୂଚନା ଅନୁଯାୟୀ, ସସ୍ମିତା ଯୁକ୍ତ୩ କଳା ବିଭାଗର ଫିଲୋସଫି ଅନର୍ସ ଛାତ୍ରୀ ଭାବେ ଅଧ୍ୟୟନ କରୁଥିଲେ। ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟାରେ କଲେଜରେ ପରୀକ୍ଷା ଆରମ୍ଭ ହେବାକୁ ଥିଲା। ସସ୍ମିତା ସକାଳ ପ୍ରାୟ ୯ଟାରେ କଲେଜରେ ପହଞ୍ଚି କମନ୍‌ରୁମ୍‌ରେ ପରୀକ୍ଷା ପାଇଁ ପ୍ରସ୍ତୁତି ହେଉଥିବା ବେଳେ ହଠାତ ଅସୁସ୍ଥ ଅନୁଭବ କରିଥିଲେ। ଖବର ପାଇ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଅଧ୍ୟାପିକାମାନେ ପହଞ୍ଚି ତାଙ୍କୁ ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱର ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଗୁଣିଗାରେଡ଼ି ସନ୍ଦେହରେ ଝିଅକୁ ଆମ୍ବୁଲାନ୍ସରେ ନେବା ପରିବର୍ତ୍ତେ ସ୍ଥାନୀୟ କୌଣସି ସ୍ଥାନକୁ ନେଇ ଝଡ଼ାଫୁଙ୍କା କରିଥିଲେ। କିନ୍ତୁ ସୁଫଳ ନ ମିଳିବାରୁ ପୁନର୍ବାର ଡାକ୍ତରଖାନାକୁ ଆଣି ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ନେଇଥିଲେ। ତେବେ ସେଠାରେ ପହଞ୍ଚିବା ପୂର୍ବରୁ ଛାତ୍ରୀଙ୍କ ଜୀବନ ଚାଲିଯାଇଥିଲା। ସସ୍ମିତା ଜଣେ ମେଧାବୀ ଛାତ୍ରୀ ଥିଲେ ଏବଂ ବିଭିନ୍ନ କ୍ଷେତ୍ରରେ ପୁରସ୍କୃତ ହୋଇଥିଲେ ବୋଲି କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ତେବେ ତାଙ୍କର ହଠାତ ଅସ୍ୱାଭାବିକ ମୃତ୍ୟୁକୁ ସହଜରେ କେହି ବିଶ୍ୱାସ କରିପାରୁନାହାନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ମୁକ୍ତେଶର ଦେବ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ ଓ ଶିକ୍ଷୟିତ୍ରୀ ଶିକ୍ଷକ।

ଟାଙ୍ଗୀ–ଖୋର୍ଦ୍ଧା,୧୨।୨(ରଘୁନାଥ ସାହୁ)

ସୁନ୍ଦରପୁରସ୍ଥିତ ମୁକ୍ତେଶ୍ୱର ଦେବ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ମୀନା ବଜାର ବୁଧବାର ମହାସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଖୋର୍ଦ୍ଧା ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ପ୍ରସନ୍ନ ଶ୍ରୀଚନ୍ଦନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଣ୍ଡଳ ଶିକ୍ଷା ଅଧିକାରୀ ରବୀନ୍ଦ୍ର ସାହୁ ଓ ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାପକ ଚନ୍ଦ୍ରଶେଖର ଦାଶ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜିକା ସୁଧାଂଶୁ ମଞ୍ଜରୀ ଦେବୀ, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସନ୍ତୋଷ ବେହେରା, ଜିଲା ସଙ୍ଗଠନ ସମ୍ପାଦକ ସମରେସୁ ବେହେରା, ବିଦ୍ୟାଳୟ ପରିଚାଳନା ସଭା ସଭାପତି ନିଧିଆ ରାଉତ, ମୋ ସ୍କୁଲ ଅଭିଯାନ ସଭାପତି ସଞ୍ଜୟ ପରିଡ଼ା, ଆମ୍ଭର ସଭାପତି ସୁକାନ୍ତ ରାଉତ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ସତ୍ୟନାରାୟଣ ପ୍ରଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ଶିକ୍ଷକ ଚିନ୍ମୟ ଚିନ୍ତନ ବାରିକ୍ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କୁନି କୁନି ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ମୀନା ବଜାର ଖୁବ୍ ସୁନ୍ଦର ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟରେ ପ୍ରଧାନ ଶିକ୍ଷିକା ଲିଲିପ୍ତା କୁମାରୀ ଜେନା, ପ୍ରସନ୍ନ ମଙ୍ଗରାଜ, ମାଧବ ମହାରଣା, ପ୍ରଶାନ୍ତ ସାହୁ, ସତ୍ୟନାରାୟଣ ପଣ୍ଡା ସହଯୋଗ କରିଥିଲେ। ଶିକ୍ଷକ ସଲିଳ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ପାଳିତ

ଜଟଣୀ,୧୨।୨(ରବୀନ୍ଦ୍ରନାଥ ମହାକୁଡ଼) ଜଟଣୀରେ ସ୍ୱର୍ଗତ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧ ଦିବସ ବୁଧବାର ପାଳିତ ହୋଇଯାଇଛି। ଜଟଣୀ ରାମଚନ୍ଦ୍ରପୁର ବଜାରସ୍ଥ ବରିଷ୍ଠ ନାଗରିକ ସେବା ସଂଘ ଏବଂ ପ୍ରାଣନାଥ ପଟନାୟକ ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଶ୍ରାଦ୍ଧ ଦିବସକୁ ବରିଷ୍ଠ ଖବରଦାତା ଅବନୀ ରାଉତରାୟଙ୍କ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ପ୍ରାରମ୍ଭିକ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ସଦସ୍ୟ ସ୍ୱର୍ଗତ ରଥଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ରାଧାନାଥ ରଥଙ୍କ କାଳଜୟୀ କାର୍ଯ୍ୟର ଗୁଣଗାନ କରିବା ସହିତ ଆଜିର ଯୁବ ସମାଜ ଏବଂ ବରିଷ୍ଠ ନାଗରିକ ସମାଜର ହିତ ପାଇଁ ଆଗେଇ ଆସି କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

# ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ


ଅଗ୍ନି ନିର୍ବାପନ ସମ୍ପର୍କରେ ସଚେତନ କରାଯାଉଛି।

ବେଗୁନିଆ,୧୨।୨(ସନ୍ଧ୍ୟାରାଣୀ ମିଶ୍ର) ବେଗୁନିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି ଗୃହରେ ଜିଲାପାଳଙ୍କ ନିର୍ଦ୍ଦେଶରେ ଅଗ୍ନି ନିର୍ବାପକ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବେଗୁନିଆ ଅଗ୍ନିଶମ କାର୍ଯ୍ୟାଳୟ ପକ୍ଷରୁ ଅଗ୍ନିଶମ ଅଧିକାରୀ ତପନ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ୫ଟି ସେକ୍ଟରର ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ତୈଳ ଓ ଗ୍ୟାସ ସମ୍ପର୍କିତ ନିର୍ବାପକ କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମୋଦିନୀ ପଣ୍ଡାଙ୍କ ସହ କର୍ମଚାରୀ ଉପସ୍ଥିତ ଥିଲେ।

# କାମ କରିବା ଆଳରେ ରାସ୍ତା ଅବରୋଧ

## ଯାତାୟାତରେ ଅସୁବିଧାକୁ ନେଇ ସାଧାରଣରେ ଅସନ୍ତୋଷ

ବେଗୁନିଆ,୧୨।୨(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗ ଉପଖଣ୍ଡ ବେଗୁନିଆ ସେକ୍ସନ ଅଧୀନରେ ଥିବା ଏକ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ରାସ୍ତାରେ କାର୍ଯ୍ୟ କରିବାକୁ ହ୍ୟୁମ ପାଇପ ପକାଇ ରାସ୍ତା ଖୋଳି ମାସ ମାସ ଧରି ରାସ୍ତା ଅବରୋଧ କରାଯାଇଛି। ଜନସାଧାରଣଙ୍କ ଯାତାୟାତରେ ଅସୁବିଧା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଉଳି ପଞ୍ଚାୟତ ଅଧୀନସ୍ଥ ସାମନ୍ତରାପୁରଠାରୁ ମଳିପଡ଼ା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଥିଲା। ପାଇପ ପଡ଼ିଥିବା ସମ୍ପୃକ୍ତ ସ୍ଥାନଟି ମୁଣ୍ଡିଆ ଉପରୁ ଆସୁଥିବା ପାଣି ଯିବାକୁ ଗଡ଼ାଣିଆ କରାଯାଇଥିଲା। କିନ୍ତୁ ଲୋକଙ୍କ ଯାତାୟାତରେ ଅସୁବିଧା ଦେଖା ଦେବାରୁ ସେଠାରେ ହ୍ୟୁମ ପାଇପ ପକାଇ ରାସ୍ତା ଉଚ୍ଚା କରିବାକୁ ବିଭାଗ ପକ୍ଷରୁ ଠିକାଦାରଙ୍କୁ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଠିକାଦାର ଗଡ଼ାଣିଆ ରାସ୍ତାଟିକୁ ଖୋଳି ସେଠାରେ ମାଟି ଗଦା କରି ଦେଇଥିବାବେଳେ ରାସ୍ତାର ୨ ପାର୍ଶ୍ୱରେ ହ୍ୟୁମ ପାଇପ ପକାଇ ଏକ ପ୍ରକାର ରାସ୍ତାକୁ ମାସାଧିକ ହେଲା ଅବରୋଧ କରି ରଖିଛନ୍ତି। ଏହି ରାସ୍ତା ଦେଇ ଲଘୁ ଯାନଠାରୁ ଆରମ୍ଭ କରି ବହୁ ଭାରିଯାନ ଯିବା ଆସିବା କରିଥାଏ। ରାସ୍ତା ଖୋଳାଯିବା ଯୋଗୁ ଯାତାୟତରେ ଅସୁବିଧା ହେଉଛି। ଅନ୍ୟ କିଛି ବାଟ ନ ଥିବାରୁ ରାସ୍ତାକଡ଼ରେ ପାଦଚଲା ରାସ୍ତାରେ ଗାଡ଼ି ଯିବା ଆସିବା କରୁଛି। ଏହି ସଂକ୍ରାନ୍ତରେ ଜେଇ ଜ୍ୟୋତିର୍ମୟୀ ବେହେରାଙ୍କୁ ପଚାରିବାରେ, ସେ ରାସ୍ତା ମୋର ନୁହେଁ ବୋଲି କହିଥିଲେ। ଜେଇ ରବୀନ୍ଦ୍ର କୁମାର ଜେନାଙ୍କୁ ବାରମ୍ବାର ଫୋନ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଖୋର୍ଦ୍ଧା ଉପଖଣ୍ଡ ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଟ୍ଟନାୟକଙ୍କୁ ଫୋନ କରିବାରେ ତାଙ୍କ ଫୋନ ସୁଇଚ ଅଫ ଥିଲା।

### ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଦେବଙ୍କ ଶୈବପୀଠରେ ଯଜ୍ଞର ସ୍ୱର୍ଣ୍ଣ ଜୟନ୍ତୀ ପାଳିତ

ନିରାକାରପୁର,୧୨।୨(ମାନସ ଚନ୍ଦ୍ର ପଟ୍ଟନାୟକ): ଖୋର୍ଦ୍ଧା ଜିଲା ଲେଣ୍ଡୋ ପଞ୍ଚାୟତରେ ଥିବା ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ଦେବଙ୍କ ଶୈବପୀଠରେ ଯଜ୍ଞର ସ୍ୱର୍ଣ୍ଣ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଏହି ସ୍ୱର୍ଣ୍ଣ ଜୟନ୍ତୀ ଅବସରରେ ଉଚ୍ଛବ ସାହୁ, ସୁରେଶ ବିଶ୍ୱାଳ , ଦ୍ୱିଜବର ଦତ୍ତଙ୍କ ସହ ୫୦ ଜଣ ପୁରୁଣା ସହଯୋଗୀଙ୍କୁ ସିଦ୍ଧେଶ୍ୱର ଯଜ୍ଞ କମିଟି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପଣ୍ଡିତ ସୁଦର୍ଶନ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଯଜ୍ଞ ପରିଚାଳନା ହୋଇଥିଲା। ଦୂରଦୂରାନ୍ତରୁ ମାନସିକ ପୂରଣ ହୋଇଥିବା ଭକ୍ତଙ୍କ ସହ ନିକଟସ୍ଥ ଗ୍ରାମରୁ ପ୍ରାୟ ୫ ହଜାର ଭକ୍ତ ଯଜ୍ଞରେ ଉପସ୍ଥିତ ରହି ପ୍ରଭୁଙ୍କର କୃପା ଲାଭ କରିଥିଲେ। ସମସ୍ତ ଭକ୍ତଙ୍କ ନିମନ୍ତେ ପ୍ରସାଦସେବନର ବ୍ୟବସ୍ଥା କରାଯାଇଥିଲା।

# ରୋଳସିଂକୁ ହରାଇ ଠଣାପଲ୍ଲୀ ଚାମ୍ପିୟନ

ବୋଲଗଡ଼,୧୨।୨(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଠଣାପଲ୍ଲୀ ଖେଳପଡ଼ିଆରେ ମା' ରାମଚଣ୍ଡୀ କ୍ରିକେଟ୍ କ୍ଲବ ଆନୁକୂଲ୍ୟରେ ବୁଧବାର ଏକ ଦିବସୀୟ କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳରୁ ୮ଟି ଦଳ ଯଥା ବୋଲଗଡ଼, ଯୋଡ଼ାପଡ଼ା, ସଂପୁର, ରୋଳସିଂ, ଓଳାଶ, ପିଠୁକୁଳି, ଘୋରଡିଆ ଓ ଠଣାପଲ୍ଲୀ ଆଦି ଗ୍ରାମର କ୍ରିକେଟ୍ ଟିମ୍ ଯୋଗଦେଇଥିଲା। ଫାଇନାଲରେ ରୋଳସିଂକୁ ହରାଇ ଠଣାପଲ୍ଲୀ ଚାମ୍ପିୟନହୋଇଛି। ଠଣାପଲ୍ଲୀ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୭ ଉଇକେଟ ହରାଇ ୮୯ ରନ୍ କରିଥିଲା। ଜବାବରେ ରୋଳସିଂ ୭ ଉଇକେଟ ହରାଇ ୮୧ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପାୟାର ଭାବେ ରମେଶ ପ୍ରଧାନ ଓ ବିଦ୍ୟାଧର ପ୍ରଧାନ ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ନିରଞ୍ଜନ ସୁବୁଦ୍ଧି ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଠଣାପଲ୍ଲୀକୁ ଟ୍ରଫି ସହ ୫ ହଜାର ଟଙ୍କା ଓ ରନର୍ସ ଅପ୍ ରୋଳସିଂକୁ ଟ୍ରଫି ସହ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବେ ଶିଶିର ଏବଂ ଫାଇନାଲର ଶ୍ରେଷ୍ଠ ଖେଳାଳି ଭାବେ ନାଗାଙ୍କୁ ପୁରସ୍କୃତ କରାଯାଇଥିଲା। ଆୟୋଜକ ଅନୁଷ୍ଠାନର ସଦସ୍ୟ ବଣ୍ଟି, ଫେଡୁରି, ଆକାଶ ଓ ଦୁଃଖୀଙ୍କ ସମେତ ଅନ୍ୟମାନେ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ଆମ ସଂସ୍କୃତି, ଆମ ଶିକ୍ଷଣ ସାମଗ୍ରୀ କର୍ମଶାଳା

ବାଘମାରି,୧୨।୧(ମିହିର ରଞ୍ଜନ ମହାପାତ୍ର)

ପୋଡ଼ାଡିହ ଗ୍ରାମ ପଞ୍ଚାୟତ ଅଧୀନ ତଳଗଡ଼ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଆମ ସଂସ୍କୃତି ଓ ଆମ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନୀ ଉତ୍ସବ ଏବଂ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଜଗଦ୍ଦେବ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ପ୍ରାକ୍ତନ ଅଧ୍ୟକ୍ଷ ରଙ୍ଗନିଧି ବଳିଆରସିଂ, ସମ୍ମାନିତ ଅତିଥି ଭାବେ ଦୁର୍ଯ୍ୟୋଧନ ବିଶ୍ୱାଳ, ପରିଚାଳନା କମିଟି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବଳିଆରସିଂ, ଶିକ୍ଷକ ଅଖିଳେଶ ମହାପାତ୍ର ପ୍ରମୁଖ ଆମ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରାୟ ୪୬ ଜଣ ଛାତ୍ରୀଛାତ୍ର ସୋଲ, କାଗଜ, ମାଟି, ପଟା କାଗଜ, କପଡ଼ା ତିଆରି ବିଭିନ୍ନ ପ୍ରକାର ସାମଗ୍ରୀ ପ୍ରଦର୍ଶନ କରିଥିଲେ। ଆମ ମହାନ୍ ସଂସ୍କୃତିକୁ ଆମେ ରକ୍ଷା କରିବା ସହ ଶିକ୍ଷଣ କ୍ଷେତ୍ରରେ ଶିକ୍ଷଣୀୟ ସାମଗ୍ରୀ ବ୍ୟବହାର ଅତ୍ୟନ୍ତ ଆବଶ୍ୟକ ବୋଲି ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ପଟ୍ଟନାୟକ ଓ ସାଗରିକା ମାଝୀ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ପ୍ରଭାକର ମହାପାତ୍ର ଧନ୍ୟବାଦ ଦେଇଥିଲେ।


କର୍ମଶାଳାକୁ ଅତିଥିମାନେ ବୁଲି ଦେଖୁଛନ୍ତି।

### ସେମିଫାଇନାଲରେ କରଡ଼ାପଲ୍ଲୀ

#### ମା' ଜାଗୁଳାଇ ଫୁଟ୍‌ବଲ ଟୁର୍ନାମେଣ୍ଟ

ବେଗୁନିଆ,୧୨।୨(ହର ପ୍ରସନ୍ନ ପଣ୍ଡା) ବେଗୁନିଆ ବ୍ଲକ ହୀରାପୁର ପଞ୍ଚାୟତ ଅଧୀନ ଗଉଡ଼ିଆପଡ଼ା–ଇନ୍ଦୁପୁର ଖେଳପଡ଼ିଆ ପରିସରରେ ଚାଲୁଥିବା ଅଷ୍ଟମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର କଟକ ଚାନ୍ଦ କ୍ଲବକୁ ହରାଇ କରଡ଼ାପଲ୍ଲୀ ନିୟୁ ସାଉଥ ଷ୍ଟାର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚଟି ସଂଘର୍ଷପୂର୍ଣ୍ଣ ଥିଲା। ମ୍ୟାଚ ସମାପ୍ତି ବେଳକୁ ଉଭୟ ଦଳ ପରସ୍ପରକୁ ଗୋଟିଏ ଲେଖାଏଁ ଗୋଲ ସ୍କୋର ଦେଇ ସମାନ ସ୍ଥିତିରେ ପହଞ୍ଚିଥିଲେ। ଫଳରେ ଟାଇବ୍ରେକର ସହାୟତା ନିଆଯାଇଥିଲା। କରଡ଼ାପଲ୍ଲୀ ୫–୩ ସ୍କୋରରେ ଅଗ୍ରଣୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା, ଶରତ ଛୋଟରାୟ ଏବଂ ସୁକାନ୍ତ ପ୍ରଧାନ ମ୍ୟାଚ ରେଫରି ଦାୟିତ୍ୱ ତୁଲାଇଥିଲେ। ପ୍ରମୁଖ ପରିଚାଳକ ଭାବେ ମନୋଜ କୁମାର ସାମନ୍ତସିଂହାର ଦାୟିତ୍ୱ ତୁଲାଇଥିଲେ। ମହାବୀର ସ୍ପୋର୍ଟ୍ସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟରେ ବୋତଳମା ସରପଞ୍ଚ ପ୍ରମୋଦ ଦଳେଇ, ସାମାଜିକ କର୍ମୀ ସାଜିଦ ଖାଁ, ବରିଷ୍ଠ ନାଗରିକ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

# ସିନ୍ଦୁରିଆ କ୍ରିକେଟ୍ କ୍ଲବକୁ ହରାଇ ଇଟାମାଟି ଚାମ୍ପିୟନ

## ଇଚ୍ଛାପୁର ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ବୋଲଗଡ଼,୧୨।୨(ଦେବବ୍ରତ ହୋତା)


ଚାମ୍ପିୟନ ହୋଇଥିବା ଇଟାମାଟି ଦଳକୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

ବୋଲଗଡ଼ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ଇଚ୍ଛାପୁର ଖେଳପଡ଼ିଆରେ ଚାଲିଥିବା ନବମ ତ୍ରିଦିବସୀୟ ଇଚ୍ଛାପୁର ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ସିନ୍ଦୁରିଆ କ୍ରିକେଟ୍ କ୍ଲବକୁ ହରାଇ ଇଟାମାଟି କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଇଚ୍ଛାପୁର କ୍ରିକେଟ୍ କ୍ଲବ ଓ ସ୍ଥାନୀୟ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଆଖପାଖ ଅଞ୍ଚଳର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚକୁ ଅତିଥି ଭାବେ ଯୁବ କଂଗ୍ରେସ ନେତା ୟାସିର ନୱାଜ ଉଦ୍‌ଘାଟନ କରିଥିଲେ। ସିନ୍ଦୁରିଆ ଦଳ ଟସ୍ ଜିତି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଇଟାମାଟି ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୬ ଉଇକେଟ ହରାଇ ୬୨ ରନ୍ କରିଥିଲା। ଜବାବରେ ସିନ୍ଦୁରିଆ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୪୫ ରନ୍ କରି ପରାଜିତ ହୋଇଥିଲା। ଜୁଲ୍ଫି ଖାଁଙ୍କ ସଂଯୋଜନାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦୀପ ସାହୁ, ସ୍ଥାନୀୟ ସରପଞ୍ଚ ଜଳଧର ମହାନ୍ତି, ସାମାଜିକ କର୍ମୀ ପ୍ରମୋଦ ସାହୁ, ମନୋଜ ପ୍ରଧାନ ଓ ଶ୍ରୀଧର ଦତ୍ତ ପ୍ରମୁଖ ଚାମ୍ପିୟନ ଇଟାମାଟିକୁ ଟ୍ରଫି ସହ ୧୨ ହଜାର ଟଙ୍କା ଓ ରନର୍ସ ଅପ ସିନ୍ଦୁରିଆକୁ ଟ୍ରଫି ସହ ୮ ହଜାର ଟଙ୍କା ପ୍ରଦାନ କରିଥିଲେ। ଅମ୍ପାୟର ଭାବେ ଲଳିତ କୁମାର ରାଉତ ଓ ଇସାନ ଖାଁ ଦାୟିତ୍ୱ ତୁଲାଇଥିଲେ।

## ଦୁର୍ଘଟଣାରେ ଯୁବକ ମୃତ

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ବ୍ୟାରେଜ୍ ରୋଡ୍‌ର କାଳୀ ମନ୍ଦିର ନିକଟରେ ବୁଧବାର ମଧ୍ୟାହ୍ନରେ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଚୌଦ୍ୱାର ଥାନା ବଉଳେଇସାହିର ତପ୍ତରଞ୍ଜନ ମହାରଣା ଓ ଆହତ ହେଲେ ଚୌଦ୍ୱାର ପୌରପାଳିକା ୧୪ ନମ୍ବର ୱାର୍ଡ ଦାଶରଥିପାଟଣାର ସମୟ ପରିଡ଼ା। ତପ୍ତରଞ୍ଜନ ଏବଂ ସମୟ ଏକ ବାଇକ୍‌ରେ ଗାନ୍ଧୀଛକପଟୁ ବ୍ୟାରେଜ ଅଭିମୁଖେ ଯାଉଥିବାବେଳେ କାଳୀ ମନ୍ଦିର ନିକଟରେ ହଠାତ୍ ଭାରସାମ୍ୟ ହରାଇ ପଡ଼ିଯାଇଥିଲେ। ଫଳରେ ସେମାନେ ଗୁରୁତର ହୋଇ ପଡ଼ିଥିଲେ। ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସକୁ ଖବର ଦେଇଥିଲା। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ସ୍ଥାନୀୟ ଟାଟାପାୱାର ଗାଡ଼ିରେ ଉଭୟଙ୍କୁ କଟକ ବଡ ଡାକ୍ତରଖାନା ପଠାଯାଇଥିଲା। ସେଠାରେ ତପ୍ତରଞ୍ଜନଙ୍କ ମୃତ୍ୟୁ ଘଟିଛି।



ସିଏମ୍‌ସି କାଉନ୍‌ସିଲ ବୈଠକ

# ୧୨୦୦ କୋଟିର ଚିଠା ବଜେଟ ଉପସ୍ଥାପିତ

## ହୋହଲ୍ଲାରୁ ଅଟକିଲା ବଜେଟ ଆଲୋଚନା

କଟକ,୧୨।୨(କାର୍ତ୍ତିକ ସାହୁ)

କଟକ ମହାନଗର ନିଗମ (ସିଏମ୍‌ସି)ର ୨୮ତମ କାଉନସିଲ ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ୧୨୦୦ କୋଟି ଟଙ୍କାର ଚିଠା ବଜେଟ ଉପସ୍ଥାପନ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ସିଏମ୍‌ସି ବିଭିନ୍ନ କ୍ଷେତ୍ରରୁ ୧୨୧୬ କୋଟି ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖିଛି। ମାତ୍ର ୧୨୦୯ କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛି। ଆୟ କ୍ଷେତ୍ରରେ ଟିକସ ଓ ରାଜସ୍ୱରୁ ୫୭୮୦ ଲକ୍ଷ, ଅକ୍ଟ୍ରାଇ ଓ ଏଣ୍ଟ୍ରି ଟିକସ ବାବଦକୁ ୧୦୦ କୋଟି, ୟୁଜର୍ସ ଚାର୍ଜେସ ବାବଦକୁ ୬୨୨ ଲକ୍ଷ, ରେଣ୍ଟାଲ ଇନ୍‌କମ୍‌ରେ ୬୦୧ ଲକ୍ଷ, ଦେୟ ଓ ଜରିମାନାରୁ ୯୨୯ ଲକ୍ଷ, ଅନ୍ୟାନ୍ୟ ଉତ୍ସରୁ ୯୩୪ ଲକ୍ଷ ଏବଂ ସରକାରଙ୍କ ଅନୁଦାନ ବାବଦକୁ ୧୦୨୭୪୦ ଲକ୍ଷ ଟଙ୍କା ଆସିବ ବୋଲି ଲକ୍ଷ୍ୟ ରଖାଯାଇଛି। ହେଲେ ବ୍ୟୟ କ୍ଷେତ୍ରରେ ଜେନେରାଲ ଆଡମିନିଷ୍ଟ୍ରେଶନ୍ ଏଷ୍ଟାବ୍ଲିଶମେଣ୍ଟ ଚାର୍ଜେସ୍ ବାବଦରେ ୧୭୭୭୪ ଲକ୍ଷ, ସ୍ୱାସ୍ଥ୍ୟ ଓ ପରିମଳ କ୍ଷେତ୍ରରେ ୮୪୩୧ ଲକ୍ଷ, ପବ୍ଲିକ କନଭେନାନ୍ସ ବାବଦକୁ ୩୦୦ ଲକ୍ଷ, ଅନ୍ୟାନ୍ୟ କ୍ଷେତ୍ରରେ ୧୨୧୭ ଲକ୍ଷ, ଋଣ ବାବଦକୁ ୯୦୦ ଲକ୍ଷ ଏବଂ ନିର୍ମାଣାଧୀନ ପ୍ରକଳ୍ପ ବାବଦକୁ ୧୮୭୮୩ ଲକ୍ଷ ଟଙ୍କା ବ୍ୟୟବରାଦ କରାଯାଇଛି। ମୁକ୍ତା ଦେୟକୁ ନେଇ ହୋହଲ୍ଲା ହେବାରୁ ବଜେଟ ଉପରେ ସବିଶେଷ ଆଲୋଚନା ହୋଇ ନ ପାରି ଅଟକିଥିଲା। ପରବର୍ତ୍ତୀ ସମୟରେ ଏକ ସ୍ୱତନ୍ତ୍ର ବଜେଟ ଅଧିବେଶନରେ ଚିଠା ବଜେଟ ଉପରେ ଆଲୋଚନା ହୋଇ ପୂର୍ଣ୍ଣାଙ୍ଗ ବଜେଟ ରାଜ୍ୟ ସରକାରଙ୍କୁ ପଠାଯିବା ପାଇଁ ନିଷ୍ପତ୍ତି ହୋଇଛି।


ସିଏମ୍‌ସି କାଉନସିଲ ବୈଠକରେ କର୍ପୋରେଟରମାନେ ହୋହଲ୍ଲା କରୁଛନ୍ତି।

ପ୍ରକାଶ ଯେ, ବୁଧବାର ପୂର୍ବାହ୍ନରେ ବିଜୁ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକ ପ୍ରାରମ୍ଭରେ ମୁକ୍ତା ଯୋଜନାରେ ୱାର୍ଡୱାରୀ ହୋଇଥିବା ନନ୍ ଆକ୍ସନ ପ୍ଲାନ୍ କାର୍ଯ୍ୟରେ ଠିକାଦାରଙ୍କୁ ଦେୟ ପ୍ରଦାନକୁ ନେଇ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ମୁହାଁମୁହିଁ ହୋଇଥିଲେ। କାଉନ୍‌ସିଲ ବୈଠକ ଆରମ୍ଭ ହେବା କ୍ଷଣି ଶାସକ ଓ ବିରୋଧୀ କର୍ପୋରେଟରମାନେ ମୁକ୍ତା ଯୋଜନାକୁ ନେଇ ହୋହଲ୍ଲା କରିଥିଲେ। ତତ୍କାଳୀନ ରାଜ୍ୟ ସରକାରଙ୍କ ସମୟରେ ମୁକ୍ତା ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ୮୦ କୋଟି ଟଙ୍କାର କାର୍ଯ୍ୟ ହେବ ବୋଲି ସିଏମ୍‌ସି ବ୍ୟୟ ଅଟକଳ କରିଥିଲା। ପ୍ରଥମେ ଆକ୍ସନ୍ ପ୍ଲାନରେ ୪୮ କୋଟି ଟଙ୍କାର କାମ ହୋଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ନନ୍ ଆକ୍ସନ୍ ପ୍ଲାନରେ ଆଉ ୧୧ କୋଟିର ଅତିରିକ୍ତ କାର୍ଯ୍ୟ କରାଯାଇଥିଲା। ପୂର୍ବ ସରକାର ୪୦ କୋଟି ଟଙ୍କା ଦେଇଥିବାବେଳେ ନୂଆ ସରକାର ୮ କୋଟି ଟଙ୍କା ଏଥିପାଇଁ ଦେଇସାରିଛନ୍ତି। ହେଲେ ୧୧ କୋଟିର ନନ୍ ଆକ୍ସନ୍ ପ୍ଲାନ କାର୍ଯ୍ୟ ପାଇଁ ସରକାରଙ୍କଠାରୁ ଟଙ୍କା ମିଳିବା ଆଶା କମ୍ ରହିଛି ବୋଲି କର୍ପୋରେଟରମାନେ ଅଭିଯୋଗ ଉଠାଇଛନ୍ତି। ତେଣୁ ଏ ବାବଦ କାର୍ଯ୍ୟ ପାଇଁ ଠିକାଦାରମାନଙ୍କୁ ସିଏମ୍‌ସି ରାଜକୋଷରୁ ଟଙ୍କା ପ୍ରଦାନ କରିବାକୁ କଂଗ୍ରେସ ଓ ବିଜେଡିର କେତେଜଣ କର୍ପୋରେଟର ଦାବି କରିଥିଲେ। ମାତ୍ର ତିନିଜଣ ଭାଜପା କର୍ପୋରେଟର ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ନନ୍ ଆକ୍ସନ୍ ପ୍ଲାନରେ ପ୍ରକୃତ ତଦନ୍ତ ନ କରି ଅନୁମୋଦନ କରାଯିବାକୁ ବିରୋଧ ହୋଇଥିଲା। ମେୟର ସୁବାସ ସିଂ ବୁଝାସୁଝା କରିବା ସହ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ କହିଥିଲେ। ନ୍ୟାୟସଙ୍ଗତ ଭାବେ ପଦକ୍ଷେପ ନିଆଯିବ ବୋଲି ମେୟର ପ୍ରତିଶ୍ରୁତି ଦେବା ପରେ କର୍ପୋରେଟରମାନେ ଶାନ୍ତ ହୋଇଥିଲେ। ଏହି ବୈଠକରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର ଅନାମ ଚରଣ ପାତ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


କଟକ ଚାନ୍ଦିନୀଚୌକ ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଅଗ୍ନି ଉତ୍ସବ ପାଳନ।

## ରାତି ସାଢ଼େ ୧ଟାରେ ଉଠିବ ମହାଦୀପ

### ଧବଳେଶ୍ୱରଙ୍କ ଜାଗର ଯାତ୍ରା ପ୍ରସ୍ତୁତି ବୈଠକ

ଖୁଣ୍ଟୁଣୀ,୧୨।୨(ସଚ୍ଚିଦାନନ୍ଦ ପଣ୍ଡା)

କଟକ ଜିଲା ଆଠଗଡ଼ର ପ୍ରସିଦ୍ଧ ଧବଳେଶ୍ୱରଙ୍କ ପୀଠରେ ଆସନ୍ତା ୨୬ ତାରିଖରେ ଜାଗରଯାତ୍ରା ଅନୁଷ୍ଠିତ ହେବ। ଏହାକୁ ସୁରୁଖୁରୁରେ ସମ୍ପନ୍ନ କରିବା ପାଇଁ ପ୍ରଶାସନ ପକ୍ଷରୁ ବୁଧବାର ପୀଠର ସଭାଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଠଗଡ଼ ଉପଜିଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ସଭାପତିତ୍ୱ କରିଥିଲେ। ଜାଗରଯାତ୍ରାରେ ଠାକୁରଙ୍କ ନୀତିକାନ୍ତି ସମ୍ପର୍କରେ ପୂଜକ ସମିତି ସମ୍ପାଦକ ନରେନ୍ଦ୍ର କୁମାର ପଣ୍ଡା ତଥ୍ୟ ଉପସ୍ଥାପନ କରିଥିଲେ। ଉକ୍ତ ଦିନ ଭୋର ୪ଟାରେ ଠାକୁରଙ୍କ ଦ୍ୱାର ଫିଟାଯିବା ପରେ ଅବକାଶ ନୀତି, ମଙ୍ଗଳ ଆଳତି, ମହାସ୍ନାନ, ବଲ୍ଲଭ ଭୋଗ, ଚାରିଧୂପ, ଚାରି ପ୍ରହର ଲାଗି ନୀତିକାନ୍ତ ହେବ। ସନ୍ଧ୍ୟାରେ ଠାକୁରଙ୍କ ସ୍ୱତନ୍ତ୍ର ବେଶ କରାଯିବ। ମା' ପାର୍ବତୀ ଓ ଧବଳେଶ୍ୱରଙ୍କ ଚଳନ୍ତି ପ୍ରତିମା ଚନ୍ଦ୍ରଶେଖରଙ୍କୁ ସୁସଜ୍ଜିତ ବିମାନରେ ବେଢ଼ା ପରିକ୍ରମା କରାଯିବା ପରେ ରାତି ସାଢ଼େ ୧ଟାରେ ମହାଦୀପ ଉଠିବ ବୋଲି ପଣ୍ଡା କହିଛନ୍ତି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପୀଠ ନିକଟରେ ପୂଜକ ସମାଜ, ପୋଲିସ ପ୍ରଶାସନ ଓ ଦେବୋତ୍ତର ବିଭାଗ ସମନ୍ୱୟ ରଖି ବ୍ୟାରିକେଡ୍ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିସହ ସିସିଟିଭି ବ୍ୟବସ୍ଥା, ମନ୍ଦିର ପରିସର ଆଲୋକୀକରଣ, ସ୍ୱାସ୍ଥ୍ୟ, ପାନୀୟଜଳ, ପରିମଳ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉପଜିଲାପାଳ ଶର୍ମା ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ସହକାରୀ ଜିଲାପାଳ ମାନସ ରଞ୍ଜନ ବେହେରା, ଆଠଗଡ଼ ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଉପଖଣ୍ଡ ଚିକିତ୍ସା ଅଧିକାରୀ ବିଜୟ କୁମାର ମିଶ୍ର, ବ୍ରହ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଦିଲୀପ ଦାସ, ଭାରପ୍ରାପ୍ତ ଥାନା ଅଧିକାରୀ ପରେଶ କୁମାର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଧବଳେଶ୍ୱରଙ୍କ ଜାଗରଯାତ୍ରା ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ।

## ସଂକ୍ଷେପରେ

### ଚିନ୍ତାମଣି ହାଇସ୍କୁଲ ପରିଦର୍ଶନ କଲେ ବିଧାୟକ

**ଶ୍ରେଣୀଗୃହରେ ଶିକ୍ଷୟିତ୍ରୀ, ଶିକ୍ଷକ ନ ଥିବା ଦେଖି ଅସନ୍ତୁଷ୍ଟ ହେଲେ**

କଟକ ସଦର,୧୨।୨(ସୁଶାନ୍ତ କୁମାର ଜେନା)

କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ବୁଧବାର ଅଚାନକ କିଶୋର ନଗରସ୍ଥିତ ଚିନ୍ତାମଣି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପୂର୍ବାହ୍ନ ୧୦ଟା ୩୦ ମିନିଟ୍‌ରେ ସେ ବିଦ୍ୟାଳୟରେ ପହଞ୍ଚି ସବୁ ଶ୍ରେଣୀଗୃହ ବୁଲି ଦେଖିଥିଲେ। ହେଲେ ଅନେକ ଶ୍ରେଣୀଗୃହରେ ଶିକ୍ଷୟିତ୍ରୀ ଓ ଶିକ୍ଷକ ନ ଥିବାରୁ ପିଲାମାନେ ପାଠ ନ ପଢି ବସି ରହିଥିବା ଦେଖିଥିଲେ। ଏହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିବା ସହ ଶିକ୍ଷୟିତ୍ରୀ, ଶିକ୍ଷକମାନେ ବିଦ୍ୟାଳୟକୁ କାହିଁକି ବିଳମ୍ବରେ ଆସୁଛନ୍ତି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ସ୍ୱାଇଁଙ୍କୁ ପଚାରିଥିଲେ। ଦରମା ନେଇ ଠିକ୍ ଭାବେ ସରକାରୀ ବିଦ୍ୟାଳୟରେ ପାଠ ପଢାଯାଉ ନ ଥିବାରୁ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଘରୋଇ ସ୍କୁଲକୁ ପଠାଉଛନ୍ତି ବୋଲି ବିଧାୟକ କହିଥିଲେ। ଏ ସମ୍ପର୍କରେ ସେ ଫୋନ୍ ଯୋଗେ କଟକ ଜିଲା ଶିକ୍ଷାଧିକାରୀ ଡ. ସନ୍ତୋଷ କୁମାର ରାଉତଙ୍କୁ ଜଣାଇଥିଲେ। ଏନେଇ ଜିଲା ଶିକ୍ଷାଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

### ଲିଙ୍କ୍‌ରୋଡ୍‌ଠାରେ ଛେନାମଣ୍ଡି ଖୋଲାଯାଉ

**ସିଏମ୍‌ସି କମିଶନରଙ୍କୁ ସ୍ମାରକପତ୍ର**

କଟକ ସଦର,୧୨।୨(ସୁଶାନ୍ତ କୁମାର ଜେନା)

କଟକ ମହାନଗର ନିଗମ(ସିଏମ୍‌ସି) ଅଞ୍ଚଳରେ ଛେନାମଣ୍ଡି ଖୋଲିବା ପାଇଁ କଟକ ଜିଲା ଯାଦବ ମହାସଭା ପକ୍ଷରୁ କମିଶନର ଅନାମ ଚରଣ ପାତ୍ରଙ୍କୁ ବୁଧବାର ସ୍ମାରକପତ୍ର ପ୍ରଦାନ କରାଯାଇଛି। ଯାଦବ ମହାସଭା ସଭାପତି ସମର ବେହେରାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସିଏମ୍‌ସି କମିଶନରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରିବା ସହ ଏ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷକରି କଟକ ସଦର, ୪୨ ମୌଜା, ନିଆଳି, ଅଡ଼ଶପୁର, ନାଉଗାଁ, ସାଲେପୁର, ମାଛଗାଁ, କାକଟପୁର ଅଞ୍ଚଳର ୫୦୦ରୁ ଊର୍ଦ୍ଧ୍ୱ ବ୍ୟବସାୟୀ ପ୍ରତିଦିନ ଛେନା ଓ ପନିର ଆଣି କଟକ ସହର ବିଭିନ୍ନ ସ୍ଥାନର ରାସ୍ତା ପାର୍ଶ୍ୱରେ ବିକ୍ରି କରିଥାନ୍ତି। ଖରା, ବର୍ଷା ଓ ଶୀତ ଦିନରେ ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି। ତେଣୁ ଲିଙ୍କ୍‌ରୋଡ୍‌ଠାରେ ଛେନାମଣ୍ଡି ଖୋଲିବା ପାଇଁ ମହାସଭା ତରଫରୁ କମିଶନରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ଏ ସମ୍ପର୍କରେ ବିଚାର କରାଯିବ ବୋଲି କମିଶନର ପାତ୍ର ପ୍ରତିଶ୍ରୁତି ଦେଇଥିବା ମହାସଭାର ସଭାପତି ଜଣାଇଛନ୍ତି। ସ୍ମାରକପତ୍ର ପ୍ରଦାନବେଳେ ମହାସଭାର ସମ୍ପାଦକ ତୀର୍ଥବାସୀ ବେହେରା, କର୍ପୋରେଟର ଜନାର୍ଦ୍ଦନ ପରିଡା, ପ୍ରସନ୍ନ ବେହେରା ଓ ପ୍ରୀତିରଞ୍ଜନ ଜାଠୁଆ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଜିଲାପାଳଙ୍କ କାର୍ଯ୍ୟାଳୟର ଜିଲା ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଶିଶୁମଙ୍ଗଳ ଆରକ୍ଷୀ ଅଧିକାରୀମାନଙ୍କ ପାଇଁ ଅନୁଷ୍ଠିତ ଶିଶୁ ସୁରକ୍ଷା ସଚେତନତା କର୍ମଶାଳାରେ ଉପସ୍ଥିତ ଆରକ୍ଷୀ ଅଧିକାରୀ ଓ ଅନ୍ୟମାନେ।

## ବିନା ଫାୟାର ସେଫ୍ଟି, ଲାଇସେନ୍ସରେ ଚାଲିଥିଲା | ପପୁଲାର ନର୍ସିଂହୋମ୍ ସିଲ୍

କଟକ,୧୨।୨(ଶିଳ୍ପା ପ୍ରିୟଦର୍ଶିନୀ)

ମଙ୍ଗଳାବାଗ ଥାନା ଅଞ୍ଚଳରେ ବିନା ଫାୟାର ସେଫ୍ଟି ଓ ଲାଇସେନ୍ସରେ ଚାଲିଥିବା ପପୁଲାର ନର୍ସିଂହୋମ୍ ଆଣ୍ଡ୍ ହସ୍ପିଟାଲ୍‌କୁ ବୁଧବାର ସିଲ୍ କରାଯାଇଛି। କଟକ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍ୱାସ୍ଥ୍ୟ ବିଭାଗର ଆସିଷ୍ଟାଣ୍ଟ ଡିଭିଜନାଲ ମେଡିକାଲ ଅଫସିର (ଏଫଡବ୍ଲ୍ୟୁ) ଡା. ଚିନ୍ତାମଣି ମିଶ୍ରଙ୍କ ନେତୃତ୍ୱରେ ଏକ ଟିମ୍ ସ୍ଥାନୀୟ ପୋଲିସ ଉପସ୍ଥିତିରେ ଉକ୍ତ ନର୍ସିଂହୋମ୍‌କୁ ସିଲ୍ କରିଥିଲା। ଏନେଇ ଡା. ମିଶ୍ର କହିଛନ୍ତି, ୨୦୧୫ରୁ ଉକ୍ତ ନର୍ସିଂହୋମ୍‌ର ଲାଇସେନ୍ସ ଅବଧି ଶେଷ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାକୁ ପୁନଃ ପଞ୍ଜୀକରଣ କରାଯାଇ ନାହିଁ। ଏଥିସହ ପିସିପିଏନ୍‌ଡିଟିର ଏକ କ୍ଲିନିକ୍ ଚାଲିଥିଲେ ମଧ୍ୟ ତାହାର ଲାଇସେନ୍ସ ନ ଥିଲା। ଏପରି କି ନର୍ସିଂହୋମ୍‌ର ଫାୟାର ସେଫ୍ଟି ବ୍ୟବସ୍ଥା ନାହିଁ। ପୂର୍ବରୁ ନର୍ସିଂହୋମ୍ କର୍ତ୍ତୃପକ୍ଷଙ୍କୁ ନୋଟିସ୍ ଜାରି କରାଯାଇଥିବା ସତ୍ତ୍ୱେ ସେ ନିୟମ ମାନି ନ ଥିଲେ। ଏନେଇ ଜିଲାପାଳଙ୍କୁ ଅବଗତ କରାଯାଇଥିଲା। ଫଳରେ ଜିଲାପାଳ ଉକ୍ତ ନର୍ସିଂହୋମ୍ ସିଲ୍ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଉକ୍ତ ନର୍ସିଂହୋମ୍ ଆଣ୍ଡ୍ ହସ୍ପିଟାଲର ଡା. ବାଦଲ ମହାନ୍ତି କହିଛନ୍ତି, ପୁରୁଣା କୋଠା ଥିବାରୁ ଫାୟାର ସେଫ୍ଟି ନ ମିଳିବାରୁ ଲାଇସେନ୍ସ ହୋଇପାରୁ ନ ଥିଲା। ଏହା ପୂର୍ବରୁ ସମସ୍ତ ଲାଇସେନ୍ସ ଓ କାଗପତ୍ର ଥିଲା ବୋଲି ସେ କହିଛନ୍ତି।

## ସେତୁ ତଳୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ/ତ୍ରିଶୂଳିଆ,୧୨।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

କଟକ ନେତାଜୀ ସୁଭାଷ ସେତୁ ତଳୁ ଜଣେ ନାବାଳକ ଛାତ୍ରଙ୍କ ମୃତଦେହକୁ ବୁଧବାର ସକାଳେ ମର୍କତ ନଗର ପୋଲିସ ଜବତ କରିଛି। ସେ ହେଲେ ଭୁବନେଶ୍ୱର ନୀଳାଦ୍ରି ବିହାର ଅଞ୍ଚଳର ପ୍ରତୀକ ଦାସ(୧୭)। ପ୍ରତୀକ ଏକ ଘରୋଇ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଛାତ୍ର। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୫) ରୁଜୁ କରିଛି। ପ୍ରକାଶ ଯେ, ତ୍ରିଶୂଳିଆରୁ ବେଲଭିୟୁ ଛକକୁ ସଂଯୋଗ କରୁଥିବା ନେତାଜୀ ସୁଭାଷ ସେତୁ ତଳେ କେହି ଜଣେ ପଡ଼ିଥିବା ବୁଧବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜରୁରିକାଳୀନ ସେବା ୧୧୨କୁ ଖବର ଦେଇଥିଲେ। ସୂଚନା ପାଇ ମର୍କତ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି। ନାବାଳକଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯିବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରତୀକ ମଙ୍ଗଳବାର ସନ୍ଧ୍ୟାରେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଫୋନ କରିବାର କିଛି ସମୟ ପରେ ତାଙ୍କ ଫୋନ ସୁଇଚ ଅଫ ହୋଇଯାଇଥିଲା। ପରେ ପରିବାର ଲୋକେ ଖୋଜାଖୋଜି କରିବା ସହ ତାଙ୍କ ସାଙ୍ଗସାଥୀଙ୍କୁ ଯୋଗାଯୋଗ କରିଥିବା ପୋଲିସକୁ କହିଛନ୍ତି। ତେବେ ପ୍ରତୀକ ଏଠାକୁ କିପରି ଆସିଲେ ଏବଂ ଏହା ହତ୍ୟା ନା ଆତ୍ମହତ୍ୟା ସେ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

## ଥଇଥାନ ଦାବିରେ ବସ୍ତିବାସିନ୍ଦାଙ୍କ ଧାରଣା

ମଙ୍ଗୁଳି-ଜଗତପୁର,୧୨।୨ (ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ହରିଅନ୍ତା ପଞ୍ଚାୟତ ଅଧୀନ ୧୬ନଂ. ୱାର୍ଡର ନିର୍ଗୁଣ୍ଡିସ୍ଥିତ ରେଲୱେ ବସ୍ତି ଉଚ୍ଛେଦ ପାଇଁ ରେଲୱେ ପକ୍ଷରୁ ଗୁରୁବାର ନୋଟିସ ଜାରି କରାଯାଇଛି। ଏହାର ପ୍ରତିବାଦରେ ବସ୍ତିର ଶତାଧିକ ଜନସାଧାରଣ ବୁଧବାର ଜଗତପୁରସ୍ଥିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା ପାଇଁ ୨୦୨୧ରୁ ଲଗାତର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ହେଲେ ଥଇଥାନ ପରିବର୍ତ୍ତେ ରେଲୱେ ପକ୍ଷରୁ ବସ୍ତି ଉଚ୍ଛେଦ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ବସ୍ତିବାସିନ୍ଦା ଧାରଣା


ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତିବାସିନ୍ଦା ଧାରଣାରେ ବସିଛନ୍ତି।

ଦେଇଛନ୍ତି। ଥଇଥାନ ପାଇଁ ଏକ ଦାବିପତ୍ର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସଙ୍କୁ ପ୍ରଦାନ କରାଯାଇଛି। ବସ୍ତିବାସିନ୍ଦାଙ୍କୁ ଥଇଥାନ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଫଳରେ ଏ ଦିଗରେ ତହସିଲଦାର ପଦକ୍ଷେପ ନେବା ପାଇଁ ଗତ ଜାନୁଆରୀ ୨ ତାରିଖରେ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ତହସିଲଦାର ବାରମ୍ବାର ପ୍ରତିଶ୍ରୁତି ଦେଇଆସୁଛନ୍ତି। ହେଲେ କିଛି ପଦକ୍ଷେପ ନ ନେବାରୁ ବସ୍ତିବାସିନ୍ଦା ଉଚ୍ଛେଦ ଆଶଙ୍କା କରି ଶାନ୍ତିପୂର୍ଣ୍ଣ ଧାରଣାରେ ବସିଛନ୍ତି। ସନ୍ଧ୍ୟାରେ ତହସିଲଦାର ଦାସ ବସ୍ତିବାସିନ୍ଦାଙ୍କ ସହିତ ଆଲୋଚନା କରିଛନ୍ତି। ଗୁରୁବାର ଆର୍‌ଆଇଙ୍କୁ ପଠାଇ ଏକ ଜାଗା ଚିହ୍ନଟ କରାଯିବ। ସେଠାରେ ପ୍ରଥମେ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବାରୁ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଧାରଣାରେ ସିପିଆଇ(ଏମ୍)ର ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ, ଜୟ ସିଂ, ବିଷ୍ଣୁ ବେହେରା, ରମେଶ ବେହେରା, ଡମ୍ବରୁଧର ସାହୁ, କୃଷ୍ଣଚନ୍ଦ୍ର ବେହେରା, ସେଖ୍ ରବୁଲ, ବାଦଲ ତରାଇ, କାଳୁ ଜାଲି, ସୁଷମା ବେହେରା, ମୀନାକ୍ଷୀ ବେହେରା ପ୍ରମୁଖ ସାମିଲ ଥିଲେ।

## ଫଟୋରେ ଖବର


କଟକ ଶ୍ରୀରାମଚନ୍ଦ୍ର ଭବନରେ ବୁଧବାର ପଦ୍ମଭୂଷଣ ଡ. ରାଧାନାଥ ରଥଙ୍କ ଶ୍ରାଦ୍ଧୋତ୍ସବରେ ଅବନୀ କୁମାର ଚାନ୍ଦଙ୍କୁ ସାମ୍ବାଦିକ ଗୌରବ ସମ୍ମାନ ପ୍ରଦାନ କରାଯାଉଛି।


କଟକ ସିଡିଏ ସେକ୍ଟର-୬ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ଦଶମ ଓ ଏକାଦଶ ପରୀକ୍ଷାର୍ଥୀଙ୍କ ନିମନ୍ତେ ଅନୁଷ୍ଠିତ ଆଶୀର୍ବଚନ ସମାରୋହ।

**ଗତୀଶ୍ୱର ଦେବଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ**

କଣାସ,(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ସିରେଇ ପଞ୍ଚାୟତର ଆରାଧ୍ୟ ଠାକୁର ବାବା ଗତୀଶ୍ୱର ଦେବଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଅପରାହ୍ନରେ ହଜାର ହଜାର ଭକ୍ତଙ୍କ ହରିବୋଲ, ହୁଳହୁଳି ଧ୍ୱନି ମଧରେ ପୂର୍ଣ୍ଣାହୁତି ହୋଇଛି। ୬ଦିନ ଧରି ଶୁଭାଧିବାସ, ଅଙ୍କୁରାରୋପଣ, ଜଳଯାତ୍ରା, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଚଣ୍ଡୀପାଠ, ସାଳପୂଜା, ଆହୁତି ପ୍ରଦାନ, ଗୋପୂଜା, ଅଭିଷେକ, ଗୀତାପାଠ ଓ ପୁଷ୍ପାଞ୍ଜଳି କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ପୁରୋହିତ ପଣ୍ଡିତ କାଳୀପ୍ରସାଦ ପରମଗୁରୁ ଏବଂ ସହଯୋଗୀ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟକୁ ପରିଚାଳନା କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା।




୧୨|୨|୨୦୨୫

| | |
|---|---|
| ୭,୩୩,୦୫୧ ଟଙ୍କା | |
| ସୁନା | ୬.୧୦୦ ଗ୍ରାମ୍ |
| ରୁପା | ୨୧୬.୫୦୦ ଗ୍ରାମ୍ |

# ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ

ପୁରୀ,୧୨।୨ (ଅଜିତ୍ କୁମାର ମହାନ୍ତି)

ପବିତ୍ର ମାଘ ପୂର୍ଣ୍ଣିମା ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଗଜ ଉଦ୍ଧାରଣ ବେଶ ସମ୍ପନ୍ନ ହୋଇଛି। ଦ୍ୱିପ୍ରହର ଧୂପ ସରିବା ପରେ ମହାପ୍ରଭୁଙ୍କୁ ପତନି ଲାଗି କରାଯାଇଥିଲା। ପରେ ଘଟୁଆରୀଙ୍କ ଦ୍ୱାରା ଘୋରା ହୋଇଥିବା ଚନ୍ଦନକୁ ରୁପା ପିଙ୍ଗଣରେ ପାଳିଆ ପୁଷ୍ପାଳକ ଆଣିଥିଲେ। ପରେ ତିନିବାଡ଼ ଯଥା-ବଡ଼ବାଡ଼, ମଝିବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସର୍ବାଙ୍ଗ ନୀତି କରାଯାଇଥିଲା। ମହାଜନ ସେବକମାନେ ଶ୍ରୀଦେବୀଙ୍କୁ ଦକ୍ଷିଣୀ ଘରେ ଏକ ଖଟରେ ବିଜେ କରାଇଥିଲେ। ପରେ ମହାପ୍ରଭୁଙ୍କ ବେଶ ଅନୁଷ୍ଠିତ ହୋଇଥିଲା। ଗଜ ଉଦ୍ଧାରଣ ବେଶରେ ଜଗନ୍ନାଥ ଓ ବଳଭଦ୍ର ଚତୁଃହସ୍ତ ଏବଂ ମା'ସୁଭଦ୍ରା ଦ୍ୱିଭୁଜବିଶିଷ୍ଟା ହୁଅନ୍ତି। ଚତୁଃହସ୍ତଧାରୀ ଶ୍ରୀଜଗନ୍ନାଥ ଗରୁଡ଼ ଉପରେ ବସିଥିବା ପ୍ରଦର୍ଶିତ ହୋଇଥିଲେ। ଉନ୍ନୟନରତ ଭଙ୍ଗୀରେ ଥିବା ଦୁଇଟି ପକ୍ଷବିଶିଷ୍ଟ ଗରୁଡ଼ ଉପରେ ମହାପ୍ରଭୁ ଉପବେଶନ ମୁଦ୍ରାରେ ରହିଥିଲେ। ମୁଖ୍ୟତଃ କାଠ, ସୋଲ ଓ ଜରିରେ ଏହା ନିର୍ମିତ ହୋଇଥାଏ। ପକ୍ଷ ବିସ୍ତାରି ଉଡୁଥିବା ଗରୁଡ଼ ପୃଷ୍ଠାରେ ଜଗନ୍ନାଥ ପଦ୍ମାସନ ଭଙ୍ଗୀରେ ବସିଥାନ୍ତି। ଲକ୍ଷ୍ମୀ ପ୍ରତିମାଙ୍କୁ କୋଳରେ ଧାରଣ କରିଥିଲେ। ଶ୍ରୀଜଗନ୍ନାଥଙ୍କ ଚାରିହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଶୋଭାପାଇଥିଲା। ପଦ୍ମାସନ ଭଙ୍ଗୀରେ ଗୋଟିଏ ଆସ୍ଥାନରେ ବସିଥିବା ବଳଭଦ୍ର ତାଙ୍କର ଉର୍ଦ୍ଧ୍ୱ ଦୁଇ ହସ୍ତରେ ସୋଲ ଓ ଜରି ନିର୍ମିତ ଶଙ୍ଖ ଓ ଚକ୍ର ତଥା ନିମ୍ନ ଦୁଇ ହସ୍ତରେ ହଳ ଓ ମୂଷଳ ଧାରଣ କରିଥାନ୍ତି। ମା' ସୁଭଦ୍ରା ଦୁଇଭୁଜ ଓ ଦୁଇ ପଦଯୁକ୍ତା ହୋଇ କୃଷ୍ଣଙ୍କ ଭଳି ଛନ୍ଦାୟିତ ଭଙ୍ଗୀରେ ଛିଡ଼ା ହୋଇ ହସ୍ତଦ୍ୱୟ ମୁଷ୍ଟିବଦ୍ଧ ତଥା ତଳ ଉପର ହୋଇ ରହିଥିଲା ଏବଂ ସେ ପଦ୍ମ କଳିକାଟିଏ ହସ୍ତରେ ଧରିଥିଲେ। ଏହି ବେଶରେ କାଠ ଓ ସୋଲ ନିର୍ମିତ ଦୁଇଟି ହସ୍ତୀ ପ୍ରତିମୂର୍ତ୍ତି ବ୍ୟବହୃତ ହୋଇଥିଲା। ଗୋଟିଏ ହସ୍ତୀ ବଳଭଦ୍ରଙ୍କ ସମୀପରେ ରତ୍ନସିଂହାସନ ଆଗରେ ପୋଖରିଆରେ ଏବଂ ଅନ୍ୟଟି ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ରଖାଯାଇଥିଲା। ଜଗନ୍ନାଥଙ୍କ ସମ୍ମୁଖରେ ଥିବା ଗଜ ଆର୍ତ୍ତ ହରଣ ପାଇଁ ଆକୁଳ ନିବେଦନ କରୁଥିବା ଭଙ୍ଗୀରେ ରହିଥିଲା। ତା'ର ପାଦଗୁଡ଼ିକ ମଧରେ ଆକ୍ରମଣ କରୁଥିବା କୁମ୍ଭୀରର ପିତୁଳା ଓ ହସ୍ତୀଟିର ଟେକି ହୋଇ ଶୁଣ୍ଢରେ ପଦ୍ମଫୁଲ ଧରିଥିଲା। ଗଜ ଉଦ୍ଧାରଣ ବେଶରେ ତିନିଠାକୁର ମଥାରେ ଚୂଳ ଓ କିରୀଟ ସହ ସୁବର୍ଣ୍ଣ ନିର୍ମିତ ପଦ୍ମମାଳି, କଦମ୍ବମାଳି ପ୍ରଭୃତିରେ ଭୂଷିତ ହୋଇଥିଲେ। ସନ୍ଧ୍ୟା ଧୂପରେ ମହାପ୍ରଭୁଙ୍କୁ ଖିରି ଓ ଅମାଲୁ ଭୋଗ କରାଯାଇଥିଲା। ପରେ ରାତ୍ରରେ ବେଶ ଓଲାଗି କରାଯାଇ ବଡ଼ସିଂହାର ନୀତି ବଢ଼ିବା ପରେ ରାତ୍ର ପହୁଡ଼ ସମ୍ପନ୍ନ ହୋଇଥିଲା। ପୌରାଣିକ କଥାବସ୍ତୁ ଅନୁଯାୟୀ, ଏକଦା ବରୁଣ ହ୍ରଦରେ ଗଜରାଜ ସ୍ନାନ କରୁଥିବାବେଳେ କୁମ୍ଭୀର ତାଙ୍କୁ ଆକ୍ରମଣ କରିଥିଲା। ଗଜରାଜ କ୍ଷତବିକ୍ଷତ ଅବସ୍ଥାରେ ବିକଳ ହୋଇ ଉଦ୍ଧାର ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ। ଭକ୍ତର ଡାକ ଶୁଣି ଠାକୁର କୁମ୍ଭୀର କବଳରୁ ଗଜରାଜଙ୍କୁ ଉଦ୍ଧାର କରିଥିଲେ। ସେହି ସ୍ମୃତିରେ ଶହଶହ ବର୍ଷ ଧରି ଠାକୁରଙ୍କ ଏହି ଗଜ ଉଦ୍ଧାରଣ ବେଶ ମାଘପୂର୍ଣ୍ଣିମା ଦିନ ଅନୁଷ୍ଠିତ ହୋଇଆସୁଛି।



ଗଜ ଉଦ୍ଧାରଣ ବେଶରେ ଦର୍ଶନ ଦେଲେ ମହାପ୍ରଭୁ।

## କପୋତେଶ୍ୱର ନୃତ୍ୟ ସଙ୍ଗୀତ ଉତ୍ସବ ଉଦ୍‌ଯାପିତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

- ସୁରେନ୍ଦ୍ର ମହାପାତ୍ରଙ୍କୁ ଅଭିନ୍ନ ସୁନ୍ଦର ନୃତ୍ୟରତ୍ନ ସମ୍ମାନ
- ଭୁବନ ମୋହନ ସାମନ୍ତରାୟଙ୍କୁ ଅଭିନ୍ନ ସୁନ୍ଦର ଗୋଟିପୁଅ ମିତ୍ର ସମ୍ମାନ

ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଦୁଇଦିନିଆ କପୋତେଶ୍ୱର ନୃତ୍ୟ ସଙ୍ଗୀତ ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀମନ୍ଦିର ଛତିଶା ନିଯୋଗ ମହାନାୟକ ଜନାର୍ଦ୍ଦନ ପାଟଯୋଶୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗଙ୍ଗାମାତା ମଠର ମଠାଧୀଶ ମହନ୍ତ ବଳରାମ ଦାସ ଗୋସ୍ୱାମୀ, ଇ -୨୪ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ରାଜେଶ ମିଶ୍ର, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଡାକ୍ତର ଶ୍ରୀବାସ୍ତବ ନାୟକ ଏବଂ ନୀଳମଣି ଗୁରୁ ଅନୁଷ୍ଠାନର ଉପସଭାପତି ଚକ୍ରଧର ମହାପାତ୍ର, ବ୍ଲକ କଳା ସଂସ୍କୃତି ସଂଘର ସଭାପତି ବିଜୟ ସାମନ୍ତରାୟ, ଭରତ ନାୟକ, କପୋତେଶ୍ୱର ସଭାପତି ଶ୍ରୀଧର ନାୟକ, ସାମାଜିକ କର୍ମୀ ସୁଦର୍ଶନ ସ୍ୱାଇଁ, ସନାତନ ମହାରଣା ଏବଂ ଭୁବନେଶ୍ୱର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ଦାସ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଡ. ବସନ୍ତ କୁମାର ମହାରଣା କାର୍ଯ୍ୟକ୍ରମ ସଂଯୋଜନା ଓ ଆଇନଜୀବୀ ଅଞ୍ଜନ କୁମାର ହୋତା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୁରେନ୍ଦ୍ର ମହାପାତ୍ରଙ୍କୁ ଅଭିନ୍ନ ସୁନ୍ଦର ନୃତ୍ୟରତ୍ନ ସମ୍ମାନ ଏବଂ ଭୁବନ ମୋହନ ସାମନ୍ତରାୟଙ୍କୁ ଅଭିନ୍ନ ସୁନ୍ଦର ଗୋଟିପୁଅ ମିତ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସରସ୍ୱତୀ ଶିଶୁ ମନ୍ଦିର ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ, ଅଭିନ୍ନ ସୁନ୍ଦର ଗୋଟିପୁଅ ନୃତ୍ୟ ପରିଷଦ ପକ୍ଷରୁ ସତ୍ୟମ୍ ସୁନ୍ଦର ମହାରଣା ଓ ଶୁଭମ୍ ସୁନ୍ଦର ମହାରଣା ଓଡ଼ିଶୀ ନୃତ୍ୟରେ ଗଣେଶ ବନ୍ଦନା ପରିବେଷଣ କରି ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀ, ଅନୀତା ଡ୍ୟାନ୍ସ ଏକାଡେମୀ, ବୀଣାକେଶ୍ୱରୀ ନୃତ୍ୟମଞ୍ଜରୀ ନୃତ୍ୟ ପରିଷଦ ଆଦି ନୃତ୍ୟ ଓ ନାଟକ, ପ୍ରସନ୍ନ କୁମାର ନାୟକ ଓ ଜ୍ୟୋତିର୍ମୟୀ ନାୟକ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ପର୍ଯ୍ୟଟକ ଉପସ୍ଥିତ ରହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ।

## ସଂକ୍ଷେପରେ

### ପ୍ରଭୁ ଶ୍ରୀଲୋକନାଥଙ୍କ ପଦ୍ମବେଶ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ପରମ୍ପରା ଅନୁଯାୟୀ ମାଘପୂର୍ଣ୍ଣିମା ବୁଧବାର ଶ୍ରୀଲୋକନାଥଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ସୋଲ, ଜରି ଜମ୍ବୁରା ଓ କଇଥ ଅଠାରେ ପ୍ରସ୍ତୁତ ପଦ୍ମପାଖୁଡ଼ା, ହଂସ, ଗଛ ତିଆରି କରାଯାଇ ପ୍ରଭୁ ଶ୍ରୀଲୋକନାଥଙ୍କୁ ପଦ୍ମବେଶରେ ସଜ୍ଜିତ କରାଯାଇଥିଲା। ଏଥିସହ ଶ୍ରୀଲୋକନାଥ ମନ୍ଦିରରେ ଶିବପାର୍ବତୀଙ୍କ ଯୁଗଳମୂର୍ତ୍ତିଙ୍କୁ ମଧ୍ୟ ପଦ୍ମବେଶରେ ସଜାଯାଇଥିଲା। ରଥସାହି ବ୍ରାହ୍ମଣ ବାଡ଼ ପକ୍ଷରୁ କାହିଁ କେଉଁ ଅନାଦି କାଳରୁ ପରମ୍ପରା ଅନୁସାରେ ମାଘ ପୂର୍ଣ୍ଣିମାରେ ଶ୍ରୀଲୋକନାଥଙ୍କ ପଦ୍ମବେଶ କରାଯାଉଛି। ଏହି ଅବସରରେ ଶ୍ରୀଲୋକନାଥଙ୍କ ନିକଟରେ ଖିରି, ଅମାଲୁ, ଚୁଡ଼ାଘଷା, ଛେନା ଚକଟା ଭୋଗ ଆଦି ଲାଗି କରାଯାଇଥିଲା। ଏହି ସମୟରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସଭାପତି ମନୋଜ କୁମାର ମିଶ୍ର, ଉପସଭାପତି ପ୍ରମୋଦ କୁମାର ମହାପାତ୍ର, ସମ୍ପାଦକ ରାମନାରାୟଣ ମହାପାତ୍ର, ସହସମ୍ପାଦକ ପ୍ରିୟବ୍ରତ ବାହିନୀପତି, ଜଗନ୍ନାଥ ମିଶ୍ର, ହିତବ୍ରତ ବାହିନୀପତି, ବିଜୟ ମହାପାତ୍ର, ମଧୁସୂଦନ ମିଶ୍ର, ରାମଚନ୍ଦ୍ର ମିଶ୍ର, ମଦନମୋହନ ହୋତା, ଶଶିଭୂଷଣ ତ୍ରିପାଠୀ ପ୍ରମୁଖଙ୍କ ଉପସ୍ଥିତିରେ ବିଧିବିଧାନ ମୁତାବକ ଶ୍ରୀଲୋକନାଥଙ୍କ ପଦ୍ମବେଶ ନୀତି ସମ୍ପନ୍ନ କରାଯାଇଥିଲା।

### ମହୁମାଛି ଆକ୍ରମଣରେ ୫୦ରୁ ଉର୍ଦ୍ଧ୍ୱ ଆହତ

ନିମାପଡ଼ା,୧୨।୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା କୁଶଭଦ୍ରା ନଦୀ ବ୍ରିଜ୍ ନିକଟରେ ବୁଧବାର ଯାଉଥିବା ପଥଚାରୀଙ୍କୁ ମହୁମାଛି ଆକ୍ରମଣ କରିଛି। ଆକ୍ରମଣରେ ନିମାପଡ଼ା ବିଷ୍ଣୁପୁର ଗ୍ରାମର ଏସ୍‌କେ ଆଲିମ, ନୂଆମଠ ସାହିର ରାଜକିଶୋର ସାହୁ, ବାଲିପାଟଣା ଥାନା ଅଧୀନ ଖୁଣ୍ଟିଆ ସାହି ଗ୍ରାମର ବିଜୟ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ଲୋକେ ଆହତ ହୋଇ ମେଡିକାଲରେ ଚିକିତ୍ସିତ ହୋଇଥିବା ଜଣାପଡ଼ିଛି। ଏହି ଆକ୍ରମଣ ଯୋଗୁ ବ୍ରିଜ୍ ଉପରେ ପ୍ରାୟ ୨ ଘଣ୍ଟା ଧରି ଯାତାୟାତ ଠପ୍ ହୋଇଯାଇଥିଲା। ବ୍ରିଜ୍ ତଳ ଖୋପରେ ଦୀର୍ଘଦିନ ଧରି ଏକ ମହୁଫେଣା ଥିଲା। କେହି ବ୍ୟକ୍ତି ମହୁଫେଣାକୁ ଟେକାମାରି ଭାଙ୍ଗି ଦେବାକୁ ଉଦ୍ୟମ କରିବାରୁ ମହୁମାଛି ଲୋକଙ୍କୁ ଆକ୍ରମଣ କରିଥିବା ଜଣାପଡ଼ିଛି।



ଭୋପାଳଠାରେ ଅନୁଷ୍ଠିତ ଜାତୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ସିଲଭର ମେଡାଲ ପାଇଥିବା ଓଡ଼ିଶା ଦଳକୁ ସମ୍ବର୍ଦ୍ଧିତ କରାଯାଉଛି।

## ଓଡ଼ିଶା ପୁରୁଷ, ମହିଳା ଥ୍ରୋ ବଲ୍ ଦଳକୁ ସ୍ୱାଗତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ମଧ୍ୟପ୍ରଦେଶର ଭୋପାଳରେ ଅନୁଷ୍ଠିତ ୪୬ତମ ଜାତୀୟ ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଉଭୟ ପୁରୁଷ ଓ ମହିଳା ଦଳ କାଂସ୍ୟ ପଦକ ହାସଲ କରିଛନ୍ତି। ଉଭୟ ପୁରୁଷ ଓ ମହିଳା ଦଳ ଓଡ଼ିଶାରେ ପହଞ୍ଚିବା ପରେ ବୁଧବାର ପୁରୀ ରେଲୱେ ଷ୍ଟେଶନ ଓ ଝାଡେଶ୍ୱରୀ କ୍ଲବ୍ ପ୍ରାଙ୍ଗଣରେ ଖେଳାଳିମାନଙ୍କୁ ସ୍ୱାଗତ କରାଯିବା ସହ ଶୁଭେଚ୍ଛା ଜଣାଯାଇଥିଲା। ଝାଡେଶ୍ୱରୀ କ୍ଲବ୍ ସମ୍ପାଦକ ସାରଥୀ ମହାପାତ୍ର, ଜିଲ୍ଲା ଭାଜପା ଉପସଭାପତି ମନୋଜ କୁମାର ବିଶୋୟୀ, ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଜୀତେନ୍ଦ୍ର ନାଥ ଦାସ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଥିଲେ। ପୂର୍ବରୁ ଥ୍ରୋ ବଲ୍‌ର ଉଭୟ ଦଳ ଅନେକ ଥର ଓଡ଼ିଶା ପାଇଁ ବିଜୟ ପଦକ ହାସଲ କରିସାରିଛନ୍ତି। ତେଣୁ ସେମାନେ ବଡ଼ ବିଜୟ ଧାରାକୁ ଜାରି ରଖି ପୁଣି ଥରେ ଓଡ଼ିଶା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏନେଇ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନ୍ ସମ୍ପାଦକ ଦାସ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଗାମୀ ଦିନରେ ଏହି ବିଜୟ ଧାରାକୁ ବଜାୟ ରଖିବା ପାଇଁ ନୂଆ ଖେଳାଳିମାନଙ୍କ ସହ ଖେଳର କିଭଳି ପ୍ରଚାର ପ୍ରସାର ହେବ ସେଥିଲାଗି ବିଶେଷ ଭାବେ ଧ୍ୟାନ ଦିଆଯିବ ବୋଲି ଦାସ କହିଛନ୍ତି।

## ୧୮୦ କୋଟି ଟଙ୍କା ପାଇଲେଣି ୧୮,୬୭୩ ଚାଷୀ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲ୍ଲାର ୧୮,୬୭୩ ଚାଷୀ ୧୮୭ଟି ମଣ୍ଡିରେ ଧାନ ବିକ୍ରି ପରେ ୧୮୦କୋଟି ୮ଲକ୍ଷ ୧୮ହଜାର ୫୮୦ ଟଙ୍କା ପାଇଛନ୍ତି। ଜିଲ୍ଲାର ସମସ୍ତ ୧୧ ବ୍ଲକରେ ଧାନ ସଂଗ୍ରହକୁ ତ୍ୱରାନ୍ୱିତ କରାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ବ୍ଲକ ଦାୟିତ୍ୱରେ ରହି ଧାନ ସଂଗ୍ରହକୁ ଶୃଙ୍ଖଳିତ ପରିଚାଳନା ପାଇଁ ତଦାରଖ କରୁଛନ୍ତି। ଯୋଗାଣ ଅଧିକାରୀ, ସମବାୟ ସମିତିର କର୍ମକର୍ତ୍ତା ଏବଂ ଆର୍‌ଏମ୍‌ସି ପକ୍ଷରୁ କୃଷକଙ୍କୁ ସମସ୍ତ ସହଯୋଗ ଯୋଗାଇଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର କୃଷକମାନେ ଧାନ ବିକ୍ରିରେ ଯେପରି କୌଣସି ସମସ୍ୟାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ସଜାଗ ରହି ପଦକ୍ଷେପ ନେବାକୁ ଜିଲ୍ଲାପାଳ ସ୍ୱାଇଁ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ଖରିଫ ଋତୁରେ ପଞ୍ଜୀକୃତ ୪୮୯୬୪ କୃଷକଙ୍କଠାରୁ ୧୧, ୬୮, ୬୦୨ କୁଇଣ୍ଟାଲ ୯୪ କି.ଗ୍ରା ଧାନ ସଂଗ୍ରହର ଲକ୍ଷ୍ୟଧାର୍ଯ୍ୟ ରହିଥିଲା। ଚଳିତ ମାସ ୧୨ ତାରିଖ ସୁଦ୍ଧା ଖୋଲା ଯାଇଥିବା ସମସ୍ତ ୧୮୭ ମଣ୍ଡିରେ ୨୧୭୩୩ କୃଷକଙ୍କଠାରୁ ୮୯୭୪୮୩ କୁଇଣ୍ଟାଲ ୯୮ କି.ଗ୍ରା ଧାନ ସଂଗ୍ରହ ହୋଇଛି। ୨୦୧୦୨ ଜଣ କୃଷକଙ୍କୁ ୧୯, ୨୫, ୭୮୦, ୩୪୦ ଟଙ୍କା ବ୍ୟାଙ୍କ ତରଫରୁ ପ୍ରେରଣ କରାଯାଇଛି।

## ଜାତୀୟ ମହିଳା କମିଶନଙ୍କ ଶ୍ରୀମନ୍ଦିର ଗସ୍ତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ଜାତୀୟ ମହିଳା କମିଶନର ଅଧ୍ୟକ୍ଷା ବିଜୟା କେ. ରାହତକର ବୁଧବାର ପୁରୀ ଗସ୍ତରେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ମହାପ୍ରଭୁଙ୍କ ଦର୍ଶନ କରି ସେ ଖୁସିବ୍ୟକ୍ତ କରିଛନ୍ତି। ଏହି ଅବସରରେ ମହିଳା ଓ ଛୋଟ ପିଲା ଚାଲାଣ ନେଇ ସଚେତନତା ଆବଶ୍ୟକ ବୋଲି କହିଥିଲେ। ସେହିପରି ୟୁଟ୍ୟୁବ୍ ରିୟାଲିଟି ଶୋ'ରେ ମା'ବାପାଙ୍କୁ ନେଇ ଅଶ୍ଳୀଳ ମନ୍ତବ୍ୟକୁ ମହିଳା କମିଶନ ନିନ୍ଦା କରୁଛି। ଏପରି ମନ୍ତବ୍ୟ ଦେଇଥିବା ବ୍ୟକ୍ତି ଓ ସହଯୋଗ କରିଥିବା ବ୍ୟକ୍ତିଙ୍କୁ ସମନ ଜାରି କରାଯାଇଛି। ୧୭ ତାରିଖରେ କମିଶନଙ୍କ ନିକଟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମହିଳା କମିଶନର ସୂଚନା ଦେଇ କହିଛନ୍ତି।

## ଶ୍ରୀକ୍ଷେତ୍ରରେ ଅଗିଜଳା ପୂର୍ଣ୍ଣିମା ପାଳିତ

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ମାଘ ପୂର୍ଣ୍ଣିମା ଅବସରରେ ଶ୍ରୀକ୍ଷେତ୍ର ଅଗିଜଳା ଉତ୍ସବ ବା ଅଗ୍ନି ଉତ୍ସବ ପାଳନ କରାଯାଇଛି। ତେଣୁ ମାଘ ପୂର୍ଣ୍ଣିମାକୁ ମଧ ଅଗିଜଳା ପୂର୍ଣ୍ଣିମା ଭାବେ ପରିଚିତ। ଓଡ଼ିଶା ସମେତ ଭାରତର ଅନେକ ରାଜ୍ୟରେ ଏହି ଉତ୍ସବ ଅଲଗା ଅଲଗା ଢଙ୍ଗରେ ପାଳନ କରାଯାଇଥାଏ। ସନ୍ଧ୍ୟା ସମୟରେ ଅଗ୍ନି ଉତ୍ସବ ସମୟରେ ବ୍ରାହ୍ମଣ ପୁରୋହିତ ଅଗ୍ନିଦେବଙ୍କୁ ପୂଜା କରି କମାର ଯୋଗାଇଥିବା ଶାଣ ଅଗ୍ନିଦ୍ୱାରା ପ୍ରସ୍ତୁତ ଅଗିଘରେ ଅଗ୍ନି ସଂଯୋଗ କରିଥାନ୍ତି। ଅଗି ଜଳି ଉଠିବା ସହିତ ନାନାଦି ଭୋଗ ଅଗ୍ନିରେ ସମର୍ପଣ କରାଯାଏ। ଭକ୍ତମାନେ ଖୋଳକୀର୍ତ୍ତନ କରି ଅଗ୍ନିର ଚତୁର୍ପାର୍ଶ୍ୱରେ ପ୍ରଦକ୍ଷିଣ କରିବା ସହିତ ଅଗ୍ନିରେ ବିଭିନ୍ନ ଫଳ ନିକ୍ଷେପ କରିଥାନ୍ତି। ପୁରୀର ବିଭିନ୍ନ ସାହିର ଠାକୁରାଣୀଙ୍କ ପାଖରେ ଏବଂ ଛକଗୁଡ଼ିକରେ ଏହି ଅଗିଜଳା ଉତ୍ସବ ପାଳନ କରାଯାଇଛି।

## ଜନତାଙ୍କ ସ୍ୱର ପାଲଟିଛି ରେଡିଓ ନମସ୍କାର



ମହିଳାମାନେ ରେଡିଓ ନମସ୍କାରର ୧୫ତମ ପୂର୍ତ୍ତି ପାଳନ କରୁଛନ୍ତି।

କୋଣାର୍କ,୧୨।୨(ଜ୍ୟୋତିରାଜ ମହାନ୍ତି)

ଓଡ଼ିଶାର ପ୍ରଥମ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ବୁଧବାର ତା'ର ୧୫ତମ ପୂର୍ତ୍ତି ପାଳନ କରିଛି। ଏହି ସମୟ ଅବଧି ମଧରେ ରେଡିଓ ନମସ୍କାର ସାଧାରଣ ଲୋକଙ୍କ ସ୍ୱର ପାଲଟିଥିବା କଥା ପ୍ରତିଷ୍ଠା ଦିବସରେ ଉପସ୍ଥିତ ଗ୍ରାମବାସୀ ମତବ୍ୟକ୍ତ କରିଛନ୍ତି। ରେଡିଓ ନମସ୍କାର ତୃଣମୂଳସ୍ତରରେ ପ୍ରତିଟି ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ସହ ସାରା ଦେଶରେ ସୁନାମ ଅର୍ଜନ କରିପାରିଛି। ଦେଶବିଦେଶର ଅନେକ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ରେଡିଓ ନମସ୍କାରର କାର୍ଯ୍ୟଧାରା ଓ ପ୍ରଭାବ ଉପରେ ଗବେଷଣା ମଧ କରିସାରିଛନ୍ତି ବୋଲି ରେଡିଓ ନମସ୍କାରର ଅଧ୍ୟକ୍ଷ ତଥା ଗୋଷ୍ଠୀ ଗଣମାଧ୍ୟମ ବିଶେଷଜ୍ଞ ଏନ୍.ଏ. ଶାହା ଅନ୍‌ସାରୀ କହିଛନ୍ତି। ରେଡିଓ ନମସ୍କାର ଭାରତ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଦ୍ୱାରା ଅଗ୍ରଣୀ କମ୍ୟୁନିଟି ରେଡିଓ ଭାବେ ଘୋଷିତ ହୋଇଛି ବୋଲି ରେଡିଓ ନମସ୍କାରର କାର୍ଯ୍ୟନିର୍ବାହୀ ଅଧିକାରୀ ରୋଜାଲିନ ପ୍ରଧାନ, ସଂଯୋଜକ ଅନୁପ ସାହୁ, ଖବରଦାତା ଜ୍ଞାନରଞ୍ଜନ ବିଶ୍ୱାଳ ଓ ଗ୍ରାମବାସୀଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମକୁ ରାନୁ ସେଠୀ, ଗୌରୀ ସ୍ୱାଇଁ, ଜ୍ୟୋତ୍ସ୍ନାରାଣୀ ବିଶ୍ୱାଳ, କବିତା ବିଶ୍ୱାଳ ଓ ଶାନ୍ତି ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

ପୁରୀ,୧୨।୨( ଅଜିତ୍ କୁମାର ମହାନ୍ତି)

ଡାକାୟତି ଯୋଜନା କରୁଥିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବଳିଆପଣ୍ଡା ଥାନା ଅନ୍ତର୍ଗତ ମହାବୀର ସାହିର ହାପିନା ସାହୁ, ଗୌଡ଼ବାଡ଼ସାହି ବିଧବାଶ୍ରମ ଛକର ମୁନା ସିଲ, ବଳିଆପଣ୍ଡା ବସ୍ତି ମଙ୍ଗଳା ସାହିର ବୁନୁ ରାଉତ, ମଙ୍ଗଳା ସାହି ମଙ୍ଗଳା ମନ୍ଦିର ନିକଟର ମାଧବ ସିଂ ଏବଂ ସମୁଦ୍ରକୂଳ ଥାନା ଅନ୍ତର୍ଗତ ସିଟି ରୋଡ୍‌ର କାର୍ତ୍ତିକ ରାଉତ। ପୋଲିସ ଅଭିଯୁକ୍ତଙ୍କ ଠାରୁ ଷ୍ଟିଲ୍ ପାଇପ୍, ଗୋଟିଏ ଛୁରୀ, ଚାପଡ଼, ଲଙ୍କାଗୁଣ୍ଡ ଏବଂ ଲୁହାରଡ୍ ଜବତ କରିଛି। ଅଭିଯୁକ୍ତମାନେ ମାତାମଠ ନିକଟ କଳିଙ୍ଗବିହାର ଠାରେ ଏକାଠି ହୋଇ ଡକ ପାସେଞ୍ଜର ଗାଡ଼ି ଓ ପର୍ଯ୍ୟଟକଙ୍କ ଗାଡ଼ିରେ ଡକାୟତି କରିବା ନେଇ ଯୋଜନା କରୁଥିବା ବେଳେ ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ନାଟ୍ୟଶାସ୍ତ୍ର ଭାରତୀୟ ସଂସ୍କୃତି, ଅସ୍ମିତାର ପ୍ରତୀକ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

### ଆଚାର୍ଯ୍ୟ ଭରତ ମୁନି ସ୍ମରଣ ଦିବସ

କୋଣାର୍କ,୧୨।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଯାତ୍ରୀନିବାସ ବାଙ୍କ୍ୱେଟ୍ ହଲ୍‌ଠାରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଓ ସଂସ୍କାର ଭାରତୀ, କୋଣାର୍କ ଶାଖା ମିଳିତ ଆନୁକୂଲ୍ୟରେ ନାଟ୍ୟଶାସ୍ତ୍ରର ଜନକ ଆଚାର୍ଯ୍ୟ ଭରତ ମୁନିଙ୍କ ସ୍ମରଣ ଦିବସ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ଅଧ୍ୟକ୍ଷ ଜ୍ଞାନଗୁରୁ ଶାନ୍ତନୁ ରଥଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ରାଜେନ୍ଦ୍ର ନାରାୟଣ କୃଷି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଶ୍ରୀଜଗନ୍ନାଥ ବିଶ୍ୱବିଦ୍ୟାଳୟ ଗବେଷଣା ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡ. ହରମୋହନ ମିଶ୍ର, ବରିଷ୍ଠ ଶିକ୍ଷାବିତ୍ ତଥା ପ୍ରାକ୍ତନ ପ୍ରାଧ୍ୟାପକ କ୍ଷୀରୋଦ ରାୟମହାପାତ୍ର, ବିଶିଷ୍ଟ ଓଡ଼ିଶୀ ନୃତ୍ୟ ଗବେଷିକା ଡ. ସ୍ନେହପ୍ରଭା ସାମନ୍ତରାୟ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପୂର୍ବପ୍ରାନ୍ତ ସଞ୍ଚାଳକ ସମୀର କୁମାର ମହାନ୍ତି, ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଉପାଧ୍ୟକ୍ଷ ନିତାଇ ଚରଣ ନନ୍ଦ ଓ ସଂସ୍କାର ଭାରତୀ ଉତ୍କଳ ପୂର୍ବ ପ୍ରାନ୍ତ ମହାମନ୍ତ୍ରୀ ଶ୍ରୀକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଭାରତୀୟ ସଂସ୍କୃତିର ମହାନ୍ ପରମ୍ପରା ଓ ଅସ୍ମିତାର ପ୍ରତୀକ ନାଟ୍ୟଶାସ୍ତ୍ର ଭବିଷ୍ୟତ ପିଢ଼ି ପାଇଁ ସଂସ୍କାରଧର୍ମୀ ଚିନ୍ତା ଓ ଚେତନାକୁ ସମୃଦ୍ଧ କରିବା ସହ ଏହା ପ୍ରାଚୀନ କଳା ଓ ନାଟ୍ୟ ସଂସ୍କୃତି ପ୍ରତି ଭରତ ମୁନିଙ୍କ ବରଦାନ ସଦୃଶ ବୋଲି ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ସଂସ୍କାର ଭାରତୀ ଉତ୍କଳ ପୂର୍ବପ୍ରାନ୍ତ ଆନୁକୂଲ୍ୟରେ ଓଡ଼ିଶୀ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଙ୍ଗୀତ, ପାଲା ପରିବେଷଣ ସମେତ ବିଭିନ୍ନ ଚେତନାଧର୍ମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ସମାରୋହର ଆଭିମୁଖ୍ୟ ଓ କାର୍ଯ୍ୟଧାରା ବିଷୟରେ ଗବେଷକ ସଞ୍ଜୟ କୁମାର ବରାଳ ବିଶଦ ଭାବେ ଆଲୋଚନା କରିଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପ୍ରତାପ କୁମାର ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ହରିଶ୍ଚନ୍ଦ୍ର ଦାଶ, ରବୀନ୍ଦ୍ର କୁମାର ପ୍ରଧାନ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ଖଟୋଇ, ନିରଞ୍ଜନ ତ୍ରିପାଠୀ, କାମଦେବ ବିଶ୍ୱାଳ, ମହେଶ୍ୱର ସାମଲ, ରମେଶ ଚନ୍ଦ୍ର ନାୟକଙ୍କ ସମେତ ସଂସ୍କାର ଭାରତୀର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।

## ଜଲୱା ଦେଖାଇଲେ ଗ୍ଲୋରି କୁଇନ୍, ଗ୍ଲୋରି କିଙ୍ଗ୍ ପ୍ରତିଯୋଗୀ

### ଗ୍ଲୋରି ଫେଷ୍ଟର ଦ୍ୱିତୀୟ ସନ୍ଧ୍ୟା

ପୁରୀ,୧୨।୨(ଅଜିତ୍ କୁମାର ମହାନ୍ତି)

ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଚାରିଦିନିଆ 'ଗ୍ଲୋରି ଫେଷ୍ଟ-୨୦୨୫' ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଗ୍ଲୋରି କୁଇନ୍ ଓ ଗ୍ଲୋରି କିଙ୍ଗ୍ ପ୍ରତିଯୋଗୀମାନଙ୍କ ଜଲୱା ଦେଖିବାକୁ ମିଳିଛି। ଜଣଙ୍କ ପରେ ଜଣଙ୍କ ଟ୍ୟାଲେଣ୍ଟକୁ ବିଚାରକମାନେ ତନଖିଛନ୍ତି। ବିଚାରକ ଭାବେ ଡା. ଜୟନ୍ତ କୁମାର ଦାଶ, ଡା. ମୌସୁମୀ ମିଶ୍ର, ସୁପରିଚିତ ମଡେଲ ସୋନାଲି ମିଶ୍ର ଯୋଗଦାନ କରିଥିଲେ। ଗ୍ଲୋରି କୁଇନ୍ ପ୍ରତିଯୋଗିତାରେ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ୪୧ ଜଣ ଛାତ୍ରୀ ଫଟୋ ସେସନ୍‌ରେ ଭାଗ ନେଇଥିବାବେଳେ ସେମାନଙ୍କ ମଧରୁ ଫାଇନାଲ୍ ରାଉଣ୍ଡକୁ ୨୦ଜଣ ଚୟନ ହୋଇଥିଲେ।

ସେହିପରି ଗ୍ଲୋରି କିଙ୍ଗ୍ ପ୍ରତିଯୋଗିତାରେ ୩୬ଜଣ ଛାତ୍ର ଭାଗ ନେଇଥିବାବେଳେ ଫାଇନାଲ ରାଉଣ୍ଡକୁ ୧୫ଜଣ ପ୍ରତିଯୋଗୀ ଚୟନ ହୋଇଥିଲେ। ପରେ ଉଭୟ ଗ୍ଲୋରି କିଙ୍ଗ ଓ କୁଇନ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିସହ ସ୍ୱଟ ପେଣ୍ଟିଙ୍ଗ, ବାଦ୍ୟଯନ୍ତ୍ର ଓ ଅନ୍ତାକ୍ଷରୀ ଆଦି ପ୍ରତିଯୋଗିତା ଓ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ସଂସ୍କୃତ ପାଠ୍ୟରେ ବର୍ଣ୍ଣିତ ପୁରୀ ରଥଯାତ୍ରା ବିଷୟ ଉପରେ ବିଶଦ ଭାବେ ବକ୍ତାମାନେ ସେମାନଙ୍କ ମତ ପରିପ୍ରକାଶ କରିଥିଲେ। ଦୁଇଟି ଅଧିବେଶନରେ ଗବେଷକମାନେ ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସଂଗ୍ରାମ କେଶରୀ କାନୁନ୍‌ଗୋ, ସାଧାରଣ ସମ୍ପାଦକ ବିଦ୍ରୋହ କେଶରୀ ସିଂ, କୋଷାଧ୍ୟକ୍ଷ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ର ନାଥ କର୍ଟସେ, ସାଙ୍ଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, ବରିଷ୍ଠ ସଦସ୍ୟ ଦାମୋଦର ଶତପଥୀ, ଆଲୋକ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ।




କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ ଘଟଣା, ଅଭିଯୁକ୍ତ ଗିରଫ**

ବାଲକାଟୀ,(ମନୋଜ ମଣ୍ଡଳ): ଗତ ଜାନୁଆରୀ ୨୬ରେ ବାଲିଅନ୍ତା ଥାନା ବାଲକାଟୀ ବଜାରରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଲକାଟୀ ବସନ୍ତ ପେଢ଼ି ଗ୍ରାମର ଅଂଶୁମାନ ମହାନ୍ତି। ତାଙ୍କଠାରୁ ପୋଲିସ ଗାଡ଼ିକୁ ଜବତ କରିଛି। ଅଭିଯୋଗ ଆଧାରରେ ବାଲକାଟୀ ଫାଣ୍ଡିରେ ୩୧/୨୫ ଏକ ମାମଲା ରୁଜୁ ହୋଇଥିଲା।



## ସଂକ୍ଷେପରେ

### ଗଛରୁ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ,୧୨।୨(ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ପୋଲିସ ବୁଧବାର ସକାଳେ ଦାରୁଠେଙ୍ଗ ବସ୍‌ଷ୍ଟାଣ୍ଡ ନିକଟ ଏକ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ବିହାରର ପିତାମରି ଜିଲାର ସୋନି କୁମାର (୨୩)। ପୋଲିସ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍‌ପିଟାଲ ପଠାଇଛି। ଏଥିସହ ତାଙ୍କ ଘର ଲୋକଙ୍କୁ ଖବର ଦିଆଯାଇଥିବା ଆଇଆଇସି ପ୍ରଦୀପ କୁମାର ଜେନା ସୂଚନା ଦେଇଛନ୍ତି। ସୂଚନା ମୁତାବକ, ସୋନି କିଛି ବର୍ଷ ଧରି ଦାରୁଠେଙ୍ଗ ଭୁଆସୁଣୀ ଡମ୍ପିୟାର୍ଡରେ ଜାଗୃତି ସୁପରଭାଇଜର ରୂପେ କାର୍ଯ୍ୟ କରୁଥିଲେ। ଦାରୁଠେଙ୍ଗରେ ସେ ତାଙ୍କ ଅନ୍ୟ ସାଥୀମାନଙ୍କ ସହ ରହୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ସୋନି ଏବଂ ତାଙ୍କ ସାଙ୍ଗମାନେ ଖାଇ ସାରି ଶୋଇଥିଲେ। ହେଲେ ସକାଳୁ ଭଡ଼ାଘର ପଛପଟ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସାଥୀମାନେ ଚନ୍ଦକା ଥାନାକୁ ଖବର ଦେଇଥିଲେ।

### ଝରକା ତାଡ଼ି ନେଇଗଲେ ଅଳଙ୍କାର

ଭୁବନେଶ୍ୱର,୧୨।୨(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଗାୟତ୍ରୀ ବିହାର ପ୍ଲଟ୍ ନଂ.୬୧୮/୩୧୫୪ସ୍ଥିତ ଘରୁ ଦୁର୍ବୃତ୍ତମାନେ ଅଳଙ୍କାର ଚୋରିକରି ନେଇଛନ୍ତି। ଏନେଇ ଘର ମାଲିକ ରଘୁନାଥ ମଙ୍ଗଳବାର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା (ନଂ.୩୫/୨୦୨୫) ରୁଜୁ କରି ତଦନ୍ତ କରୁଛି। ଚୋରମାନେ ଝରକା ତାଡ଼ି ଘରେ ପଶିବା ପରେ ଗଡରେଜ୍ ଭାଙ୍ଗି ରୁପା ପାଉଁଜି, ରୁପା ମୁଦି ଆଦି ପ୍ରାୟ ୪୦ ହଜାର ଟଙ୍କାର ଅଳଙ୍କାର ନେଇଯାଇଥିବା ରଘୁନାଥ କହିଛନ୍ତି। ରଘୁନାଥ କିଛିଦିନ ହେବ ରାତିବେଳା ଉପର ମହଲାରେ ଶୋଉଥିଲେ। ତଳ ମହଲାରେ ଥିବା ବେଡରୁମ୍‌ର ଝରକା ତାଡ଼ି ଘରୁ ଚୋରି ହୋଇଥିବା ରଘୁନାଥ ମଙ୍ଗଳବାର ଜାଣିବାକୁ ପାଇଥିଲେ। ଚୋରମାନେ ଘରର ଆସବାବପତ୍ର ଓ ଲୁଗାପଟା ଆଦି ରୁମ୍‌ରେ ଫିଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ।

# କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ଦମନ କରିବ ପୋଶ ଆଇନ

## ପ୍ରସ୍ତାବ ଦେଲେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା

ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା)




ବୈଠକରେ ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା କେ.ରାହତକର ଓ ଅନ୍ୟମାନେ।

ସମାଜରେ ମହିଳାମାନଙ୍କ ଭୂମିକା ଓ କର୍ତ୍ତବ୍ୟରେ ବହୁ ପରିବର୍ତ୍ତନ ଆସିଛି। ଆଜିର କର୍ମଜୀବୀ ମହିଳା ନିଜ ଘର ଓ କାର୍ଯ୍ୟକୁ ଅତି ନିଖୁଣ ଭାବରେ ପରିଚାଳନା କରିପାରୁଛନ୍ତି। ଏହି ପରିପ୍ରେକ୍ଷିରେ ସେମାନଙ୍କୁ ଏକ ସୁରକ୍ଷିତ ଓ ସମ୍ମାନଜନକ କାର୍ଯ୍ୟକ୍ଷେତ୍ର ପ୍ରଦାନ କରିବା ଆମ ସମସ୍ତଙ୍କ ଗୁରୁ ଦାୟିତ୍ୱ ହେବା ଉଚିତ ବୋଲି ଜାତୀୟ ମହିଳା ଆୟୋଗ ଅଧ୍ୟକ୍ଷା ବିଜୟା କେ.ରାହତକର କହିଛନ୍ତି। ବୁଧବାର ଲୋକସେବା ଭବନର କନ୍‌ଭେନ୍‌ସନ ସେଣ୍ଟରରେ ମହିଳା ଓ ଶିଶୁ ବିକାଶ ଏବଂ ଜାତୀୟ ମହିଳା ଆୟୋଗର ସହଭାଗିତାରେ ରାଜ୍ୟରେ କାର୍ଯ୍ୟକ୍ଷେତ୍ରରେ ଯୌନ ଉତ୍ପୀଡ଼ନ ନିରୋଧ ଆଇନ(ପୋଶ)ର କାର୍ଯ୍ୟକାରିତା ସମ୍ବନ୍ଧୀୟ ସମୀକ୍ଷା ବୈଠକରେ ଯୋଗଦେଇ ରାହତକର ଆହୁରି କହିଛନ୍ତି, କାର୍ଯ୍ୟକ୍ଷେତ୍ରରେ ପୋଶ ଆଇନର ଠିକ କାର୍ଯ୍ୟକାରିତା ଓ ଏହି ଆଇନ ସମ୍ବନ୍ଧରେ ଦୃଢ ଜନସଚେତନତା ସୃଷ୍ଟି କରିପାରିଲେ ହିଁ ଆମେ କାର୍ଯ୍ୟକ୍ଷେତ୍ରରେ ଘଟୁଥିବା ଯୌନ ଉତ୍ପୀଡ଼ନକୁ ଦମନ କରିପାରିବା। ଏହାସହ ରାଜ୍ୟର ପ୍ରତ୍ୟେକ କାର୍ଯ୍ୟକ୍ଷେତ୍ରରେ ଅନ୍ତଃ ସମିତି ଓ ପ୍ରତ୍ୟେକ ଜିଲାରେ ଆଞ୍ଚଳିକ ସମିତିର ଗଠନ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ସେହିଭଳି ସମିତିର ସଦସ୍ୟାମାନଙ୍କ ପାଇଁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ କରିବା ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ପ୍ରତି ଜିଲାର ସର୍ବସାଧାରଣ ସ୍ଥାନରେ ଏହି ଆଇନ ସମ୍ପର୍କରେ ବିଜ୍ଞାପନ ଓ ହୋର୍ଡିଂ ଜରିଆରେ ଲୋକମାନଙ୍କ ମଧ୍ୟରେ ଜନସଚେତନତା ସୃଷ୍ଟି କରାଯିବାର ଆବଶ୍ୟକ ରହିଛି। ଏହି ଆଇନ ଅନ୍ୟାୟ ବିରୁଦ୍ଧ, ପୁରୁଷ ବିରୁଦ୍ଧ ନୁହେଁ ଏବଂ ଏହି ଆଇନ ହିସାବରେ ଦୋଷୀଙ୍କୁ ନିଶ୍ଚୟ ଦଣ୍ଡ ମିଳିବ ବୋଲି ରାହତକର ଦୃଢ ମତ ରଖିଥିଲେ। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୋଭା ଶର୍ମା, ପୋଲିସ ଆଇଜି ଏସ.ସାଇନିଙ୍କ ସହ ବିଭାଗୀୟ ନିର୍ଦ୍ଦେଶକ ସୁଶ୍ରୀ ମୋନିଷା ବାନାର୍ଜୀ ଓ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଓ ରାଜ୍ୟସରକାରଙ୍କ ସମସ୍ତ ବିଭାଗର ନୋଡାଲ ଅଧିକାରୀମାନେ ଯୋଗ ଦେଇଥିଲେ।

# ବଜେଟ ଅଧିବେଶନ ପାଇଁ ୩୦ ପ୍ଲାଟୁନ୍ ଫୋର୍ସ

ଭୁବନେଶ୍ୱର,୧୨।୨(ସତ୍ୟଜିତ୍ ରାଉତ)

## ବିଧାନସଭା ସୁରକ୍ଷା ବ୍ୟବସ୍ଥା ସମୀକ୍ଷା କଲେ ଡିଜିପି




ବିଧାନସଭାରେ ଗୁରୁବାରଠାରୁ ଚଳିତବର୍ଷର ବଜେଟ ଅଧିବେଶନ ଆରମ୍ଭ ହେବ। ଏଥିପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ତ୍ରିସ୍ତରୀୟ ସୁରକ୍ଷା ବଳୟରେ ବିଧାନସଭା ରହିଛି। ବୁଧବାର ଅପରାହ୍ନରେ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ବିଧାନସଭା ପରିସରରେ ପହଞ୍ଚି ସୁରକ୍ଷା ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ସମୟରେ ଟୁଇନ୍ ସିଟି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଦାୟିତ୍ୱରେ ଥିବା ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଡିଜିପି ସୁରକ୍ଷା ବ୍ୟବସ୍ଥାର ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଥିଲେ। ଭୁବନେଶ୍ୱର ଡିସିପି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁରକ୍ଷା ବ୍ୟବସ୍ଥା ପରିଚାଳିତ ହେଉଛି। ବିଧାନସଭା ସୁରକ୍ଷା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ ସହ ୧୦୦ ଅଫିସରଙ୍କୁ ନିୟୋଜିତ କରାଯାଇଛି। ରୁଫଟପ୍ ସିକ୍ୟୁରିଟି ବ୍ୟବସ୍ଥା କରାଯାଇଥିବା ବେଳେ ଆନ୍ଦୋଳନକାରୀଙ୍କ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇ ସ୍ୱତନ୍ତ୍ର ଫୋର୍ସ ମୁତୟନ କରାଯାଇଛି। ଧାରଣାସ୍ଥଳ ମହାତ୍ମା ଗାନ୍ଧୀ ମାର୍ଗକୁ ସିସିଟିଭି ନଜରରେ ରଖାଯାଇଛି। କୌଣସି ଜରୁରିକାଳୀନ ପରିସ୍ଥିତି ପାଇଁ ସ୍ପେଶାଲ ଟାକ୍ଟିକାଲ ୟୁନିଟ୍, କୁଇକ୍ ରିଆକ୍ସନ୍ ଟିମ୍, ମୋବାଇଲ କୁଇକ୍ ରିଆକ୍ସନ୍ ଟିମ୍ ଏବଂ କମିଶନରେଟ୍ ପୋଲିସର କାଉଣ୍ଟର ଟେରରିଷ୍ଟ ସ୍କ୍ୱାଡ୍ (ସିଟିଏସ୍)କୁ ମଧ୍ୟ ସଜାଗ ରଖାଯାଇଛି। ବିଧାନସଭା ଭିତର, ପରିସର ଏବଂ ପିଏମ୍‌ଜି ଛକ ଆଦି ସମ୍ପୂର୍ଣ୍ଣ ସ୍ଥାନକୁ ସିଲ୍ କରାଯାଇଛି। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ମଧ୍ୟ ଯାଞ୍ଚ କରିବା ସହ ଜଗି ରହିଛନ୍ତି। ଗଣମାଧ୍ୟମକୁ ପୋଲିସ ଡିଜି ଖୁରାନିଆ କହିଛନ୍ତି, ଏହି ଅଧିବେଶନ ପାଇଁ ସବୁ ଦିଗକୁ ଦୃଷ୍ଟିରେ ରଖି ସୁରକ୍ଷା ବନ୍ଦୋବସ୍ତ କରାଯାଇଛି। ଆଇନଶୃଙ୍ଖଳା ସ୍ଥିତିକୁ ଦୃଷ୍ଟିରେ ରଖି କମିଶନରେଟ୍‌ପୋଲିସକୁ ଯାହା ଆବଶ୍ୟକ ଥିଲା ତାହା ପୋଲିସ ମୁଖ୍ୟାଳୟ ପକ୍ଷରୁ ଯୋଗାଇ ଦିଆଯାଇଛି ବୋଲି ଡିଜିପି କହିଛନ୍ତି।

# ସେତୁ ତଳୁ ନାବାଳକଙ୍କ ମୃତଦେହ ଜବତ

ବାରଙ୍ଗ/ତ୍ରିଶୂଳିଆ, ୧୨।୨(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

## ତଦନ୍ତ ପରେ ଜଣାପଡ଼ିବ ହତ୍ୟା ନା ଆତ୍ମହତ୍ୟା: ପୋଲିସ

କଟକ ନେତାଜୀ ସୁଭାଷ ସେତୁ ତଳୁ ଜଣେ ନାବାଳକ ଛାତ୍ରଙ୍କ ମୃତଦେହକୁ ବୁଧବାର ସକାଳେ ମର୍କତ ନଗର ପୋଲିସ ଜବତ କରିଛି। ସେ ହେଲେ ଭୁବନେଶ୍ୱର ନୀଳାଦ୍ରି ବିହାର ଅଞ୍ଚଳର ପ୍ରତୀକ ଦାସ(୧୭)। ପ୍ରତୀକ ଏକ ଘରୋଇ ଶିକ୍ଷାନୁଷ୍ଠାନର ଯୁକ୍ତ ୨ ଛାତ୍ର। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୨୪/୨୫) ରୁଜୁକରିଛି। ପ୍ରକାଶ ଯେ, ତ୍ରିଶୂଳିଆରୁ ବେଲଭିୟୁ ଛକକୁ ସଂଯୋଗ କରୁଥିବା ନେତାଜୀ ସୁଭାଷ ସେତୁ ତଳେ କେହି ଜଣେ ପଡ଼ିଥିବା ବୁଧବାର ସକାଳେ ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେମାନେ ଏନେଇ ଜରୁରିକାଳୀନ ସେବା ୧୧୨କୁ ଖବର ଦେଇଥିଲେ। ସୂଚନା ପାଇ ମର୍କତ ନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ଏସ୍‌ସିବି ମେଡିକାଲକୁ ପଠାଇବା ସହ ତଦନ୍ତ ଚଳାଇଛି। ନାବାଳକଙ୍କ ପରିବାର ଲୋକଙ୍କୁ ଯୋଗାଯୋଗ କରାଯିବା ପରେ ସେମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରତୀକ ମଙ୍ଗଳବାର ସନ୍ଧ୍ୟାରେ ଘରୁ କେଉଁଆଡ଼େ ପଳାଇଥିଲେ। ପରିବାର ଲୋକେ ତାଙ୍କୁ ଫୋନ କରିବାର କିଛି ସମୟ ପରେ ତାଙ୍କ ଫୋନ ସୁଇଚ ଅଫ ହୋଇଯାଇଥିଲା। ପରେ ପରିବାର ଲୋକେ ଖୋଜାଖୋଜି କରିବା ସହ ତାଙ୍କ ସାଙ୍ଗସାଥୀଙ୍କୁ ଯୋଗାଯୋଗ କରିଥିବା ପୋଲିସକୁ କହିଛନ୍ତି। ତେବେ ପ୍ରତୀକ ଏଠାକୁ କିପରି ଆସିଲେ ଏବଂ ଏହା ହତ୍ୟା ନା ଆତ୍ମହତ୍ୟା ସେ ସମ୍ପର୍କରେ ତଦନ୍ତ ପରେ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଟ୍ରାଫିକ୍ ଅଧିକାରୀଙ୍କୁ ଉତ୍ତର ମାଗିଲେ ସିପି

ଭୁବନେଶ୍ୱର,୧୨।୨(ସୂର୍ଯ୍ୟକାନ୍ତ ବେହେରା)

## କାର୍ ଭିତରେ ଛାତ୍ରୀ ଅଟକ ଘଟଣା

■ସମୟ ଅନୁସାରେ କଠୋର, ନରମ ଶିଖିବାକୁ ପଡ଼ିବ

ଟ୍ରାଫିକ୍ ନିୟମ ଉଲ୍ଲଂଘନ ପାଇଁ ଚାଳକଙ୍କ ଉପରେ ଟ୍ରାଫିକ ପୋଲିସ ଜରିମାନା ଆଦାୟ କରିବାକୁ ଯାଇ ଜଣେ କୁନି ଝିଅ କାର ଭିତରେ ଦୀର୍ଘ ସମୟ ଧରି ଅଟକ ରହିବା ଘଟଣାକୁ ନେଇ ଚର୍ଚ୍ଚା ଲାଗି ରହିଛି। ତେବେ ଏହାରି ଭିତରେ ଘଟଣାକୁ ନେଇ ପୋଲିସ କମିଶନର(ସିପି) ଏସ୍. ଦେବଦତ୍ତ ସିଂ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଚାଳକଙ୍କ ଭୁଲ ଗାଡ଼ିଚାଳନା ପାଇଁ କାରକୁ ପୋଲିସ ଅଟକ ରଖିଥିଲା। ଏହି ସମୟରେ ଛାତ୍ରୀ ଜଣଙ୍କ ୯ରୁ ୧୦ ମିନିଟ ଅଟକି ରହିଥିଲେ। ମାତ୍ର ସେହି ସମୟରେ ଯେଉଁ କର୍ମଚାରୀ ଏଭଳି ଆଚରଣ କରିଥିଲେ ତାଙ୍କଠାରୁ ଉତ୍ତର ମଗାଯାଇଛି। ଏଥିସହ କାର୍‌ରେ ଥିବା ଛାତ୍ରୀଙ୍କ ମା'ଙ୍କ ସହ ସେ କଥା ହୋଇଥିବା ପୋଲିସ କମିଶନର କହିଛନ୍ତି। ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ବ୍ଲକିଙ୍ଗ ଚେକିଂ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। କିନ୍ତୁ ସମୟ ଅନୁସାରେ ପୋଲିସ ନରମ ଏବଂ କଠୋର ଓ ସମ୍ବେଦନଶୀଳ ହେବାକୁ ପଡ଼ିବ। ସେ ସମ୍ପର୍କରେ ପୋଲିସ ଶିଖିବାକୁ ପଡ଼ିବ ବୋଲି କମିଶନର ସିଂ କହିଛନ୍ତି।

ସୂଚନାନୁସାରେ ମଙ୍ଗଳବାର ପୂର୍ବାହ୍ନରେ ଜଣେ ବ୍ୟକ୍ତି ତାଙ୍କ ଝିଅକୁ ସ୍କୁଲ୍‌ରୁ ନେଇ କାର୍ ଯୋଗେ ଯାଉଥିଲେ। ଏହି ସମୟରେ ସେ ଏଜି ଛକରେ ୟୁ-ଟର୍ନ ନେଇଥିଲେ। ଏହାଦେଖି ସେଠାରେ ଥିବା ଟ୍ରାଫିକ ପୋଲିସ ଗାଡ଼ି ଅଟକାଇ ଚାଳକଙ୍କୁ ଟ୍ରାଫିକ ନିୟମ ଉଲ୍ଲଂଘନରେ ଜରିମାନା ଦେବାକୁ କହିଥିଲେ। ମାତ୍ର ଚାଳକଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଇ-ଚାଲାଣ କାଟିଦେବାକୁ ଟ୍ରାଫିକ ପୋଲିସ କର୍ମଚାରୀଙ୍କୁ କହିଥିଲେ। କିନ୍ତୁ ଜରିମାନା ବାବଦ ଅର୍ଥ ନଗଦ ଆକାରରେ ନ ଦେଲେ ଗାଡ଼ି ଛଡ଼ାଯିବ ନାହିଁ କହି ଟ୍ରାଫିକ୍ କର୍ମଚାରୀ ଗାଡ଼ି ଅଟକାଇ ରଖିଥିଲେ। ଫଳରେ ଝିଅଟି ବହୁ ସମୟ ଧରି କାର୍ ଭିତରେ ଫସି ରହିଥିଲେ।


GOVERNMENT OF ODISHA
O/o THE SUPERINTENDING ENGINEER, RURAL WORKS DIVISION-II, CUTTACK
No.O-1449

Email ID - cuttackrw2nd@yahoo.co.in, Telephone / Fax No. (0671)-2445119

e-procurement Notice for Building Work

Bid Identification No. SECTC-II-16 of 2024-25 dt.10.02.2025

1. Number of the work : 03 (Three) numbers of Buildings for the year 2024-25
2. Estimated Cost (Approx) : Rs. 3.00 lakh to Rs. 4.00 lakh
3. Period of completion : 15 days (Fifteen)
4. Date & time of sale & receipt of bid document online : From 14.02.2025 at 11:00 A.M. to 20.02.2025 at 5.00 P.M.
5. Date & time of opening of Technical bid : 21.02.2025 at 11:30 A.M.
6. Name and address of Inviting Officer : Superintending Engineer, R.W. Division-II, Cuttack, Nayabazar, Cuttack-753004

Further details can be seen from the State Govt. portal https://tendersorissa.gov.in

Sd./- Superintending Engineer R.W. Division-II, Cuttack

OIPR-25095/11/0019/2425

ODISHA SPACE APPLICATIONS CENTRE (ORSAC)

Deptt. of Science and Technology, Govt. of Odisha
Plot No.45/48, Jayadev Vihar, Near Gopabandhu Academy of Administration, Unit-16, Bhubaneswar-751023

TENDER NOTICE No. 05/2025
For CAMC OF AIRCONDITIONERS

No.CAD-2553 : Sealed tenders are invited for Comprehensive Annual Maintenance Contract of Airconditioners for the office at Bhubaneswar from bonafide Manufacturers/Service Providers with established set up in the serviceable reach of the above location. Bidding agencies should have Technical & Financial capabilities along with adequate experience in the concerned field.
For details, please visit https://www.odisha.gov.in or https://www.orsac.odisha.gov.in or to the above office for the tender papers.

OIPR-28007/11/0006/2425 Administrative Officer

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer, Drainage Division, Bhadrak
Email : eeddbdk@gmail.com

"e" PROCUREMENT NOTICE NO.-02/2024-25
Bid Identification No. DDBDK-03/2024-25

No.A-1047 : Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal https://tendersodisha.gov.in.

| | | | |
|---|---|---|---|
| 1 | Name of the work | : | Normal Maintenance & Critical Lumps works |
| 2 | No. of work | : | 9 Nos. individual work |
| 3 | Estimated cost for put to tender | : | Varies from Rs.3,54,334.00 (Excluding G.S.T.) to Rs.12,38,882.00 (Excluding G.S.T.) |
| 4 | Period of completion | : | Varies 1 (One) to 2 (Two) calendar months |
| 5 | Date & time of availability of bid documents in the portal | : | From Dt.13.02.2025 at 10.00 hours to Dt.24.02.2025 at 17.30 hours |
| 6 | Date of for receipt of bids in the portal | : | From Dt.13.02.2025 at 10.00 hours to Dt.24.02.2025 at 17.30 hours |
| 7 | Date of opening of bids | : | From Dt.25.02.2025 at 11.30 hours |
| 8 | Date of Lottery (if required) | : | Dt.04.03.2025 at 11.30 hours in the O/o Superintending Engineer, Drainage Division, Bhadrak |
| 9 | Procurement Officer/Name & address of the Officer Inviting Bids | : | Superintending Engineer, Drainage Division, Bhadrak |

Further details can be seen from the e-procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer Drainage Division, Bhadrak

OIPR-32057/11/0002/2425

ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ
Utkalika
ଡି-୨/୩ ଏବଂ ୪, ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ରସୁଲଗଡ଼, ଭୁବନେଶ୍ୱର-୭୫୧୦୧୦ (ଓଡ଼ିଶା)
ଫୋନ୍-୦୬୭୪-୨୯୭୫୩୯୦,E-mail:oschcutkalika@gmail.com
Website: www.utkalikaodisha.com

ଚିଠି ନଂ.-୫୧୩ ତାରିଖ ୧୨.୦୨.୨୫

ସାଇଜ ଶାହାଣ ପଥର କ୍ରୟ ପାଇଁ ବିଜ୍ଞପ୍ତି

No.CAD-2546: ଓଡ଼ିଶା ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ଲିଃ (ଉତ୍କଳିକା), ଡି-୨/୩, ଶିଳ୍ପାଞ୍ଚଳ ରସୁଲଗଡ, ଭୁବନେଶ୍ୱର-୭୫୧୦୧୦ ନିମ୍ନଲିଖିତ ସାଇଜର କଟାଯାଇଥିବା ଶାହାଣ ପଥର ଘନଫୁଟ ପ୍ରତି ଟ.୯୯୫.୦୦ଙ୍କା ମୂଲ୍ୟରେ (ଜି.ଏସ.ଟି ବ୍ୟତୀତ) ତା.୩୧.୦୩.୨୦୨୫ ରିଖ ମଧ୍ୟରେ କ୍ରୟ କରିବା ପାଇଁ ଇଚ୍ଛୁକ ଅଟେ । ଉକ୍ତ ସାଇଜ ପଥର ଯୋଗାଇବା ପାଇଁ ଆଗ୍ରହୀ ସମବାୟ ସମିତି, ପଥର କାରିଗର, ରେଜେଷ୍ଟ୍ରିଭୁକ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଅନୁଷ୍ଠାନମାନଙ୍କୁ ଅନୁରୋଧ କରାଯାଉଛି କି, ସେମାନେ ଉକ୍ତ ସାଇଜ ପଥରର ଦର ଏକ ବନ୍ଦ ଲଫାପାରେ ସବିଶେଷ ଠିକଣା ସହିତ ଯୋଗାଣ କରିବାର ଅବଧି ଇସ୍ତାହାର ବାହାରିବାର ୭ ଦିନ ମଧ୍ୟରେ ନିଗମରେ ମୁଖ୍ୟ କାର୍ଯ୍ୟାଳୟରେ ସରକାରୀ ଛୁଟି ଦିନ ବ୍ୟତୀତ ଦିବା ୧୦ ଘଟିକାଠାରୁ ଦିବା ୫ ଘଟିକା ମଧ୍ୟରେ ପଇଠ କରିପାରିବେ । ଉକ୍ତ ବିଷୟରେ ସବିଶେଷ ଜାଣିବା ପାଇଁ ଶ୍ରୀ ପ୍ରୀତିଶ କୁମାର ବେହେରା, ଶିଳ୍ପ ବିକାଶ ଅଧିକାରୀଙ୍କୁ ଦୂରଭାଷ ନଂ. ୯୮୬୧୯୪୮୩୭୦ ରେ ଯୋଗାଯୋଗ କରିପାରିବେ । ଅଫର ଦାଖଲ କରିବାର ଶେଷ ତାରିଖ ତା.୧୯.୦୨.୨୦୨୫ ରିଖ ଦିବା ୨ ଘଟିକା ଅଟେ ଏବଂ ଖୋଲିବା ସମୟ ଅପରାହ୍ନ ୪ ଘଟିକା ।

କୌଣସି କାରଣ ନ ଦର୍ଶାଇ ପରିଚାଳନା ନିର୍ଦ୍ଦେଶିକା, ଉକ୍ତ ବିଜ୍ଞପ୍ତିକୁ ଗ୍ରହଣ କିମ୍ବା ଖାରଜ କରିପାରିବେ ।

ବି.ଦ୍ର.:
୧. ସଠିକ୍ ମାପ ଅନୁଯାୟୀ କଟାଯାଇଥିବା ପଥର ନିଖୁଣ ହେବା ନିତ୍ୟାନ୍ତ ଜରୁରୀ ଅଟେ ।
See Career Appointment on every Wednesday & Saturday

ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍, ବାରିପଦା, ମୟୂରଭଞ୍ଜଙ୍କ ସମ୍ମୁଖରେ ଏକ ସତ୍ୟପାଠ ମାଧ୍ୟମରେ ମୁଁ ମହେନ୍ଦ୍ର ସିଂ, ସା: ଡୁଭିଆ, ପୋ.- ଟସରଡ଼ା, ଥାନା.- ବେତନଟୀ, ଜିଲ୍ଲା- ମୟୂରଭଞ୍ଜ, ପିନ୍- ୭୫୭୦୨୯, ଓଡ଼ିଶାର ବାସିନ୍ଦା ଅଟେ । ମୋ ଝିଅର ନାମ ତାନାଶ୍ରୀ ସିଂରୁ ତନୁଶ୍ରୀ ସିଂକୁ ପରିବର୍ତ୍ତନ କରିଅଛି। ବର୍ତ୍ତମାନଠାରୁ ଭବିଷ୍ୟତର ସମସ୍ତ ଉଦ୍ଦେଶ୍ୟରେ ସେ ତନୁଶ୍ରୀ ସିଂ ନାମରେ ପରିଚିତ ହେବେ। D-2902

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଖବରଦାତାଙ୍କ ପାଇଁ ୨୦୨୪ ସବୁଠୁ ଘାତକ ବର୍ଷ

**ଆକ୍ରମଣରେ ଯାଇଛି ୧୨୪ ଜଣଙ୍କ ଜୀବନ**

**ନ୍ୟୁୟର୍କ,୧୨।୨**

ଖବରଦାତା ଓ ଗଣମାଧ୍ୟମ କର୍ମଚାରୀମାନଙ୍କ ପାଇଁ ୨୦୨୪ ସବୁଠୁ ଘାତକ ବର୍ଷ ଥିଲା। ବିଭିନ୍ନ ଦେଶରେ ଯୁଦ୍ଧ ଓ ଆକ୍ରମଣରେ ୧୨୪ ଜଣ ସାମ୍ବାଦିକଙ୍କ ମୃତ୍ୟୁ ଘଟିଥିଲା। ମୋଟ ମୃତ୍ୟୁର ପ୍ରାୟ ୭୦ ପ୍ରତିଶତ ଇସ୍ରାଏଲ୍ ଆକ୍ରମଣ ଯୋଗୁ ହୋଇଥିଲା ବୋଲି କମିଟି ଟୁ ପ୍ରୋଟେକ୍ଟ ଜର୍ନାଲିଷ୍ଟସ୍ (ସିପିଜେ) ପକ୍ଷରୁ କୁହାଯାଇଛି। ୩ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ହେଲା ସିପିଜେ ଖବରଦାତାମାନଙ୍କୁ ହତ୍ୟା ଘଟଣାର ରେକର୍ଡ ରଖିଆସୁଛି। ୨୦୨୩ ତୁଳନାରେ ୨୦୨୪ରେ ଖବରଦାତାଙ୍କ ମୃତ୍ୟୁ ୨୨ ପ୍ରତିଶତ ବଢ଼ିଥିଲା। ଅନ୍ତର୍ଜାତୀୟ ଦ୍ୱନ୍ଦ୍ୱ, ରାଜନୈତିକ ଅସ୍ଥିରତା ଏବଂ ବିଶ୍ୱବ୍ୟାପୀ ଆପରାଧିକତା ବଢ଼ୁଥିବା ଏଥିରୁ ପ୍ରତିଫଳିତ ହେଉଛି। ସିପିଜେ ସୂଚନା ଅନୁଯାୟୀ, ୨୦୨୪ରେ ଇସ୍ରାଏଲ୍-ହମାସ୍ ଯୁଦ୍ଧରେ ମୋଟ ୮୫ ଜଣ ଖବରଦାତାଙ୍କ ମୃତ୍ୟୁ ଘଟିଥିଲା। ସେମାନଙ୍କ ମଧ୍ୟରୁ ୮୨ ଜଣ ହେଉଛନ୍ତି ପାଲେଷ୍ଟିନୀୟ। ସୁଦାନ ଓ ପାକିସ୍ତାନରେ ୬ ଜଣ ଲେଖାଏ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି, ଯାହାକି ଦ୍ୱିତୀୟ ସର୍ବାଧିକ। ଖବରଦାତାଙ୍କ ପାଇଁ ସବୁଠୁ ବିପଦପୂର୍ଣ୍ଣ ଦେଶ ମଧ୍ୟରୁ ଅନ୍ୟତମ ମେକ୍ସିକୋରେ ଗତବର୍ଷ ୫ ଜଣଙ୍କୁ ହତ୍ୟା କରାଯାଇଥିଲା। ହାଇତିରେ ୨ ଜଣ ସାମ୍ବାଦିକ ହତ୍ୟାକାଣ୍ଡର ଶିକାର ହୋଇଥିଲେ। ଏହା ବ୍ୟତୀତ ମ୍ୟାନ୍‌ମାର, ମୋଜାମ୍ବିକ୍, ଭାରତ ଓ ଇରାକରେ ମଧ୍ୟ ସାମ୍ବାଦିକଙ୍କୁ ହତ୍ୟା କରାଯାଇଛି। ସିପିଜେ ଇତିହାସରେ ଖବରଦାତାଙ୍କ ପାଇଁ ଏହା ସବୁଠୁ ବିପଜ୍ଜନକ ସମୟ ବୋଲି ଗ୍ରୁପ୍ ସିଇଓ ଜୋଡି ଗିନ୍ସବର୍ଗ କହିଛନ୍ତି।

**ବଜାରକୁ ଆସିବ ନୂଆ ୫୦ ଟଙ୍କିଆ**

ମୁମ୍ବାଇ: ଖୁବ୍ ଶୀଘ୍ର ୫୦ ଟଙ୍କିଆ ନୂଆ ନୋଟ୍ ବଜାରକୁ ଆସିବାକୁ ଯାଉଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ବୁଧବାର ମିଳିଥିବା ସୂଚନାନୁସାରେ, ଆର୍‌ବିଆଇର ନୂଆ ଗଭର୍ନର ସଞ୍ଜୟ ମାଲହୋତ୍ରାଙ୍କ ଦସ୍ତଖତ ଥିବା ୫୦ ଟଙ୍କିଆ ନୋଟ୍ ଜାରି କରାଯିବ। ୨୦୨୪ ଡିସେମ୍ବରରେ ଶକ୍ତିକାନ୍ତ ଦାସଙ୍କ ସ୍ଥାନରେ ମାଲହୋତ୍ରା ଦାୟିତ୍ୱ ଗ୍ରହଣ କରିଥିଲେ। ଆର୍‌ବିଆଇ ଏକ ବିବୃତିରେ କହିଛି, ଏହି ନୋଟଗୁଡ଼ିକର ଡିଜାଇନ ମହାତ୍ମା ଗାନ୍ଧୀ (ନୂତନ) ସିରିଜର ୫୦ ଟଙ୍କିଆ ନୋଟ୍ ଭଳି ରହିବ। ତେବେ ପୂର୍ବରୁ ପ୍ରଚଳିତ ସମସ୍ତ ୫୦ ଟଙ୍କିଆ ନୋଟ୍ ଆଇନତଃ ବୈଧ ରହିବ।

# ଖୁଚୁରା ମୁଦ୍ରାସ୍ଫୀତି ୪.୩୧%କୁ ହ୍ରାସ

**ଭୁବନେଶ୍ୱର,୧୨।୨ (ଅନୁରାଧା ମହାରଣା)**



ପ୍ରଥମେ ସରକାର ଅଷ୍ଟମ ବେତନ କମିଶନକୁ ଅନୁମୋଦନ କରିଥିବାବେଳେ ୨୦୨୫ ବଜେଟରେ ବାର୍ଷିକ ଆୟ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟିକସମୁକ୍ତ କରାଯାଇଛି। ବର୍ତ୍ତମାନ ମୁଦ୍ରାସ୍ଫୀତି ହାର ହ୍ରାସ ଯୋଗୁ ଜନସାଧାରଣଙ୍କୁ ଆଶ୍ୱସ୍ତି ପ୍ରଦାନ କରିଛି। ସରକାରୀ ତଥ୍ୟ ଅନୁଯାୟୀ, ୨୦୨୫ ଜାନୁଆରୀରେ ଖୁଚୁରା ମୁଦ୍ରାସ୍ଫୀତି ୪.୩୧%କୁ ହ୍ରାସ ପାଇଛି। ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଉପରେ ଆଧାରିତ ଖୁଚୁରା ମୁଦ୍ରାସ୍ଫୀତି ଡିସେମ୍ବରରେ ୫.୨୨ ପ୍ରତିଶତ ରହିଥିଲା। ୨୦୨୪ ଜାନୁଆରୀରେ ଏହା ୫.୧ ପ୍ରତିଶତ ରହିଥିଲା। ଫୁଡ୍‌ବାସ୍କେଟରେ ମୁଦ୍ରାସ୍ଫୀତି ୬.୦୨%ରେ ପହଞ୍ଚିଛି, ଯାହା ୨୦୨୪ ଡିସେମ୍ବରରେ ୮.୩୯% ଥିଲା। ୧ବର୍ଷ ପୂର୍ବେ ଅର୍ଥାତ୍ ୨୦୨୪ ଜାନୁଆରୀରେ ଏହା ୮.୩% ଥିଲା। ମୁଦ୍ରାସ୍ଫୀତି ହାର ୪.୩୧ ପ୍ରତିଶତକୁ ଖସି ଆସିଥିବାରୁ ସରକାର ଏବଂ ଆର୍‌ବିଆଇ ଏକ ବଡ ଅଭିବୃଦ୍ଧି ହାସଲ କରିଛନ୍ତି। କାରଣ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଶୁଳ୍କ ଯୁଦ୍ଧ ଆରମ୍ଭ କରିବା ପରେ ଦରଦାମ୍ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଥିଲା। ଷ୍ଟକ୍ ମାର୍କେଟର ନିବେଶକମାନେ ମଧ ମୁଦ୍ରାସ୍ଫୀତି ଆକଳନ ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଗତ ଅନେକ ବାଣିଜ୍ୟ ଅଧିବେଶନ ପାଇଁ ଷ୍ଟକ୍ ମାର୍କେଟରେ ହ୍ରାସ ଘଟିଛି। ମାତ୍ର ମୁଦ୍ରାସ୍ଫୀତି ହ୍ରାସ ବିଷୟରେ ତଥ୍ୟର ମିଳିବା ସହ ବଜାରରେ ପୁଣି କାରବାର ବୃଦ୍ଧି ହୋଇପାରେ। ଏହା ଆସନ୍ତା ଏମ୍‌ପିସି ବୈଠକରେ ସୁଧ ହାର ହ୍ରାସ କରିବାକୁ ଆର୍‌ବିଆଇ ପାଇଁ ବାଟ ଖୋଲିବ। ଫେବୃଆରୀରେ ଅନୁଷ୍ଠିତ ଏମ୍‌ପିସି ବୈଠକରେ ଆର୍‌ବିଆଇ ସୁଧ ହାରକୁ ୦.୨୫% ହ୍ରାସ କରାଯାଇଛି। ଯଦି ଜାନୁଆରୀ ପରେ ଫେବୃଆରୀରେ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଥାଏ, ତେବେ ଆର୍‌ବିଆଇ ପୁନର୍ବାର ଏପ୍ରିଲ ଏମ୍‌ପିସି ବୈଠକରେ ରେପୋ ହାର ହ୍ରାସ କରିବାକୁ ବିଚାରକରିପାରିବ। ବିଶେଷଜ୍ଞଙ୍କ ଅନୁଯାୟୀ, ଆର୍‌ବିଆଇ ୨୦୨୫ ମସିହାରେ ସୁଧ ହାରକୁ ୦.୭୫% ହ୍ରାସ କରିପାରେ। ଏହା ସାଧାରଣ ଜନତାଙ୍କ ପାଇଁ ଗୃହଋଣ ଏବଂ କାର୍ ଋଣର ମୂଲ୍ୟ ହ୍ରାସ କରିବ। ଏହା ବ୍ୟତୀତ ଷ୍ଟକ୍ ମାର୍କେଟରେ ମଧ ଏକ ବଡ଼ ବୃଦ୍ଧି ପାଇବ।

## ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ,୧୨।୨**

କ୍ରମାଗତ ୬ଷ୍ଠ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୨୨ (୧୨୨.୫୨) ପଏଣ୍ଟ କମି ୭୬,୧୭୧(୭୬,୧୭୧.୦୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୨୬ (୨୬.୫୫) ପଏଣ୍ଟ ହ୍ରାସ ଘଟି ୨୩,୦୪୫(୨୩,୦୪୫.୨୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି।

## କଟକରେ ବମ୍ବାଇ ହାଉସ୍ ଉଦ୍‌ଘାଟିତ



'ବମ୍ବାଇ ହାଉସ'ର ଉଦ୍‌ଘାଟନୀ ଅବସରରେ ସୋଫିଆ ଫିର୍ଦ୍ଦୋସଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୨।୨**

ରାଜ୍ୟର ଅଭିନବ ଫୁଡ୍ ବ୍ରାଣ୍ଡ ତଥା ରେଷ୍ଟୁରାଣ୍ଟ ଚେନ୍ 'ବମ୍ବାଇ ହାଉସ'ର ନୂତନ ଆଉଟଲେଟ ବୁଧବାର କଟକର ସିଡିଏ ସେକ୍ଟର-୧୧ରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଟକ ବାରବାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଲିଉଡ୍ ଅଭିନେତା ଶୁଭାଶିଷ ଶର୍ମା, ବମ୍ବାଇ ହାଉସ୍‌ର ପ୍ରତିଷ୍ଠାତା ଜୟ ଦାସ ଏବଂ ସହ-ପ୍ରତିଷ୍ଠାତା ସୁମା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ବମ୍ବାଇ ହାଉସ୍‌ର ପ୍ରଥମ ଆଉଟ୍‌ଲେଟ୍ ଭୁବନେଶ୍ୱରର ରେଲକୁଞ୍ଜ ଠାରେ ଥିଲାବେଳେ କଟକର ସିଡିଏ ସେକ୍ଟର-୧୧ରେ ଦ୍ୱିତୀୟ ଆଉଟ୍‌ଲେଟ୍ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଏଠାରେ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ ଭୋଜନ ଓ ଅତିଥେୟତା ପ୍ରଦାନ କରାଯାଏ ବୋଲି ସୁମା ଦାସ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି।

## ଏଚ୍‌ୟୁରେ ଉଦ୍‌ବୋଧନ ଦେବେ ନୀତା



ନୀତା ଅମ୍ବାନୀ

**ମୁମ୍ବାଇ,୧୨।୨**

ହାର୍ଭାର୍ଡ ୟୁନିଭର୍ସିଟି (ଏଚ୍‌ୟୁ)ର 'ବାର୍ଷିକ ଭାରତ ସମ୍ମିଳନୀ'ସଭାରେ ରିଲାଏନ୍ସ ଫାଉଣ୍ଡେଶନର ଅଧକ୍ଷା ନୀତା ଅମ୍ବାନୀ ମୁଖ୍ୟବକ୍ତା ଭାବେ ନିମନ୍ତ୍ରିତ ହୋଇଛନ୍ତି। ଏପରିକି ନୀତା ଭାରତର କଳା ଓ ସଂସ୍କୃତି ସହିତ ବିଭିନ୍ନ ଦିଗ ଏବଂ ବିଶ୍ୱରେ ଭାରତର ଯୋଗଦାନ ଆଦି ସମ୍ପର୍କରେ ମଧ ହାର୍ଭାର୍ଡ ବିଜ୍‌ନେସ୍ ସ୍କୁଲର ପୂର୍ବତନ ଡିନ୍ ନୀତିନ୍ ନୋହରିଆଙ୍କ ସହ ଆଲୋଚନା କରିବେ। ଉଲ୍ଲେଖଯୋଗ୍ୟ, ଏହି ୨ ଦିନିଆ ସମ୍ମିଳନୀ 'ଭାରତରୁ ବିଶ୍ୱ ପର୍ଯ୍ୟନ୍ତ' ବିଷୟବସ୍ତୁ ଉପରେ ଆଧାରିତ ରହିଛି। ଉକ୍ତ ସମ୍ମିଳନୀ ୨୦୨୫ ଫେବୃଆରୀ ୧୫ ଓ ୧୬ ରେ ଯୁକ୍ତରାଷ୍ଟ୍ର ଆମେରିକାର ହାର୍ଭାର୍ଡ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବ ଏବଂ ଏଥିରେ ୧୦୦୦ରୁ ଅଧିକ ପ୍ରତିନିଧି ଯୋଗଦେବେ ବୋଲି ଆଶା କରାଯାଉଛି। ସେହିଭଳି ଗତ କିଛି ବର୍ଷ ଧରି ବିଶ୍ୱ ମଞ୍ଚରେ ନୀତା ଅମ୍ବାନୀ ଭାରତର ସବୁଠାରୁ ପ୍ରଭାବଶାଳୀ ସ୍ୱର ଭାବେ ଆଗକୁ ଆସିଛନ୍ତି। ଏଚ୍‌ୟୁରେ ସେ ଭାରତର ସୂକ୍ଷ୍ମ ଶକ୍ତି (ସଫ୍ଟ ପାୱାର) ଏବଂ ପ୍ରାସଙ୍ଗିକତାକୁ ନୂତନ ଭାବେ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବେ।

ଟେକ୍ନୋଲୋଜି, ଜଳବାୟୁ, ଆର୍ଥିକ ବିକାଶ, ଗଣତନ୍ତ୍ର, କୂଟନୀତି, ସାଂସ୍କୃତିକ ବିନିମୟ ଭଳି ପ୍ରସଙ୍ଗରେ ମଧ ଭାରତର ଦୃଷ୍ଟିକୋଣ ଉପରେ ଆଲୋଚନା ହେବ।

ଗତ ୨୨ବର୍ଷ ଧରି ହାର୍ଭାର୍ଡ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଉକ୍ତ ସମ୍ମିଳନୀ ଆୟୋଜିତ ହୋଇଆସୁଛି। ଏହି ସମ୍ମିଳନୀ ଏଭଳି ଏକ ଭାରତ ଉପରେ ଆଲୋକପାତ କରିବ, ଯାହା ବିଶ୍ୱର କେବଳ ଏକ ଉଦୀୟମାନ ମହାଶକ୍ତି ନୁହେଁ ବରଂ ଆଧୁନିକତା ଓ ବିକାଶ ସହିତ ବସୁଧୈବ କୁଟୁମ୍ବକମ୍‌ର ସନ୍ଦେଶକୁ ଦୃଢ଼ ଭାବେ ଯୋଡୁଥିବା ଏକ ଦେଶ।

## ୧୪ରୁ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ



ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୨।୨ (ଅଭୟ ଦାଶ)**

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳ ପଡ଼ିଆରେ ୩ ଦିନିଆ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୫ ଅନୁଷ୍ଠିତ ହେବାକୁ ଯାଉଛି। ଉଲ୍ଲେଖଯୋଗ୍ୟ, ୨୦୨୫ ଫେବୃଆରୀ ୧୪ ରୁ ୧୬ ପର୍ଯ୍ୟନ୍ତ ଏହି ସମାବେଶ ଭୁବନେଶ୍ୱରର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ପଡ଼ିଆରେ ଆୟୋଜିତ ହେବ। ଚଳିତ ବର୍ଷର ଥିମ 'ମତ୍ସ୍ୟ ଓ ପ୍ରାଣିପାଳନ, ଜୀବନଜୀବିକା ଜୈବ ସନ୍ତୁଳନ ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ଏକ ଖବରଦାତା ସମ୍ମିଳନୀ ଭେଟେରିନାରି କଲେଜ ଅଡିଟୋରିୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସମାବେଶର ଲୋଗୋ ଏବଂ ମାସ୍କଟ୍ ଉନ୍ମୋଚନ କରିଥିଲେ। ସେହିଭଳି ମନ୍ତ୍ରୀ ମଲ୍ଲିକ ସମାବେଶ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହିତ ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ସମୃଦ୍ଧି ସାଙ୍ଗକୁ କ୍ଷୀର, ମାଂସ, ଅଣ୍ଡା ଓ ମାଛ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ ସେ ବିସ୍ତୃତ ତଥ୍ୟ ରଖିଥିଲେ। ସେହିପରି ଚଳିତ ଥର ମୋଟ ୧୦ଟି ଇଣ୍ଟରାକ୍ଟିଭ୍ ପ୍ୟାନେଲ ଆଲୋଚନାଚକ୍ର ଆୟୋଜନ ପାଇଁ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇଛି। ଏପରିକି ମନ୍ତ୍ରୀଙ୍କୁ ପଚାରନ୍ତୁ କାର୍ଯ୍ୟକ୍ରମରେ ସିଧାସଳଖ ଉତ୍ତର ରଖିବେ ବିଭାଗୀୟ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ ଏବଂ ୨ଟି ହ୍ୟାଙ୍ଗରରେ ପ୍ରାୟ ୨୦୦ଟି ଷ୍ଟଲ୍‌ରେ ମତ୍ସ୍ୟ, ପ୍ରାଣିପାଳନ, ବିଭିନ୍ନ ବିଭାଗ ଓ କମ୍ପାନୀର ଉତ୍ପାଦ ପ୍ରଦର୍ଶିତ ହେବ। ଏପରିକି ୨ଟି ଖୋଲା ହ୍ୟାଙ୍ଗରରେ ଜୀବନ୍ତ ପ୍ରାଣୀ ଓ ମତ୍ସ୍ୟ ପ୍ରଦର୍ଶନୀ କରାଯିବ। ପ୍ରତି ସନ୍ଧ୍ୟାରେ ଲୋକନୃତ୍ୟ ଏବଂ ଶାସ୍ତ୍ରୀୟ ନୃତ୍ୟ ସମ୍ବଳିତ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ସମାବେଶକୁ ଅଧିକ ଆକର୍ଷଣୀୟ କରିବା ପାଇଁ ରାଜସ୍ଥାନରୁ ମଇଁଷି ଷଣ୍ଢ ଭୀମ ଆସୁଥିଲାବେଳେ ଆନ୍ଧ୍ରପ୍ରଦେଶର ପୁଙ୍ଗାନୁର ଗାଈ ସମାବେଶର ଅନ୍ୟତମ ଆକର୍ଷଣ ସାଜିବ ବୋଲି କୁହାଯାଇଛି। ଏପରିକି ଡଗ୍ ସୋରେ ବିଭିନ୍ନ ପ୍ରଜାତିର କୁକୁରମାନଙ୍କୁ ପ୍ରଦର୍ଶିତ କରାଯିବ। ଅନ୍ୟମାନଙ୍କ ମଧ୍ୟରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ପ୍ରାଣିପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଚାନ୍ଦି ଭଣ୍ଡାରର ନୂତନ ଷ୍ଟୋର

**ଭୁବନେଶ୍ୱର,୧୨।୨**

ଚାନ୍ଦି ଭଣ୍ଡାରର ନୂତନ ଷ୍ଟୋର ନିକଟରେ ନୟାଗଡ଼ ଟାଉନ୍ ପୋଲିସ ଷ୍ଟେଶନ ନିକଟସ୍ଥ ସିନ୍ଦୂରିଆ ରୋଡ୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହା ଚାନ୍ଦି ଭଣ୍ଡାରର ୧୮ତମ ଷ୍ଟୋର ହୋଇଥିଲାବେଳେ ଗ୍ରାହକମାନଙ୍କୁ ସର୍ବୋତ୍କୃଷ୍ଟ ରୁପା ଗହଣା ପହଞ୍ଚାଇବା ପାଇଁ ଏହି ଷ୍ଟୋରର ମୂଳଲକ୍ଷ୍ୟ ରଖିଛି। ସେହିଭଳି ୧୨୧୫ବର୍ଗ ଫୁଟ୍ ପରିବ୍ୟାପ୍ତ ସ୍ଥାନରେ ଗଢ଼ି ଉଠିଥିବା ଏହି ନୂତନ ଷ୍ଟୋରରେ ରୁପା କାରିଗରିର ସୁନ୍ଦର ପ୍ରଦର୍ଶନ ଏଠାରେ ଦେଖିବାକୁ ମିଳିବ। ପ୍ରତ୍ୟେକ ଡିଜାଇନ୍ ଜଟିଳ କାରିଗରିକୁ ଉଲ୍ଲେଖ କରୁଛି, ଯାହାକି ଏକ ନିମଗ୍ନ ସପିଂ ଅନୁଭୂତି ସୁନିଶ୍ଚିତ କରିବ। ଏପରିକି ଆକର୍ଷଣୀୟ ଡିସ୍‌ପ୍ଲେ ଏବଂ ସୁନ୍ଦର ଲେଆଉଟ୍ ସହିତ ଚିନ୍ତନଶୀଳ ଭାବେ ଡିଜାଇନ୍ ହୋଇଥିବା ଏହି ଷ୍ଟୋର ଏକ ଭିନ୍ନ ପରିବେଶ ପ୍ରଦାନ କରୁଛି। ଉଦ୍‌ଘାଟନୀ ଅବସରରେ ଆକର୍ଷଣୀୟ ରିହାତି ଓ ଅଫରର ଶୁଭାରମ୍ଭ କରାଯାଇଛି। ବିଶେଷକରି ବିବାହ ଋତୁକୁ ଆହୁରି ସ୍ୱତନ୍ତ୍ର କରିବାକୁ ଯାଇ ଚାନ୍ଦି ଭଣ୍ଡାର ଗଢ଼ା ମଜୁରି ଉପରେ ୩୦% ପର୍ଯ୍ୟନ୍ତ ରିହାତି ଦେଉଛି। ଏହି ଅଫରର ଅବଧି ୨୦୨୫ ମାର୍ଚ୍ଚ ୧୫ ପର୍ଯ୍ୟନ୍ତ ଉପଲବ୍ଧ। ଏ ସମ୍ପର୍କରେ ଚାନ୍ଦି ଭଣ୍ଡାରର ପ୍ରତିଷ୍ଠାତା ଲିପ୍ସା ହଂସ କହିଛନ୍ତି, ନୟାଗଡ଼ ଜିଲାରେ ଆମର ଉପସ୍ଥିତିକୁ ବଢ଼ାଇ ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଚାନ୍ଦି ଭଣ୍ଡାରର ବିରାସତ୍‌କୁ ଆମର ବହୁ ମୂଲ୍ୟବାନ୍ ଗ୍ରାହକଙ୍କ ନିକଟକୁ ଆଣି ଆମେ ଅତ୍ୟନ୍ତ ଆନନ୍ଦିତ ଥିଲାବେଳେ ଏହି ଷ୍ଟୋର କାଳଜୟୀ ରୁପା କାରିଗରିର କାରୁକାର୍ଯ୍ୟ ସେଲିବ୍ରେଶନ୍ କରୁଛି। ନୟାଗଡ଼ବାସୀଙ୍କୁ ଆମର ଅନନ୍ୟ କଲେକ୍ସନ ପ୍ରଦାନକରି ସେମାନଙ୍କ ସ୍ୱତନ୍ତ୍ର ମୁହୂର୍ତ୍ତଗୁଡ଼ିକୁ ସ୍ମରଣୀୟ କରିବାକୁ ଚାହିଁ ରହିଛୁ। ନୟାଗଡ଼ ଷ୍ଟୋରରେ ସମସ୍ତ ଅବସର ପାଇଁ ସୂକ୍ଷ୍ମ କାରିଗରିଯୁକ୍ତ ଷ୍ଟର୍ଲିଂ ସିଲ୍‌ଭର ଗହଣାର ଭଳିକି ଭଳି ସମ୍ଭାର ଉପଲବ୍ଧ। ଏହି ବିବାହ ଋତୁରେ 'ୱେଡିଂ ଷ୍ଟୋରିଜ୍ ବାୟ ଚାନ୍ଦି ଭଣ୍ଡାର' କଲେକ୍ସନ ଦମ୍ପତିଙ୍କ ଅନନ୍ୟ ଯାତ୍ରାକୁ ସେଲିବ୍ରେଟ୍ କରୁଛି, ପରମ୍ପରା ଓ ବ୍ୟକ୍ତିଗତ ସଂଯୋଗକୁ ସମ୍ମାନ ଜଣାଉଛି। ଏହି କଲେକ୍ସନ ୯୨.୫% ଶୁଦ୍ଧ ଷ୍ଟର୍ଲିଂ ସିଲ୍‌ଭରରେ ପ୍ରସ୍ତୁତ ହଲ୍‌ମାର୍କ ବାସନ କୁସନ ଏବଂ ଆସେସରିଜ୍ ମଧ ସାମିଲ ରହିଛି, ଯାହାକି ପ୍ରେମ, ବିରାସତ ଏବଂ ନୂତନ ପ୍ରାରମ୍ଭକୁ ଦର୍ଶାଉଛି।

## ବିଓବିର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୨।୨**

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଓବି ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ନୟାଗଡ ଜିଲାର ୮ଟି ଶାଖାରେ ଗ୍ରାହକ ସଂଯୋଗୀକରଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ବିଶେଷକରି ନୟାଗଡ଼ ଜିଲାର ବନମାଳୀପୁର, ରାଣୀଛେଳି, ଜଗନ୍ନାଥପ୍ରସାଦ, ନୟାଗଡ ମେନ୍, ସିନ୍ଦୂରିଆ, ଚମ୍ପତିପୁର ଏବଂ ଦୁର୍ଦ୍ଦୁରା ଶାଖା ଏହି କାର୍ଯ୍ୟକ୍ରମରେ ସାମିଲ ଥିଲା। ବିଓବି ଭୁବନେଶ୍ୱର କ୍ଷେତ୍ରର ଉପ ମହାପ୍ରବନ୍ଧକ ତଥା କ୍ଷେତ୍ରୀୟ ମୁଖ୍ୟ ଭିଏମ୍‌ଏନ୍‌ଏସ୍ ସାଇବାବୁଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଓବିର କ୍ଷେତ୍ରୀୟ କାର୍ଯ୍ୟାଳୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

ଏହି ପରିପ୍ରେକ୍ଷୀରେ ବିଓବିର ପ୍ରମୁଖ ଉତ୍ପାଦଗୁଡ଼ିକୁ (କାସା, ରିଟେଲ ଆସେଟ୍ସ, ଏମ୍‌ଏସ୍‌ଏମ୍‌ଇ, ଖୁଚୁରା ସମ୍ପତ୍ତି ଏବଂ କୃଷି ସମ୍ବନ୍ଧୀୟ ଉତ୍ପାଦଗୁଡ଼ିକ) ପ୍ରଦର୍ଶିତ କରାଯାଇଥିଲା। ଏହି ଅବସରରେ ପ୍ରତ୍ୟେକ ଶାଖାର ଜଣେ ମହିଳା ଏବଂ ଜଣେ ବରିଷ୍ଠ ନାଗରିକ ଗ୍ରାହକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଥମ ଥର ପାଇଁ ଗୋଟିଏ କାର୍ଯ୍ୟକ୍ରମରେ ଇଟିବି ଏବଂ ଏନ୍‌ଟିବି ସହିତ ସଂଯୋଗ ସ୍ଥାପନ କରିବା ଏହି ସଂଯୋଗୀକରଣ କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ ଥିଲା। ବିଓବି ଭୁବନେଶ୍ୱର କ୍ଷେତ୍ର ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମ ଚଳିତ ମାସ ଶେଷ ପର୍ଯ୍ୟନ୍ତ ସମସ୍ତ ଶାଖାକୁ କଭର କରିବା ସହ କାର୍ଯ୍ୟକ୍ରମ ଜାରି ରଖିବାର ଯୋଜନା କରାଯାଇଛି।

## ୧ ଡଲାର= ୮୬.୯୫ ଟଙ୍କା

**ମୁମ୍ବାଇ,୧୨।୨**

କ୍ରମାଗତ ୩ ଦିନ ଧରି ଡଲାର ତୁଳନାରେ ଟଙ୍କା ସ୍ଥିତି ସାମାନ୍ୟ ଭଲ ରହିବା ପରେ ବୁଧବାର ପୁଣିଥରେ ହ୍ରାସ ପାଇଛି। ଆମେରିକୀୟ ଡଲାରର ଦୃଢ଼ ସ୍ଥିତି ସାଙ୍ଗକୁ ବିଦେଶୀ ନିବେଶକମାନେ ପୁଞ୍ଜି ପ୍ରତ୍ୟାହାର କରିନେଉଥିବାରୁ ବୁଧବାର ଟଙ୍କା ମୂଲ୍ୟ ୧୬ ପଇସା ହ୍ରାସ ପାଇ ୮୬.୯୫ ହୋଇଛି, ଅର୍ଥାତ୍ ୧ ଆମେରିକୀୟ ଡଲାରର ବିନିମୟ ମୂଲ୍ୟ ୮୬ ଟଙ୍କା ୯୫ ପଇସାରେ ପହଞ୍ଚିଛି। ଫରେକ୍ସ ଟ୍ରେଡରଙ୍କ ଅନୁଯାୟୀ, ଅଶୋଧିତ ତୈଳ ଦର ହ୍ରାସ ପାଇଥିବାରୁ ବୁଧବାର ପ୍ରଥମ ଭାଗରେ ଟଙ୍କା କାରବାର ଭଲ ରହିଥିବାବେଳେ ଘରୋଇ ଶେୟାର ବଜାରରେ ଅସ୍ଥିରତା ଯୋଗୁ ଏହାର ମୂଲ୍ୟ ହ୍ରାସ ପାଇଥିଲା। ଦିନ ମଧ୍ୟରେ ଏହା ସର୍ବାଧିକ ୮୬.୩୬କୁ ବୃଦ୍ଧି ପାଇ କାରବାର ଶେଷ ବେଳକୁ ୮୬.୯୫କୁ ଖସିଥିଲା। ମଙ୍ଗଳବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୬୬ ପଇସା ବୃଦ୍ଧି ପାଇ କାରବାର ଶେଷ ବେଳକୁ ୮୬.୭୯ରେ ପହଞ୍ଚିଥିଲା। ୨୦୨୩ ମାର୍ଚ୍ଚ ୩ ପରେ ଗୋଟିଏ ଦିନରେ ଟଙ୍କାର ଏହା ସର୍ବାଧିକ ବୃଦ୍ଧି ଥିଲା।

## ବାୟୋଗ୍ୟାସ୍ ପ୍ଲାଣ୍ଟର ଭୂମିପୂଜନ




ଭୂମିପୂଜନ ଅବସରରେ ନିମନ୍ତ୍ରିତ ଅତିଥି ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୨।୨**

ଟେକ୍ନିମଣ୍ଟର ଭାରତୀୟ ସହାୟକ ସଂସ୍ଥା ଟେକ୍ନିମଣ୍ଟ ପ୍ରାଇଭେଟ୍ ଲିମିଟେଡ୍ (ଟିସିଏମ୍‌ପିଏଲ) ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଅଫ୍ କର୍ଣ୍ଣାଟକ ସୁରଥକଲ (ଏନ୍‌ଆଇଟିକେ) ଓ ପାରାଦୀପ ପୌରପାଳିକାର ମିଳିତ ସହଭାଗିତାରେ ଏକ ଅତ୍ୟାଧୁନିକ ବାୟୋଗ୍ୟାସ୍ ପ୍ଲାଣ୍ଟ ପାରାଦୀପ ପୌରାଞ୍ଚଳରେ ସ୍ଥାପନ କରାଯାଉଛି। ଏପରିକି ଏକ ଟନ କ୍ଷମତା ବିଶିଷ୍ଟ ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ ପାରାଦୀପ ପୌରାଞ୍ଚଳରେ ସ୍ଥାପନ କରିବା ପାଇଁ ମଙ୍ଗଳବାର ଭୂମିପୂଜନ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ପାରାଦୀପ ପୌରପାଳିକାର ଅଧକ୍ଷ ବସନ୍ତ ବିଶ୍ୱାଳ, ମାଇରେ ଗ୍ରୁପ୍ ସିଇଓ ଆଲେସାଣ୍ଡ୍ରୋ ବରନିନିଙ୍କ ସମେତ ଏନ୍‌ଆଇଟିକେର ପ୍ରତିନିଧି ଏବଂ ବହୁ ବରିଷ୍ଠ ସରକାରୀ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତି ଥିଲେ। ସେହିଭଳି ଏହି ବାୟୋଗ୍ୟାସ୍ ପ୍ଲାଣ୍ଟ ଟିସିଏମ୍‌ପିଏଲ୍‌ର ସିଏସ୍‌ଆର୍ ପଦକ୍ଷେପର ଏକ ଅଂଶ ହୋଇଥିଲାବେଳେ ଏହାକୁ ପାରାଦୀପ ପୌରପାଳିକା, ଜଗତ୍‌ସିଂହପୁର ଜିଲା ପ୍ରଶାସନ ଏବଂ ଏନ୍‌ଆଇଟିକେର ତ୍ରିପାକ୍ଷିକ ରାଜିନାମା ଅଧୀନରେ କାର୍ଯ୍ୟକାରୀ କରାଯାଉଛି। ଏପରିକି ଏହି ପ୍ରକଳ୍ପ ଖାଦ୍ୟ ଓ ପନିପରିବା ବର୍ଜ୍ୟକୁ କଞ୍ଚାମାଲ ରୂପେ ବ୍ୟବହାର କରି ରନ୍ଧନ ଗ୍ୟାସ୍ ଭାବେ ଉପଯୋଗ ହେବାକୁ ଥିବା ବାୟୋଗ୍ୟାସ ଉତ୍ପାଦନ କରିବା ପାଇଁ ଏକ ପ୍ଲାଣ୍ଟ ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି। ଏହି ପ୍ଲାଣ୍ଟ ସ୍ଥାନୀୟ ସମୁଦାୟଗୁଡ଼ିକୁ ସେବା ଯୋଗାଇବା ପାଇଁ ଆଗାମୀ ୧୨ମାସ ମଧ୍ୟରେ କାର୍ଯ୍ୟକ୍ଷମ ହେବ ବୋଲି ଆଶା କରାଯାଉଛି।

ଏ ସମ୍ପର୍କରେ ମାଇରେ ଗ୍ରୁପ୍‌ର ଇଣ୍ଡିଆ ରିଜିଅନ ଭାଇସ୍-ପ୍ରେସିଡେଣ୍ଟ ମିଲିନ୍ଦ ବାରିଡେ କହିଥିଲେ, ପ୍ଲାଣ୍ଟର ଭୂମି ପୂଜନ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହା ସେବା ଯୋଗାଉଥିବା ଜନସମୁଦାୟରେ ସର୍କୁଲାରିଟି, ସାମାଜିକ ଦାୟିତ୍ୱ ଏବଂ ଅର୍ଥନୈତିକ ସ୍ଥାୟିତ୍ୱ ପ୍ରତି ଗ୍ରୁପ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏହା ପରିବେଶୀୟ ତତ୍ତ୍ୱାବଧାନ ଏବଂ ସାମାଜିକ ସଶକ୍ତୀକରଣ ଉପରେ ଟିସିଏମ୍‌ପିଏଲ୍‌ର ଗୁରୁତ୍ୱକୁ ସୂଚିତ କରିବା ସହ ଭବିଷ୍ୟତରେ ଅନୁରୂପ ଅକ୍ଷୟ ଶକ୍ତି ପ୍ରକଳ୍ପଗୁଡ଼ିକର ବିସ୍ତୃତ ମଡେଲ ଯୋଗାଇ ଦେଉଛି।


No. A-1045

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JAJPUR**
**GOVERNMENT OF ODISHA e-Procurement Notice**
eemijajpur@gmail.com
**Bid Identification No. Online SEMIDJAJ-09/2024-25**
Letter No. 288 Dt.10.02.2025

| | | |
|---|---|---|
| 1. | Name of Work | Improvement of MIPs under M.I. Division, Jajpur |
| 2. | Total Number of Work | 4 (Four) Nos. |
| 3. | Estimated Cost | Rs.8.38 to 33.56/- Lakhs |
| 4. | Tender paper Cost (Online) | Rs.4000/- to 6000/- |
| 5. | Bid Security (Online) | 1% of the estimated cost |
| 6. | Period of Completion | As per DTCN |
| 7. | Availability of Bid Document | From 15.02.2025, 10.00 A.M. to 24.02.2025, 5.00 P.M. in website (www.tendersorissa.gov.in) |
| 8. | Last date & time of receipt of Bid through online | 24.02.2025 at 5.00 P.M. through online |
| 9. | Date of Opening of Bid Documents | 25.02.2025 at 11.00 A.M. in the Office of the SE, M.I. Division, Jajpur |
| 10. | Date of Lottery, if required | 04.03.2025 at 11.30 A.M. |
| 11. | Mode of Payment of Bid Cost & Bid Security | Govt. of Odisha has introduced e-payment gateway into the portal for payment of cost of Bid & Bid Security/EMD. The process of using e-payment gate is mentioned in the "Procedure for electronic receipt, accounting & reporting of cost of tender paper & Earnest Money Deposit on submission of bid. Further details can be seen from the e-procurement portal "https://tenderorissa.gov.in. |
| 12. | The authority reserves the right to cance/reject any or all the tenders without assigning any reasons thereof. | |
| 13. | Name and address of the OIT | Superintending Engineer, M.I. Division, Jajpur, At: Bhabaniganj, Near Hari Samantaray School, P.O.: Jajpur, Dist.: Jajpur, Phone: 06728-222008, PIN Code: 755001 |

Further details can be seen from the Government of Odisha Website: www.tendersorissa.gov.in.
OIPR-32280/11/0012/2425
Sd./- Superintending Engineer M.I. Division, Jajpur



**ODISHA MINING CORPORATION LIMITED**
OMC House, Bhubaneswar - 751001, Odisha
CIN : U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES — Mining Happiness

**E-auction Notice (19.02.2025 - 179th & 180th E-auction)**
**IRON ORE CLO & FINES**

**No.CAD-2555** : The Odisha Mining Corporation Ltd. intends to sell various grades of Iron ore CLO & Fines produced at Daitari and Gandhamardan Regions (Block - A & B) and Guali, Jilling Langalota, Tiringpahar, Khandbandh, Banspani, Unchabali (Mahaparbat) & Roida 'C' Mines of Barbil Region in Keonjhar District and Khandadhar/Kurmitar Mines under Koira Region in Sundargarh District, Odisha through e-auction which will be conducted by MSTC Ltd. The e-auction shall be held from **11.00 A.M. to 2.00 P.M. on 19.02.2025**.
For details, please visit the website of MSTC i.e. www.mstcecommerce.com
OIPR-30005/11/0142/2425 Chief General Manager (S&M)



**OFFICE OF THE SR.GENERAL MANAGER (ELECTRICAL)**
**UPPER INDRAVATI HYDRO ELECTRIC PROJECT, MUKHIGUDA**
OHPC ISO 9001-14001 18001 Certified
DIST: KALAHANDI- 766026, E-mail:sgmel_uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & W.C. Building, Vanivihar Chhak, Janpath, Bhoinagar, Bhubaneswar-751022
Tel:91-0674-2542983, 2542802, 2545526, 2542826, Fax:2542102, E-Mail:ohpc.co@gmail.com/md@ohpcltd.com
WEB: www.ohpcltd.com, CIN: U40101OR1995SGC003963
**'e'- Procurement Notice**
**NOTICE INVITING TENDER No.UIHEP/49/2024-25, Dated 10.02.2025**

**No.CAD-2539:** The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in Online mode from eligible contractors for the work as detailed in the table below.

| Sl. No. | Name of Work | Approx. Estimated Cost (in Rs.) | EMD (in Rs.) (online) | Class of Contractor | Cost of Bid document (in Rs.) (online) | Period of Contract |
|---|---|---|---|---|---|---|
| 1 | Dismantling & reconstruction of back side drain at Sector-I of UIHEP, Mukhiguda | 12,59,465/- (Excluding GST) | 12,600/- | 'D' & 'C' Class Contractor registered with State Govt./ Central Govt./ MES/ Railways | 6,000/-+ GST @18%= 7,080/- | Two (02) Calendar Months |

Availability of tender document in the portal: From 14.02.2025 (10.00 Hrs) to 25.02.2025 (upto 13.00 Hrs.). Last date & time of submission of tenders in the portal:25.02.2025 upto 13.00 Hrs. The date & time of opening of the bid: 25.02.2025 at 16.30 Hrs. (Only Technical Bid). The bidders have to participate in ONLINE bidding only. Further details can be seen and tender document can be downloaded from the e-Procurement Portal "https://tendersodisha.gov.in".
OIPR-32136/11/0030/2425 Sd./- Unit Head, UIHEP, Mukhiguda



**GOVERNMENT OF ODISHA** E.Mail- rw_sundargarh@yahoo.co.in
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNDARGARH**
**E-PROCUREMENT NOTICE**
**BID IDENTIFICATION NO.ONLINE-SESNG-30 OF 2024-25**
**No.O-1456:1.** Name of the Work: Building Works, 2. Total No. of Works: 07 Nos Building, 3.Estimated Cost: From Rs.16.81 Lakhs to Rs.33.99 Lakhs. 4. Class of Contractor:- 'B', 'C' & 'D', 5. Period of Completion: 03 & 06 Calendar Months. 6. Type of Tender: Single Cover. 7. Other details:

| Procurement Officer | Bid Identification No. | Availability of Tender on-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Superintending Engineer, Rural Works Division, Sundargarh | Online-SESNG-30 of 2024-25 | 17.02.2025 11.00 A.M. | 27.02.2025 06.00 P.M. |

Further details can be seen from the website www.tendersorissa.gov.in
OIPR-25046/11/0047/2425
Sd./- Superintending Engineer Rural Works Division, Sundargarh



No.O-1460
**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, SUNABEDA**
e-mail: eerw_sunabeda@yahoo.co.in
Letter No.980 / Date:11.02.25
**e- Procurement Notice for Building Works**
**Identification No. Online Tender/13/RWD-SBD/2024-25**
01. Name of the Work:: Building Works Laxmipur, Bandhugaon Block. 02. Total Number of Works:: 06 Nos. Works. 03. Estimated Cost:: 1.00 to 5.00 Lakhs. 04. Class of Contractor:: "C" & "D" Class. 05. Period of Completion:: 01 Month. 06. Other details::

| Procurement Officer | Bid Identification No. | Availability of tender online for bidding | |
|---|---|---|---|
| | | From | To |
| Superintending Engineer, R.W. Division, Sunabeda | Online Tender/13/ RWD-SBD/ 2024-25 | 13.02.2025 at 11.00 A.M. | 20.02.2025 upto 17.00 P.M. |

Further details can be seen from the website www.tendersorissa.gov.in.
OIPR-25059/11/0014/2425 Sd./- Superintending Engineer, Rural Works Division, Sunabeda

# କାୟାକିଂ, କାନୋଇଂରେ ଓଡ଼ିଶାକୁ ସଫଳତା





ଜାତୀୟ କ୍ରୀଡ଼ାରେ ଓଡ଼ିଶାର ପଦକ ବିଜେତା ଓଇନମ ବିଦ୍ୟା ଦେବୀ ଓ ଓଇନମ ବିନିତା ଚାନୁ ଏବଂ ସାଗର କୁମାର ଓ ସଲାମ କିଶନ ସିଂ।

**ଜାତୀୟ କ୍ରୀଡ଼ା**

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଉତ୍ତରାଖଣ୍ଡରେ ଚାଲିଥିବା ଜାତୀୟ କ୍ରୀଡ଼ାରେ ଓଡ଼ିଶା ପ୍ରତିଯୋଗୀଙ୍କ ପ୍ରଭାବୀ ପ୍ରଦର୍ଶନ ଅବ୍ୟାହତ ରହିଛି। ବୁଧବାର କାୟାକିଂ ଓ କାନୋଇଂରେ ରାଜ୍ୟ ପ୍ରତିଯୋଗୀମାନେ ସଫଳତା ଲାଭ କରିଛନ୍ତି। ଓଡ଼ିଶା ପକ୍ଷରୁ କାୟାକିଂରେ ପ୍ରତିନିଧିତ୍ୱ କରିଥିବା ଓଇନମ ବିଦ୍ୟା ଦେବୀ ଓ ଓଇନମ ବିନିତା ଚାନୁ କେ୨ଡବ୍ଲ୍ୟୁ-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି କାନୋଇଂରେ ରଶ୍ମିତା ସାହୁ ଓ ଆଚୋଇବାମ୍ ସନାତୋମ୍ବି ଦେବୀ ସି୨ଡବ୍ଲ୍ୟୁ-୫୦୦ ମିଟରରେ ରୌପ୍ୟ ପଦକ ଜିତିଛନ୍ତି। ଅନ୍ୟପକ୍ଷରେ ସାଗର କୁମାର ଓ ସଲାମ କିଶନ ସିଂ ଯୋଡ଼ି କେ୨ଏମ୍-୫୦୦ ମିଟର ଇଭେଣ୍ଟରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ମଙ୍ଗଳବାର ଓଡ଼ିଶା ଜିମ୍ନାଷ୍ଟିକ୍ସ ଏଚ୍‌ପିସିର ପ୍ରଣତି ନାୟକ ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସର ଅଲ୍‌ରାଉଣ୍ଡରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ବାରବାଟୀରେ ସେଲିବ୍ରିଟି କ୍ରିକେଟ ଲିଗ୍

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)



ଖବରଦାତା ସମ୍ମିଳନୀରେ ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ବୋନି କପୁର, ଅର୍ଜୁନ କପୁର ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

## ■ ୧୬ରେ ୨ ମ୍ୟାଚ: ପଞ୍ଜାବ-ଭୋଜପୁରୀ, ମୁମ୍ବାଇ-ବେଙ୍ଗଲ
## ■ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କଲେ ବୋନି କପୁର

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକଦିବସୀୟ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚର ଗୋଟିଏ ସପ୍ତାହ ପରେ କଟକର ବାରବାଟୀ ଷ୍ଟାଡିୟମରେ ହେବାକୁ ଯାଉଛି ସେଲିବ୍ରିଟି କ୍ରିକେଟ ଲିଗ୍ (ସିସିଏଲ୍)। କ୍ରିକେଟ ସହ ଗ୍ଲାମର ଓ ମନୋରଞ୍ଜନର ଭରପୂର ସମ୍ମିଶ୍ରଣ ଏଥିରେ ଦେଖିବାକୁ ମିଳିବ। ଲିଗ୍‌ର ପ୍ରଥମ ୪ଟି ମ୍ୟାଚ ବେଙ୍ଗାଲୁରୁ ଓ ଦିଲ୍ଲୀରେ ହୋଇ ସାରିଥିବାବେଳେ ଆସନ୍ତା ୧୬ ତାରିଖରେ ବାରବାଟୀରେ ଅନୁଷ୍ଠିତ ହେବ ୨ଟି ମ୍ୟାଚ। ବିଶିଷ୍ଟ ବଲିଉଡ୍ ଚଳଚ୍ଚିତ୍ର ପ୍ରଯୋଜକ ବୋନି କପୁରଙ୍କ ମାଲିକାନାରେ ଥିବା ବେଙ୍ଗଲ ଟାଇଗର୍ସ କଟକକୁ ହୋମ୍ ଭେନ୍ୟୁଭାବେ ଗ୍ରହଣ କରିଛି। ଫଳରେ ଏଠାରେ ଆସନ୍ତା ରବିବାର ଅପରାହ୍ନ ୨ଟାରେ ପଞ୍ଜାବ ଦି ଶେର୍-ଭୋଜପୁରୀ ଦବଙ୍ଗ୍ସ ଏବଂ ଅପରାହ୍ନ ୬ଟା ୩୦ରେ ମୁମ୍ବାଇ ହିରୋଜ୍-ବେଙ୍ଗଲ ଟାଇଗର୍ସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ବୁଧବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୋନି କପୁର ପ୍ରକାଶ କରିଛନ୍ତି। ଏହା ପୂର୍ବରୁ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ରଙ୍କ ନେତୃତ୍ୱାଧୀନ ଓଡ଼ିଆ ସେଲିବ୍ରିଟି ଓ ଜିତୁ ଶତପଥୀଙ୍କ ନେତୃତ୍ୱରେ ପୂର୍ବତନ ରଣଜୀ ଖେଳାଳିଙ୍କୁ ନେଇ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳାଯିବ। ମ୍ୟାଚଗୁଡ଼ିକ ୧୦ ଓଭର ବିଶିଷ୍ଟ ହେବ। ଅପରାହ୍ନ ୨ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଏହାକୁ ଉଦ୍‌ଘାଟନ କରିବେ। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଉପସ୍ଥିତ ରହିବେ। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ବୋନି କପୁର ନିମନ୍ତ୍ରଣ କରିଛନ୍ତି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଓ ପ୍ରଭାତୀ ପରିଡ଼ା ଯୋଗ ଦେବେ ବୋଲି ସୂଚନା ଦିଆଯାଇଛି। ସିସିଏଲ୍ ଏକ ମାଧ୍ୟମ, ପ୍ରକୃତରେ ଓଡ଼ିଶାରେ ଚଳଚ୍ଚିତ୍ର ଶିଳ୍ପକୁ ସମୃଦ୍ଧ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବାର ଅଛି ବୋଲି ବୋନି କପୁର କହିଛନ୍ତି। ମୁଁ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ କଥାବାର୍ତ୍ତା ଚାଲିଛି ବୋଲି ସେ ପ୍ରକାଶ କରିଛନ୍ତି।

ପ୍ରକାଶଯୋଗ୍ୟ, ୟୁଜେନିକ୍ସ ହେୟାର ସାଇନ୍ସେସର ପ୍ରଦୀପ ସେଠୀ ଓ ଆରିକା ବଂଶଲଙ୍କ ସମର୍ଥନରେ ଏହି ମ୍ୟାଚ ଆୟୋଜନ ହେବାକୁ ଯାଉଥିବାବେଳେ ଓଡ଼ିଶା କୋର୍ କମିଟି ଏହାର ସହଭାଗୀଦାର ରହିଛି। ଓଡ଼ିଶାକୁ ସିସିଏଲ୍ ଆଣିବାରେ ମୁଖ୍ୟ ସଂଯୋଜକ ଅଜୟ ଅଗ୍ରୱାଲ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବାବେଳେ ସତ୍ୟବ୍ରତ ମୀନକେତନ ମୁଖ୍ୟ ଆବାହକ, ଗୋଲକ ମହାପାତ୍ର ପରାମର୍ଶଦାତା ଓ ବାସୁଦେବ ଭଞ୍ଜ ଆବାହକ ରହିଛନ୍ତି। ସିସିଏଲ୍ ମ୍ୟାଚ ସହ ହେବାକୁଥିବା କାର୍ଯ୍ୟକ୍ରମରେ ଅର୍ଜୁନ କପୁର, ସୋହେଲ ଖାନ୍, ସୋନୁ ସୁଦ୍, ମିକା ସିଂ, ଆୟୁଷ୍ମାନ ଖୁରାନା, ରିତେଶ ଦେଶମୁଖ, ଜାହ୍ନବୀ କପୁର ଆଦି ଅନେକ କଳାକାର ଅଂଶଗ୍ରହଣ କରିବେ। ସିସିଏଲ୍-୨୦୨୫ ପାଇଁ ଟିକେଟଜେନି (ticketgenie)ରେ ଅନ୍‌ଲାଇନ୍ ଟିକେଟ ଉପଲବ୍ଧ ହେଉଛି। ଅଫ୍‌ଲାଇନ୍‌ରେ ମଧ୍ୟ ଟିକେଟ ଗତ ୧୧ ତାରିଖରୁ ବାରବାଟୀ ଷ୍ଟାଡିୟମ ନିକଟରେ ବିକ୍ରି କରାଯାଉଛି। ଟିକେଟ ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ କରି ୨୦୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଖବରଦାତା ସମ୍ମିଳନୀରେ ବଲିଉଡ ଚଳଚ୍ଚିତ୍ର ଅଭିନେତା ଅର୍ଜୁନ କପୁର, ଓଡ଼ିଶାର ପ୍ରତିଷ୍ଠିତ ଚଳଚ୍ଚିତ୍ର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ପୂର୍ବତନ ରଣଜୀ ଖେଳାଳି ଜିତୁ ଶତପଥୀ, ଭାଜପା ନେତା ଗୋଲକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଭୁବନେଶ୍ୱର ଆସିବ କେକେଆର ଟ୍ରଫି ଟୁର୍

**ଆଇପିଏଲ୍-୨୦୨୫**



ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ)-୨୦୨୫ ଆରମ୍ଭ ପୂର୍ବରୁ ଗତଥରର ଚାମ୍ପିୟନ କୋଲକାତା ନାଇଟ ରାଇଡର୍ସ ପ୍ରଥମଥର ପାଇଁ ଟ୍ରଫି ଟୁର୍ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନେଇଛି। ବିଶେଷ କରି ଯେଉଁ ସ୍ଥାନଗୁଡ଼ିକରେ ନାଇଟ ରାଇଡର୍ସର ପ୍ରଶଂସକମାନେ ଅଧିକ ସଂଖ୍ୟାରେ ରହିଛନ୍ତି ସେହି ସହରଗୁଡ଼ିକରେ ଟ୍ରଫି ଟୁର୍ ପାଇଁ କାର୍ଯ୍ୟସୂଚୀ ଧାର୍ଯ୍ୟ କରାଯାଇଛି। ତଦନୁସାରେ ଟ୍ରଫି ଟୁର୍‌ର ପ୍ରଥମ କାର୍ଯ୍ୟକ୍ରମ ୧୪ ତାରିଖରେ ଆସାମର ଗୁଆହାଟୀରେ ଅନୁଷ୍ଠିତ ହେବ। ଏହାପରେ ୧୬ ତାରିଖରେ ଟ୍ରଫି ଭୁବନେଶ୍ୱର ଆସି ଏସ୍‌ପ୍ଲାନେଡ ମଲ୍ ନିକଟରେ ପ୍ରଦର୍ଶିତ ହେବ। ପରେ ଏହା ୨୧ରେ ଜାମସେଦପୁର, ୨୩ରେ ରାଞ୍ଚି, ୨୮ରେ ଗ୍ୟାଙ୍ଗଟକ, ମାର୍ଚ୍ଚ ୨ରେ ସିଲିଗୁଡ଼ି, ୭ରେ ପାଟଣା, ୯ରେ ଦୁର୍ଗାପୁର ହୋଇ ୧୨ରେ କୋଲକାତା ସିଟି ସେଣ୍ଟର ମଲ୍‌ରେ ପ୍ରଦର୍ଶିତ ହେବ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ କୋଲକାତା ସାଉଥ୍ ସିଟ୍ ମଲ୍‌ରେ ମାର୍ଚ୍ଚ ୧୬ ତାରିଖରେ ଅନୁଷ୍ଠିତ ହେବ ବୋଲି ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରକାଶ କରାଯାଇଛି। ଆଇପିଏଲ୍ ଇତିହାସରେ ପ୍ରଥମଥର ପାଇଁ କୌଣସି ଏକ ଫ୍ରାଞ୍ଚାଇଜ୍ ଦଳ ନିଜ ଘରୋଇ ସହର ବ୍ୟତୀତ ବାହାରେ ଟ୍ରଫି ଟୁର୍ କରିବାକୁ ଯାଉଛି। ଏହାଦ୍ୱାରା ପ୍ରଶଂସକମାନେ କୋଲକାତା ନାଇଟ ରାଇଡର୍ସ ସମ୍ପର୍କରେ ଅଧିକ ଜାଣିବା ସହ ଟ୍ରଫି ସହ ଫଟୋ ଉଠାଇ ପାରିବେ।

**ରଣଜୀ ଟ୍ରଫି**

# ସେମିଫାଇନାଲ ଚୂଡ଼ାନ୍ତ

**ପୁଣେ, ୧୨।୨:** ରଣଜୀ ଟ୍ରଫି ଏଲିଟ ୨୦୨୪-୨୫ ସିଜନର ସେମିଫାଇନାଲ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଛି। ଚଳିତ ମାସ ୧୭ରୁ ୨୧ ପର୍ଯ୍ୟନ୍ତ ହେବାକୁଥିବା ପ୍ରଥମ ସେମିଫାଇନାଲରେ କେରଳ-ଗୁଜରାଟ ଓ ଦ୍ୱିତୀୟ ସେମିଫାଇନାଲରେ ବିଦର୍ଭ-ମୁମ୍ବାଇ ମଧ୍ୟରେ ମୁକାବିଲା ହେବ। ଗୋଟିଏ ଦିନ ପୂର୍ବରୁ ବିଦର୍ଭ, ମୁମ୍ବାଇ ଓ ଗୁଜରାଟ ସେମିଫାଇନାଲ ସ୍ଥାନ ପକ୍କା କରି ନେଇଥିବାବେଳେ ବୁଧବାର ଏଠାରେ ଶେଷ ହୋଇଥିବା ଡ୍ର ମ୍ୟାଚରେ ଜମ୍ମୁ-କଶ୍ମୀର ବିପକ୍ଷରେ ମାତ୍ର ୧ ରନରେ ପ୍ରଥମ ଇନିଂସ ଅଗ୍ରଣୀ ଭିତ୍ତିରେ କେରଳ ଶେଷ ଦଳଭାବେ ସେମିରେ ପହଞ୍ଚିଛି। ଏହି ମ୍ୟାଚରେ ଜମ୍ମୁ-କଶ୍ମୀର ପ୍ରଥମ ଇନିଂସରେ ୨୮୦ ରନ କରିଥିଲା। ଜବାବରେ କେରଳ ୨୮୧ ରନରେ ଅଲ୍‌ଆଉଟ ହୋଇ ୧ ରନରେ ଅଗ୍ରଣୀ ଲାଭ କରିଥିଲା। ଜମ୍ମୁ-କଶ୍ମୀର ଏହାର ଦ୍ୱିତୀୟ ଇନିଂସକୁ ୩୯୯/୯ରେ ଘୋଷଣା କରିଥିବାବେଳେ ବୁଧବାର ୫ମ ତଥା ଅନ୍ତିମ ଦିବସ ଖେଳ ଶେଷ ବେଳକୁ କେରଳ ଦ୍ୱିତୀୟ ଇନିଂସରେ ୬ ଉଇକେଟ ହରାଇ ୨୯୫ ରନ କରିଥିଲା।





ଇଂଲଣ୍ଡ ବିପକ୍ଷରେ ଦିନିକିଆ କ୍ରିକେଟ ସିରିଜ୍‌କୁ କ୍ଲିନ୍ ସୁଇପ କରିବା ପରେ ଟ୍ରଫି ସହ ଭାରତୀୟ ଦଳ।

# ସ୍ୱତନ୍ତ୍ର ୱେବ୍‌ସାଇଟ୍ ଉନ୍ମୋଚିତ

**୨୦ରୁ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ**

କଟକ,୧୨।୨(କାର୍ତ୍ତିକ ସାହୁ)

ଓଡ଼ିଶା କବାଡି ଆସୋସିଏଶନ ଆନୁକୂଲ୍ୟରେ ପ୍ରଥମଥର ପାଇଁ କଟକ ଇନ୍‌ଡୋର ଷ୍ଟାଡିୟମ୍‌ଠାରେ ୭୧ତମ ଜାତୀୟ ସିନିୟର କବାଡି ଚାମ୍ପିୟନଶିପ୍ ଆୟୋଜନ ହେବାକୁ ଯାଉଛି। ଏହି ଚାମ୍ପିୟନ୍‌ଶିପ୍ ଆସନ୍ତା ୨୦ରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ୩୦ଟି ରାଜ୍ୟ ଓ ୫ଟି ବିଭାଗୀୟ ଦଳ ଅଂଶଗ୍ରହଣ କରୁଛନ୍ତି। ୭୦୦ରୁ ଅଧିକ ସଂଖ୍ୟକ ଖେଳାଳି ଏହି ପ୍ରତିଯୋଗିତାରେ ଭାଗନେବେ। ଏଥିପାଇଁ ଓଡ଼ିଶା କବାଡି ଆସୋସିଏଶନ ପକ୍ଷରୁ ପ୍ରସ୍ତୁତ ଏକ ସ୍ୱତନ୍ତ୍ର ୱେବ୍‌ସାଇଟ୍‌କୁ ଅନୁଷ୍ଠାନର ସଭାପତି ତଥା ଶିଳ୍ପପତି ଡ. ଶରତ କୁମାର ସାହୁ ବୁଧବାର ଉନ୍ମୋଚନ କରିଛନ୍ତି। ଏହି ୱେବ୍‌ସାଇଟ୍‌ରେ ୭୧ତମ ଜାତୀୟ କବାଡି ପ୍ରତିଯୋଗିତା ଆୟୋଜନର ସମସ୍ତ ତଥ୍ୟ ଓ ସୂଚନା ଉପଲବ୍ଧ ହୋଇଛି। ଏଥିସହ ଚଳିତବର୍ଷ ଜାତୀୟ କ୍ରୀଡ଼ାର ସିଧା ପ୍ରସାରଣ ମଧ୍ୟ ଉକ୍ତ ୱେବ୍‌ସାଇଟ୍ ଜରିଆରେ କରାଯିବ ବୋଲି ଓଡ଼ିଶା କବାଡି ଆସୋସିଏଶନ୍‌ର ସମ୍ପାଦକ ଅଜୟ ବେହେରା ଏବଂ ଇଭେଣ୍ଟ ମୁଖ୍ୟ ଉଲ୍ଲାସ ଚନ୍ଦ୍ର ବେହୁରା ସୂଚନା ଦେଇଛନ୍ତି।

# ପୂର୍ବାଞ୍ଚଳ ଦଳ ସୁପର ଓଭରରେ ବିଜୟୀ

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ହାଇଦ୍ରାବାଦରେ ଚାଲିଥିବା ଆନ୍ତଃ ଜୋନାଲ ଭିନ୍ନକ୍ଷମ କ୍ରିକେଟ ଟୁର୍ନାମେଣ୍ଟରେ ପୂର୍ବାଞ୍ଚଳ ଦଳ ବୁଧବାର ସୁପର ଓଭରରେ ଦକ୍ଷିଣାଞ୍ଚଳକୁ ପରାସ୍ତ କରିଛି। ପୂର୍ବାଞ୍ଚଳ ଟସ୍ ଜିତି ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍ ରେ ୮ ଉଇକେଟ ହରାଇ ୧୬୧ ରନ୍ କରିଥିଲା। ଦଳ ପକ୍ଷରୁ ଜଗଜିତ ମହାନ୍ତି ସର୍ବାଧିକ ୫୮ ରନ କରିଥିଲେ। ଜବାବରେ ଦକ୍ଷିଣାଞ୍ଚଳ ୨୦ ଓଭର୍ ରେ ୮ ଉଇକେଟ ହରାଇ ଠିକ୍ ୧୬୧ ରନ୍ କରିବାକୁ ସକ୍ଷମ ହୋଇଥିଲା। ଫଳାଫଳ ନିର୍ଣ୍ଣୟ ପାଇଁ ସୁପର ଓଭରର ସହାୟତା ନିଆ ଯାଇଥିଲା। ଏଥିରେ ପୂର୍ବାଞ୍ଚଳ ଦଳ ବିଜୟୀ ହୋଇଥିଲା। ବିଜୟୀ ଦଳର ଦଳ ଜଗଜିତ ମହାନ୍ତି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

# କ୍ରୀଡ଼ାବିତ୍‌ଙ୍କ ସାମଗ୍ରିକ ବିକାଶକୁ ପ୍ରାଥମିକତା

## ଜିଲାପାଳ ଓ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କଲେ କ୍ରୀଡ଼ାମନ୍ତ୍ରୀ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ଅନ୍ୟ ଅଧିକାରୀବୃନ୍ଦ।

ଭୁବନେଶ୍ୱର, ୧୨।୨ (ତପନ ସ୍ୱାଇଁ)

ଓଡ଼ିଶାର ସମସ୍ତ ବ୍ଲକରେ ଷ୍ଟାଡିୟମ ନିର୍ମାଣ କରିବା ପାଇଁ କ୍ୟାବିନେଟରେ ନିଷ୍ପତ୍ତି ହୋଇଛି। ଏହି ପରିପ୍ରେକ୍ଷୀରେ ବ୍ଲକ ଗୁଡ଼ିକରେ ହେବାକୁ ଥିବା ଷ୍ଟାଡିୟମ ନିମନ୍ତେ ଉପଯୁକ୍ତ ସ୍ଥାନ ନିରୂପଣ କରିବା ପାଇଁ ବୁଧବାର କ୍ରୀଡ଼ା ଓ ଯୁବସେବା ବିଭାଗ ତରଫରୁ ଏକ ବୈଠକ ଆୟୋଜନ କରାଯାଇଥିଲା। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଜିଲ୍ଲାର ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ଜିଲ୍ଲା କ୍ରୀଡ଼ା ଅଧିକାରୀମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ। କ୍ରୀଡ଼ାମନ୍ତ୍ରୀ କହିଥିଲେ ଯେ, ସରକାର ବିକଶିତ ଓଡ଼ିଶା-୨୦୩୬ର ଲକ୍ଷ୍ୟ ରଖିଛନ୍ତି। ଏହା ଗଠନ ପାଇଁ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ କରିବା ହେଉଛି ଆମର ପ୍ରାଥମିକତା। ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ କରିବା ସହ ଓଡ଼ିଶାର ପ୍ରତିଟି ବ୍ଲକ ଓ ଗାଁରେ ଯେପରି କ୍ରୀଡ଼ା ପ୍ରତିଭାର ବିକାଶ ହୋଇପାରିବ ସେ ଲକ୍ଷ୍ୟ ନେଇ ବ୍ଲକ ସ୍ତରୀୟ ଷ୍ଟାଡିୟମର ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ଷ୍ଟାଡିୟମର ନିର୍ମାଣ କରିବା ସହ ଏହାର ସୁପରିଚାଳନା ଏବଂ କ୍ରୀଡ଼ାବିତମାନଙ୍କୁ ଯେପରି ଉପଯୁକ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯିବ। ଏଥିସହିତ ତୃଣମୂଳ ସ୍ତରର କ୍ରୀଡ଼ାବିତମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଯେପରି ଓଡ଼ିଶା ପାଇଁ ସୁନାମ ଅର୍ଜନ କରିପାରିବେ ତାହା ଲକ୍ଷ୍ୟ ରଖା ଯାଇଛି ସୂରଜ ପ୍ରକାଶ କରିଥିଲେ।

ବୈଠକ ଆରମ୍ଭରେ କ୍ରୀଡ଼ା ଓ ଯୁବସେବା ବିଭାଗର ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା ବ୍ଲକ ସ୍ତରରେ ହେବାକୁ ଥିବା ଷ୍ଟାଡିୟମର ରୂପରେଖ, ବୈଶିଷ୍ଟ୍ୟ ଓ ବିଶେଷତା ସମ୍ପର୍କରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ସମସ୍ତ ଜିଲାର ଜିଲାପାଳମାନେ ନିଜ ଜିଲା ଅଧୀନରେ ଆସୁଥିବା ବ୍ଲକଗୁଡ଼ିକରେ ଷ୍ଟାଡିୟମ ନିର୍ମାଣ ପାଇଁ ସ୍ଥିରୀକୃତ ହୋଇଥିବା ଉପଯୁକ୍ତ ସ୍ଥାନ ସମ୍ବନ୍ଧରେ ସୂଚନା ଦେଇଥିଲେ। ଏଥିସହିତ ଯେଉଁ ବ୍ଲକ ଗୁଡ଼ିକରେ ଏପର୍ଯ୍ୟନ୍ତ ସ୍ଥାନ ନିରୂପଣ ହୋଇପାରିନାହିଁ, ସେ ଗୁଡ଼ିକରେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଜିଲ୍ଲା ପ୍ରଶାସନ ଚଳିତମାସ ୨୦ ତାରିଖ ସୁଦ୍ଧା କ୍ରୀଡ଼ା ଓ ଯୁବସେବା ବିଭାଗକୁ ଅବଗତ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ଏଥିସହିତ ଜନସାଧାରଣ ଓ କ୍ରୀଡ଼ାବିତମାନଙ୍କ ସୁବିଧା ନିମନ୍ତେ ଷ୍ଟାଡ଼ିୟମଗୁଡ଼ିକୁ ଯଥା ସମ୍ଭବ ବ୍ଲକ ହେଡ଼ କ୍ୱାର୍ଟର ପାଖରେ ରହିଥିବା ସ୍ଥାନରେ ନିର୍ମାଣ କରିବା ପାଇଁ ପରାମର୍ଶ ଦିଆଯାଇଛି।

# ସାପିଏନ୍ସ୍, ୱଣ୍ଡର ସିମେଣ୍ଟ ବିଜୟୀ

**ଟିଲୋ କପ୍**

ବନ୍ତ,୧୨।୨(ହରି ନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍ ଟିଲୋ ଆଥ୍‌ଲେଟିକ ଆସୋସିଏଶନ୍ ପକ୍ଷରୁ ହନୁମାନ ଜୀଉ ମିନି ଷ୍ଟାଡିୟମ୍‌ରେ ଚାଲିଥିବା ଅର୍ନ୍ତଜାତୀୟ ଟିଲୋ କପ୍‌ର ୬ଷ୍ଠ ଦିନ ତଥା ପୁଲ -'ବି'ର ୨ ଟି ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ସାପିଏନ୍ସ ଦିଲ୍ଲୀ ଓ ୨ୟ ମ୍ୟାଚ୍‌ରେ ୱଣ୍ଡର ସିମେଣ୍ଟ ରାଜସ୍ଥାନ ବିଜୟୀ ହୋଇଛି।

ଏସ୍‌ପିଜେ କାର୍ଗୋ ଦିଲ୍ଲୀ ଓ ସାପିଏନ୍ସ ଦିଲ୍ଲୀ ମଧ୍ୟରେ ପ୍ରଥମ ମ୍ୟାଚ୍ ଖେଳା ଯାଇଥିଲା। ଟସ୍ ଜିତି ସାପିଏନ୍ସ ଦିଲ୍ଲୀ ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଏସ୍‌ପିଜେ କାର୍ଗୋ ଦିଲ୍ଲୀ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୮ ରନ୍ କରିଥିଲା। ଦଳ ପକ୍ଷରୁ ସୌରଭ ଧରିୱାଲ ୨୮ ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଆଶିଷ ଲାଡୁ ୪ ଉଇକେଟ୍ ଅକ୍ତିଆର କରିବାରେ ସକ୍ଷମ ହୋଇଥିଲେ। ୧୨୯ ରନ୍‌ର ବିଜୟ ଲକ୍ଷ୍ୟ ପିଛା କରି ସାପିଏନ୍ସ ଦିଲ୍ଲୀ ୧୮.୧ ଓଭରରେ ୬ ଉଇକେଟ୍ ହରାଇ ୧୩୪ ରନ୍ କରିଥିଲା। ଦଳ ପକ୍ଷରୁ ଅଭିଷେକ ପାଠକ ୫୦ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ହର୍ଷିତ ସାଇନ୍ ୩ ଉଇକେଟ ନେଇଥିଲେ। ସାପିଏନ୍ସ ଦିଲ୍ଲୀର ଆଶିଷ ଲାଡୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ୱଣ୍ଡର ସିମେଣ୍ଟ ରାଜସ୍ଥାନ ଓ ଇଣ୍ଡିଆନ ଅଏଲ ମୁମ୍ବାଇ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଣ୍ଡିଆନ ଅଏଲ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ୱଣ୍ଡର ସିମେଣ୍ଟ ରାଜସ୍ଥାନ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ହରାଇ ୧୮୦ ରନ୍ କରିଥିଲା। ଦଳ ପକ୍ଷରୁ ମହିଜିତ୍ ସିଂହ ୮୮, ଯଶୱନ୍ତ ଡଙ୍ଗି ୩୩, ରୋହନ କାଜବର ୩୩ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ଅଜିତ୍ ସେଠ ୩ ଉଇକେଟ୍ ନେଇଥିଲେ। ଇଣ୍ଡିଆନ ଅଏଲ ମୁମ୍ବାଇ ୧୯.୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୬୭ ରନ୍ କରି ହାରିଥିଲା। ଦଳ ପକ୍ଷରୁ ରୋହନ୍ ରାଜେ ୫୬ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ପୁଷ୍ପେନ୍ଦ୍ର ସିଂହ ୪ ଉଇକେଟ୍ ନେଇଥିଲେ। ଏଥିରେ ୱଣ୍ଡର ସିମେଣ୍ଟ ୧୩ ରନ୍‌ରେ ବିଜୟୀ ହୋଇଥିଲା। ୱଣ୍ଡର ସିମେଣ୍ଟ ରାଜସ୍ଥାନର ମହିଜିତ୍ ସିଂହ ମ୍ୟାନ୍ ଅଫ ଦି ମ୍ୟାଚ୍ ହୋଇଥିଲେ। ମାଚ୍ ରେଫରୀ ଭାବେ ପୂର୍ଣ୍ଣେନ୍ଦୁ ଜେନା, ଅମ୍ପାୟର ଲଲାଟ କେଶରୀ ନନ୍ଦ, ଶରତ ଜେନା, ଭାଷ୍ୟକାର ନାରାୟଣ ସାହୁ, ସଞ୍ଜୟ ମଜୁମଦାର, ମହମ୍ମଦ ରସିଦ୍, ମାନସ ପୁହାଣ, ସ୍କୋରର ଶଙ୍କର ଟୁଡୁ, ନବକୃଷ୍ଣ ରାଉତ, ଧନେଶ୍ୱର ଧଳ, ପ୍ରେମାନନ୍ଦ ବେହେରା, ପିଚ୍ କ୍ୟୁରେଟର ପ୍ରେମାନନ୍ଦ ଜେନା, ପ୍ରକାଶ ରାଉତ, ରୁଦ୍ର ନାୟକ, ବିଦ୍ୟୁତ୍ ବିଶ୍ୱାଳ, ପରେଶ ଧଳ, ସୂଚୀବ୍ରତ ରାଉତ ଦାୟିତ୍ୱ ତୁଲାଇଥିଲେ। ଆସୋସିଏଶନର ସଭାପତି ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ ସଭାରେ ଶକୁନ୍ତଳା କଲର ପ୍ରଦତ୍ତ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାରକୁ ଅତିଥି ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପୂର୍ବତନ ସରପଞ୍ଚ ନିହାରିକା ରାଉତ, ସନ୍ତୋଷ ଧଳ, ପ୍ରକାଶ ସ୍ୱାଇଁ, ପର୍ଶୁରାମ ସାହୁ, ରଶ୍ମି ରଞ୍ଜନ ସେନାପତି ପ୍ରଦାନ କରିଥିଲେ।



ୱଣ୍ଡର ସିମେଣ୍ଟ ରାଜସ୍ଥାନର ମହିଜିତ୍ ସିଂଙ୍କୁ ଅତିଥିମାନେ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

# ତଥାପି ଅପେକ୍ଷା



ବାଣୀ

ବଲିଉଡ୍‌ରେ ବାଣୀ କପୁର ଏଣ୍ଟ୍ରି କରିବା ଇତିମଧ୍ୟରେ ୯ ବର୍ଷ ହୋଇଗଲାଣି । ହେଲେ ସେ ମାତ୍ର ସାତୋଟି ସିନେମାରେ ଅଭିନୟ କରିଛନ୍ତି । ତେବେ ଏହି ସମୟ ଭିତରେ ତାଙ୍କୁ ମନଲାଖି ଅଫରଟିଏ ମିଳିନି କି ଅଭିନୀତ ଫିଲ୍ମର ସଂଖ୍ୟା ମଧ୍ୟ ହାତଗଣତି । ବାଣୀଙ୍କ ଅଭିନୀତ ପ୍ରଥମ ସିନେମା ଥିଲା ‘ଶୁଦ୍ଧ ଦେଶୀ ରୋମାନ୍ସ’ । ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ, ସେତେବେଳେ ଆଖିରେ ଆଖିଏ ସ୍ୱପ୍ନ । କିନ୍ତୁ ସେ ଯାହା ଆଶା କରୁଥିଲେ ତାହା ପୂରଣ ହେଲାନାହିଁ । ତେଣୁ ଯେଉଁ ଅଫର ମିଳିଲା, ତାହାକୁ ହାତଛଡ଼ା କରି ନ ଥିଲେ ସେ । ନିଜ କ୍ୟାରିୟର ସମ୍ପର୍କରେ ବାଣୀ କୁହନ୍ତି, ‘‘ନଅ ବର୍ଷ ଭିତରେ ମୁଁ ମାତ୍ର କେତୋଟି ସିନେମାରେ ଅଭିନୟ କରିଛି । ଅବଶ୍ୟ ମନ ଦୁଃଖ ଲାଗୁଛି । ହେଲେ ଫିଲ୍ମଟିଏ ମିଳିବା ତ ମୋ ହାତର କଥା ନୁହେଁ । ଯେତେବେଳେ ପ୍ରଯୋଜକ ଚାହିଁବେ, ମୋତେ ଚାନ୍ସ ଦେବେ । ତେଣୁ ସବୁକିଛି ମୋ ଭାଗ୍ୟର ଦୋଷ । ହେଲେ ଏତିକି କହିବି, ଏ ପର୍ଯ୍ୟନ୍ତ ମୋତେ ଯେଉଁ ଭୂମିକାଗୁଡ଼ିକ ମିଳିଛି ତାହା ମୋତେ ଶତପ୍ରତିଶତ ଆତ୍ମତୃପ୍ତି ଦେଇଛି । ମୋର ନିଜ ଉପରେ ମଧ୍ୟ ଦୃଢ଼ ବିଶ୍ୱାସ ରହିଛି । ’’ ବାଣୀ ଏ ପର୍ଯ୍ୟନ୍ତ ଅଭିନୟ କରିଥିବା ସିନେମାଗୁଡ଼ିକ ହେଲା ‘ଶୁଦ୍ଧ ଦେଶୀ ରୋମାନ୍ସ’, ‘ଆହା କଲ୍ୟାନମ୍’ (ତେଲୁଗୁ), ‘ବେଫିକ୍ରେ’, ‘ୱାର୍’, ‘ବେଲ୍ ବଟମ୍’, ‘ଚଣ୍ଡିଗଡ଼ କରେ ଆସିକ୍’ ଏବଂ ‘ସମସେରା ।’

# ଏବେ ୱେବ୍ ସିରିଜ ଭରସା



ହୁମା

କଥାରେ ଅଛି ବୁଡ଼ିଯାଉଥିବା ଲୋକଟିଏ କୁଟାଖିଅକୁ ଭରସା କରିଥାଏ । ହିନ୍ଦୀ ସିନେମାର ଏଣ୍ଟ୍ରି କରିବା ପରେ ଯାହା ଆଶା କରିଥିଲେ ତାହା ତ ପୂରଣ ହେଲା ନାହିଁ । ଏବେ ତାଙ୍କୁ ଏକ ନୂଆ ଦୁନିଆରେ ଦେଖିବାକୁ ମିଳିବ । ହଁ, ଖୁବ୍‌ଶୀଘ୍ର ସେ କେତୋଟି ୱେବ୍ ସିରିଜ୍‌ରେ ଅଭିନୟ କରିବାକୁ ଯାଉଛନ୍ତି । ସେହି ଅଭିନେତ୍ରୀ ଜଣଙ୍କ ହେଉଛନ୍ତି ହୁମା କ୍ୟୁରେସି । ଏଭଳି ଯୋଜନା ବିଷୟରେ ସେ କହନ୍ତି, ‘‘ବର୍ତ୍ତମାନ ୱେବ୍ ସିରିଜର ଚାହିଦା କାହିଁରେ କେତେ । ନିକଟରେ ମୋତେ ଦୁଇଟି ୱେବ୍ ସିରିଜରେ ଅଭିନୟ କରିବାକୁ ଅଫର ମିଳିଛି ଆଉ ଏ ନେଇ ମୋର ସମ୍ମତି ମଧ୍ୟ ମୁଁ ଦେଇସାରିଛି । ଆଶା ରଖିଛି ଏହାଦ୍ୱାରା ମୁଁ ନିଶ୍ଚୟ ଦର୍ଶକଙ୍କର ଆହୁରି ନିକଟତର ହୋଇପାରିବି । ନିକଟରେ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ସହ ମୋର ଭେଟ ହୋଇଥିଲା । ଆଉ ତାଙ୍କୁ ମୁଁ ମୋର ମନର କଥା କହିଲି ସେ ମୋର ପ୍ରାୟ ସବୁ ସମସ୍ୟାର ସମାଧାନ କରିଦେଇଥିଲେ । ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା ସେତେ କମ୍ ହେବ ।’’ ତେବେ ୱେବ୍ ସିରିଜ ହୁମାଙ୍କୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା ।

## ନୂଆ ସିନେମା

# ପରୀ

ଓମ୍ ଶାନ୍ତି ଏଣ୍ଟରଟେନମେଣ୍ଟ ନିବେଦିତ ‘ପରୀ’ ଚଳଚ୍ଚିତ୍ରର ଶୁଟିଂ ଆରମ୍ଭ ହୋଇଯାଇଛି । ପ୍ରଥମେ କଟକ, ପରେ ଆଠଗଡ଼ ଓ ଏବେ ଭୁବନେଶ୍ୱରରେ ଏହାର ଶୁଟିଂ ଜାରିରହିଛି । ସଞ୍ଜୟ ମହାନ୍ତି ଓ ଚନ୍ଦନ ସ୍ୱାଇଁ ଏହାର ପ୍ରଯୋଜନା କରିଛନ୍ତି । ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି ତ୍ରିପତି କୁମାର ସାହୁ । ସାମ୍ପ୍ରତିକ ସମୟର ଜଣେ ଆଗଧାଡ଼ିର ଓ ସଫଳ ନିର୍ଦ୍ଦେଶକ ଭାବେ ସେ ବେଶ୍ ଜଣାଶୁଣା । ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଛନ୍ତି ଓଲିଉଡ୍‌ର ବରିଷ୍ଠ ସଂଳାପକାର ଡ. ରଜନୀ ରଞ୍ଜନ । ଏହି ଫିଲ୍ମ ବିଷୟରେ ସେ କହନ୍ତି, ‘ଏହାର କାହାଣୀ ଅନ୍ୟ ସିନେମାଠାରୁ ଭିନ୍ନ । କାହାଣୀ ଅନୁସାରେ କିପରି ଦର୍ଶକଙ୍କ ମନକୁ ଛୁଇଁଲା ଭଳି ସଂଳାପ ଲେଖାଯିବ ତାହା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇଛି । ଫିଲ୍ମଟି ଦର୍ଶକାଦୃତ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି । ସିନେମାଟୋଗ୍ରାଫି ଦାୟିତ୍ୱରେ ଅଛନ୍ତି ଧ୍ରୁବାନନ୍ଦ ପଣ୍ଡା । ପ୍ରମୋଦ ପରିଡ଼ା ଗୀତ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଜାପାନୀ । ଜ୍ୟୋତି ଏହାର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି ଅନୁରାଧା । ଶ୍ରୀତମ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ନୀଳମଣି ସାହୁ, ସୌମ୍ୟ ପ୍ରକାଶ ଦାସ ଅଧିକାରୀ, ସୌମ୍ୟ ରଞ୍ଜନ ମହାନ୍ତି, ଗୁଲ୍ଟୁ, ଜଗନ୍ନାଥ ସାହୁ, ନରେଶ ରାଉତରାୟ, ଗୋପାଳ ପଟ୍ଟନାୟକ, ରୋଶନ ଭରଦ୍ୱାଜ ଓ ଶିଶୁ କଳାକାର ଦିବ୍ୟାଂଶୀଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିବ ।




(ବାମରୁ) ଶ୍ରୀତମ, ଡ. ରଜନୀ ରଞ୍ଜନ ଏବଂ ଜ୍ୟୋତି

# ବୋଲ୍ଡ ଶଟ୍ ପାଇଁ...



ଜାହ୍ନବୀ

ଜାହ୍ନବୀ କପୁରଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା । ନିକଟରେ ସେ ଏକ ନୂଆ ସିନେମା ସାଇନ୍ କରିଛନ୍ତି । ଏଥିରେ ତାଙ୍କୁ କୁଆଡେ ୩-୪ଟି ଗରମା ଗରମ ଶଟ୍ ଦେବାକୁ ପଡିବ । ଏ ସମ୍ପର୍କରେ ସୂଚନା ପାଇବା ପରେ ତାଙ୍କର ଟେନ୍‌ସନ ବଢ଼ିଯାଇଛି । ଏ ବିଷୟରେ ଜାହ୍ନବୀ କହନ୍ତି, ‘ମୋର ଏଭଳି ଶଟ୍‌କୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ । କାହାଣୀ ଅନୁସାରେ ମୋତେ ଶଟ୍ ଦେବାକୁ ପଡିବ । ସବୁଠାରୁ ଖାସ୍ କଥା ହେଲା କାହାଣୀକୁ ରଙ୍ଗିନ କରିବାକୁ ଅଯଥା ଦୃଶ୍ୟକୁ ମୁଁ ସବୁବେଳେ ବିରୋଧ କରିଥାଏ । ଏହି ଫିଲ୍ମରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହା ମୋ କ୍ୟାରିୟରକୁ ନୂଆ ମୋଡ ଦେବ ବୋଲି ଆଶା ରଖିଛି । ଅଯଥା ବୋଲ୍ଡ ଶଟ୍ ଦେବା ସପକ୍ଷରେ ମୁଁ ଆଦୌ ନ ଥାଏ । ପୁଣି କେହି କେହି ଏପରି ଶଟ୍ ଦେବା ପରେ ନିଜକୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ସଜାଇ ଥାଆନ୍ତି । ହେଲେ ମୁଁ ସବୁବେଳେ ଅଭିନୟ କରୁଥିବା ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକାକୁ ଅଧିକ ଗୁରୁତ୍ୱ ଦେଇଥାଏ । ଏହି ନୂଆ ସିନେମାରେ ମୋର ବୋଲ୍ଡ ଶଟ୍‌କୁ ଅଯଥା ସଂଯୋଗ କରାଯାଇନାହିଁ । ଏହାର ଶତ ପ୍ରତିଶତ କାହାଣୀ ସହିତ ଜଡିତ । ତେବେ ସେପରି ଶଟ୍‌କୁ କିପରି ଦେବି ସେ ନେଇ ମୁଁ ଟେନ୍‌ସନରେ ଅଛି । ଆଶା ରଖିଛି ଏହାକୁ ନେଇ ମୋ ମନରେ ଉଙ୍କିମାରିଥିବା ପ୍ରଶ୍ନଗୁଡିକର ସମାଧାନ ନିର୍ଦ୍ଦେଶକ ସହଜରେ କରିଦେବେ ।’ ତେବେ ଏହି ଫିଲ୍ମଟି ଜାହ୍ନବୀଙ୍କ ପାଇଁ କେତେ ଶୁଭପ୍ରଦ ସାବ୍ୟସ୍ତ ହେଉଛି ତାହା ଦେଖିବାକୁ ବାକି ରହିଲା । ଜାହ୍ନବୀଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡିକ ମଧ୍ୟରେ ରହିଛି– ‘ଧଡକ’, ‘ଗୁଞ୍ଜନ ସାକସେନା: ଦ କାରଗିଲ ଗର୍ଲ’, ‘ମିଲି’, ‘ବୱାଲ’, ‘ରକି ଔର ରାନୀକି ପ୍ରେମ କାହାନୀ’, ‘ମିଷ୍ଟର ଆଣ୍ଡ ମିସେସ୍ ମାହି’ ଏବଂ ‘ଉଲଝା’ । ଅନ୍ୟପକ୍ଷରେ ସେ ଅଭିନୟ କରିଥିବା ‘ସନ୍ନି ସଂସ୍କାରୀ କି ତୁଲସୀ କୁମାରୀ’ ରିଲିଜ ଅପେକ୍ଷାରେ ରହିଛି । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଛନ୍ତି ବରୁଣ ଧାୱନ । ଏହା ବ୍ୟତୀତ ‘ପରମ ସୁନ୍ଦରୀ’ ନାମକ ଏକ ସିନେମା ମଧ୍ୟ ତାଙ୍କ ହାତରେ ରହିଛି ।

# ଅତୀତରୁ

▸▸ ଦେବାଶିଷ ପିକ୍ଚର୍ସ, କଟକ ବ୍ୟାନରରେ ତଥା ଶ୍ରୀନିବାସ ପାଇକରାୟଙ୍କ ପ୍ରଯୋଜନାରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା ‘ଜୀବନସାଥୀ’ । ଏହାର ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ । ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ବାଳକୃଷ୍ଣ ଦାଶ । ଶରତ ପୂଜାରୀ, ଗୀତା, ସାମୁଏଲ ସାହୁ (ବାବି) ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ ।

▸▸ ସୋମନାଥ ସାହୁଙ୍କ ପ୍ରଯୋଜିତ ଏବଂ ସୋନା ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ‘ଘର ବାହୁଡା’ ଚିତ୍ରର ମୁଖ୍ୟ ଭୂମିକାରେ ସୁଜାତା ଆନନ୍ଦ, ସୁଜିତ, ସାମୁଏଲ ସାହୁ (ବାବି), ନିରଞ୍ଜନ, ହିମାଂଶୁ ପ୍ରମୁଖ ଅଭିନୟ କରିଥିଲେ ।

▸▸ ବନଜା ଫିଲ୍ମସ, ଜୟପୁର ବ୍ୟାନରରେ ନିର୍ମିତ ହୋଇଥିଲା ଓଡ଼ିଆ ଚଳଚ୍ଚିତ୍ର ‘ରକ୍ତ ଗୋଲାପ’ । ଏହାର ନିର୍ଦ୍ଦେଶନା ଦେଇଥିଲେ କେ. ଭୀମେଶ୍ୱର ରାଓ । ଗୀତଗୁଡିକୁ ସ୍ୱରରେ ସଜାଇଥିଲେ ଧନଞ୍ଜୟ ଶତପଥୀ । ଶ୍ରୀରାମ ପଣ୍ଡା ଏଥିରେ ନାୟକ ସାଜିଥିବା ବେଳେ ତାଙ୍କର ନାୟିକା ଭୂମିକାରେ ଅଭିନୟ କରିଥିଲେ ବନଜା ମହାନ୍ତି ।

▸▸ ନିତାଇ ପାଲିତଙ୍କ ପ୍ରଯୋଜନା ଏବଂ ନିର୍ଦ୍ଦେଶନାରେ ପ୍ରସ୍ତୁତ ଓଡ଼ିଆ ସିନେମା ‘ଅନୁରାଗ’ରେ ସଂଯୋଜିତ ଗୀତଗୁଡିକର ସ୍ୱର ଦେଇଥିଲେ ଭୁବନ-ହରି । ମାଳବିକା ମହାନ୍ତି, ବୀରେନ ରାଉତରାୟ, ଅରୁଣ ନନ୍ଦ, ରବି ରଥ, ନରି, ଜୟୀ ପ୍ରମୁଖ ଏଥିରେ ଅଭିନୟ କରିଥିଲେ ।

▸▸ କୃଷ୍ଣ ଚନ୍ଦ୍ର ରଥଙ୍କ ନିର୍ଦ୍ଦେଶନାରେ ମୁକ୍ତିଲାଭ କରିଥିଲା ଓଡ଼ିଆ ଫିଲ୍ମ ‘ତ୍ରିନାଥ ମେଳା’ । ରବୀନ୍ଦ୍ର ରଥ, ଶୁଭ୍ରା ପତି, ନିର୍ମଳ ମହାପାତ୍ର, ନିତ୍ୟାନନ୍ଦ ଦାସଙ୍କୁ ବିଭିନ୍ନ ଭୂମିକାରେ ଦେଖିବାକୁ ମିଳିଥିଲା । ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ରାଖାଲ ମହାନ୍ତି ।

# ଅଭିନବ ଯୋଜନା

ପ୍ରଥମେ ସିନେପ୍ରେମୀ ଫିଲ୍ମ ଦେଖିବାକୁ କେବଳ ଥିଏଟର ଉପରେ ନିର୍ଭର କରୁଥିଲେ କିନ୍ତୁ ଏବେ ଲୋକଙ୍କ ପାଖକୁ ଭଲ ଭଲ ନିଚ୍ଛକ କାହାଣୀ ଓ କଣ୍ଟେଣ୍ଟ ପହଞ୍ଚିପାରୁଛି ଓଟିଟି ମିଡିଆ ଜରିଆରେ । ବର୍ତ୍ତମାନ ସମୟରେ ଓଟିଟି ମିଡିଆ ସାଜିଛି ଲୋକଙ୍କର ପ୍ରମୁଖ ପସନ୍ଦ । ସେମିତି ଏକ ଲୋକପ୍ରିୟ ଓଟିଟି ମିଡିଆ ସାଜିଛି ଓଡ଼ିଶାର ପ୍ରିମିୟମ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ । ଓଡ଼ିଆ ଦର୍ଶକ ଏହି ଓଟିଟି ପ୍ଲାଟଫର୍ମରେ ଭିନ୍ନ ଭିନ୍ନ ଧରଣର କାହାଣୀ ଉପଭୋଗ କରିପାରୁଛନ୍ତି । ଦର୍ଶକଙ୍କ ମନକଥା ବୁଝି ମଧ୍ୟ ଆଓ ନେକ୍ସଟ ନିଜ ପ୍ଲାଟଫର୍ମରେ ଅନେକ କିଛି ପରିବର୍ତ୍ତନ ବିଗତ ଦିନରେ ଆଣିଛି । ନୂଆ ବର୍ଷ ପାଇଁ ଓଡ଼ିଶାର ପ୍ରିମିୟମ ଓଟିଟି ପ୍ଲାଟଫର୍ମ ଆଓ ନେକ୍ସଟ ଏକ ଅଭିନବ ଯୋଜନା ଆରମ୍ଭ କରିବାକୁ ଯାଉଛି । ବର୍ତ୍ତମାନ ଏହି ପ୍ଲାଟଫର୍ମରେ ୧୫ଟି ଲୋକପ୍ରିୟ ଓଡ଼ିଆ ସିନେମାର ମଜା ନେଇପାରିବେ । ପ୍ରଥମ ପର୍ଯ୍ୟାୟରେ ‘କୁହୁଡି’, ‘ପାବାର’, ‘ବିଗୁଲ’, ‘ଡେଲିଭରି ବୟ’, ‘ନିୟତି’ ଏବଂ ‘ତୃଷ୍ଣା’ ଫିଲ୍ମ ଦେଖିବାକୁ ପାଇବେ ଦର୍ଶକ । କେବଳ ଏତିକି ନୁହଁ ଚଳିତ ବର୍ଷ ୨୦ରୁ ୨୫ଟି ସିନେମା ଓଡ଼ିଆ ଦର୍ଶକଙ୍କୁ ଭେଟି ଦେବା ପାଇଁ ପ୍ରସ୍ତୁତ ରହିଛି ଏହି ଓଟିଟି ପ୍ଲାଟଫର୍ମ । ଓଡ଼ିଶା ଦର୍ଶକଙ୍କ ଭଲ ପାଇବା ଯୋଗୁ ଆଓ ନେକ୍ସଟ ଆଗକୁ ଆଗକୁ ବଢ଼ିବାରେ ସକ୍ଷମ ହୋଇପାରିଛି ବୋଲି ସିଇଓ କୌଶିକ ଦାସ ଓଡ଼ିଶାର ଅଗଣିତ ଦର୍ଶକଙ୍କୁ ଧନ୍ୟବାଦ ଓ ଶୁଭେଚ୍ଛା ଜଣାଇଛନ୍ତି ।



‘ପାବାର’ ଫିଲ୍ମରେ ବାବୁସାନ୍-ଏଲିନା

# ଚିନ୍ତା କରୁଛନ୍ତି ମୃଣାଳ

ମୃଣାଳ ଠାକୁର ଏବେ ଦୋଛକିରେ ପଡିଛନ୍ତି । ଯେତେବେଳେ ଅଫରଟି ମିଳିଲା ସେ ହଁ ଭରିଥିଲେ । ତା’ସହ ଏଭଳି ରୋଲ୍ ପାଇଁ ପ୍ରସ୍ତୁତି ଆରମ୍ଭ ମଧ୍ୟ କରିଦେଇଥିଲେ । ହେଲେ କିଛିଦିନ ପରେ କ’ଣ ହେଲା କେଜାଣି, ସେ ନିଜ ନିଷ୍ପତ୍ତି ବଦଳାଇ ଏହି ଫିଲ୍ମରେ ଅଭିନୟ କରିବେ ନାହିଁ ବୋଲି ମନା କରିଦେଲେ । ଏବେ ପୁଣି ଥରେ ସେହି ଚିତ୍ରରେ ଅଭିନୟ କରିବାକୁ ଚାହିଁଥିଲେ । ହେଲେ ଏବେ ସେହି କାହାଣୀରେ କିଛି ପରିବର୍ତ୍ତନ କରାଯାଇଛି । ଏଥିରେ ଏକ ଆଇଟମ୍ ଗୀତରେ ନାଚିବାକୁ ତାଙ୍କୁ ପ୍ରସ୍ତାବ ଦିଆଯାଇଛି । ଏ ନେଇ କି ନିଷ୍ପତ୍ତି ନେବେ ତାହା ଠିକ୍ କରିପାରୁନାହାନ୍ତି ଏହି ଅଭିନେତ୍ରୀ । ଏ ସମ୍ପର୍କରେ ମୃଣାଳ କହନ୍ତି, ‘ଏହି ଫିଲ୍ମର ଆକ୍ଟିଂ କରିବି ନାହିଁ ବୋଲି ପ୍ରଥମେ ମନା କରିଥିଲି । ହେଲେ ଯେତେବେଳେ ରାଜି ହେଲି ସେତେବେଳକୁ ସେଥିରେ ଏକ ଆଇଟମ ନମ୍ବର ଯୋଡା ସରିଥିଲା, ଯେଉଁଥିରେ ମୋତେ ନାଚିବାକୁ ପଡିବ । ଏ ନେଇ କିଛି ନିଷ୍ପତ୍ତି ନେଇନି । ପ୍ରଯୋଜକ ମଧ୍ୟ ମୋତେ ଦୁଇ ସପ୍ତାହ ସମୟ ଦେଇଛନ୍ତି । ଯେହେତୁ ମୋ ହାତରେ ଏବେ ସମୟ ଅଛି ତେଣୁ ଭାବି ଚିନ୍ତି ଡିସିସନ୍ ନେବି ।’



ମୃଣାଳ

# ଭାରତର କ୍ଲିନ୍ ସୁଇପ୍



## ଶୁବମନ ଗିଲ୍‌ଙ୍କ ଶତକ

### ତୃତୀୟ ଦିନିକିଆରେ ଇଂଲଣ୍ଡକୁ ୧୪୨ ରନରେ ହରାଇଲା ଟିମ୍ ଇଣ୍ଡିଆ

**ଅହମଦାବାଦ, ୧୨।୨**

ଶୁବମନ ଗିଲ୍‌ଙ୍କ ଶତକ ଏବଂ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଭାରତ ବୁଧବାର ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଇଂଲଣ୍ଡକୁ ୧୪୨ ରନରେ ପରାସ୍ତ କରିଛି। ଫଳରେ ୩ ମ୍ୟାଚ ବିଶିଷ୍ଟ ସିରିଜକୁ କ୍ଲିନ୍ ସୁଇପ୍ କରିଛି ଟିମ୍ ଇଣ୍ଡିଆ। ଗିଲ୍‌ଙ୍କ ଶତକ ସହ ବିରାଟ କୋହଲି ଓ ଶ୍ରେୟସ ଆୟରଙ୍କ ଅର୍ଦ୍ଧଶତକ ସହାୟତାରେ ଭାରତ ୫୦ ଓଭରରେ ୩୫୬ ରନ ସଂଗ୍ରହ କରିଥିଲା। ବଡ଼ ସ୍କୋରର ପିଛା କରି ଇଂଲଣ୍ଡ ୩୪.୨ ଓଭରରେ ୨୧୪ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ନାଗପୁରରେ ପ୍ରଥମ ଓ କଟକରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆରେ ମଧ୍ୟ ଭାରତ ବିଜୟୀ ହୋଇଥିଲା। ଏଥିସହ ପାକିସ୍ତାନ ଓ ଦୁବାଇରେ ହେବାକୁଥିବା ଚାମ୍ପିୟନ୍ସ ଟ୍ରଫି କ୍ରିକେଟ ପାଇଁ ଭାରତୀୟ ଦଳ ଖୁବ୍ ଭଲ ଅଭ୍ୟାସ କରିଛି।

୩୫୭ ରନ ବିଜୟ ଲକ୍ଷ୍ୟ ଥିବାରୁ ଇଂଲଣ୍ଡ ବ୍ୟାଟରମାନେ ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିଲେ। ଫଳରେ ଟପ୍ ଓ ମିଡିଲ ଅର୍ଡରର ସମସ୍ତ ବ୍ୟାଟର ଭଲ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ବଡ଼ ଶଟ୍ ମାରିବା ଚକ୍କରରେ ସେମାନେ ନିୟମିତ ବ୍ୟବଧାନରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ଦୁଇ ଓପନର ଫିଲିପ ସଲ୍ଟ ଓ ବେନ୍ ଡକେଟ ଯଥାକ୍ରମେ ୨୩ ଓ ୩୪ ରନ କରିଥିବାବେଳେ ଟମ୍ ବାଣ୍ଟନ ୩୮, ଜୋ ରୁଟ୍ ୨୪, ହାରି ବ୍ରୁକ୍ ୧୯ ଓ ଅଧିନାୟକ ଜୋସ ବଟଲର ୬ ରନ କରିବାକୁ ସକ୍ଷମ ହୋଇଥିଲେ। ଶେଷ ଭାଗରେ ଗସ ଆଟକିନସନ ୧୯ ବଲ୍‌ରୁ ଦ୍ରୁତ ୩୮ ରନ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଭାରତୀୟ ବୋଲରଙ୍କ ମଧ୍ୟରେ ଅର୍ଶଦୀପ ସିଂ, ହର୍ଷିତ ରାଣା ଅକ୍ଷର ପଟେଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ୨ଟି ଲେଖାଏ ଏବଂ କୁଲଦୀପ ଯାଦବ ଓ ୱାଶିଂଟନ ସୁନ୍ଦର ଗୋଟିଏ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ମାତ୍ର ୬ ରନରେ ଗତ ମ୍ୟାଚର ସେଞ୍ଚୁରିଆନ ଅଧିନାୟକ ରୋହିତ ଶର୍ମାଙ୍କ ଉଇକେଟ ହରାଇଥିଲା। ମାତ୍ର ଶୁବମନ ଗିଲ୍ ଓ ଖରାପ ଫର୍ମ ଦେଇ ଗତି କରୁଥିବା ବିରାଟ କୋହଲି ଏଠାରେ ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ବିରାଟ ଏଠାରେ ଅର୍ଦ୍ଧଶତକ ହାସଲ କରିବା ସହ ୫୫ ବଲ୍‌ରୁ ୫୨ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ନିଜ ଇନିଂସ ମଧ୍ୟରେ ସେ ୭ ଚୌକା ଓ ୧ ଛକା ମାରିଥିଲେ। ଏବେ ସେ ବିଶ୍ୱର ତୃତୀୟ ବ୍ୟାଟରଭାବେ ଦିନିକିଆରେ ୧୪,୦୦୦ ରନ ପୂରଣ କରିବାରୁ ଆଉ ୩୭ ରନ ଦୂରରେ ରହିଲେ। କୋହଲି ଓ ଗିଲ୍‌ଙ୍କ ଦ୍ୱିତୀୟ ଉଇକେଟ ଭାଗୀଦାରିରେ ୧୦୭ ବଲ୍‌ରୁ ୧୧୬ ରନ ସଂଗୃହୀତ ହୋଇଥିଲା। କୋହଲିଙ୍କ ବିଦାୟ ପରେ ଶ୍ରେୟସ ଆୟରଙ୍କ ସହ ଗିଲ୍ ଆଉ ଏକ ଶତକୀୟ ପାର୍ଟନରଶିପ୍ କରିବାରୁ ଭାରତ ବଡ଼ ସ୍କୋର ଆଡ଼କୁ ମୁହାଁଇଥିଲା। ଇତିମଧ୍ୟରେ ଗିଲ୍ କ୍ୟାରିୟରର ୭ମ ଦିନିକିଆ ଶତକ ହାସଲ କରିଥିଲେ। ଗିଲ୍ ଓ ଆୟରଙ୍କ ତୃତୀୟ ଉଇକେଟ ଯୋଡ଼ିରେ ୯୩ ବଲ୍‌ରୁ ୧୦୪ ରନ ସଂଗୃହୀତ ହୋଇଥିଲା। ୧୦୨ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଗିଲ୍ ୧୪ ଚୌକା ଓ ୩ ଛକା ସହାୟତାରେ ୧୧୨ ରନ ସ୍କୋର କରିଥିଲେ। ମିଡିଲ ଅର୍ଡରରେ ଆୟର ୭୮ (୬୪ ବଲ, ୮ ଚୌକା, ୨ ଛକା) ଓ ଲୋକେଶ ରାହୁଲ ୪୦ ରନର ଉପାଦେୟ ଇନିଂସ ଖେଳିଥିଲେ। ତେବେ ପରବର୍ତ୍ତୀ ବ୍ୟାଟରମାନେ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରି ନ ପାରି ପ୍ୟାଭିଲିୟନ ଫେରିବାରୁ ଭାରତ ୫୦ ଓଭରରେ ୩୫୬ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ ୪ଟି, ମାର୍କ ଉଡ୍ ୨ଟି ଏବଂ ସାକିବ ମେହମୁଦ, ଗସ ଆଟକିନସନ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ୫୦ ଓଭରରେ ୩୫୬/ଅଲ୍‌ଆଉଟ (ଶୁବମନ ଗିଲ୍-୧୧୨, ଶ୍ରେୟସ ଆୟର-୭୮, ବିରାଟ କୋହଲି-୫୨, ଲୋକେଶ ରାହୁଲ-୪୦, ଆଦିଲ ରଶିଦ-୪/୬୪, ମାର୍କ ଉଡ୍-୨/୪୫, ସାକିବ ମେହମୁଦ-୧/୬୮, ଗସ ଆଟକିନସନ-୧/୭୪, ଜୋ ରୁଟ୍-୧/୪୭)। ଇଂଲଣ୍ଡ ୩୪.୨ ଓଭରରେ ୨୧୪/ଅଲ୍‌ଆଉଟ (ଟମ୍ ବାଣ୍ଟନ-୩୮, ଗସ୍ ଆଟକିନସନ-୩୮, ବେନ୍ ଡକେଟ-୩୪, ଅର୍ଶଦୀପ ସିଂ-୨/୨/୩୩, ହର୍ଷିତ ରାଣା-୨/୩୧, ଅକ୍ଷର ପଟେଲ-୨/୨୨, ହାର୍ଦ୍ଦିକ ପାଣ୍ଡ୍ୟା-୨/୩୮, କୁଲଦୀପ ଯାଦବ-୧/୩୮, ୱାଶିଂଟନ ସୁନ୍ଦର-୧/୪୩)।

**ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ ସିରିଜ୍ ଶୁବମନ ଗିଲ୍**

# ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନ

### ଗ୍ରୀନ୍ ଆର୍ମବ୍ୟାଣ୍ଡ ପିନ୍ଧିଲେ ଭାରତ ଓ ଇଂଲଣ୍ଡ ଖେଳାଳି

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନକୁ ସମର୍ଥନ କରି ଉଭୟ ଭାରତ ଓ ଇଂଲଣ୍ଡ ଦଳର ଖେଳାଳିମାନେ ଏଠାରେ ଅନୁଷ୍ଠିତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଗ୍ରୀନ୍ ଆର୍ମବ୍ୟାଣ୍ଡ ପରିଧାନ କରିଥିଲେ। ପ୍ରକାଶଯୋଗ୍ୟ, ଅହମଦାବାଦ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚ ଅବସରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ(ଆଇସିସି) ଓ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ମିଳିତ ଭାବେ ସ୍ୱେଚ୍ଛାକୃତ ଅଙ୍ଗଦାନ କାର୍ଯ୍ୟକ୍ରମରେ ସାମିଲ ହେବାଲାଗି ଆହ୍ୱାନ କରାଯିବ ବୋଲି ଆଇସିସି ଚେୟାରମ୍ୟାନ ଜୟ ଶାହା ଗତ ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ ‘ଏକ୍ସ’ରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଆମେ ଏପରି ଏକ ଜନ ସଚେତନତା କାର୍ଯ୍ୟ ଆରମ୍ଭ କରି ଗର୍ବିତ। ପ୍ରେରଣା ଦେବା, ଏକଜୁଟ କରିବା, ପଡ଼ିଆ ବାହାରେ ପ୍ରଭାବ ସୃଷ୍ଟି କରିବାର ଶକ୍ତି ଖେଳରେ ରହିଛି। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଲାଗି ସମସ୍ତଙ୍କୁ ଆହ୍ୱାନ କରି ଭାରତୀୟ ଖେଳାଳିମାନଙ୍କୁ ନେଇ ବିସିସିଆଇ ତରଫରୁ ଏକ ଭିଡିଓ ଶେୟାର କରାଯାଇଥିଲା। ସେମାନଙ୍କ ମଧ୍ୟରେ ବିରାଟ କୋହଲି, ଶୁବମନ ଗିଲ୍, ଶ୍ରେୟସ ଆୟର, କେ.ଏଲ୍. ରାହୁଲ, ଅର୍ଶଦୀପ ସିଂ, ଅକ୍ଷର ପଟେଲ, ହାର୍ଦ୍ଦିକ ପାଣ୍ଡ୍ୟା, ରିଷଭ ପନ୍ତ ଓ ବରୁଣ ଚକ୍ରବର୍ତ୍ତୀ ସାମିଲ ରହିଥିଲେ।




‘ଅଙ୍ଗଦାନ କରନ୍ତୁ, ଜୀବନ ବଞ୍ଚାନ୍ତୁ’ ଅଭିଯାନରେ ସାମିଲ ଦୁଇ ଦଳର ଅଧିନାୟକ ରୋହିତ ଶର୍ମା ଓ ଜୋସ ବଟଲର।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ